ଧରିତ୍ରୀ 50 Years
# ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ଅଗଷ୍ଟ ୫/୨୦୨୪ (୧୬ ପୃଷ୍ଠା) | Bhubaneswar, Monday, August 5/2024 | Page 16 | ₹ 7.00 | SAMBALPUR
୫୦ଶ ଭାଗ ୨୫୨ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 252 | ମୂଲ୍ୟ ₹୭/-



**ଜୋକୋଭିଚ୍‌ଙ୍କୁ ଅଲିମ୍ପିକ୍ସ ସ୍ୱର୍ଣ୍ଣ**
ସର୍ବୀୟ ଟେନିସ ଷ୍ଟାର ନୋଭାକ ଜୋକୋଭିଚ୍ ପ୍ୟାରିସରେ ତାଙ୍କର ପ୍ରଥମ ଅଲିମ୍ପିକ୍ସ ସ୍ୱର୍ଣ୍ଣ ଜିତିଛନ୍ତି। ୧୬

୦୨ **ଖାଲି ପାଦରେ ୧ କି.ମି. ଦୌଡ଼ିଥିଲେ ଜାହ୍ନବୀ**
'ଉଲଝ୍' ଚଳଚ୍ଚିତ୍ରର ଏକ ଦୃଶ୍ୟର ଶୁଟିଂବେଳେ ଅଭିନେତ୍ରୀ ଜାହ୍ନବୀ କପୁରଙ୍କୁ ଖାଲିପାଦରେ ୧ କି.ମି. ପର୍ଯ୍ୟନ୍ତ ଦୌଡ଼ିବାକୁ ପଡ଼ିଥିଲା।



## ୨ ଦିନରେ ବଦଳିବ ପାଗ

ଭୁବନେଶ୍ୱର,୪।୮ (ଅନୁରାଧା ମହାରଣା)

ବଙ୍ଗୋପସାଗରରେ ଲଘୁଚାପର ଉପସ୍ଥିତି ସତ୍ତ୍ୱେ ଦୁଇଦିନ ହେବ ରାଜ୍ୟର ବିଭିନ୍ନ ସ୍ଥାନରେ ପାଗ ଶୁଖିଲା ରହିଛି। ରବିବାର ପ୍ରବଳ ଖରା ସହ ଗୁଳୁଗୁଳି ହୋଇଛି। ହେଲେ ଆସନ୍ତା ୨ଦିନରେ ପାଗ ବଦଳିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେଇଛି। ୬ ଓ ୭ ତାରିଖରେ ରାଜ୍ୟରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏଥିସହ କେତେ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ଘଡ଼ଘଡ଼ି ଓ ବଜ୍ରପାତ ହୋଇପାରେ। ତେଣୁ ସମ୍ପୃକ୍ତ ଜିଲାଗୁଡିକୁ ସତର୍କ କରିଛି ପାଣିପାଗ କେନ୍ଦ୍ର। ୬ ତାରିଖରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଯାଜପୁର, ଢେଙ୍କାନାଳ, କଟକ, ଖୋର୍ଦ୍ଧା, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ନୟାଗଡ଼ ଓ ପୁରୀ ଜିଲାରେ ପ୍ରବଳ ବର୍ଷା (୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ) ହୋଇପାରେ। ସେହିପରି କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ☞ପୃଷ୍ଠା-୪

## କାନ୍ଥ ଭୁଶୁଡ଼ି ୯ ପିଲାଙ୍କ ମୃତ୍ୟୁ

ସାଗର(ମଧ୍ୟପ୍ରଦେଶ),୪।୮(ପି.ଟି.)

ମଧ୍ୟପ୍ରଦେଶର ସାଗର ଜିଲାରେ ରବିବାର ସକାଳେ ଏକ ଜୀର୍ଣ୍ଣଶୀର୍ଣ୍ଣ ବିଲ୍ଡିଂର କାନ୍ଥ ଭୁଶୁଡ଼ି ପଡ଼ିବାରୁ ୯ ଜଣ ପିଲାଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକେ ଆହତ ହୋଇଛନ୍ତି। ପିଲାମାନଙ୍କ ବୟସ ୧୦ରୁ ୧୫ ବର୍ଷ ମଧ୍ୟରେ। ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଜିଲାର ରେହଲି ବିଧାନସଭା କ୍ଷେତ୍ର ଅନ୍ତର୍ଗତ ଶାହପୁର ଗ୍ରାମରେ ଥିବା ହରଦୌଲ ବାବାଙ୍କ ମନ୍ଦିରରେ ଧର୍ମୀୟ କାର୍ଯ୍ୟକ୍ରମ ଚାଲିଥିବାବେଳେ ସକାଳ ୮ଟା ୩୦ରୁ ୯ଟା ମଧ୍ୟରେ ମନ୍ଦିର କ୍ୟାମ୍ପସ୍ ନିକଟରେ ଏହି ଅଭାବନୀୟ ଘଟଣା ଘଟିଥିଲା। ବିଲ୍ଡିଂଟି ୫୦ ବର୍ଷର ପୁରୁଣା ହୋଇଥିବାବେଳେ ପ୍ରବଳ ବର୍ଷା ଯୋଗୁ ଭୁଶୁଡ଼ି ପଡ଼ିଥିବା କୁହାଯାଉଛି। ମୁଖ୍ୟମନ୍ତ୍ରୀ ମୋହନ ଯାଦବ ମୃତକଙ୍କ ପରିବାର ପାଇଁ ୪ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ଏଥିସହିତ ଶାହପୁର ନଗର ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଦୁଇ ପ୍ରକାର ଯୁଦ୍ଧ**









ଓଡ଼ିଶା ପୋଷ୍ଟ ପକ୍ଷରୁ ଆୟୋଜିତ 'ମେଟଲ ମିଟ୍ -୨୦୨୪'ର ରବିବାର ଅନୁଷ୍ଠିତ ଗ୍ରାଣ୍ଡ ଫାଇନାଲ୍‌ରେ ସିନିୟର ଚାମ୍ପିୟନ ଏମ୍‌ସ ଭୁବନେଶ୍ୱର ପ୍ରତିଯୋଗୀ (ବାମ) ଏବଂ ଜୁନିୟର ଚାମ୍ପିୟନ ଭୁବନେଶ୍ୱର ୟୁନିଟ୍-୮ ଡିଏଭି ସ୍କୁଲର ପ୍ରତିଯୋଗୀଙ୍କୁ ୧ଲକ୍ଷ ଟଙ୍କା ଲେଖାଏଁ ଚେକ୍ ପ୍ରଦାନ କରୁଛନ୍ତି ଧରିତ୍ରୀ ଓ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ। ନିକଟରେ ଅଛନ୍ତି କୁଇଜ୍ ମାଷ୍ଟର ଅଜୟ ପୁନିଆ । (ଫଟୋ-ବିକାଶ ନାୟକ)

# ଜୁନିୟରରେ ଡିଏଭି ୟୁନିଟ୍-୮, ସିନିୟରରେ ଏମ୍‌ସ ଭୁବନେଶ୍ୱର ଚାମ୍ପିୟନ

**ଓଡ଼ିଶା ପୋଷ୍ଟ 'ମେଟଲ ମିଟ୍-୨୦୨୪'**

ଭୁବନେଶ୍ୱର, ୪।୮ (ଅସମାପିକା ସାହୁ)

ଦୈନିକ ଇଂଲିଶ ଖବରକାଗଜ 'ଓଡ଼ିଶା ପୋଷ୍ଟ' ପକ୍ଷରୁ ଭୁବନେଶ୍ୱରସ୍ଥିତ କ୍ରିଷ୍ଟାଲ କ୍ରାଉନ ହୋଟେଲରେ ଚାଲିଥିବା ରାଜ୍ୟସ୍ତରୀୟ କୁଇଜ୍ ପ୍ରତିଯୋଗିତା 'ମେଟଲ୍ ମିଟ୍-୨୦୨୪'ର ଗ୍ରାଣ୍ଡ ଫାଇନାଲ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ଜୁନିୟର ବର୍ଗରେ ଭୁବନେଶ୍ୱରସ୍ଥିତ ୟୁନିଟ୍-୮ ଡିଏଭି ପବ୍ଲିକ ସ୍କୁଲ ଟିମ୍ ଏବଂ ସିନିୟର ବର୍ଗରେ ଏମ୍‌ସ ଭୁବନେଶ୍ୱର ଟିମ୍ ଚାମ୍ପିୟନ ହୋଇଛନ୍ତି। ଡିଏଭି ପବ୍ଲିକ ସ୍କୁଲ୍ ୟୁନିଟ୍-୮ ପ୍ରଥମଥର ଚାମ୍ପିୟନ ହୋଇଥିବାବେଳେ ଏମ୍‌ସ ଟିମ୍ ଲଗାତର ଦ୍ୱିତୀୟଥର ବିଜୟୀ ମୁକୁଟ ପିନ୍ଧିଛନ୍ତି। ସେହିଭଳି ଜୁନିୟର ବର୍ଗରେ କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ୍ ଭୁବନେଶ୍ୱର ଟିମ୍ ପ୍ରଥମ ରନରଅପ୍ ଓ ଡିଏଭି ପବ୍ଲିକ ସ୍କୁଲ୍ କଳିଙ୍ଗନଗର ଭୁବନେଶ୍ୱର ଟିମ୍ ଦ୍ୱିତୀୟ ରନରଅପ୍ ହୋଇଥିବାବେଳେ ସିନିୟର ବର୍ଗରେ ଏସ୍‌ସିବି ମେଡିକାଲ କଲେଜ ଟିମ୍ ପ୍ରଥମ ରନରଅପ୍ ଓ ଏନ୍‌ଆଇଟି ରାଉରକେଲା ଟିମ୍ ଦ୍ୱିତୀୟ ରନରଅପ୍ ହୋଇଛନ୍ତି।

ଚଳିତବର୍ଷ 'ମେଟଲ୍ ମିଟ୍'ର ଷଷ୍ଠ ସଂସ୍କରଣରେ ସାରା ରାଜ୍ୟରୁ ମୋଟ ୮୩ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଏଥିରୁ ଜୁନିୟର ଓ ସିନିୟର ବର୍ଗରେ ୮ଟି ଲେଖାଏ ମୋଟ ୧୬ଟି ଟିମ୍ ଗ୍ରାଣ୍ଡ ଫାଇନାଲକୁ ଯାଇଥିଲେ। ପ୍ରଥମେ ଜୁନିୟର ବର୍ଗର ଗ୍ରାଣ୍ଡ ଫାଇନାଲ ଆରମ୍ଭ ହୋଇଥିଲା। ଏଥିରେ ୫ଟି ରାଉଣ୍ଡ ରହିଥିଲା। ଚତୁର୍ଥ ରାଉଣ୍ଡରେ ହିଁ ୟୁନିଟ୍-୮ ଡିଏଭି ପବ୍ଲିକ ସ୍କୁଲ ଆଗରେ ରହିବା ସହ ଦ୍ୱିତୀୟରେ ଥିବା ଭୁବନେଶ୍ୱରସ୍ଥିତ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲଠାରୁ ୩୨ ସ୍କୋର୍ ଅଧିକ ପାଇଥିଲା। ତେବେ ପଞ୍ଚମ ତଥା ଶେଷ ରାଉଣ୍ଡରେ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲକୁ ପଛରେ ପକାଇ ଗତବର୍ଷ ଫାଇନାଲରୁ ଓହରି ଯାଇଥିବା କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ ଭୁବନେଶ୍ୱର ଦ୍ୱିତୀୟରେ ଏବଂ ଡିଏଭି ପବ୍ଲିକ ସ୍କୁଲ୍ କଳିଙ୍ଗନଗର ତୃତୀୟରେ ରହିଥିଲା।

କାର୍ଯ୍ୟକ୍ରମକୁ କୁଇଜ ମାଷ୍ଟର ଅଜୟ ପୁନିଆ ହୋଷ୍ଟ କରିଥିବାବେଳେ ମୁନ୍‌ମୁନ୍ ସିଂ ସଂଯୋଜନା କରିଥିଲେ। 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଓ ସମ୍ପାଦକ ତଥାଗତ ସତପଥୀ ଯୋଗଦେଇ ଏହି ରାଜ୍ୟସ୍ତରୀୟ କୁଇଜ ପ୍ରତିଯୋଗିତା ଆରମ୍ଭ କରିବାର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ମୋଟ ୩.୫ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିବାବେଳେ ଉଭୟ ବର୍ଗର ଚାମ୍ପିୟନ ଟିମ୍‌କୁ ୧ଲକ୍ଷ, ପ୍ରଥମ ରନରଅପ୍ ଟିମ୍‌କୁ ୫୦ ହଜାର ଏବଂ ଦ୍ୱିତୀୟ ରନରଅପ୍ ଟିମ୍‌କୁ ୨୫ହଜାର ଟଙ୍କାର ଚେକ୍ ସହ ଟ୍ରଫି ପ୍ରଦାନ କରାଯାଇଥିଲା।

## ବାଂଲାଦେଶରେ ସଂଘର୍ଷ: ୯୧ ମୃତ

- **ସାରା ଦେଶରେ ଅନିର୍ଦ୍ଦିଷ୍ଟ କାଳ ପାଇଁ କର୍ଫ୍ୟୁ ଜାରି**
- **ଇଣ୍ଟରନେଟ୍ ସେବା ବନ୍ଦ**

ଢାକା,୪।୮(ପି.ଟି.)

ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ଇସ୍ତଫା ଦାବିରେ ଷ୍ଟୁଡେଣ୍ଟସ୍ ମୁଭ୍‌ମେଣ୍ଟ ପକ୍ଷରୁ ଅସହଯୋଗ ଆନ୍ଦୋଳନର ଡାକରା ଦିଆଯାଇଥିଲା। ରବିବାର ଆନ୍ଦୋଳନର ପ୍ରଥମ ଦିନରେ ଶାସକ ଆୱାମୀ ଲିଗ୍‌ର ସମର୍ଥକ ଏବଂ ବିକ୍ଷୋଭକାରୀଙ୍କ ମଧ୍ୟରେ ସଂଘର୍ଷ ଘଟି ୯୧ ଜଣଙ୍କ ମୃତ୍ୟୁ ଘଟିବା ସହ ଶତାଧିକ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୧୪ ଜଣ ପୋଲିସ କର୍ମଚାରୀ ରହିଛନ୍ତି। ଉତ୍ତେଜନା ଲାଗିରହିଥିବାରୁ ରବିବାର ସନ୍ଧ୍ୟା ୬ରୁ ସାରା ଦେଶରେ ଅନିର୍ଦ୍ଦିଷ୍ଟ କାଳ ପାଇଁ କର୍ଫ୍ୟୁ ଜାରି କରାଯାଇଛି। ଏଥିସହିତ ଫେସ୍‌ବୁକ୍, ହ୍ୱାଟ୍ସଆପ୍, ମେସେଞ୍ଜର, ଇନ୍‌ଷ୍ଟାଗ୍ରାମ ଆଦି ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମକୁ ବନ୍ଦ କରିଦିଆଯାଇଛି। ସେହିପରି ୪ଜି ମୋବାଇଲ ଇଣ୍ଟରନେଟ ସେବା ମଧ୍ୟ ବନ୍ଦ ରଖିବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

ଦେଶର ୧୩ ଜିଲାରେ ବିକ୍ଷୋଭକାରୀମାନେ ରବିବାର ସକାଳେ ଅସହଯୋଗ ଆନ୍ଦୋଳନରେ ସାମିଲ ହୋଇଥିବାବେଳେ ଆୱାମୀ ଲିଗ୍, ଛାତ୍ର ଲିଗ୍ ଏବଂ ଯୁବ ଲିଗ୍‌ର କର୍ମୀମାନେ ବିରୋଧ କରିବାରୁ ସଂଘର୍ଷର ସୂତ୍ରପାତ ହୋଇଥିଲା। ନିହତ ୧୪ ପୋଲିସ କର୍ମଚାରୀଙ୍କ ମଧ୍ୟରୁ ୧୩ ଜଣ ସିରାଜଗଞ୍ଜର ଏନାୟେତପୁର ଥାନାର ହୋଇଥିବା ବେଳେ ଅନ୍ୟ ଜଣେ କୋମିଲା ଅନ୍ତର୍ଗତ ଏଲିଓଟ୍‌ଗଞ୍ଜ ଥାନାର ବୋଲି ଜଣାପଡ଼ିଛି। ସଂଘର୍ଷ ବେଳେ କେତେଜଣ ଅଜଣା ଲୋକ ବଙ୍ଗବନ୍ଧୁ ଶେଖ୍ ମୁଜିବ ମେଡିକାଲ ୟୁନିଭର୍ସିଟିଠାରେ ଥିବା ବହୁ ଗାଡ଼ିରେ ନିଆଁ ଲଗାଇ ଦେଇଥିଲେ। ଲୋକେ ଲାଠି ଧରି ହସ୍ପିଟାଲ ପରିସରରେ ଥିବା ଘରୋଇ କାର୍, ଆମ୍ବୁଲାନ୍ସ, ମୋଟରସାଇକେଲ ଓ ବସ୍ ଆଦିକୁ ଭଙ୍ଗାରୁଜା କରୁଥିବା ଦେଖାଯାଇଥିଲା। ହାସିନା ସରକାରଙ୍କ ଇସ୍ତଫା ଦାବିରେ ଷ୍ଟୁଡେଣ୍ଟସ୍ ଏଗେନେଷ୍ଟ ଡିସ୍‌କ୍ରିମିନେଶନ ନାମକ ମଞ୍ଚ ତରଫରୁ ଅସହଯୋଗ ଆନ୍ଦୋଳନ ଡାକରା ଦିଆଯାଇଥିଲା। ତେବେ ବିକ୍ଷୋଭ ନାମରେ ☞ପୃଷ୍ଠା-୪

## ବ୍ରହ୍ମପୁର ପୋଲିସ ଟିମ୍ ସହ ୱାୟନାଡ୍ ଗଲା 'ଷ୍ଟର୍ମ'

**ଉଦ୍ଧାର କାର୍ଯ୍ୟରେ ସହଯୋଗ କରିବେ**

ବ୍ରହ୍ମପୁର,୪।୮(ସୁବାସ ଚନ୍ଦ୍ର ପାଢ଼ୀ)

କେରଳର ୱାୟନାଡ୍ ଜିଲାରେ ଗତ ୩୦ ତାରିଖରେ ହୋଇଥିବା ପ୍ରଳୟଙ୍କରୀ ଭୂସ୍ଖଳନରେ ମୃତକଙ୍କ ସଂଖ୍ୟା ବଢ଼ିଚାଲିଛି। ଏବେ ବି ଶତାଧିକ ନିଖୋଜ ଅଛନ୍ତି। ନିଖୋଜଙ୍କୁ ଉଦ୍ଧାର କାର୍ଯ୍ୟରେ ସହଯୋଗ ପାଇଁ ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶରେ ବ୍ରହ୍ମପୁର ପୋଲିସ ଜିଲାର ୪ ଜଣିଆ ଟିମ ସନ୍ଧାନୀ କୁକୁର 'ଷ୍ଟର୍ମ'କୁ ନେଇ ରବିବାର କେରଳ ଅଭିମୁଖେ ବାହାରିଛନ୍ତି। ଷ୍ଟର୍ମର ମାଷ୍ଟର ଟ୍ରେନର, ଜଣେ ସବ୍ ଇନ୍ସପେକ୍ଟରଙ୍କ ସହ ଆଉ ଦୁଇ ଜଣ ଏହି ଟିମରେ ଅଛନ୍ତି। ସେମାନେ ଉଦ୍ଧାର କାର୍ଯ୍ୟ ସରିଲା ପର୍ଯ୍ୟନ୍ତ ୱାୟନାଡ୍‌ରେ ରହିବେ। ଗତ ୨ ଦିନ ତଳେ ହିମାଚଳ ପ୍ରଦେଶରେ ଘଟିଥିବା ବନ୍ୟାରେ ଅନେକ ନିଖୋଜ ହୋଇଥିଲେ। ସନ୍ଧାନୀ କୁକୁରର ସହାୟତା ☞ପୃଷ୍ଠା-୪



ପୋଲିସ ଟିମ୍ ସହ ସନ୍ଧାନୀ କୁକୁର ଷ୍ଟର୍ମ

# ଶୁଟ୍‌ଆଉଟରେ ଜିତି ସେମି ଫାଇନାଲରେ ଭାରତ

**ଅଲିମ୍ପିକ୍ସ ପୁରୁଷ ହକି**

ପ୍ୟାରିସ, ୪।୮ (ପି.ଟି.)

ଶୁଟ୍‌ଆଉଟରେ ଗୋଲକିପର ପି.ଆର୍. ଶ୍ରୀଜେଶଙ୍କ ଚମତ୍କାରିତା ବଳରେ ଭାରତ ପ୍ୟାରିସ୍ ଅଲିମ୍ପିକ୍ସର ପୁରୁଷ ହକି ସେମିଫାଇନାଲରେ ପ୍ରବେଶ କରିଛି। ନିର୍ଦ୍ଧାରିତ ସମୟ ଖେଳ ୧-୧ ଗୋଲରେ ବରାବର ରହିବାରୁ ଫଳାଫଳ ପାଇଁ ଶୁଟ୍‌ଆଉଟର ସହାୟତା ନିଆଯାଇଥିଲା। ଏଥିରେ ନିଜର ଦକ୍ଷତା ଦେଖାଇଥିଲେ ଭାରତୀୟ ଦଳର ଅଭିଜ୍ଞ ଗୋଲକିପର ଶ୍ରୀଜେଶ। ସେ ଗ୍ରେଟ୍ ବ୍ରିଟେନ ଖେଳାଳିଙ୍କୁ ଚକ୍‌ମା ଦେଖାଇ ଭାରତକୁ ଦେଲେ ସ୍ମରଣୀୟ ବିଜୟ। ଶୁଟ୍‌ଆଉଟ ପର୍ଯ୍ୟାୟରେ ୪-୨ ଗୋଲରେ ବ୍ରିଟେନକୁ ହରାଇ କ୍ରମାଗତ ଦ୍ୱିତୀୟ ଅଲିମ୍ପିକ୍ସରେ ପଦକ ହାସଲର ନିକଟତର ହୋଇଛି ଭାରତ। ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଭାରତୀୟ ଦଳ ବ୍ରୋଞ୍ଜ ବିଜୟୀ ହୋଇଥିଲା।





ଶୁଟ୍ ଆଉଟ ବିଜୟ ପରେ ଭାରତୀୟ ଖେଳାଳିମାନେ ଗୋଲକିପର ପି.ଆର. ଶ୍ରୀଜେଶଙ୍କୁ ଅଭିନନ୍ଦନ ଜଣାଉଛନ୍ତି।

ମ୍ୟାଚ ଆରମ୍ଭରୁ ସ୍ୱାଭାବିକ ଭାବେ ସଂଘର୍ଷପୂର୍ଣ୍ଣ ହୋଇଥିବାବେଳେ ପ୍ରଥମ କ୍ୱାର୍ଟରରେ ଗୋଲ ହୋଇ ନ ଥିଲା। ଦ୍ୱିତୀୟ କ୍ୱାର୍ଟର ଆରମ୍ଭର ୧୭ଶ ମିନିଟ୍‌ରେ ବ୍ରିଟେନ ଖେଳାଳିଙ୍କୁ ଆଘାତ ପହଞ୍ଚାଇବା ଅଭିଯୋଗରେ ଅମିତ ରୋହିଦାସଙ୍କୁ ବିବାଦୀୟ ଭାବେ ରେଡ୍‌କାର୍ଡ ମିଳିବାରୁ ପାଖାପାଖି ୪୦ ମିନିଟ ଖେଳରେ ଭାରତୀୟ ଦଳ ୧୦ ଜଣିଆ ହୋଇଯାଇଥିଲା। ବଲ୍ ପାଇଁ ସଂଘର୍ଷ ସମୟରେ ଅମିତଙ୍କ ଷ୍ଟିକ୍‌ର ନିମ୍ନଭାଗ ଜଣେ ବ୍ରିଟେନ ଖେଳାଳିଙ୍କ ମୁହଁରେ ବାଜିଥିଲା। ସେ ତଳେ ପଡ଼ି ଯାଇଥିଲେ। ଅମିତ ଜାଣିଶୁଣି ଏପରି କରି ନ ଥିଲେ ମଧ୍ୟ ରେଫରି ରେଡ୍‌କାର୍ଡ ଦେଇଥିଲେ। ମାତ୍ର ଭାରତୀୟ ଖେଳାଳି ଏହି ନିଷ୍ପତ୍ତିକୁ ସହଜରେ ଗ୍ରହଣ କରିବାକୁ ପ୍ରସ୍ତୁତ ନ ଥିଲେ। ତାହାକୁ ପଡ଼ିଆ ମଧ୍ୟରେ ଖେଳ ମାଧ୍ୟମରେ କାମରେ କରି ଦେଖାଇଥିଲେ। ଭରପୂର ଜୋଶ୍‌ରେ ବ୍ରିଟେନ ଗୋଲପୋଷ୍ଟ ☞ପୃଷ୍ଠା-୪

## ସଂକ୍ଷେପରେ

### ୱାକଫ୍ ବୋର୍ଡ କ୍ଷମତା ସଙ୍କୁଚିତ କରିବାକୁ ବିଲ୍ ଆଣିବ କେନ୍ଦ୍ର

ନୂଆଦିଲ୍ଲୀ,୪।୮

କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ୱାକଫ୍ ଆଇନରେ ସଂଶୋଧନ କରିବାକୁ ଯାଉଛନ୍ତି, ଯାହା ଦ୍ୱାରା ୱାକଫ୍ ବୋର୍ଡର କ୍ଷମତା ସଙ୍କୁଚିତ ହେବ। ଏହି ଆଇନରେ ମୋଟ ୪୦ଟି ସଂଶୋଧନକୁ ଶୁକ୍ରବାର କେନ୍ଦ୍ର କ୍ୟାବିନେଟ ଅନୁମୋଦନ କରିଥିଲା। ଆସନ୍ତା ସପ୍ତାହରେ ଉକ୍ତ ବିଲ୍ ପାର୍ଲାମେଣ୍ଟରେ ଆଗତ ହେବାକୁ ଯାଉଥିବା ଏକ ସୂତ୍ରରୁ ଜଣାପଡ଼ିଛି। ୱାକଫ୍ ସମ୍ପତ୍ତି ଉପରେ ବୋର୍ଡର କର୍ତ୍ତୃତ୍ୱକୁ ନିୟନ୍ତ୍ରଣ କରିବା ପ୍ରସ୍ତାବିତ ସଂଶୋଧନର ଲକ୍ଷ୍ୟ। ସମ୍ପତ୍ତିଗୁଡ଼ିକର ଯାଞ୍ଚକୁ ବାଧ୍ୟତାମୂଳକ କରାଯିବ। ୱାକଫ୍ ବୋର୍ଡଗୁଡ଼ିକ ୯,୪୦,୦୦୦ ଏକର ପରିମିତ ସମ୍ପତ୍ତିର ଦେଖାରଖା କରୁଛନ୍ତି। ୨୦୧୩ରେ ଉପା ସରକାର ୱାକଫ୍ ଆଇନରେ ସଂଶୋଧନ କରି ବୋର୍ଡଗୁଡ଼ିକର କ୍ଷମତା ବଢ଼ାଇଥିଲେ।

### ମନ୍ତ୍ରୀ ଅଖିଲ ଗିରିଙ୍କୁ ଇସ୍ତଫା ଦେବାକୁ କହିଲା ଟିଏମ୍‌ସି

କୋଲକାତା,୪।୮ (ପି.ଟି.)



ପଶ୍ଚିମବଙ୍ଗ ବନ ବିଭାଗର ଜଣେ ମହିଳା ଅଫିସରଙ୍କୁ ରାଜ୍ୟ ଜଙ୍ଗଲ ବିଭାଗ ମନ୍ତ୍ରୀ ଅଖିଲ ଗିରି ଗାଳିଦେବା ସହ ଧମକ ଦେଉଥିବାର ଭିଡିଓ ଭାଇରାଲ ହୋଇଥିଲା। ତୃଣମୂଳ କଂଗ୍ରେସ (ଟିଏମ୍‌ସି) ରବିବାର ଗିରିଙ୍କୁ ମନ୍ତ୍ରୀ ପଦରୁ ଇସ୍ତଫା ଦେବା ସହ ମହିଳା ଅଫିସରଙ୍କୁ କ୍ଷମା ମାଗିବା ପାଇଁ ପରାମର୍ଶ ଦେଇଛି। ଗିରି ଇସ୍ତଫା ଦେବେ ବୋଲି କହିଥିବାବେଳେ କ୍ଷମା ମାଗିବାକୁ ମନା କରିଛନ୍ତି। ତାଜପୁର ବେଳାଭୂମି ଅନ୍ତର୍ଗତ ଜଙ୍ଗଲ ଜମିରୁ ଫରେଷ୍ଟ ରେଞ୍ଜର ମନୀଷା ସାହୁଙ୍କ ଟିମ୍ ଜବରଦଖଲ ହଟାଇବାରୁ ମନ୍ତ୍ରୀ ଗିରି ତାଙ୍କ କାର୍ଯ୍ୟକାଳ କମାଇଦେବାର ଧମକ ଦେଇଥିଲେ।



ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ଇସ୍ତଫା ଦାବିରେ ରବିବାର ବିକ୍ଷୋଭକାରୀମାନେ ଢାକାସ୍ଥିତ ବଙ୍ଗବନ୍ଧୁ ଶେଖ୍ ମୁଜିବ୍ ମେଡିକାଲ ୟୁନିଭର୍ସିଟି ହସ୍ପିଟାଲ ପରିସରରେ ଥିବା ଗାଡ଼ିଗୁଡ଼ିକରେ ନିଆଁ ଲଗାଇ ଦେଇଛନ୍ତି।

## ବ୍ରିଟେନ୍‌ରେ ହିଂସା: ଶତାଧିକ ଗିରଫ

ଲଣ୍ଡନ,୪।୮ (ପି.ଟି.)

ବ୍ରିଟେନରେ ପ୍ରବାସୀ ବିରୋଧୀ କଠୋର ଜାତୀୟତାବାଦୀ ସଂଗଠନଗୁଡ଼ିକ ପକ୍ଷରୁ ହିଂସାତ୍ମକ ସଂଘର୍ଷ ଓ ଅଶାନ୍ତି ଲାଗିରହିଥିବାବେଳେ ପୋଲିସ୍ ଶତାଧିକ ଲୋକଙ୍କୁ ଗିରଫ କଲାଣି। ହିଂସାକାଣ୍ଡ ଘଟାଉଥିବା ଉଗ୍ରବାଦୀମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ବ୍ରିଟେନ୍ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମର ଅଫିସରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଶରଣାର୍ଥୀମାନେ ଆଶ୍ରୟ ନେଇଥିବା ଏକ ହୋଟେଲରେ ବିକ୍ଷୋଭକାରୀ ଭଙ୍ଗାରୁଜା କରିବା ସହ କେତେକ ଦୋକାନରେ ନିଆଁ ଲଗାଇ ଦେଇଛନ୍ତି। ଲିଭରପୁଲ୍, ହୁଲ୍, ବ୍ରିଷ୍ଟଲ, ଲିଡ୍ସ, ବ୍ଲାକପୁଲ୍, ଷ୍ଟୋକ୍-ଅନ୍-ଟ୍ରେଣ୍ଟ, ବେଲ୍‌ଫାଷ୍ଟ, ନଟିଂହାମ ଏବଂ ମଞ୍ଚେଷ୍ଟରରେ ଶନିବାର ପୋଲିସ ଏବଂ ଉତ୍ତ୍ୟକ୍ତ ଲୋକଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ଏଭଳି ଆପରାଧିକ ବିଶୃଙ୍ଖଳା ଓ ହିଂସା ପାଇଁ ବିକ୍ଷୋଭକାରୀଙ୍କୁ ମୂଲ୍ୟ ଦେବାକୁ ପଡ଼ିବ ବୋଲି ବ୍ରିଟେନ୍ ଗୃହ ସଚିବ ୟବେଟେ କୁପର ଚେତାବନୀ ଦେଇଛନ୍ତି। ପୋଲିସର ଦୃଢ଼ କାର୍ଯ୍ୟାନୁଷ୍ଠାନ ପ୍ରତି ସରକାରଙ୍କ ପୂର୍ଣ୍ଣ ସମର୍ଥନ ରହିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଶନିବାର ମନ୍ତ୍ରୀମାନଙ୍କ ଉଚ୍ଚସ୍ତରୀୟ ବୈଠକ ବସିଥିଲା। ଅଭିବ୍ୟକ୍ତି ସ୍ୱାଧୀନତା ଅଧିକାର ଏବଂ ହିଂସାତ୍ମକ ବିଶୃଙ୍ଖଳା ଦୁଇଟି ଭିନ୍ନ ଜିନିଷ। ଯେକୌଣସି ପ୍ରକାର ହିଂସାକୁ କଦାପି କ୍ଷମା ଦିଆଯିବ ନାହିଁ ବୋଲି ଷ୍ଟାର୍ମର କହିଛନ୍ତି। ହିଂସାକାଣ୍ଡ ଯୋଗୁ ବ୍ରିଟିଶ ମୁସଲମାନମାନେ ସେମାନଙ୍କ ସୁରକ୍ଷାକୁ ନେଇ ଚିନ୍ତିତ ହୋଇପଡ଼ିଛନ୍ତି। ସେମାନେ ସ୍ଥାନୀୟ ମସ୍‌ଜିଦକୁ ଯିବା ପାଇଁ ଡରୁଛନ୍ତି। ବିଶେଷ କରି ଅଣଶ୍ୱେତାଙ୍ଗମାନେ ଭୟରେ ରହୁଛନ୍ତି। ହିଂସାକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବ୍ରିଟେନ୍ ପୋଲିସିଂ ମନ୍ତ୍ରୀ ଡିଆନା ଜନ୍‌ସନ୍ ଗଣମାଧ୍ୟମକୁ କହିଛନ୍ତି।

# ଇସ୍ରାଏଲ୍ ଉପରେ ହେଜ୍‌ବୋଲ୍ଲାର ରକେଟ ମାଡ଼

■ ମଧ୍ୟପ୍ରାଚ୍ୟରେ ବଢ଼ୁଛି ଉତ୍ତେଜନା
■ ଇରାନକୁ ଓହରିଯିବାକୁ କହିଲେ ବାଇଡେନ୍

ତେହରାନ୍/ୱାଶିଂଟନ,୪।୮

ଇରାନ ସମର୍ଥିତ ହେଜବୋଲ୍ଲା ସଂଗଠନ ଇସ୍ରାଏଲ୍ ଉପରେ ଜୋର୍‌ଦାର ମିଶାଇଲ ଓ ରକେଟ ମାଡ଼ କରିଛି। ହମାସ୍ ନେତା ଏବଂ ହେଜବୋଲ୍ଲା କମାଣ୍ଡରଙ୍କୁ ହତ୍ୟା ଘଟଣାକୁ ନେଇ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ବଢ଼ିଥିବାବେଳେ ହେଜବୋଲ୍ଲାର ରକେଟ୍ ମାଡ଼ ପରେ ଯୁଦ୍ଧ ଆଶଙ୍କା ବୃଦ୍ଧି ପାଇଛି।

ହେଜବୋଲ୍ଲା ପକ୍ଷରୁ ଶନିବାର ବିଳମ୍ବିତ ରାତିରେ ଇସ୍ରାଏଲ୍‌କୁ ଟାର୍ଗେଟ କରି ବହୁସଂଖ୍ୟାରେ କାତ୍ୟୁଶା ରକେଟ୍ ମାଡ଼ କରାଯାଇଛି। ଲେବାନନ୍‌ରୁ ଛଡ଼ାଯାଇଥିବା ଏହି ରକେଟଗୁଡ଼ିକୁ ଇସ୍ରାଏଲ୍ ଏହାର ଆଇରନ୍ ଡୋମ୍ ଏୟାର ଡିଫେନ୍ସ ସିଷ୍ଟମ୍ ଦ୍ୱାରା ପ୍ରତିହତ କରିଥିଲା। ଏଥିସହିତ ଇସ୍ରାଏଲୀ ସୈନ୍ୟ ଏବଂ ହେଜବୋଲ୍ଲା ଯୋଦ୍ଧାଙ୍କ ମଧ୍ୟରେ ସୀମାପାର ସଂଘର୍ଷ ଜାରି ରହିଛି। ଗତ ବୁଧବାର ତେହରାନ୍‌ରେ ହମାସ୍‌ର ରାଜନୈତିକ ମୁଖ୍ୟ ଇସ୍‌ମାଇଲ ହାନିୟେଙ୍କୁ ହତ୍ୟା ଘଟଣାରେ ଇରାନ ଓ ଏହାର ସହଯୋଗୀମାନେ ଇସ୍ରାଏଲ୍‌କୁ ଦାୟୀ କରିବା ସହ ଏହାର ଉପଯୁକ୍ତ ଜବାବ ଦେବାକୁ ଚେତାବନୀ ଦେଇଥିଲେ। ଆଞ୍ଚଳିକ ଯୁଦ୍ଧ ଆଶଙ୍କା ବଢ଼ୁଥିବା ବେଳେ ଇରାନ ସାମରିକ କାର୍ଯ୍ୟାନୁଷ୍ଠାନରୁ ଓହରିଯିବା ପାଇଁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଆହ୍ୱାନ ଦେଇଛନ୍ତି।

ଇସ୍ରାଏଲର ମୋଶାଭ ବେଇଟ୍ ହିଲେଲ୍‌ରେ ହେଜବୋଲ୍ଲାର ରକେଟ୍ ମାଡ଼ରେ କେତେଜଣ ସାଧାରଣ ନାଗରିକ ଆହତ ହୋଇଛନ୍ତି। ଲେବାନନ୍‌ର କେଫାର କେଲା ଏବଂ ଡେଇର ସିରିଆନେରେ ଇସ୍ରାଏଲ୍ ପୂର୍ବରୁ ଆକ୍ରମଣ କରିଥିବାବେଳେ ବେରୁଟ୍‌ରେ ହେଜବୋଲ୍ଲାର ବରିଷ୍ଠ ସାମରିକ କମାଣ୍ଡର ଫୁଆଦ୍ ଶୁକ୍ରଙ୍କୁ ହତ୍ୟା କରିଥିଲା। ଏହାର ଜବାବରେ ରକେଟ ମାଡ଼ କରାଯାଇଥିବା ହେଜବୋଲ୍ଲା କହିଛି। ଇସ୍ରାଏଲ୍ ଏବଂ ଇରାନ ଯୁଦ୍ଧର ନିକଟତର ହେଉଥିବାବେଳେ ଆମେରିକା ମଧ୍ୟପ୍ରାଚ୍ୟକୁ ଅତିରିକ୍ତ ଯୁଦ୍ଧବିମାନ ଏବଂ ଯୁଦ୍ଧଜାହାଜ ପଠାଇଛି। ଉକ୍ତ ଅଞ୍ଚଳରେ ଆମେରିକାର ଯୁଦ୍ଧବିମାନବାହୀ ରଣତରୀ ୟୁଏସ୍‌ଏସ୍ ଆବ୍ରାହାମ୍ ଲିଙ୍କନ ସମେତ ବାଲିଷ୍ଟିକ୍ ମିଶାଇଲ୍ ଡିଫେନ୍ସ କ୍ୟାପେବଲ୍ କ୍ରୁଜର, ଡେଷ୍ଟ୍ରୟର ଓ ଯୁଦ୍ଧବିମାନ ମୁତୟନ କରିବ ବୋଲି କହିଛି। ଯୁଦ୍ଧ ଆଶଙ୍କା ଘନଉଥିବାରୁ ଲେବାନନ୍‌ରେ ଥିବା ଆମେରିକୀୟମାନଙ୍କୁ ତୁରନ୍ତ ସେଠାରୁ ପଳାଇଯିବା ପାଇଁ ବେରୁଟ୍‌ସ୍ଥିତ ଆମେରିକା ଦୂତାବାସ ପକ୍ଷରୁ ପରାମର୍ଶ ଦିଆଯାଇଛି। ଭାରତ, ବ୍ରିଟେନ, ଜୋର୍ଡାନ୍, ଫ୍ରାନ୍ସ, କାନାଡା ସମେତ ବହୁ ଦେଶ ସେମାନଙ୍କ ନାଗରିକମାନଙ୍କୁ ଲେବାନନ ଛାଡ଼ିବା ଲାଗି ପରାମର୍ଶ ଦେଇଛନ୍ତି।



ହେଜ୍‌ବୋଲ୍ଲା ପକ୍ଷରୁ ଇସ୍ରାଏଲ ଉପରେ ରକେଟ୍ ମାଡ଼ କରାଯାଉଛି।

## ଗାଜା ହସ୍ପିଟାଲ ପରିସରରେ ଏୟାରଷ୍ଟ୍ରାଇକ୍: ୧୮ ନିହତ

**ପାଲେଷ୍ଟିନୀୟଙ୍କ ଆକ୍ରମଣରେ ୨ ମୃତ**

ତେଲ୍ ଆଭିଭ,୪।୮

ଇସ୍ରାଏଲ୍ ସେନା ରବିବାର ଭୋର ସମୟରେ ଗାଜାର ଏକ ହସ୍ପିଟାଲ କମ୍ପ୍ଲେକ୍ସରେ ବିମାନରୁ ବୋମାମାଡ଼ କରିବାରୁ ୧୮ ଜଣଙ୍କ ମୃତ୍ୟୁ ଘଟିଛି। ଏହି ବିସ୍ଥାପିତ ପାଲେଷ୍ଟିନୀୟମାନେ ହସ୍ପିଟାଲ ପରିସରରେ ଏକ ତମ୍ବୁ ତଳେ ଆଶ୍ରୟ ନେଇଥିଲେ। ଅନ୍ୟପକ୍ଷରେ ତେଲ୍ ଆଭିଭ୍‌ରେ ଜଣେ ପାଲେଷ୍ଟିନୀୟଙ୍କ ଛୁରି ମାଡ଼ରେ ୨ ଜଣ ବରିଷ୍ଠ ନାଗରିକ ନିହତ ହୋଇଛନ୍ତି। ଗାଜାରେ ଇସ୍ରାଏଲ୍ ପାଖାପାଖି ୧୦ ମାସ ହେଲା ଆକ୍ରମଣ ଚଳାଇଥିବାବେଳେ ଗତ ସପ୍ତାହରେ ଇରାନ ଏବଂ ଲେବାନନରେ ହମାସ୍ ନେତା ଓ ଜଣେ ବରିଷ୍ଠ କମାଣ୍ଡର ନିହତ ହେବା ପରେ ଉତ୍ତେଜନା ବଢ଼ିବାରେ ଲାଗିଛି। ଇରାନ ଓ ଏହାର ସହଯୋଗୀ ପ୍ରତିଶୋଧ ନେବାକୁ ଧମକ ଦେଇଥିବାରୁ ଉକ୍ତ ଅଞ୍ଚଳରେ ଯୁଦ୍ଧ ଆଶଙ୍କା ବଢ଼ିବାରେ ଲାଗିଛି।

## କୋର୍ବା-ବିଶାଖାପଟନମ୍ ଏକ୍ସପ୍ରେସ୍‌ରେ ନିଆଁ



ବିଶାଖାପାଟଣା,୪।୮

**୩ ବଗି ଜଳିଗଲା**

କୋର୍ବା-ବିଶାଖାପଟନମ୍ ଏକ୍ସପ୍ରେସ୍ ଟ୍ରେନ୍‌ରେ ରବିବାର ସକାଳେ ନିଆଁ ଲାଗି ୩ଟି ବାତାନୁକୂଳିତ ବଗି ଜଳିଯାଇଛି। ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଷ୍ଟେଶନରେ ଟ୍ରେନ୍‌ଟି ପହଞ୍ଚିବା ପରେ ସେଥିରେ ନିଆଁ ଲାଗିଯାଇଥିଲା। ପ୍ରଥମେ ଏ୧ ବଗିରେ ନିଆଁ ଲାଗିବା ଦେଖି ଯାତ୍ରୀମାନେ ଓହ୍ଲାଇ ଯାଇଥିଲେ। ରେଳ କର୍ମଚାରୀମାନେ ଅନ୍ୟମାନଙ୍କୁ ସୁରକ୍ଷିତ ଉଦ୍ଧାର କରିବାରେ ସହାୟତା କରିଥିଲେ। ସଙ୍ଗେ ସଙ୍ଗେ ନିଆଁ ୩ଟି ବଗିକୁ ବ୍ୟାପିଯାଇଥିଲା। ଉକ୍ତ ଟ୍ରେନ୍ ତିରୁପତି ଯିବାକୁ ଥିବାବେଳେ ନିଆଁ ଲାଗିବା କାରଣରୁ ତାହାକୁ ବାତିଲ କରାଯାଇ ଯାତ୍ରୀମାନଙ୍କୁ ଅନ୍ୟ ଟ୍ରେନ୍‌ରେ ପଠାଯାଇଥିଲା।

## ସ୍କୁଲ୍‌ରେ ସ୍ମାର୍ଟଫୋନ୍ ବ୍ୟବହାର ପ୍ରତିବନ୍ଧକ ଲଗାଇଲେଣି ୨୫% ଦେଶ

**ୟୁନେସ୍କୋ ଅଧ୍ୟୟନ**

ପ୍ୟାରିସ୍, ୪।୮

ସ୍ମାର୍ଟ ଫୋନ ବ୍ୟବହାରର ଅନେକ ନକାରାତ୍ମକ ପ୍ରଭାବ ରହିଛି। ଏହାକୁ ନେଇ ଅନେକ ଗବେଷଣା ମଧ୍ୟ ସାମ୍ନାକୁ ଆସିଛି। ତେବେ ସ୍ମାର୍ଟ ଫୋନ୍ ଡିଭାଇସ୍ ଛାତ୍ରୀଛାତ୍ରଙ୍କ ଶିଖିବାର କ୍ଷମତା ଓ ଧ୍ୟାନ କେନ୍ଦ୍ରିତ କରିବାର ଶକ୍ତି ଉପରେ ନକାରାତ୍ମକ ପ୍ରଭାବ ପକାଉଛି ବୋଲି ମିଳିତ ଜାତିସଂଘର ଶିକ୍ଷା, ବୈଜ୍ଞାନିକ ଏବଂ ସାଂସ୍କୃତିକ ସଙ୍ଗଠନ(ୟୁନେସ୍କୋ) ଦ୍ୱାରା ରବିବାର ଜାରି ହୋଇଥିବା ଗ୍ଲୋବାଲ ଏଜୁକେଶନ ମନିଟରିଂ(ଜିଇଏମ୍) ରିପୋର୍ଟରେ ପ୍ରକାଶ ପାଇଛି। ଶିକ୍ଷା କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟାର ବ୍ୟବହାରକୁ ନେଇ ୟୁନେସ୍କୋ ପକ୍ଷରୁ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି। କରୋନା ମହାମାରୀ ସମୟରେ ବିଭିନ୍ନ ଦେଶରେ ଅନ୍‌ଲାଇନ ଶିକ୍ଷାଦାନ ପଦ୍ଧତି ଆରମ୍ଭ ହେବାସହ ଶିକ୍ଷା କ୍ଷେତ୍ରରେ ସ୍ମାର୍ଟ ଫୋନ୍‌ର ବ୍ୟବହାର ବଢ଼ିଥିଲା। ତେବେ ପଢ଼ିବାବେଳେ ଅତ୍ୟଧିକ ମାତ୍ରାରେ ସ୍ମାର୍ଟ ଫୋନ୍ ବ୍ୟବହାର ଛାତ୍ରୀଛାତ୍ରଙ୍କ ଅଭ୍ୟାସରେ ପରିଣତ ହେଉଥିବା ନେଇ ଏହି ରିପୋର୍ଟ ଦର୍ଶାଇଛି। ସ୍ମାର୍ଟ ଫୋନ୍ ସମେତ ବିଭିନ୍ନ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ଶ୍ରେଣୀଗୃହରେ କେବଳ ସେତେବେଳେ ବ୍ୟବହାର ହେବା ଉଚିତ ଯେତେବେଳେ ଏହାଠାରୁ କିଛି ଶିଖି ହେବ ବୋଲି ଜିଇଏମ୍ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତେବେ ସ୍ମାର୍ଟ ଫୋନ୍‌ର ସର୍ବାଧିକ ନକାରାତ୍ମକ ପ୍ରଭାବ ଶିଶୁଙ୍କ ଉପରେ ପଡୁଛି। ତେଣୁ ଶିକ୍ଷା କ୍ଷେତ୍ରରେ ଏହି ପ୍ରଭାବକୁ ଏଡ଼େଇବା ପାଇଁ ବିଶ୍ୱବ୍ୟାପୀ ପ୍ରୟାସ କରାଯାଉଛି। ଛାତ୍ରୀଛାତ୍ରଙ୍କ ଉପରେ ସ୍ମାର୍ଟ ଫୋନ୍‌ର ନକାରାତ୍ମକ ପ୍ରଭାବକୁ ଦୃଷ୍ଟିରେ ରଖି ବିଶ୍ୱର ପ୍ରତି ୪ ଦେଶ ମଧ୍ୟରୁ ଗୋଟିଏ ଦେଶ ସ୍କୁଲରେ ସ୍ମାର୍ଟ ଫୋନ ବ୍ୟବହାର ଉପରେ ପ୍ରତିବନ୍ଧକ ଲଗାଇଛନ୍ତି ବୋଲି ୟୁନେସ୍କୋ ଦ୍ୱାରା ଜାରି ହୋଇଥିବା ଉକ୍ତ ରିପୋର୍ଟରେ କୁହାଯାଇଛି।



**ଫୁର୍‌ସତ୍**

## ୫ ହଜାର କି.ମି. ଦୂରରେ ରହି ଡାକ୍ତରଙ୍କ ଅସ୍ତ୍ରୋପଚାର

**ସାଂଘାଇ:** ଆଧୁନିକ ଟେକ୍ନୋଲୋଜି ବ୍ୟବହାର କରି ସମ୍ପ୍ରତି ଜଣେ ଡାକ୍ତର ବହୁ ଦୂରରେ ଥାଇ ମଧ୍ୟ ରୋଗୀଙ୍କ ଅସ୍ତ୍ରୋପଚାର କରିପାରୁଥିବାର ଏକ ଭିଡିଓ ସାମ୍ନାକୁ ଆସିଛି। ଚାଇନାର ଲୁଓ କ୍ୱିଙ୍ଗ୍‌କ୍ୱାନ ନାମକ ଜଣେ ସର୍ଜନଙ୍କ ନେତୃତ୍ୱରେ ଏହି ବିରଳ ଅସ୍ତ୍ରୋପଚାରକୁ ସଫଳତାର ସହ କରାଯାଇଛି। ସେ ୫ ହଜାର କିଲୋମିଟର ଦୂରରେ ରହି ରୋଗୀଙ୍କ ଫୁସ୍‌ଫୁସ୍‌ରେ ଥିବା ଟ୍ୟୁମରକୁ ବାହାର କରିପାରିଛନ୍ତି।

ସାଂଘାଇ ମ୍ୟୁନିସିପାଲିଟି ସୂଚନା କାର୍ଯ୍ୟାଳୟର ଏକ ବିବୃତି ଅନୁଯାୟୀ, ବ୍ୟାପକ କ୍ଲିନିକାଲ୍ ଅନୁସନ୍ଧାନ ଏବଂ ଘରୋଇ ନିର୍ମିତ ୫ଜି ସର୍ଜିକାଲ୍ ରୋବୋକୁ ବ୍ୟବହାର କରି ସାଂଘାଇ ଚେଷ୍ଟ ହସ୍ପିଟାଲର ଡାକ୍ତରମାନେ ଏହି ସଫଳତା ହାସଲ କରିଛନ୍ତି। ନିଜର କେତେଜଣ ସହକର୍ମୀଙ୍କ ସାହାଯ୍ୟରେ ବିଶିଷ୍ଟ ସର୍ଜନ ଡାକ୍ତର ଲୁଓ କ୍ୱିଙ୍ଗ୍‌କ୍ୱାନ୍ ଏହି ଅସ୍ତ୍ରୋପଚାରର ନେତୃତ୍ୱ ନେଇଥିଲେ। ସ୍ୱଦେଶୀ ନିର୍ମିତ ସର୍ଜିକାଲ ରୋବୋଗୁଡିକର ସାମର୍ଥ୍ୟକୁ ପ୍ରଦର୍ଶିତ କରିବା ପାଇଁ ଏହି ଅସ୍ତ୍ରୋପଚାରର ସଫଳତା ଏକ ମାଇଲ୍‌ଖୁଣ୍ଟ ସଦୃଶ ହୋଇଥିବା ଡାକ୍ତର ଲୁଓ କହିଛନ୍ତି। ସେ ସାଂଘାଇସ୍ଥିତ ନିଜ କାର୍ଯ୍ୟାଳୟରୁ ନିଜ ସହକର୍ମୀଙ୍କ ସହ ଏକ ରୋବୋ ସହଯୋଗରେ ଅସ୍ତ୍ରୋପଚାର କରୁଥିବାବେଳେ ରୋଗୀଜଣକ ୫ ହଜାର କି.ମି. ଦୂରରେ ପଶ୍ଚିମ ଚାଇନା ଜିନ୍‌ଜିଆନ୍ ପ୍ରଦେଶର କାଶ୍‌ଗରସ୍ଥିତ ଏକ ଚିକିତ୍ସାଳୟରେ ଥିଲେ। ଏକ ଘଣ୍ଟା ମଧ୍ୟରେ ପୂରା ଅପରେଶନ୍ ସମାପ୍ତ ହେବା ସହ ରୋଗୀଙ୍କ ଫୁସ୍‌ଫୁସ୍ ମଧ୍ୟରୁ ଟ୍ୟୁମରକୁ ବାହାର କରିଦିଆଯାଇଥିଲା। ଏହି ଅପ୍ରତ୍ୟାଶିତ ପ୍ରକ୍ରିୟାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି।




## ଖାଲି ପାଦରେ ୧ କି.ମି. ଦୌଡ଼ିଥିଲେ ଜାହ୍ନବୀ

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଜାହ୍ନବୀ କପୁରଙ୍କ 'ଉଲଝ୍' ଚଳଚ୍ଚିତ୍ର ଶୁକ୍ରବାର ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଛି। ଏହି ଚଳଚ୍ଚିତ୍ରରେ ଜାହ୍ନବୀଙ୍କ ସହ ରୋଶନ୍ ମାଥ୍ୟୁ ଓ ଗୁଲ୍‌ଶାନ ଦେବେୟା ମୁଖ୍ୟ ଭୂମିକାରେ ନଜର ଆସିଛନ୍ତି। ବିନୀତ ଜୈନଙ୍କ ଦ୍ୱାରା ନିର୍ମିତ ଏହି ଫିଲ୍ମର ନିର୍ଦ୍ଦେଶନା ସୁଧାଂଶୁ ସାରିଆ ଦେଇଛନ୍ତି। ଫିଲ୍ମରେ ଜାହ୍ନବୀ ଜଣେ ଆଇଏଫ୍‌ଏସ୍ ଅଧିକାରୀଙ୍କ ଭୂମିକାରେ ଅଭିନୟ କରିଛନ୍ତି। ତେବେ ଫିଲ୍ମର କ୍ଲାଇମାକ୍ସ ଦୃଶ୍ୟକୁ ନେଇ ନିର୍ଦ୍ଦେଶକ ସୁଧାଂଶୁ ସାରିଆ ଏକ ରୋଚକ ତଥ୍ୟ ରଖିଛନ୍ତି।

ଏକ ସାକ୍ଷାତ୍‌କାରରେ ସୁଧାଂଶୁ କହିଛନ୍ତି, ଉଲଝ୍ ଚଳଚ୍ଚିତ୍ରର ଅଧିକାଂଶ ଦୃଶ୍ୟ ଲଣ୍ଡନରେ ଶୁଟିଂ କରାଯାଇଛି। ତେବେ ଫିଲ୍ମର କ୍ଲାଇମାକ୍ସ ଦୃଶ୍ୟ ଭୋପାଳରେ ଶୁଟିଂ ହୋଇଥିଲା। କ୍ଲାଇମାକ୍ସ ଦୃଶ୍ୟର ଶୁଟିଂ ପୂର୍ବ ରାତିରେ ଭୋପାଳରେ ପ୍ରବଳ ବର୍ଷା ହୋଇଥିଲା। ବର୍ଷା ଯୋଗୁଁ ସେଟ୍ ନଷ୍ଟ ହେବା ସହ ସହରର ରାସ୍ତାଘାଟ କାଦୁଅରେ ପରିପୂର୍ଣ୍ଣ ହୋଇଯାଇଥିଲା। ତେବେ ସିନ୍ ଅନୁଯାୟୀ ଜାହ୍ନବୀଙ୍କୁ ଭୋପାଳର ଏକ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ଖାଲି ପାଦରେ ପ୍ରାୟ ୧ କି.ମି. ପର୍ଯ୍ୟନ୍ତ ଦୌଡ଼ିବାକୁ ପଡ଼ିଥିଲା। ତେବେ ଉକ୍ତ ରାସ୍ତାରେ ଦୌଡ଼ିବା ସମୟରେ ଜାହ୍ନବୀଙ୍କୁ କିଛି ସମସ୍ୟା ହୋଇଥିବା ସୁଧାଂଶୁ କହିଛନ୍ତି। ତେଣୁ ଏହି ଦୃଶ୍ୟ ପାଇଁ ତାଙ୍କୁ ଅନେକବାର ଟେକ୍ ନେବାକୁ ପଡ଼ିଥିଲା। ଏହି ସିନ୍‌ର ଶୁଟିଂ ବେଳେ ଜାହ୍ନବୀ ସାମାନ୍ୟ ଆହତ ମଧ୍ୟ ହୋଇଥିଲେ। ତେବେ ଫିଲ୍ମ ସେଟ୍‌ରେ ସମସ୍ତେ ଜାହ୍ନବୀଙ୍କ କାର୍ଯ୍ୟକୁ ବହୁତ ପସନ୍ଦ କରିଥିବା ସୁଧାଂଶୁ କହିଛନ୍ତି।



# ଶିକ୍ଷା, ସଚେତନତା ବିକାଶର ମୂଳ ସୋପାନ: ମୁଖ୍ୟମନ୍ତ୍ରୀ

## ଓଡ଼ିଶା ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ସମନ୍ୱୟ ପରିଷଦର ସମ୍ବର୍ଦ୍ଧନା ସମାରୋହ

ଭୁବନେଶ୍ୱର, ୪।୮ (ସୁନିତ୍ ମିଶ୍ର)

ଶିକ୍ଷା ଓ ସଚେତନତା ସାମାଜିକ ବିକାଶର ମୂଳ ସୋପାନ। ଏ ଦୁଇଟି ସହ ଆମ ପରମ୍ପରାକୁ ନେଇ ଆଗକୁ ବଢ଼ିବାକୁ ପଡ଼ିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ରବୀନ୍ଦ୍ର ମଣ୍ଡପଠାରେ ରବିବାର ଓଡ଼ିଶା ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ସମନ୍ୱୟ ପରିଷଦର ସମ୍ବର୍ଦ୍ଧନା ସମାରୋହରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟବାସୀଙ୍କ ସାମଗ୍ରିକ ବିକାଶ ପାଇଁ ଆମେ ସମର୍ପିତ ଅଛୁ। ଜନସାଧାରଣଙ୍କ ସ୍ୱାର୍ଥ ରକ୍ଷା ଲାଗି ପ୍ରତି ସପ୍ତାହରେ ଆମ କ୍ୟାବିନେଟ୍ ବୈଠକ ବସୁଛି। ତେବେ ସାମଗ୍ରିକ ଭାବେ ଓଡ଼ିଶାକୁ ଆଗକୁ ନେବା ଲାଗି ସମ୍ମିଳିତ ଉଦ୍ୟମ କରିବାକୁ ପଡ଼ିବ। ବାବା ସାହେବ ଭୀମରାଓ ସମ୍ବିଧାନରେ ଆମ ସମସ୍ତଙ୍କ ପାଇଁ ସମାନ ଅଧିକାରର ବ୍ୟବସ୍ଥା କରିଛନ୍ତି। ଅନୁସୂଚିତ ଜାତି ଓ ଜନଜାତି ବର୍ଗର ସର୍ବାଙ୍ଗୀନ ଉନ୍ନତି ସହିତ ଅନୁନ୍ନତ ଓ ପଛୁଆ ଭାବେ ଯେଉଁମାନେ ସମାଜରେ ତଳସ୍ତରରେ ରହିଯାଇଛନ୍ତି, ସେମାନଙ୍କ ହାତ ଧରି ଆଗକୁ ବଢ଼େଇବାକୁ ପଡ଼ିବ। ବର୍ତ୍ତମାନ ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କୁ ସେମାନଙ୍କ ହକ୍ ଧୀରେ ଧୀରେ ମିଳୁଛି। ଏମାନଙ୍କ କଲ୍ୟାଣ ପାଇଁ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ନିରନ୍ତର ଚାଲିଛି। ସେମାନଙ୍କୁ ଶିକ୍ଷିତ କରିବା ଲକ୍ଷ୍ୟରେ ସ୍କୁଲ ଓ ହଷ୍ଟେଲ କାର୍ଯ୍ୟକ୍ଷମ ଅଛି। ଅଧାରୁ ପାଠ ନ ଛାଡ଼ିବା ପାଇଁ 'ମାଧୋ ସିଂ ହାତ ଖର୍ଚ୍ଚ' ଯୋଜନା ଆରମ୍ଭ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେ ଆହୁରି କହିଛନ୍ତି, ଆମ ସମାଜରେ ଥିବା ଆଦିମ ଜନଜାତି ବର୍ଗ (ପିଭିଟିଜି)ଙ୍କୁ ଏହି ବିକାଶ ଯାତ୍ରାରେ ସାମିଲ କରିବାକୁ ପଡ଼ିବ। ପ୍ରଧାନମନ୍ତ୍ରୀ ଆଦିମ ଜନଜାତିଙ୍କୁ ଉଚିତ ଅଧିକାର ପ୍ରଦାନ କରି ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ପି.ଏମ୍. ଜନ୍ ଧନ୍ ଯୋଜନା ଆରମ୍ଭ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ 'ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ, ସବ୍‌କା ପ୍ରୟାସ' ଅଭିଯାନ ସବୁ ବର୍ଗଙ୍କ ବିକାଶକୁ ଦୃଷ୍ଟିରେ ରଖି ଆରମ୍ଭ କରାଯାଇଛି। ଆମେ ସମସ୍ତେ ଯଦି ଏହି ଅଭିଯାନରେ ନିଜକୁ ସାମିଲ କରିବା ତେବେ ଦେଶ ଓ ରାଜ୍ୟ ବିକାଶ ପଥରେ ଆଗେଇ ଚାଲିବା ସହିତ ସବୁ ବର୍ଗର ବିକାଶ ହେବ। ତେବେ ଏହି ପରିଷଦର ସଦସ୍ୟ ଥିବା ଆମ ରାଜ୍ୟର ୪ର୍ଥ ଶ୍ରେଣୀ କର୍ମଚାରୀଙ୍କଠାରୁ ଆରମ୍ଭ କରି ଆଇଏଏସ୍ ଅଧିକାରୀ ପର୍ଯ୍ୟନ୍ତ ହଜାର ହଜାର କର୍ମଚାରୀ ଏବଂ ଅଧିକାରୀ ସମଗ୍ର ରାଜ୍ୟବାସୀ ବିଶେଷକରି ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଲୋକଙ୍କ ହିତ ସାଧନରେ ବ୍ରତୀ ଅଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆମ ଭିତରୁ ଜଣେ। ଓଡ଼ିଶାର ମୁଖ୍ୟମନ୍ତ୍ରୀ ମଧ ଆପଣମାନଙ୍କ ମଧ୍ୟରୁ ଜଣେ। ଆମେ ସମସ୍ତେ ଏକ ନିର୍ଦ୍ଦିଷ୍ଟ ବର୍ଗରୁ ଆସି ଦେଶ ଓ ରାଜ୍ୟ ପାଇଁ କାମ କରୁଛୁ। ପଦ ପଦବୀରେ ନ ଥିଲେ ମଧ ଇଚ୍ଛାଶକ୍ତି ବଳରେ ଆମେ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ୍ ଯୋଗଦେଇ କହିଛନ୍ତି, ନେତୃତ୍ୱ ଏକ କ୍ଷମତା ନୁହଁ, ଏହା ଏକ କର୍ତ୍ତବ୍ୟ। ଏହା ଆମ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ। ଆଜି ଓଡ଼ିଶାରେ ଲୋକଙ୍କ ସରକାର ଗଠନ ହୋଇଛି ଓ ଲୋକଙ୍କ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେଇଛନ୍ତି। ଅନ୍ୟତମ ଅତିଥି ଭାବେ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ କହିଛନ୍ତି, ଓଡ଼ିଶା ସରକାର ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ସାଧାରଣ ଲୋକଙ୍କ ମୌଳିକ ସମସ୍ୟାର ସମାଧାନ ସହିତ ସେମାନଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ କାମ କରୁଛନ୍ତି। ମନ୍ତ୍ରୀ ରବି ନାରାୟଣ ନାୟକ କହିଛନ୍ତି, ମୋହନ ମାଝୀ ସରକାର ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତିଙ୍କ ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ। ୫ ବର୍ଷରେ ଓଡ଼ିଶାକୁ ଦାଦନ ମୁକ୍ତ କରିବା ପାଇଁ ଆମେ ସଂକଳ୍ପ ନେଇଛୁ। କାର୍ଯ୍ୟକ୍ରମରେ ପରିଷଦର ସଭାପତି ଧନଞ୍ଜୟ ହେମ୍ବ୍ରମ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକଙ୍କ ସମେତ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ୨୩ ଜଣ ବିଧାୟକଙ୍କୁ ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି।



ଓଡ଼ିଶା ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ସମନ୍ୱୟ ପରିଷଦର ସମ୍ବର୍ଦ୍ଧନା ସମାରୋହରେ ଉପସ୍ଥିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଓ ଅନ୍ୟମାନେ।

# ୧୦୪୬ ରାଜସ୍ୱ ଗ୍ରାମ ବଢ଼ିଲା

- ୫୧,୪୭୭ଟି ଗ୍ରାମ ରହିଥିଲା
- ୨୧୬୩ ପଡ଼ା ଗ୍ରାମକୁ ରାଜସ୍ୱ ଗ୍ରାମ କରିବା ପ୍ରସ୍ତାବ ନାକଚ
- ୨୨୮୭ ପଡ଼ା ଗ୍ରାମକୁ ନେଇ ଚାଲିଛି ବିଚାର

ଭୁବନେଶ୍ୱର, ୪।୮ (ସୁନିତ୍ ମିଶ୍ର)

ରାଜ୍ୟର ବିଭିନ୍ନ ଜିଲାରେ ମୋଟ୍ ୧୦୪୬ଟି ପଡ଼ା ଗ୍ରାମକୁ ରାଜସ୍ୱ ଗ୍ରାମରେ ପରିଣତ କରିବା ଲାଗି ସରକାର ପ୍ରସ୍ତାବ ମଞ୍ଜୁର କରିଛନ୍ତି। ୩୦ ଜିଲା ଲାଗି ଜିଲାପାଳମାନଙ୍କ ତରଫରୁ ମୋଟ୍ ୫୪୯୬ଟି ପଡ଼ା ଗ୍ରାମ ତାଲିକା ପ୍ରଦାନ କରାଯାଇଛି। ଏହି ପଡ଼ା ଗ୍ରାମଗୁଡ଼ିକ ମୁଖ୍ୟ ରାଜସ୍ୱ ଗ୍ରାମଠାରୁ ପ୍ରାୟ ଅଧ କିଲୋମିଟର ଦୂରରେ ଅବସ୍ଥିତ। ଏହିସବୁ ଗ୍ରାମରେ ପ୍ରାୟ ୨୫୦ରୁ ଅଧିକ ଲୋକ ବସବାସ କରନ୍ତି। ତେବେ କୋରାପୁଟ ଜିଲାର ସର୍ବାଧିକ ୪୫୦ଟି ପଡ଼ା ଗ୍ରାମକୁ ରାଜସ୍ୱ ଗ୍ରାମରେ ପରିଣତ କରିବା ଲାଗି ଜିଲାପାଳଙ୍କ ତରଫରୁ ପ୍ରସ୍ତାବ ଦିଆଯାଇଥିଲା। ହେଲେ ରାଜ୍ୟ ସରକାର ଏ ପର୍ଯ୍ୟନ୍ତ ମୋଟ୍ ୧୦୪୬ଟି ପଡ଼ା ଗ୍ରାମକୁ ରାଜସ୍ୱ ଗ୍ରାମରେ ପରିଣତ କରିବା ଲାଗି ପ୍ରସ୍ତାବ ମଞ୍ଜୁର କରିଥିବା ବେଳେ ସେଥିରୁ ମୟୂରଭଞ୍ଜ ଜିଲାର ସର୍ବାଧିକ ୧୧୮ଟି ଗ୍ରାମ ରହିଛି। ଏହାଛଡ଼ା ୨୧୬୩ଟି ପଡ଼ା ଗ୍ରାମକୁ ରାଜସ୍ୱ ଗ୍ରାମ ମାନ୍ୟତା ନ ଦେବା ଲାଗି ସରକାର ସମ୍ପୂର୍ଣ୍ଣ ଖାରଜ କରିଦେଇଛନ୍ତି। ସେଥିମଧ୍ୟରୁ ରାୟଗଡ଼ା ଜିଲାର ସର୍ବାଧିକ ୨୪୧ଟି ପଡ଼ା ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ନ ଦେବା ଲାଗି ସରକାର ନିର୍ଦ୍ଦେଶ ଦେଇଛନ୍ତି। ବାକି ୨୨୮୭ଟି ପଡ଼ା ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ଦେବା ନେଇ ସରକାରଙ୍କ ନିକଟରେ ପ୍ରସ୍ତାବ ରହିଛି। ରାଜସ୍ୱ ଗ୍ରାମର ମାନ୍ୟତା ମିଳିଥିବା ୧୦୪୬ ଗ୍ରାମ ମଧ୍ୟରୁ ୩୦୭ଟି ଗ୍ରାମର ସ୍ଥିତି ସମ୍ପର୍କରେ ଭୂଲେଖରେ ସବୁ ତଥ୍ୟ ଚଢ଼ାଯାଇସାରିଛି। ତେବେ ରାଜ୍ୟ ସରକାର ୨୨୬୮ଟି ପଡ଼ା ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ଦେବା ତାଲିକାରୁ ସମ୍ପୂର୍ଣ୍ଣ ଖାରଜ କରିଦେଇଥିବା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି।

ବିଧାୟକ ଅଶ୍ୱିନୀ କୁମାର ପାତ୍ର ବିଧାନସଭାରେ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ପୂଜାରୀ କହିଛନ୍ତି ଯେ, ନୂଆ ରାଜସ୍ୱ ଗ୍ରାମ ଚିହ୍ନଟ ହେବା ପୂର୍ବରୁ ରାଜ୍ୟରେ ମୋଟ୍ ୫୧,୪୭୭ଟି ଗ୍ରାମ ରହିଥିଲା। ରାଜ୍ୟରେ ଆଉ ୫୪୯୬ଟି ପଡ଼ା ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ଦେବା ପାଇଁ ଚିହ୍ନଟ ହୋଇଛି। ସେଥିରୁ ୧୦୪୬ଟି ପାଇଁ ପ୍ରସ୍ତାବ ମଞ୍ଜୁରୀ ହୋଇସାରିଥିବା ବେଳେ ୨୧୬୩ଟି ଗ୍ରାମ ନିମନ୍ତେ ଆସିଥିବା ପ୍ରସ୍ତାବର ବିଭିନ୍ନ ଦିଗକୁ ତର୍ଜମା କରି ତାକୁ ନାକଚ କରାଯାଇଛି। ଯେପରିକି ଗ୍ରାମରେ ୨୫୦ରୁ କମ୍ ଲୋକ ବସବାସ କରୁଥିବା ଏକ କାରଣ ହୋଇଥିବା ବେଳେ ମୁଖ୍ୟ ରାଜସ୍ୱ ଗ୍ରାମଠାରୁ ତା'ର ଦୂରତା ଯେତିକି ରହିବା କଥା ସେତିକି ରହୁନାହିଁ। ସେହିପରି ଉକ୍ତ ଗ୍ରାମଗୁଡ଼ିକରେ ଯେତିକି ଗୋଚର ଏବଂ କମ୍ୟୁନାଲ ଜମି ସମ୍ବନ୍ଧୀୟ ସମସ୍ୟା କାରଣରୁ ମଧ ନାକଚ କରାଯାଇଥିବା ମନ୍ତ୍ରୀ କହିଛନ୍ତି। ଅବଶିଷ୍ଟ ୨୨୮୭ଟି ପଡ଼ା ଗ୍ରାମକୁ ରାଜସ୍ୱ ଗ୍ରାମରେ ପରିଣତ କରିବା ଲାଗି ପ୍ରସ୍ତାବ ଜିଲାପାଳଙ୍କ ନିକଟରେ ରହିଛି। ଏହିସବୁ ପ୍ରସ୍ତାବଗୁଡ଼ିକ ଜିଲାପାଳଙ୍କଠାରୁ ପ୍ରାପ୍ତ ହେବା ପରେ ଭୂ-ଅଭିଲେଖ ପରିମାପକ ନିର୍ଦ୍ଦେଶକ ଓଡ଼ିଶାଙ୍କ ଦ୍ୱାରା ନିର୍ଦ୍ଧାରିତ ମାନଦଣ୍ଡକୁ ବିଚାର କରାଯାଇ ରାଜସ୍ୱ ଗ୍ରାମ ରୂପେ ଘୋଷଣା କରାଯିବ। ଏ ପର୍ଯ୍ୟନ୍ତ ୩୦୭ଟି ପଡ଼ା ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ପାଇଁ ଭୂ-ଲେଖରେ ପଞ୍ଜୀକୃତ ସରିଛି।

# ଆଜି ୪ ଘଣ୍ଟା ବନ୍ଦ ରହିବ ମହାପ୍ରଭୁଙ୍କ ଦର୍ଶନ

**ଶ୍ରୀମନ୍ଦିରରେ ହେବ ଖସାପଡ଼ା ନୀତି**

ପୁରୀ, ୪।୮ (ଅଜିତ୍ କୁମାର ମହାନ୍ତି)

ଶ୍ରାବଣ ଶୁକ୍ଳପକ୍ଷ ପ୍ରତିପଦା ତିଥି ସୋମବାର ଅବସରରେ ଶ୍ରୀମନ୍ଦିରରେ ଖସାପଡ଼ା ନୀତି ଅନୁଷ୍ଠିତ ହେବ। ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ସେବକ ଦଇତାପତିମାନେ ଏହି ନୀତି ସମ୍ପନ୍ନ କରିବେ। ଦାରୁଦିଅଁଙ୍କ ବିଭିନ୍ନ ଗୁପ୍ତନୀତି ମଧ୍ୟରୁ ଖସାପଡ଼ା ନୀତି ଅନ୍ୟତମ। ତେଣୁ ଏହି ନୀତି ନିମନ୍ତେ ସୋମବାର ଅପରାହ୍ନ ୫ଟାରୁ ରାତି ୯ଟା ପର୍ଯ୍ୟନ୍ତ ୪ଘଣ୍ଟା ଧରି ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ରବିବାର ଶ୍ରୀମନ୍ଦିର ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଶ୍ରୀମନ୍ଦିରରେ ମଧାହ୍ନ ଧୂପ ଓ ଦ୍ୱିତୀୟ ଭୋଗମଣ୍ଡପ ସମ୍ପନ୍ନ ହେବା ପରେ ମଇଲମ ନୀତି ଅନୁଷ୍ଠିତ ହେବ। ପରେ ଜୟବିଜୟ ଦ୍ୱାର ବନ୍ଦ କରାଯିବ। ଶ୍ରୀଦେବୀ, ଭୂଦେବୀ ଖଟଶେଯ ଘରକୁ ବିଜେ କରିବେ। ପରେ ମହାପ୍ରଭୁଙ୍କ ଖସାପଡ଼ା ନୀତି ନିମନ୍ତେ ଦଇତାପତିମାନେ ଗର୍ଭଗୃହକୁ ପ୍ରବେଶ କରିବେ। ଏହା ଗୁପ୍ତ ନୀତି ହୋଇଥିବାରୁ ଏହି ସମୟରେ ମହାପ୍ରଭୁଙ୍କ ଦର୍ଶନ ବନ୍ଦ ରହିବ। ନୀତି ଶେଷ କରି ଦଇତାପତିମାନେ ଶ୍ରୀମନ୍ଦିରରୁ ବାହାରିବା ପରେ ମହାପ୍ରଭୁଙ୍କ ମହାସ୍ନାନ ନୀତି ବଢ଼ିବ। ପରେ ମହାପ୍ରଭୁଙ୍କ ମଇଲମ ବେଶ ଓ ସନ୍ଧ୍ୟା ଆଳତି ବଢ଼ି ଅନ୍ୟାନ୍ୟ ନୀତି ସମ୍ପନ୍ନ ହେବ। ଖସାପଡ଼ା ନୀତି ପାଇଁ ରବିବାର ଦେଉଳକରଣ ଧଳାକନା ଧୋଇ ଶୁଖାଇ ଗାରଦରେ ଜମା ଦେଇଥିବାବେଳେ ଶୁଦ୍ଧସୁଆର ଖଳି, କଇଁଥ ଅଠା ଯୋଗାଇଛନ୍ତି।

**ଗାଁରେ ପହଞ୍ଚି ପାରିଲାନି ଆମ୍ବୁଲାନ୍ସ**

# ଖଟିଆରେ ବୁହାହୋଇ ଜୀବନ ହାରିଲେ ରୋଗୀ

ସୁନ୍ଦରଗଡ଼, ୪।୮ (ଜୟନାରାୟଣ ମେଣ୍ଡୁଲି)

ଗାଁକୁ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ଆସିପାରିଲାନି। ଫଳରେ ଗାଁର ଯୁବକମାନେ ଜଣେ ରୋଗୀଙ୍କୁ ୨କିଲୋମିଟର ଖଟିଆରେ ବୋହି ଆମ୍ବୁଲାନ୍ସ ପାଖକୁ ଆଣିଲେ। ତେବେ ଡାକ୍ତରଖାନାରେ ପହଞ୍ଚିବା ବେଳକୁ ଉକ୍ତ ରୋଗୀଙ୍କ ଜୀବନ ଚାଲିଗଲା। ରବିବାର ଏଭଳି ଏକ ଘଟଣା ଘଟିଛି ସୁନ୍ଦରଗଡ ଜିଲା ଟାଙ୍ଗରପାଲି ବ୍ଲକ ସାନପତ୍ରାପାଲି ପଞ୍ଚାୟତ ଅନ୍ତର୍ଗତ ପାତକିଯୋର ଗ୍ରାମରେ।

ସୂଚନା ଅନୁସାରେ, ରବିବାର ପାତକିଯୋର ଗ୍ରାମର ଜଣେ ବୃଦ୍ଧ ବିଚ୍ଛୁ ଦଣ୍ଡସନା (୭୦) ଅସୁସ୍ଥ ହୋଇପଡିବାରୁ ଡାକ୍ତରଖାନା ନେବାକୁ ଆମ୍ବୁଲାନ୍ସ ଡକାଯାଇଥିଲା କିନ୍ତୁ ଗାଁକୁ ରାସ୍ତା ନ ଥିବାରୁ ରୋଗୀଙ୍କ ଘରକୁ ଆମ୍ବୁଲାନ୍ସ ପହଞ୍ଚି ନ ପାରି ରୋଗୀଙ୍କ ଘରଠାରୁ ୨କିଲୋମିଟର ଦୂରରେ ଅଟକିଥିଲା। ଫଳରେ ଗାଁର କେତେଜଣ ଯୁବକ ରୋଗୀଙ୍କୁ ଖଟିଆରେ ବୋହି ଆମ୍ବୁଲାନ୍ସ ପାଖକୁ ନେଇଥିଲେ। ସେଠାରୁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ସୁନ୍ଦରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା। ଡାକ୍ତରଖାନାରେ ପରୀକ୍ଷାନିରୀକ୍ଷା ପରେ ଡାକ୍ତର ରୋଗୀଙ୍କୁ ମୃତ ଘୋଷଣା କରିଥିଲେ।


ରୋଗୀଙ୍କୁ ଆମ୍ବୁଲାନ୍ସ ପାଖକୁ ଖଟିଆରେ ନିଆଯାଉଛି।

# ଛତିଶଗଡ଼ ସହ ସମନ୍ୱୟ ରଖି ଜଳ ପରିଚାଳନା କରାଯିବ


ସମୀକ୍ଷା ବୈଠକରେ ରାଜସ୍ୱ ତଥା ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଓ ଅଧିକାରୀମାନେ।

- ବନ୍ୟା ନିୟନ୍ତ୍ରଣ ସ୍ଥିତିର ସମୀକ୍ଷାକଲେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ
- ଜଳକର ଦେଉ ନ ଥିବା ଶିଳ୍ପସଂସ୍ଥାରୁ କର ଆଦାୟ ହେବ

ସମ୍ବଲପୁର, ୪।୮ (ଭବାନୀ ଶଙ୍କର ଭୋଇ)

ହୀରାକୁଦ ନଦୀବନ୍ଧ ନିର୍ମାଣ ସମୟରେ ରାଜ୍ୟରେ ବନ୍ୟା ନିୟନ୍ତ୍ରଣ ଏକ ପ୍ରମୁଖ ବିଷୟ ଥିଲା। ତେବେ ହୀରାକୁଦ ବନ୍ଧରେ ଅତ୍ୟଧିକ ବନ୍ୟାଜଳ ପ୍ରବେଶ କଲେ ଅଧିକ ଗେଟ ଖୋଲିବା ଯୋଗୁ ତଳମୁଣ୍ଡରେ ବନ୍ୟା ପରିସ୍ଥିତି ଉପୁଜି ଥାଏ। ସେଥିପାଇଁ କିଭଳି ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର କରି ବନ୍ୟା ପରିସ୍ଥିତିକୁ ନିୟନ୍ତ୍ରଣ କରାଯାଇ ପାରିବ ତାହା ଉପରେ ଗୁରୁତ୍ୱ ଦିଆଯିବ। ଏଥିପାଇଁ ଉପରମୁଣ୍ଡରେ ଥିବା ଛତିଶଗଡ଼ ରାଜ୍ୟର ଜଳସମ୍ପଦ ବିଭାଗ ସହ ଉଚିତ ସମନ୍ୱୟ ରକ୍ଷା କରି ଜଳ ପରିଚାଳନା କରାଯିବ ବୋଲି କହିଛନ୍ତି ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ।

ରବିବାର ସମ୍ବଲପୁର ଜିଲା ବୁର୍ଲା ଅଶୋକ ନିବାସରେ ହୀରାକୁଦ ଜଳଭଣ୍ଡାରର ବରିଷ୍ଠ ଅଧିକାରୀ, ସମ୍ବଲପୁର ଜିଲାପାଳ, ଝାରସୁଗୁଡା ଜିଲା ପ୍ରଶାସନର ଅଧିକାରୀ, ସମ୍ବଲପୁର ପ୍ରଶାସନର ବରିଷ୍ଠ ଅଧିକାରୀଙ୍କ ସହ ଏକ ସମୀକ୍ଷା ବୈଠକ କରି ବନ୍ୟା ନିୟନ୍ତ୍ରଣ, ବନ୍ଧ ନିର୍ମାଣ ସମୟରେ ବ୍ୟବହାର ନ ହୋଇପଡିଥିବା ଜମିର ସ୍ଥିତି, ରୁଲକର୍ଭ ଅନୁସାରେ ଜଳ ପରିଚାଳନା, ଗ୍ରୀଷ୍ମ ସମୟରେ ଜଳଭଣ୍ଡାରରେ ଜଳର ସ୍ଥିତି, ଜଳ ପ୍ରଦୂଷଣ ଆଦି ବିଷୟକୁ ନେଇ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଛତିଶଗଡ଼ କେଉଁ ସମୟରେ କେତେ ଜଳ ହୀରାକୁଦ ଜଳଭଣ୍ଡାରକୁ ଛାଡୁଛି ସେନେଇ ଆଲୋଚନା କରାଯାଇଥିଲା। ହୀରାକୁଦ ତଳମୁଣ୍ଡରେ ରହିଥିବା ସହରଗୁଡିକରେ ବନ୍ୟା ନିୟନ୍ତ୍ରଣ ପାଇଁ କରାଯାଇଥିବା ବ୍ୟବସ୍ଥା ବିଷୟରେ ମନ୍ତ୍ରୀ ପୂଜାରୀ ଅଧିକାରୀମାନଙ୍କୁ ପଚାରିଥିଲେ। ସହରରେ ବର୍ଷାଜଳକୁ ମହାନଦୀରେ ପକାଇବାକୁ ଲାଗିଥିବା ସ୍ଲୁଇସ ଗେଟ ଓ ପମ୍ପିଙ୍ଗ ସେଣ୍ଟରଗୁଡିକ କିପରି କାର୍ଯ୍ୟକାରୀ ହେଉଛି ତାହା ଉପରେ ଆଲୋଚନା କରାଯାଇଥିଲା। ହୀରାକୁଦ ତଳମୁଣ୍ଡରେ କେଉଁ ସ୍ଥାନରେ ବନ୍ୟା ନିୟନ୍ତ୍ରଣ ପାଇଁ ମରାମତି କିମ୍ବା ପଦକ୍ଷେପ ନେବାର ଆବଶ୍ୟକତା ରହିଛି ତାକୁ ନେଇ ରିପୋର୍ଟ ପ୍ରଦାନ କରିବାକୁ ପୂଜାରୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ହୀରାକୁଦ ବନ୍ଧ ନିର୍ମାଣ ସମୟରେ ଅଧିଗ୍ରହଣ ହୋଇ ପରବର୍ତ୍ତୀ ସମୟରେ ନଦୀବନ୍ଧ ଯୋଜନାରେ ପାଣି ମାଡୁ ନ ଥିବା ଜମିର ସ୍ଥିତିକୁ ନେଇ ମନ୍ତ୍ରୀ ପୂଜାରୀ ଅଧିକାରୀମାନଙ୍କଠାରୁ ତଥ୍ୟ ନେଇଥିଲେ। ଏହାପରେ ଅବ୍ୟବହୃତ ହୋଇ ପଡି ରହିଥିବା ଜମିକୁ ରାଜସ୍ୱ ବିଭାଗକୁ ଫେରାଇ ଦେବା ପାଇଁ ପ୍ରକ୍ରିୟା ଆରମ୍ଭ ହେବ। ଏହାଦ୍ୱାରା ଗରିବ କଲ୍ୟାଣ ଯୋଜନାରେ ତାହା ଗରିବଙ୍କୁ ଘରଡିହ ଆକାରରେ ବଣ୍ଟାଯାଇ ପାରିବ ବୋଲି ମନ୍ତ୍ରୀ କହିଛନ୍ତି। ସେହିପରି ଝାରସୁଗୁଡ଼ା ଓ ବରଗଡ ଜିଲାରେ ୬୩୨ଫୁଟରୁ ୬୩୪ ଫୁଟ ମଧ୍ୟରେ ରହିଥିବା ଚାଷ ଜମି ପଟ୍ଟା ପ୍ରଦାନ ପାଇଁ ପ୍ରକ୍ରିୟା ଚାଲିଥିବା ସେ କହିଛନ୍ତି। ହୀରାକୁଦ ଡ୍ୟାମ୍‌ରୁ ଜଳ ନେଇ ଜଳକର ଦେଉ ନ ଥିବା ଶିଳ୍ପ ସଂସ୍ଥାଗୁଡିକଠାରୁ ଯଥାଶୀଘ୍ର ଆଦାୟ କରିବାକୁ ନୋଟିସ୍ ଜାରି କରିବାକୁ ମନ୍ତ୍ରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଶିଳ୍ପସଂସ୍ଥାଗୁଡିକ ଯେମିତି ନିଜର ବର୍ଜ୍ୟବସ୍ତୁ ଜଳଭଣ୍ଡାରକୁ ନ ଛାଡିବେ ସେଥିପ୍ରତି ଦୃଷ୍ଟି ଦେବାକୁ ଜିଲାପାଳ ଏବଂ ଉପଜିଲାପାଳମାନଙ୍କୁ କୁହାଯାଇଥିଲା। ହୀରାକୁଦ ନଦୀବନ୍ଧରୁ ସ୍ୱଚ୍ଛ ପାଣି ନେଇ ବର୍ଜ୍ୟବସ୍ତୁ ଛାଡୁଥିଲେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ପୁରୁଣା ରୁଲକର୍ଭ ଅନୁସାରେ ହୀରାକୁଦ ବନ୍ଧର ଜଳ ପରିଚାଳନା କରାଯାଉଥିବା ବେଳେ ତାହା କେତେଦୂର ଉପଯୋଗୀ ହୋଇ ରହିଛି ସେ ନେଇ ମନ୍ତ୍ରୀ ଅଧିକାରୀଙ୍କଠାରୁ ତଥ୍ୟ ମାଗିଥିଲେ। ସମୀକ୍ଷା ବୈଠକରେ ସମ୍ବଲପୁର ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ମହାନଗର ନିଗମ କମିଶନର ବେଦଭୂଷଣ, ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି, ହୀରାକୁଦ ବନ୍ଧର ମୁଖ୍ୟ ଯନ୍ତ୍ରୀ ସୁଶୀଲ କୁମାର ବେହେରା, ଅତିରିକ୍ତ ମୁଖ୍ୟଯନ୍ତ୍ରୀ ହେମନ୍ତ ପାଣ୍ଡବ, ଅଧୀକ୍ଷଣ ଯନ୍ତ୍ରୀ ସୁଧୀର କୁମାର ସାହୁ, ଝାରସୁଗୁଡାର ଅତିରିକ୍ତ ଜିଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ ଉପସ୍ଥିତ ଥିଲେ।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଆ, ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପଣ୍ଡିତ ନୀଳକଣ୍ଠ ଦାସଙ୍କ ୧୪୧ତମ ଜୟନ୍ତୀ, ସ୍ଥାନ: ପିଏମ୍‌ଜି ଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା।
- ଉତ୍କଳ ସମ୍ମିଳନୀ ପକ୍ଷରୁ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଜନ୍ମ ଦିବସରେ ମାଲ୍ୟାର୍ପଣ, ସ୍ଥାନ: ରବୀନ୍ଦ୍ର ମଣ୍ଡପ ସମ୍ମୁଖ, ସମୟ: ସକାଳ ୯ଟା।
- ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସହରାଞ୍ଚଳ ବସ୍ତିବାସିନ୍ଦାଙ୍କୁ ଭୂମି ପ୍ରମାଣପତ୍ର ଦାବିରେ ଗଣବିକ୍ଷୋଭ, ସ୍ଥାନ: ମାଷ୍ଟରକ୍ୟାଣ୍ଟିନ, ସମୟ: ପୂର୍ବାହ୍ନ ୧୧ଟା।
- ସଙ୍ଗୀତ ସନ୍ଧ୍ୟା 'କିଶୋର କୁମାର ନାଇଟ୍', ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ଅପରାହ୍ନ ୫ଟା ୩୦।
- ସଂଭାବନା ଓଡ଼ିଆ ସମିତିର 'ଚିତଉ ଉତ୍ସବ', ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ଓଡ଼ିଆ ସରକାରଙ୍କ ଓଡ଼ିଆ, ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ଭୁବନେଶ୍ୱର ଦ୍ୱାରା ଆୟୋଜିତ ମାସିକ ସାଂସ୍କୃତିକ କାର୍ଯ୍ୟକ୍ରମ 'ସଙ୍ଗୀତାୟନ', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

## ପୁରୀ

- ପଣ୍ଡିତ ନୀଳକଣ୍ଠ ଦାସଙ୍କ ରାଜ୍ୟ ସ୍ତରୀୟ ଜୟନ୍ତୀ ସମାରୋହ, ସ୍ଥାନ: ଶ୍ରୀରାମଚନ୍ଦ୍ରପୁର ଶାସନ, ସାକ୍ଷୀଗୋପାଳ, ସମୟ: ଅପରାହ୍ନ ୩ଟା।
- ମତ୍ସ୍ୟଜୀବୀଙ୍କ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା।
- ସମତା ସାହିତ୍ୟ ସମିତି ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ରାଣୀସତୀ ଭବନ, ସମୟ: ଅପରାହ୍ନ ୪ଟା ୩୦।

## କଟକ

- ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ପାର୍ଟିର ପ୍ରତିଷ୍ଠାତା ସାଧାରଣ ସମ୍ପାଦକ କମ୍ରେଡ୍ ଶିବଦାସ ଘୋଷଙ୍କ ସ୍ମରଣ ଦିବସ, ସ୍ଥାନ: କଟକ ସାରଳା ଭବନ, ସମୟ: ମଧ୍ୟାହ୍ନ ୧୨ଟା।

## ଖୋର୍ଦ୍ଧା

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ଖୋର୍ଦ୍ଧା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ବାଲେଶ୍ୱର

- ଆଙ୍କୋ ଶତାବ୍ଦୀ କ୍ଲବ ଆନୁକୂଲ୍ୟରେ ପଦ୍ମକିଶୋର ମହାଦେବ ମନ୍ଦିରରେ ଜଳାଭିଷେକ ଉତ୍ସବ, ସ୍ଥାନ: ମହାଦେବ ମନ୍ଦିର, ଆଙ୍କୋ, ରୂପସା, ସମୟ: ପ୍ରାତଃ ୫ଟା।
- ନୀଳମଣି ମହାବିଦ୍ୟାଳୟର ୪୯ତମ ପ୍ରତିଷ୍ଠା ଦିବସ ସମାରୋହ, ସ୍ଥାନ: ମହାବିଦ୍ୟାଳୟ ସମ୍ମିଳନୀ କକ୍ଷ, ରୂପସା, ସମୟ: ପୂର୍ବାହ୍ନ ୧୧ଟା।
- ୧୪ତମ ଜଉ କଣ୍ଢେଇ ବାହାଘର ଉତ୍ସବ ୨୦୨୪, ପଣ୍ଡିତ ବିରେନ୍ଦ୍ର କୁମାର ପଣ୍ଡାଙ୍କର ଅମୃତବାଣୀ ସହ ଫକୀରମୋହନ ସେନାପତିଙ୍କର ପ୍ରସିଦ୍ଧ ଗଳ୍ପ ପେଟେଣ୍ଟ ମେଡିସିନ୍‌ର ନାଟ୍ୟ ରୂପାନ୍ତର, ସ୍ଥାନ: ଖ୍ରୀଷ୍ଟିୟାନ ହାଇସ୍କୁଲ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ଆଖଣ୍ଡଳମଣିଙ୍କ ପୀଠରେ ଜଳାଭିଷେକ, ସ୍ଥାନ: ଆରଡ଼ି, ଭଦ୍ରକ, ସମୟ: ଭୋର ୪ଟା।
- ସିଦ୍ଧେଶ୍ୱର ପୀଠରେ ଜଳାଭିଷେକ, ସ୍ଥାନ: ଅଣିଜୋ, ଭଦ୍ରକ, ସମୟ: ପ୍ରାତଃ ୫ଟା।
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ତେଜସ୍ୱିନୀ ମହିଳା ସଙ୍ଗଠନ ପକ୍ଷରୁ କାଉଡ଼ିଆଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ, ସ୍ଥାନ: ଆନନ୍ଦବଜାର, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ଆଇନ ସଚେତନତା କର୍ମଶାଳା, ସ୍ଥାନ: ସିନ୍ଦୋଳ ପଞ୍ଚାୟତ କାର୍ଯ୍ୟାଳୟ, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର

- ଶୈବ ମନ୍ଦିର ଜଳଲାଗି ଏବଂ ଭଜନ କୀର୍ତ୍ତନ, ସ୍ଥାନ: ଶାଳନିଆଁ,ପଞ୍ଚୁଗୋଛିଆ, ହାବଳେଶ୍ୱର, ସୋସୋ, ଅକରୁଆ, ବଂଚୋ, ଢେଙ୍କା, ହାଟଡିହୀ, ସମୟ: ସକାଳ ୬ ଟା ଏବଂ ସନ୍ଧ୍ୟା ୬ ଟା।
- ବୈଦ୍ୟନାଥ ମନ୍ଦିରରେ ଭଜନ ସମାରୋହ, ସ୍ଥାନ: ଶଢ଼ା, ହାଟଡ଼ିହୀ, ସମୟ: ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ

- ବାମନଘାଟୀ ଉପଖଣ୍ଡସ୍ତରୀୟ ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ରାଇରଙ୍ଗପୁର ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷ, ରାଇରଙ୍ଗପୁର,ସମୟ: ପୂର୍ବାହ୍ନ ୧୦ଟା।

## ଗଞ୍ଜାମ

- ଖଲ୍ଲିକୋଟ ରାଣୀ ସ୍ୱର୍ଗତ ଭି.ସୁଜ୍ଞାନ କୁମାରୀ ଦେଓଙ୍କ ୮୭ ଜନ୍ମ ଦିନ ଅବସରରେ ମେଗା ରକ୍ତଦାନ ଶିବିର, ସ୍ଥାନ:ଖଲ୍ଲିକୋଟ ମର୍ଦ୍ଦରାଜ କଲ୍ୟାଣ ମଣ୍ଡପ, ଖଲ୍ଲିକୋଟ,ସମୟ: ସକାଳ ୯ଟା।
- ପଞ୍ଚାୟତସ୍ତରୀୟ ଧନ୍ୟବାଦ ଅର୍ପଣ ଓ ଅଭିଯୋଗ ଶୁଣାଣି, ସ୍ଥାନ:ବୁଗୁଡା ବ୍ଲକ ବାଲିପଦର, କଳମ୍ବ, ପୋଚାଲୁଣ୍ଡି, ଏ.କରଡାବାଡି, ସମୟ: ପୂର୍ବାହ୍ନ ୧୦ ଟାରୁ ଆରମ୍ଭ।

## ରାୟଗଡ଼ା

- ଦେବଗିରି ଗୁମ୍ଫାରେ ଥିବା ପଞ୍ଚମୁଖି ସ୍ୱଟିକ ଲିଙ୍ଗ ଶୈବପୀଠରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା, ସ୍ଥାନ: କଲ୍ୟାଣସିଂପୁର, ସମୟ: ସକାଳ ୬ ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ରାୟଗଡା, ସମୟ: ପୂର୍ବାହ୍ନ ୧୦ ଟା ।
- ବ୍ଲକ୍‌ସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ ବୈଠକ ଗୃହ, ମୁନିଗୁଡା, ସମୟ: ପୂର୍ବାହ୍ନ ୧୦ଟା ୩୦।

## ନବରଙ୍ଗପୁର

- ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ନବରଙ୍ଗପୁର ପୌର କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା।
- ବ୍ଲକ୍‌ସ୍ତରୀୟ ଡିଜିଟାଲ କ୍ରପ ସର୍ଭେ ବୈଠକ, ସ୍ଥାନ: ଡାବୁଗାଁ ବ୍ଲକ କୃଷି, ସୂଚନା ଓ ପରାମର୍ଶ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ

- ଜିଲାସ୍ତରୀୟ ହାକାଥନ-୨୦୨୪ କାର୍ଯ୍ୟକ୍ରମ,ସ୍ଥାନ: ଜିଲା ସାଇନ୍ସ ସେଣ୍ଟର ଜୟପୁର,ସମୟ : ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ କୁନ୍ଦୁରା, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: କୋରାପୁଟ ବ୍ଲକର ମାଥାଲପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ଜୟପୁର ବ୍ଲକର ଡଙ୍ଗରଚିଞ୍ଚି ପଞ୍ଚାୟତରେ ଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପଟ୍ଟାଙ୍ଗି ବ୍ଲକର ଦେଓପଟ୍ଟାଙ୍ଗି ପଞ୍ଚାୟତ କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ: ୧୧ଟା।
- ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ଦଶମନ୍ତପୁର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ ଅପରାହ୍ନ: ୪ଟା।
- ଜିଲା କୋ-ଅପରେଟିଭ ଡେଭଲପମେଣ୍ଟ କମିଟି ବୈଠକ, ସ୍ଥାନ: କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ ସମିଳନୀ କକ୍ଷ,ସମୟ: ଅପରାହ୍ନ ୫ଟା।

## ସମ୍ବଲପୁର

- ସମ୍ବଲପୁର ବିକାଶ ହସ୍ପିଟାଲ ଓ ବାଲକିସନ ପଟ୍ଟୱାରୀ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ : ବରେଇପାଲି ସ୍ଥିତ ହସ୍ପିଟାଲ ପରିସର, ସମୟ : ସକାଳ ୮ଟା।
- ରଙ୍ଗ ଓ ତୂଳି ଚିତ୍ରକଳା ପ୍ରଦର୍ଶନୀ, ସ୍ଥାନ : ଲଳିତ କଳା ଏକାଡେମୀ ସ୍ଥିତ ଆଞ୍ଚଳିକ ଆର୍ଟ ଗ୍ୟାଲେରୀ, ସମୟ : ପୂର୍ବାହ୍ନ ୧୧ଟା।
- ଡାକ୍ତର ସନାତନ ସ୍ମାରକୀ ଫୁଟବଲ ମ୍ୟାଚ- ପୋଲିସ କ୍ଲବ ବନାମ କସ୍‌ମସ୍ କ୍ଲବ, ସ୍ଥାନ : ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୧ ଟା ୪୫।
- ଡାକ୍ତର ସନାତନ ସ୍ମାରକୀ ଫୁଟବଲ ମ୍ୟାଚ ଇଷ୍ଟକୋଷ୍ଟ ରେଲୱେ ବନାମ ଭାଗବତ ମନ୍ଦିର ସଂଘ , ସ୍ଥାନ : ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୩ଟା।

## ବଲାଙ୍ଗୀର

- ସନ୍ତରଣ ପ୍ରଶିକ୍ଷଣ ଶିବିର, ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର,ସମୟ: ସକାଳ ୬ଟା ୩୦।
- ସ୍ୱାଧୀନତା ଦିବସ ଉପଲକ୍ଷେ ଚିତ୍ରକଳା ଓ ବ୍ୟଙ୍ଗଚିତ୍ର କଳା ପ୍ରତିଯୋଗିତା, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ, ବଲାଙ୍ଗୀର, ସମୟ: ୧୦ଟା ୩୦।

## ରାଉରକେଲା

- ମଡ଼ର୍ଣ୍ଣ ଇଲେକ୍‌ଟ୍ରୋନିକ୍ସ ଗ୍ୟାଲେରୀ କେନ୍ଦ୍ର ଉଦ୍‌ଘାଟନୀ ସମାରୋହ, ସ୍ଥାନ: ଦାଣ୍ଡିଆପାଲି ରୋଡ, ରାଉରକେଲା, ସମୟ: ପୂର୍ବାହ୍ନ ୧୦ଟା ୩୦।

## ବରଗଡ଼

- ଶ୍ୟାମେଶ୍ୱର ବାବାଙ୍କ ପୂର୍ଣ୍ଣ ଜଳାଭିଷେକ, ସ୍ଥାନ: ଶ୍ୟାମାକାଳୀ ମନ୍ଦିର, ବରଗଡ଼, ସମୟ: ସକାଳ ୭ଟା।
- ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ଗାଇସିଲେଟ୍ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାକକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ନଗର ଯାଦବ ସମାଜର କର୍ମକର୍ତ୍ତା ଚୟନ, ସ୍ଥାନ: ବରପାଲି, ସମୟ: ଅପରାହ୍ନ ୫ଟା।

## କଳାହାଣ୍ଡି

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: କଣ୍ଟାମାଳ ବ୍ଲକ କାର୍ଯ୍ୟାଳୟ, କଣ୍ଟାମାଳ, ସମୟ : ପୂର୍ବାହ୍ନ ୧୦ଟା।
- ଖମନମୁଣ୍ଡା ଗ୍ରାମରେ ସାପ୍ତାହିକ ଭାଗବତ ପାରାୟଣ, ସ୍ଥାନ:ଖମନମୁଣ୍ଡା ଗ୍ରାମ୍ୟ ମଣ୍ଡପ , କଣ୍ଟାମାଳ, ସମୟ: ସନ୍ଧ୍ୟା ୭ଟା।
- ଭାଗବତ ପାରାୟଣ, ସ୍ଥାନ: ଗୁରେମାଳ ଗ୍ରାମ୍ୟମଣ୍ଡପ, କଣ୍ଟାମାଳ, ସମୟ :ସନ୍ଧ୍ୟା ୭ଟା।

## ଦେବଗଡ଼

- ବୋଲବମ ଭକ୍ତଙ୍କ ପାଇଁ ଅନ୍ନ ପ୍ରସାଦ ବଣ୍ଟନ, ସ୍ଥାନ: ପ୍ରଧାନପାଟ ରୋଡ, ଚମ୍ପେକେଶର ମନ୍ଦିର ସମ୍ମୁଖ, ସମୟ: ସକାଳ ୬ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଦେବଗଡ, ସମୟ: ପୂର୍ବାହ୍ନ ୧୦ଟା।
- କୌଶଳ ରଥ ଗତିବିଧି ଉପରେ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ ହଲ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା

## ସୁବର୍ଣ୍ଣପୁର

- ତରଭା ଶ୍ରୀ ନୀଳକଣ୍ଠେଶ୍ୱର ମନ୍ଦିରରେ ଜଳାଭିଷେକ ଓ ସାମୂହିକ ପଞ୍ଚାକ୍ଷରୀ ମନ୍ତ୍ର ପାଠ, ସ୍ଥାନ:ନୀଳକଣ୍ଠେଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୬ଟା।
- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ସୁବର୍ଣ୍ଣପୁର ଜିଲା ପରିଷଦ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରାବଣ ତୃତୀୟ ସୋମବାର ଶୈବ ପୀଠରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା, ସ୍ଥାନ: ଧବଳେଶର ଶିବ ମନ୍ଦିର କେଶଲଗା,ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଡୁଙ୍ଗୁରିପାଲି ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।
- ଡୁଙ୍ଗୁରିପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା, ସ୍ଥାନ: ଶିଶୁ ବିଦ୍ୟାମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା

- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ ଟା ଓ ସନ୍ଧ୍ୟା ୭ ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ସଦ୍‌ଭାବନା ସଭାଗୃହ, ନୂଆପଡା, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରାବଣ ସୋମବାର ମହାପ୍ରସାଦ ଅନ୍ନଛତ୍ର, ସ୍ଥାନ: ନୂଆପଡ଼ା ସଦର ବ୍ଲକ ପତୋରାସ୍ଥିତ ଯୋଗେଶ୍ୱର ମନ୍ଦିର, ସମୟ: ମଧ୍ୟାହ୍ନ ୧ଟା।

## ଝାରସୁଗୁଡ଼ା

- ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା ସହ ଆଳତି, ସ୍ଥାନ: ସହରସ୍ଥିତ ଝାଡେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ପ୍ରାତଃ ୪ଟା।
- ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ କାଉଡ଼ିଆଙ୍କ ଜଳାଭିଷେକ, ସ୍ଥାନ: ସହରସ୍ଥିତ ବାଗଡିହି ଗ୍ରାମ ମହାକାଳ ମନ୍ଦିର, ସମୟ: ପ୍ରାତଃ ୪ଟା।
- କାଉଡ଼ିଆଙ୍କ ଜଳାଭିଷେକ, ସ୍ଥାନ: ସହରସ୍ଥିତ ଝାଡେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ପ୍ରାତଃ ୪ଟା ୩୦।
- ୪୩ତମ ପ୍ରତିଷ୍ଠା ଦିବସ ପାଳିତ, ସ୍ଥାନ: ସହରସ୍ଥିତ ମହିଳା ମହାବିଦ୍ୟାଳୟ ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ହିନ୍ଦୋଳ ବ୍ଲକ କାର୍ଯ୍ୟାଳୟ ପରିସର, ସମୟ:ପୂର୍ବାହ୍ନ ୧୦ଟା।

## ଅନୁଗୋଳ

- କାଉଡ଼ିଆଙ୍କ ଜଳଲାଗି କାର୍ଯ୍ୟକ୍ରମ, ସ୍ଥାନ: ଆଠମଲ୍ଲିକସ୍ଥିତ ଦେଉଳଝରି ଶୈବପୀଠ, ସମୟ: ପ୍ରାତଃ ୪ଟା।
- ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଆଠମଲ୍ଲିକ ବ୍ଲକ କାର୍ଯ୍ୟାଳୟ ନିକଟସ୍ଥ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର

- ପାରାଦୀପ କଲେଜର ପୂର୍ବତନ ଛାତ୍ର ସଂସଦ ପକ୍ଷରୁ ବୈଠକ, ସ୍ଥାନ: କଲେଜ ପରିସର, ନୂଆବଜାର, ପାରାଦୀପ ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା

- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ଟାଉନ ହଲ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।
- ବନ ମହୋତ୍ସବ, ସ୍ଥାନ: ବସଷ୍ଟାଣ୍ଡ ପରିସର, ମାର୍ଶାଘାଇ, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ଜିଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଯାଜପୁର ଜିଲା ପରିଷଦ ସମ୍ମିଳନୀ ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ସ୍ତନ୍ୟପାନ ସପ୍ତାହ ଅବସରରେ ସଚେତନତା ଶିବିର ଓ ପଦଯାତ୍ରା, ସ୍ଥାନ: ରସୁଲପୁର ବ୍ଲକର ଭୋଟକା ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ବଂଶୀଧର ଇଣ୍ଟରନ୍ୟାଶନାଲ ଫାଉଣ୍ଡେଶନ ପକ୍ଷରୁ ଚାରା ରୋପଣ ଓ ଚାରା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ:ଗମ୍ଭାଡି, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ:ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ:ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଚନ୍ଦ୍ର ପୁଷ୍ୟା ନକ୍ଷତ୍ରସ୍ଥ ହେତୁ ଆଜି ପରିବାରରେ ଏବଂ କର୍ମକ୍ଷେତ୍ରରେ ଅଟକି ରହିଥିବା କାର୍ଯ୍ୟ ତ୍ୱରାନ୍ୱିତ ହେବ। ବାଣିଜ୍ୟ, ପରିବହନ, ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଜିନିଷ କିଣା ବିକା ପାଇଁ ଦିନଟି ଭଲ। ପଡ଼ୋଶୀ, ସହକର୍ମୀ, ଭାଇଭଉଣୀଙ୍କ ସହ ସୁସମ୍ପର୍କ ଅକ୍ଷୁଣ୍ଣ ରହିବ। ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି।

**ବୃଷ** କର୍ମଭାବସ୍ଥ ବକ୍ରୀ ଶନିଙ୍କ ପ୍ରଭାବରୁ ଅଫିସ୍‌କୁ ଯିବା ବାଟରେ ଅଜଣା ବ୍ୟକ୍ତି ଦ୍ୱାରା ଅସମ୍ମାନିତ ହୋଇ ପାରନ୍ତି। ଆଲୋଚନା ପରିସରରେ କୌଣସି ନୂଆ କାମର ପ୍ରସ୍ତାବକୁ ଅନ୍ୟମାନେ ସମର୍ଥନ ଜଣାଇବେ। ସାମ୍ବାଦିକତା ଓ ରାଜନୀତି ପାଇଁ ଦିନଟି ଭଲ। ଆର୍ଥିକ ସ୍ଥିତି ପୂର୍ବପରି ରହିବା ସାଙ୍ଗକୁ ବନ୍ଧୁ ମିଳନଜନିତ ଆମୋଦିତ ହେବେ।

**ମିଥୁନ** ରାହୁ ଦୃଷ୍ଟ ଚନ୍ଦ୍ରଜନିତ ପରିବାରରେ ବ୍ୟତିକ୍ରମ ଲାଗି ରହିବାରୁ ସବୁକିଛି ବିଗିଡି ଯିବ। ଖୋଜୁଥିବା ଜିନିଷ ଏବଂ ବନ୍ଧୁଙ୍କ ଫେରିବା ବାଟକୁ ଚାହିଁ ଚାହିଁ ନିରାଶ ହେବେ। ସହକର୍ମୀଙ୍କ ସହୃଦୟତାରୁ କାମରେ ସଫଳତା ପାଇବେ। ବ୍ୟବସାୟ କିମ୍ବା ପରିବହନରେ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବା କାରଣକୁ ନେଇ ଅଶାନ୍ତି ଲାଗିରହିବ।

**କର୍କଟ** ନିଜ ରାଶିରେ ଚନ୍ଦ୍ର ରହିଥିବାରୁ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିବ। କିନ୍ତୁ ଅଷ୍ଟମାଧିପତିଙ୍କ ସଂଯୋଗ ହେତୁ ଅଶ୍ଳେଷା ନକ୍ଷତ୍ର ସମସ୍ୟାଗ୍ରସ୍ତ ହୋଇପାରନ୍ତି। ଅର୍ଥର ଅଭାବ ନ ଥିଲେ ମଧ୍ୟ ହାତ ଖୋଲା କରି ଖର୍ଚ୍ଚ କରିପାରିବେ ନାହିଁ। କର୍ମକ୍ଷେତ୍ରରେ କୌଣସି ସହକର୍ମୀଙ୍କ ସହ ମତାନ୍ତର ଘଟିପାରେ।

**ସିଂହ** ବୁଧ ସହ ଶୁକ୍ର ସଂଯୋଗ ହେତୁ ନିରପେକ୍ଷତା ଅବଲମ୍ବନ ନ କଲେ ସମାଲୋଚିତ ହେବେ। ଦ୍ୱାଦଶସ୍ଥ ରବିଙ୍କ ଯୋଗୁ ଦେହ ଭଲ ରହିବ ମାତ୍ର ଦୁର୍ବଳତାଜନିତ କ୍ଳାନ୍ତିବୋଧ କରିବେ। ଅଧିକାଂଶ ସମୟ ବନ୍ଧୁ କିମ୍ବା ପଡ଼ୋଶୀଙ୍କ ସହ ମିଷ୍ଟାଳାପରେ ମାତିରହିପାରନ୍ତି। ପରିବାରରେ ପରସ୍ପରକୁ ଦୋଷ ଦେଇ ଅଶାନ୍ତ ପରିସ୍ଥିତି ସୃଷ୍ଟି କରିପାରନ୍ତି।

**କନ୍ୟା** ଅଷ୍ଟମାଧିପତି ଯୁକ୍ତ ବୃହସ୍ପତି ହେତୁ ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟାର ସାମ୍ନା କରିବା ପରିସ୍ଥିତି ସୃଷ୍ଟି ହୋଇପାରେ। ପ୍ରତିରୋଧ ଲାଗି କେତେକ କାମ ଅଟକିଯିବାରୁ ଟେନସନ୍ ଲାଗିରହିବ। ଆଜିର ପ୍ରତ୍ୟୁଷ ଯାତ୍ରା, ବାଣିଜ୍ୟ ଓ ବନ୍ଧୁଙ୍କ ସହ ଆଲୋଚନା ପାଇଁ ଦିନଟି ଭଲ। ଚିତ୍ରା ନକ୍ଷତ୍ର ଅର୍ଥ ସଙ୍କଟ ଯୋଗୁ କାମ ପୂର୍ଣ୍ଣାଙ୍ଗ ହେବ ନାହିଁ।

**ତୁଳା** ସ୍ୱଗୃହୀ ଶନିଙ୍କ ଯୋଗୁ ସମସ୍ୟା ଆସିଲେ ମଧ୍ୟ ଦୃଢ଼ ମନୋବଳ ନେଇ କାମ କରି ସଫଳତା ହାସଲ କରିବେ। ସମସ୍ତଙ୍କ ମନଧରି ଚଳିଲେ ମଧ୍ୟ ପରିବାରରେ ପ୍ରଶଂସା ସୂଚକ ପଦୁଟିଏ ଶୁଣିବାକୁ ମିଳିବ ନାହିଁ। ବ୍ୟବସାୟରେ ଲାଭ କମ୍ ମିଳିଲେ ମଧ୍ୟ ଆଗାମୀ କ୍ଷେତ୍ର ପ୍ରସ୍ତୁତ ହୋଇରହିବ। ଦୂରସ୍ଥାନକୁ ଯିବା ପାଇଁ ବାଧ୍ୟ ହୋଇପାରନ୍ତି।

**ବିଛା** ପ୍ରତ୍ୟେକ କାର୍ଯ୍ୟ ସମ୍ପନ୍ନ ହେବ, କିନ୍ତୁ ଏଥିପାଇଁ ତକଲିଫି ଭୋଗିବାକୁ ପଡ଼ିବ। ଭାଗ୍ୟସ୍ଥାନରେ କର୍ମାଧିପ ଥିବାରୁ କର୍ମକ୍ଷେତ୍ରରେ ଉଚ୍ଚ ପଦାଧିକାରୀ ସହଯୋଗର ପ୍ରତିଶ୍ରୁତି ଦେବେ। ପ୍ରଶାସନ, ରାଜନୀତି, କଳା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ଶୁଭଫଳ ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଲାଗିରହିଥିଲେ ମଧ୍ୟ ବିଶେଷ ଖରାପ ହେବନାହିଁ।

**ଧନୁ** ଚତୁର୍ଥ କେନ୍ଦ୍ରରେ ରାହୁ ପାରିବାରିକ ଜୀବନରେ ବିଭିନ୍ନ ଅଶାନ୍ତିକର ପରିସ୍ଥିତି ସୃଷ୍ଟି କରିବ। ଅବଶ୍ୟ ଉତ୍ତରାଷାଢ଼ା ପରିବାରରେ ମନ ଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ଆନୁଷ୍ଠାନିକ କାର୍ଯ୍ୟ ସମ୍ପନ୍ନ କରିବା ପାଇଁ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। କେତେକ କ୍ଷେତ୍ରରେ ଅପ୍ରିୟ ସତକଥା କହି ବିରୋଧୀ ହେବାକୁ ପଡ଼ିପାରେ।

**ମକର** ମୁଖଭାବରେ ଶନି ଆପଣଙ୍କୁ ପରିସ୍ଥିତି ଅନୁସାରେ ଚଳିବାକୁ ବାଧ୍ୟ କରାଇପାରେ। ମନରେ ବିଭିନ୍ନ ଅଶାନ୍ତି ଓ ଦ୍ୱନ୍ଦ୍ୱ ରହିଥିଲେ ମଧ୍ୟ ମୁହଁଖୋଲି କିଛି କହିପାରିବେନାହିଁ। ବନ୍ଧୁ ପରିଜନ ତଥା ଆତ୍ମୀୟମାନଙ୍କ ସହ ଦୂରଯାତ୍ରା କରିବାକୁ ମନସ୍ଥ କରିପାରନ୍ତି। ବ୍ୟବସାୟ ଓ ବାଣିଜ୍ୟ ପାଇଁ ପ୍ରତିବନ୍ଧକର ସାମ୍ନା କରିବାକୁ ପଡ଼ିବ।

**କୁମ୍ଭ** ରାହୁଙ୍କ ପ୍ରଭାବରେ କୌଣସି କାମ ସହଜରେ ନ ହେବା କାରଣରୁ ମନ ବିଷାଦଗ୍ରସ୍ତ ରହିବ। ଫେରିବା ରାସ୍ତାରେ ଅପରିଚିତ ବ୍ୟକ୍ତି ଜଣକ ସକାଶେ ବ୍ୟସ୍ତତା ବୃଦ୍ଧି ପାଇପାରେ। କଳା, ସାହିତ୍ୟ, ଏଜେନ୍ସି ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ। ଶାରୀରିକ ଅସୁସ୍ଥତା ହେତୁ କେତେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଅଟକି ରହିଯିବ।

**ମୀନ** ରାହୁ ଗୁରୁକ୍ଷେତ୍ରସ୍ଥ ହେତୁ କର୍ମକ୍ଷେତ୍ରରେ ମିଥ୍ୟାଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହେବେ। ଦୀର୍ଘଦିନ ଧରି ଚାଲିଥିବା ମାଲିମକଦ୍ଦମାରେ ସୁବିଚାର ଆଶା କରିବେ। ସାମାଜିକ ସ୍ତରରେ ବୁଝାମଣା ଓ ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ବିବାଦୀୟ ଘଟଣା କିମ୍ବା ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ।

ଆଜି ଅଗଷ୍ଟ ୫ ତାରିଖ, ଶ୍ରାବଣ ଶୁକ୍ଳ ପ୍ରତିପଦା ସୋମବାର, ପଣ୍ଡିତ ନୀଳକଣ୍ଠ ଦାସଙ୍କ ଜୟନ୍ତୀ, ରାଶିନକ୍ଷତ୍ର- ଅଶ୍ଳେଷା/କର୍କଟ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୨୭ ଗତେ, ଘ.୦୭।୦୩ ମଧ୍ୟେ, ଘ.୧୦।୩୫ ଗତେ, ଘ.୦୧।୦୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୭।୦୩ ଗତେ, ଘ.୦୮।୪୦ ମଧ୍ୟେ ରାହୁକାଳ।

# ପ୍ରଥମ ପୃଷ୍ଠାରୁ...

## ବାଂଲାଦେଶରେ ସଂଘର୍ଷ...

ଭଙ୍ଗାରୁଜା ଓ ହିଂସାକାଣ୍ଡରେ ସାମିଲ ହୋଇଥିବା ଲୋକମାନେ ଛାତ୍ର ନୁହନ୍ତି ବରଂ ଆତଙ୍କବାଦୀ ବୋଲି ପ୍ରଧାନମନ୍ତ୍ରୀ ହାସିନା କହିଛନ୍ତି। ଜନସାଧାରଣ ଦୃଢ଼ ହସ୍ତରେ ସେମାନଙ୍କୁ ଦମନ କରିବା ନିମନ୍ତେ ସେ ଆହ୍ୱାନ ଦେଇଛନ୍ତି। ଇତିମଧ୍ୟରେ ହାସିନା ଗଣଭବନଠାରେ ସୁରକ୍ଷା ବ୍ୟାପାର ସମ୍ପର୍କିତ ଜାତୀୟ କମିଟିର ବୈଠକ ଡାକିଥିଲେ। ଉକ୍ତ ବୈଠକରେ ୩ ସେନାର ମୁଖ୍ୟଙ୍କ ସମେତ ପୋଲିସ, ଆର୍‌ଏବି, ବିଜିବିର ମୁଖ୍ୟ ଓ ଅନ୍ୟ ସୁରକ୍ଷା ଅଧିକାରୀମାନେ ଯୋଗଦେଇଥିଲେ। ହିଂସାକୁ ଦୃଷ୍ଟିରେ ରଖି ରାଜଧାନୀ ଢାକାର ସମସ୍ତ ଦୋକାନ ବଜାର ବନ୍ଦ ରଖାଯାଇଛି। ଢାକାର ଶାହବାଗଠାରେ ଶହ ଶହ ଛାତ୍ରୀଛାତ୍ର ଓ ପେସାଦାରମାନେ ଏକତ୍ରିତ ହେବା ସହ ସବୁ ପାର୍ଶ୍ୱକୁ ଯାତାୟାତ ଅବରୋଧ କରିଛନ୍ତି।

ସୂଚନାଯୋଗ୍ୟ, ସରକାରୀ ନିଯୁକ୍ତିରେ ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟାଦମାନଙ୍କୁ ସଂରକ୍ଷଣ ଦେବା ନିମନ୍ତେ ହାସିନା ସରକାର ନିଷ୍ପତ୍ତି ନେଇଥିଲେ। ଏହି କୋଟା ବ୍ୟବସ୍ଥାର ଉଚ୍ଛେଦ ଦାବିକରି ଛାତ୍ରୀଛାତ୍ର ମାସେ ହେଲା ଆନ୍ଦୋଳନ ଚଳାଇଛନ୍ତି। ଗତ ମାସରେ ଢାକା ସମେତ ବିଭିନ୍ନ ସ୍ଥାନରେ ବିକ୍ଷୋଭ ବେଳେ ହିଂସାକାଣ୍ଡ ଘଟି ଅନ୍ୟୂନ ୨୦୦ ଜଣ ପ୍ରାଣ ହରାଇଥିଲେ। ଏହି ମୃତ୍ୟୁ ପାଇଁ ବିକ୍ଷୋଭକାରୀମାନେ ହାସିନାଙ୍କୁ ଦାୟୀ କରି ତାଙ୍କ ଇସ୍ତଫା ଦାବିରେ ଅଡ଼ିବସିଛନ୍ତି। ହିଂସା ବଢୁଥିବାବେଳେ ଏହାର ସମାଧାନ ପାଇଁ ପ୍ରଧାନମନ୍ତ୍ରୀ ଛାତ୍ର ସଂଗଠନକୁ ଆଲୋଚନାକୁ ଡାକିଥିଲେ ବୋଲି କୁହାଯାଉଥିବାବେଳେ ବିକ୍ଷୋଭକାରୀ ଏହାକୁ ଖଣ୍ଡନ କରିଛନ୍ତି। ଆନ୍ଦୋଳନରେ ସ୍କୁଲ୍, କଲେଜ, ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସମେତ ଶ୍ରମଜୀବୀ, ପେସାଦାର, ରାଜନୈତିକ କର୍ମୀ ଓ ଅନ୍ୟମାନେ ସାମିଲ ହେବାକୁ ଷ୍ଟୁଡେଣ୍ଟସ୍ ଏଗେନେଷ୍ଟ ଡିସ୍‌କ୍ରିମିନେଶନ ପକ୍ଷରୁ ଆହ୍ୱାନ ଦିଆଯାଇଛି। ସୋମବାର ସେମାନେ ବିକ୍ଷୋଭ ସମେତ ଧାରଣାରେ ବସିବେ ବୋଲି କହିଛନ୍ତି।

### ଭାରତୀୟଙ୍କୁ ସତର୍କ ରହିବାକୁ ପରାମର୍ଶ

ନୂଆଦିଲ୍ଲୀ,୪।୮ : ବାଂଲାଦେଶରେ ରବିବାର ହିଂସାକାଣ୍ଡ ଘଟି ୯୧ ଜଣଙ୍କ ମୃତ୍ୟୁ ଘଟିଥିବାରୁ ସେଠାରେ ଥିବା ଭାରତୀୟମାନେ ସତର୍କ ରହିବାକୁ ନୂଆଦିଲ୍ଲୀ ପକ୍ଷରୁ ପରାମର୍ଶ ଦିଆଯାଇଛି। ସିଲ୍‌ହେଟ୍‌ସ୍ଥିତ ଭାରତୀୟ ଅତିରିକ୍ତ ଉଚ୍ଚାୟୁକ୍ତଙ୍କ ଅଧୀନରେ ଆସୁଥିବା ଅଞ୍ଚଳରେ ରହୁଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ ନିୟମିତ ଯୋଗାଯୋଗରେ ରହିବା ପାଇଁ କୁହାଯାଇଛି। ଜରୁରୀ ଆବଶ୍ୟକ ପଡ଼ିଲେ +୮୮-୦୧୩୧୩୦୭୬୪୦୨ ନମ୍ବରରେ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି।

## ଶୁଟ୍‌ଆଉଟରେ ଜିତି ...

ଉପରେ ଆକ୍ରମଣ କରିଥିଲେ ଭାରତୀୟ ଖେଳାଳି। ୨୨ତମ ମିନିଟରେ ଏହାର ସୁଫଳ ମିଳିଥିଲା। ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ଭାରତକୁ ଅଗ୍ରଣୀ କରାଇଥିଲେ ଅଧିନାୟକ ହରମନପ୍ରୀତ ସିଂ। ମାତ୍ର ଏହାର ୫ ମିନିଟ ପରେ ବ୍ରିଟେନର ମୋର୍ଟନ ଲୀ ଏକ ଫିଲ୍ଡ ଗୋଲ କରିବାରୁ ମ୍ୟାଚ ୧-୧ ସ୍ଥିତିକୁ ଚାଲି ଆସିଥିଲା। ଭାରତୀୟ ଦଳର ମୁଖ୍ୟ ଡିଫେଣ୍ଡର ତଥା ପ୍ରଥମ ରଶର ଅମିତ ମାର୍ଚ୍ଚିଂ ଅର୍ଡର ପାଇଥିବାରୁ ବ୍ରିଟେନ ଦଳ ଏହାର ଫାଇଦା ନେବାକୁ ଚେଷ୍ଟା କରିଥିଲା। ଆକ୍ରମଣକୁ ଜୋରଦାର ମଧ୍ୟ କରିଥିଲା। ମାତ୍ର ତାଙ୍କ ଆଗରେ ପାହାଡ଼ ସଦୃଶ ଛିଡ଼ା ହୋଇଥିଲେ ନିର୍ଭରଯୋଗ୍ୟ ଗୋଲକିପର ଶ୍ରୀଜେଶ। ଫଳରେ ଗୋଲ ହୋଇପାରି ନ ଥିଲା। ନିଜର ଶେଷ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ଖେଳୁଥିବା ଗୋଲକିପର ଶ୍ରୀଜେଶ ଏହି ମ୍ୟାଚକୁ କ୍ୟାରିୟରର ଶେଷ ଗେମ୍ କରିବାକୁ ଦେଇ ନ ଥିଲେ। ନିର୍ଦ୍ଧାରିତ ସମୟ ହେଉ କିମ୍ବା ଶୁଟ୍‌ଆଉଟ ପର୍ଯ୍ୟାୟ ସବୁଥିରେ ସେ ନିଜ ଦକ୍ଷତା ଓ ଅଭିଜ୍ଞତା ଦେଖାଇଥିଲେ। ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ଫଳରେ ଭାରତ ଶେଷରେ ବିଜୟ ମୁକୁଟ ପିନ୍ଧି ଆଗକୁ ବଢ଼ିଥିଲା।

ଶୁଟ୍‌ଆଉଟ ପର୍ଯ୍ୟାୟରେ ଭାରତ ପକ୍ଷରୁ ହରମନପ୍ରୀତ, ସୁଖଜିତ ସିଂ, ଲଳିତ କୁମାର ଉପାଧ୍ୟାୟ ଓ ରାଜ କୁମାର ପାଲ୍ ଗୋଲ ଦେଇଥିଲେ। ବ୍ରିଟେନ ପକ୍ଷରୁ ଜେମ୍ସ ଆଲ୍‌ବେରି ଓ ଜ୍ୟାକ ୱାଲାସ ଗୋଲ ଦେଇଥିବାବେଳେ ୱିଲିୟମସନ କନର ଓ ରୋପର ଫିଲିପ ମିସ୍ କରିଥିଲେ। "ଜଣେ ଖେଳାଳି ଶର୍ଟ ହୋଇଥିଲେ ମଧ୍ୟ ଆମେ ଚିନ୍ତିତ ନ ଥିଲୁ। କାରଣ ଏପରି ପରିସ୍ଥିତିକୁ ସାମ୍ନା କରିବା ପାଇଁ ଆମେ ଟ୍ରେନିଂ ବେଳେ ଅଭ୍ୟାସ କରିଥିଲୁ। ଅମିତଙ୍କ ଅନୁପସ୍ଥିତିରେ ମୁଁ ଡିଫେଣ୍ଡର ଭୂମିକା ତୁଲାଇଥିଲି। ଏହା ଏକ ବଡ଼ ବିଜୟ" ବୋଲି ମ୍ୟାଚ ପରେ ପ୍ରକାଶ କରିଛନ୍ତି ପୂର୍ବତନ ଅଧିନାୟକ ମନ୍‌ପ୍ରୀତ ସିଂ। ଶ୍ରୀଜେଶ ସବୁବେଳେ ଏପରି କରିଥାନ୍ତି। ଆମକୁ ରକ୍ଷା କରି ମ୍ୟାଚ ବିଜୟୀ ସ୍ୱାଦ ଚଖାଇଥାନ୍ତି ବୋଲି ସେ କହିଛନ୍ତି।

## ୨ ଦିନରେ ...

ଗଞ୍ଜାମ, କନ୍ଧମାଳ, ରାୟଗଡ଼ା ଓ ଗଜପତି ଜିଲାରେ ବ୍ରଜପାତ ସହ ଘଡ଼ଘଡ଼ି ମାରିବାର ସମ୍ଭାବନା ରହିଛି। ସେଥିପାଇଁ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୭ ତାରିଖରେ ଦେବଗଡ଼, ସମ୍ବଲପୁର, ଅନୁଗୋଳ, ବୌଦ୍ଧ, ଢେଙ୍କାନାଳ ଓ କଟକ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା (୧୨ରୁ ୨୦ ସେଣ୍ଟିମିଟର ପର୍ଯ୍ୟନ୍ତ) ହୋଇପାରେ। ସେହିପରି ମୟୂରଭଞ୍ଜ, କେନ୍ଦୁଝର, ଯାଜପୁର, ଖୋର୍ଦ୍ଧା, ନୟାଗଡ଼, କନ୍ଧମାଳ, କଳାହାଣ୍ଡି, ବଲାଙ୍ଗୀର, ସୋନପୁର, ବରଗଡ଼, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲାରେ ପ୍ରବଳ ବର୍ଷା (୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ) ହେବାର ସମ୍ଭାବନା ରହିଛି। ଏନେଇ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୮ ତାରିଖରେ କେନ୍ଦୁଝର, ଢେଙ୍କାନାଳ, ଅନୁଗୋଳ, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ବଲାଙ୍ଗୀର ଓ ନୂଆପଡ଼ା ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବାରୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

## ବ୍ରହ୍ମପୁର ପୋଲିସ ଟିମ୍ ...

ନିଆଯାଇଥିବାରୁ ସଫଳତା ମିଳିଥିଲା। ଅନେକ ଲୋକଙ୍କୁ ସନ୍ଧାନୀ କୁକୁର ଦ୍ୱାରା ଠାବ କରାଯାଇ ପାରିଥିଲା। ଷ୍ଟର୍ମର ଦକ୍ଷତା ଥିବାରୁ ଉଦ୍ଧାର କାର୍ଯ୍ୟରେ ସହାୟତା ପାଇଁ ନିଆଯାଇଥିବା ବ୍ରହ୍ମପୁର ଏସ୍‌ପି ଦାୟିତ୍ୱରେ ଥିବା ଡିଆଇଜି ଡ. ସାର୍ଥକ ଷଡଙ୍ଗୀ କହିଛନ୍ତି। ଅନ୍ୟପକ୍ଷରେ ଷ୍ଟର୍ମ ଓଡ଼ିଶାରେ ପ୍ରଥମ ସନ୍ଧାନୀ କୁକୁର ଯେ କି ପ୍ରାୟ ୫ ବର୍ଷ ହେଲା ବ୍ରହ୍ମପୁର ପୋଲିସ ଜିଲାରେ ରହିଛି। ସେ ବିଶେଷକରି ସର୍ଚ୍ଚ ଆଣ୍ଡ ରେସକ୍ୟୁ କାମରେ ନିୟୋଜିତ ହୋଇଥାଏ। ୨ବର୍ଷ ତଳେ ଗଜପତି ଜିଲାରେ ପାହାଡ଼ ଧସିଥିବା ବେଳେ ମାଟି ତଳେ କାଳେ ଲୋକେ ରହିଯାଇଥିବେ ସନ୍ଧାନ କରିବାକୁ ଷ୍ଟ୍ରର୍ମ ଯାଇଥିଲା ବୋଲି ମାଷ୍ଟର ଟ୍ରେନର ପ୍ରହଲ୍ଲାଦ ନାୟକ କହିଛନ୍ତି।

## କାନ୍ଥ ଭୁଶୁଡ଼ି ୯ ...

ପଞ୍ଚାୟତର ମୁଖ୍ୟ ମ୍ୟୁନିସିପାଲ ଅଫିସର ଏବଂ ଜଣେ ଇଞ୍ଜିନିୟରଙ୍କୁ ମୁଖ୍ୟମନ୍ତ୍ରୀ ନିଲମ୍ବନ କରିଛନ୍ତି। ରାଜ୍ୟରେ ଥିବା ଜୀର୍ଣ୍ଣଶୀର୍ଣ୍ଣ ଘରଗୁଡ଼ିକୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

ସ୍ଥାନୀୟ ଭାଜପା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଗୋପାଳ ଭାର୍ଗବଙ୍କ କହିବା ଅନୁଯାୟୀ, ଉକ୍ତ ପୁରୁଣା କୋଠା ନିକଟରେ ଏକ ଟେଣ୍ଟ ତଳେ ପାର୍ଥିବ ଶିବଲିଙ୍ଗ ନିର୍ମାଣ କାର୍ଯ୍ୟକ୍ରମ ଚାଲିଥିଲା। ସେଠାରେ ପିଲାମାନେ ବସିଥିବାବେଳେ କାନ୍ଥ ଭୁଶୁଡ଼ି ଉକ୍ତ ଟେଣ୍ଟ ଉପରେ ପଡ଼ିଥିଲା। ପୋଲିସ ସ୍ଥାନୀୟ ଲୋକଙ୍କ ସହାୟତାରେ ଭଗ୍ନାବଶେଷ ତଳୁ ୨ ପିଲାଙ୍କ ମୃତଦେହ ବାହାର କରିବା ସହ କେତେଜଣଙ୍କୁ ଆହତ ଅବସ୍ଥାରେ ଉଦ୍ଧାର କରିଥିଲା। ସେମାନଙ୍କ ମଧ୍ୟରୁ ୭ ଜଣଙ୍କର ହସ୍ପିଟାଲ ଯିବା ରାସ୍ତାରେ ମୃତ୍ୟୁ ଘଟିଥିଲା। ମଧ୍ୟପ୍ରଦେଶରେ କାନ୍ଥ ଭୁଶୁଡ଼ି ପିଲାମାନଙ୍କ ମୃତ୍ୟୁ ହେବା ୨ ଦିନରେ ଏହା ଦ୍ୱିତୀୟ ଘଟଣା। ଶନିବାର ରେୱାରେ କାନ୍ଥ ଭୁଶୁଡ଼ି ୪ ଜଣ ପିଲାଙ୍କ ଜୀବନ ଯାଇଥିଲା ବୋଲି କଂଗ୍ରେସ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ କମଲ ନାଥ କହିଛନ୍ତି। ପ୍ରବଳ ବର୍ଷା ଲାଗି ରହିଥିବାରୁ ପ୍ରଶାସନ ଦୁର୍ବଳ ବିଲ୍ଡିଂଗୁଡ଼ିକୁ ଚିହ୍ନଟ କରି ଆବଶ୍ୟକ ସତର୍କତା ବ୍ୟବସ୍ଥା ଗ୍ରହଣ କରିବାର ଥିଲା ବୋଲି ନାଥ କହିଛନ୍ତି।



ମଧ୍ୟପ୍ରଦେଶର ସାଗର ଜିଲାରେ ରବିବାର ସକାଳେ ଏକ ବିଲ୍ଡିଂର କାନ୍ଥ ଭୁଶୁଡ଼ି ପଡ଼ିଛି।






ବିଶିଷ୍ଟ ସାହିତ୍ୟ ସାଧିକା, ଓଡ଼ିଶାର ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଅଷ୍ଟାଦଶ ଶ୍ରାଦ୍ଧ ବାର୍ଷିକୀରେ ରବିବାର ଭୁବନେଶ୍ୱର ରାଜଭବନ ନିକଟରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ, ଉତ୍କଳ ସମ୍ମିଳନୀ, ଜୟ ଓଡ଼ିଶା ସମେତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଏବଂ 'ଧରିତ୍ରୀ' ପରିବାରର ସଦସ୍ୟମାନେ।

# ସାରସ୍ୱତ ସୃଷ୍ଟିରେ ନନ୍ଦିନୀ ଶତପଥୀଙ୍କ ଭୂମିକା ଅତୁଳନୀୟ

## ଫୁଲମାଳ ବଦଳରେ ବସ୍ତ୍ର ଅର୍ପଣ କରାଯିବ

ଭୁବନେଶ୍ୱର, ୪।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଶାରେ ମହିଳା ସଶକ୍ତୀକରଣ ପାଇଁ ପ୍ରଥମ ଓ ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ଦୃଢ଼ ପଦକ୍ଷେପ ନେଇଥିଲେ। ମା'ମାନେ ଯେତେବେଳେ ହାଣ୍ଡିଶାଳରୁ ବାହାରୁ ନ ଥିଲେ, ସେତେବେଳେ ନନ୍ଦିନୀ ରେଭେନ୍‌ଶା ବିଶ୍ୱବିଦ୍ୟାଳୟରୁ ଆନ୍ଦୋଳନ ଆରମ୍ଭ କରିଥିଲେ। ତାଙ୍କ ପରିଚୟ ଦେବାବେଳେ ଅନେକେ ତାଙ୍କୁ ରାଜନୀତି ମଧ୍ୟରେ ସୀମିତ ରଖନ୍ତି। ମାତ୍ର ସାରସ୍ୱତ ସୃଷ୍ଟି କ୍ଷେତ୍ରରେ ତାଙ୍କର ଭୂମିକା ଅତୁଳନୀୟ ଥିଲା। ଜଣେ ଲେଖିକା ଭାବେ ସମାଜର ସ୍ୱରକୁ ସେ ତାଙ୍କ ଲେଖାରେ ଶାଣିତ କରୁଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ରବିବାର ରାଜଭବନ ନିକଟ ପ୍ରତିମୂର୍ତ୍ତିସ୍ଥଳରେ ବିଶିଷ୍ଟ ସାରସ୍ୱତ ସାଧିକା ତଥା ଓଡ଼ିଶାର ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଅଷ୍ଟାଦଶ ବାର୍ଷିକ ପୁଣ୍ୟତିଥି ଅନୁଷ୍ଠିତ ହୋଇଥିଲା। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ପୂଜ୍ୟପୂଜା ଅଧିକାରୀ ଲକ୍ଷ୍ମୀଧର ବେହେରା କାର୍ଯ୍ୟକ୍ରମକୁ ସଂଯୋଜନା କରି କହିଲେ, ଆଜିଠୁ ମାଲ୍ୟାର୍ପଣ ସମୟରେ ଫୁଲମାଳ ନୁହେଁ, ବସ୍ତ୍ର ଅର୍ପଣ କରାଯିବ। ଆଗାମୀ ଦିନରେ ଯେଉଁ ବରପୁତ୍ରଙ୍କ ଜୟନ୍ତୀ ପାଳନ ହେବ, ତାଙ୍କ ପ୍ରତିମୂର୍ତ୍ତିରେ ବସ୍ତ୍ର ପ୍ରଦାନ କରାଯିବ। କାର୍ଯ୍ୟକ୍ରମରେ ଗାୟକ ଆହ୍ଲାଦ ସୁରେନ୍ଦ୍ର ନାଥ ଛୋଟରାୟ ବନ୍ଦନା ଗାନ କରିଥିଲେ। ସେହିପରି ଉତ୍କଳ ସମ୍ମିଳନୀ, ଜୟ ଓଡ଼ିଶା, ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ମଧ୍ୟ ନନ୍ଦିନୀ ଶତପଥୀଙ୍କ ଶ୍ରାଦ୍ଧ ଦିବସ ଅବସରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପୂର୍ବତନ ମନ୍ତ୍ରୀ ଶଶିଭୂଷଣ ବେହେରା, ପ୍ରାଧ୍ୟାପକ ଡ. ରଙ୍ଗାଧର ସାହୁ, ରମେଶ ଚନ୍ଦ୍ର ପାତାଳସିଂହ, ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ଅଶ୍ୱିନୀ ପଟ୍ଟନାୟକ, ଅମିତ୍ ପାତାଳସିଂହ, ବିଜୟ ସାହୁ, ସମାଜସେବୀ ପଣ୍ଡିତ ଗିରିଜା ଶଙ୍କର ମହାପାତ୍ର, ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶାଖା ସଭାପତି ଦିଲୀପ ଦାଶଶର୍ମାଙ୍କ ସମେତ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଓ ଧରିତ୍ରୀ ପରିବାରର ସଦସ୍ୟମାନେ ଯୋଗଦେଇଥିଲେ।

# ବାର୍‌ହା ଭାବି ସମ୍ପର୍କୀୟ ଶ୍ୱଶୁରଙ୍କୁ ଗୁଳି

- ଶିକାର ବେଳେ ଜଙ୍ଗଲରେ ଅଘଟଣ
- ଗୁରୁତର ଅବସ୍ଥାରେ ଜିଲା ଚିକିତ୍ସାଳୟରେ ଭର୍ତ୍ତି

ବଣ୍ଡା, ୪।୮ (ପରିକ୍ଷିତ ସାହୁ)

ଜଙ୍ଗଲକୁ ଶିକାର ପାଇଁ ଯାଇଥିବା ବେଳେ ଘଟିଛି ଅଘଟଣ। ଛତୁ ତୋଳିସାରି ବୁଦା ଭିତରୁ ବାହାରି ଆସୁଥିବା ସମ୍ପର୍କୀୟ ଶ୍ୱଶୁରଙ୍କୁ ବାର୍‌ହା ଭାବି ଗୁଳି ଚଳାଇଛନ୍ତି ଜ୍ୱାଇଁ। ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ତଲେଇପଥର ଜଙ୍ଗଲରେ ରବିବାର ଭୋର ସମୟରେ ଘଟିଥିବା ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଗୁରୁତର ସମ୍ପର୍କୀୟ ଶ୍ୱଶୁରଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏ ନେଇ ଥାନାରେ ଅଭିଯୋଗ ହୋଇ ନ ଥିଲେ ମଧ୍ୟ ଖବରପାଇ ପୋଲିସ ସମ୍ପର୍କୀୟ ଜ୍ୱାଇଁଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି।

ପୋଲିସ କହିଛି, ଚିନ୍ତାମଣିପୁର ଗ୍ରାମର ସୁବଳ ନାୟକ ଓ ଜନକପୁର ଗ୍ରାମର ସମ୍ପର୍କୀୟ ଶ୍ୱଶୁର ଧ୍ରୁବ ଚରଣ ନାୟକ ତଲେଇପଥର ଜଙ୍ଗଲକୁ ଶନିବାର ରାତିରେ ବାର୍‌ହା ଶିକାର କରିବା ପାଇଁ ଯାଇଥିଲେ। ରାତି ତମାମ ଜଙ୍ଗଲରେ ଦେଶୀ ବନ୍ଧୁକ ଧରି ବୁଲିଥିବା ବେଳେ ବାର୍‌ହା ଶିକାର କରିପାରି ନ ଥିଲେ। ରବିବାର ଭୋର ସମୟରେ ଧ୍ରୁବ ଏକ ନଟି ବୁଦାକୁ ଯାଇ ଛତୁ ସଂଗ୍ରହ କରୁଥିଲେ। ତେବେ ସେ ବୁଦା ଭିତରୁ ବାହାରକୁ ଆସୁଥିବା ବେଳେ ଦୂରରେ ଥିବା ସୁବଳ ବାର୍‌ହା ଭାବି ଗୁଳି କରିଥିଲେ। ଗୁଳିଟି ଧ୍ରୁବଙ୍କ ବାମ ଗୋଡରେ ବାଜିବାରୁ ସେ ଚିତ୍କାର କରିଥିଲେ। ଗୁରୁତର ଅବସ୍ଥାରେ ଧ୍ରୁବଙ୍କୁ ଧରି ସୁବଳ ଗାଁରେ ପହଞ୍ଚିବା ପରେ ପରିବାର ଲୋକଙ୍କ ଜରିଆରେ ଆଠମଲ୍ଲିକ ଡାକ୍ତରଖାନା ନିଆଯାଇଥିଲା। ପରେ ତାଙ୍କୁ ସେଠାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଥିଲା। ଘଟଣା ନେଇ ଧ୍ରୁବଙ୍କ ପରିବାର ପକ୍ଷରୁ ଥାନାରେ ଏତଲା ଦିଆଯାଇ ନ ଥିଲେ ମଧ୍ୟ ଖବରପାଇ ପୋଲିସ ସୁବଳଙ୍କୁ ଥାନାକୁ ଉଠାଇ ନେଇଛି। ପୋଲିସ ନିଜଆଡ଼ୁ ମାମଲା ରୁଜୁ କରି ତଦନ୍ତ କରିବ ବୋଲି ଆଇଆଇସି ନଟବର ନନ୍ଦ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଧଣ୍ଡାତୋପା ଜଙ୍ଗଲରେ କିଛି ମାସ ହେବ ଶିକାର ବଢ଼ି ଚାଲିଥିବା ବେଳେ ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ କରାଯାଉ ନ ଥିବା ତଲେଇପଥର ଗ୍ରାମବାସୀ ଅଭିଯୋଗ କରିଛନ୍ତି।



ଗୁରୁତର ଧ୍ରୁବ ଚରଣ ନାୟକଙ୍କୁ ମେଡିକାଲରେ ଭର୍ତ୍ତି କରାଯାଉଛି।

# ୧୪ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ

## ବୃଦ୍ଧି ପାଉଛି ହୀରାକୁଦ ଜଳଭଣ୍ଡାର ଜଳସ୍ତର

ସମ୍ବଲପୁର, ୪।୮ (ପ୍ରମୋଦ ବହିଦାର)

ଉପମୁଣ୍ଡ ମହାନଦୀ ଅବବାହିକାରେ ବର୍ଷା ପରିମାଣ ଅଧିକ ହେବାରୁ ହୀରାକୁଦ ଜଳଭଣ୍ଡାରରେ ବନ୍ୟାଜଳ ପରିମାଣ ବୃଦ୍ଧି ପାଇବାରେ ଲାଗିଛି। ଗତ ୨୪ ଘଣ୍ଟା ମଧ୍ୟରେ ହୀରାକୁଦ ଉପରମୁଣ୍ଡରେ ୩୦.୨୬ ମିଲିମିଟର ଓ ତଳମୁଣ୍ଡରେ ୦୨.୫୦ ମିଲିମିଟର ବର୍ଷା ରେକର୍ଡ ହୋଇଛି। ଏଭଳି ସ୍ଥିତିକୁ ଦୃଷ୍ଟିରେ ରଖି ରବିବାର ଦୁଇଟି ପର୍ଯ୍ୟାୟରେ ଜଳଭଣ୍ଡାରର ୮ଟି ସ୍ଲୁଇସ ଗେଟ୍ ଖୋଲାଯାଇଥିଲା। ଫଳରେ ବର୍ତ୍ତମାନ ଜଳଭଣ୍ଡାରରୁ ମୋଟ୍ ୧୪ଟି ସ୍ଲୁଇସ୍ ଗେଟ୍ ମାଧ୍ୟମରେ ବନ୍ୟାଜଳ ନିଷ୍କାସନ କରାଯାଉଛି।

ରବିବାର ରାତି ସାଢ଼େ ୯ଟା ସୁଦ୍ଧା ହୀରାକୁଦ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇ ୬୦୯.୭୩ ଫୁଟ୍‌ରେ ପହଞ୍ଚିଛି। ଏହି ସମୟରେ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ହାରାହାରି ୨ ଲକ୍ଷ ୫୧ ହଜାର ୩୧୪ ଘନଫୁଟ୍ ବନ୍ୟାଜଳ ପ୍ରବେଶ କରୁଥିବା ବେଳେ ଜଳଭଣ୍ଡାରରୁ ସ୍ଲୁଇସ୍ ଗେଟ୍, ବିଦ୍ୟୁତ୍ ଉତ୍ପାଦନ ପାଇଁ ପାୱାର ଚ୍ୟାନେଲ, ଜଳସେଚନ ପାଇଁ ବିଭିନ୍ନ କେନାଲ ଓ ଶିଳ୍ପାନୁଷ୍ଠାନକୁ ମିଶି ପ୍ରତି ସେକେଣ୍ଡରେ ହାରାହାରି ୨ ଲକ୍ଷ ୪୪ ହଜାର ୩୧୪ ଘନଫୁଟ ବନ୍ୟାଜଳ ନିଷ୍କାସିତ ହେଉଛି। ୧୪ଟି ସ୍ଲୁଇସ୍ ଗେଟ୍ ମଧ୍ୟଦେଇ ପ୍ରତି ସେକେଣ୍ଡରେ ହାରାହାରି ୨ ଲକ୍ଷ ୦୭ ହଜାର ୭୩୨ ଘନଫୁଟ, ବିଦ୍ୟୁତ୍ ଉତ୍ପାଦନ ପାଇଁ ପାୱାର ଚ୍ୟାନେଲରେ ୩୩ ହଜାର ୦୪୫ ଘନଫୁଟ, ବରଗଡ଼ କେନାଲରେ ୨ ହଜାର ୭୨୨ ଘନଫୁଟ, ଶାସନ କେନାଲରେ ୬୩୦ ଘନଫୁଟ ଜଳ ନିଷ୍କାସିତ ହେଉଛି। ପାନୀୟ ଜଳ ଯୋଗାଣ ପାଇଁ ଜନସ୍ୱାସ୍ଥ୍ୟ ବିଭାଗ ଓ ଶିଳ୍ପାନୁଷ୍ଠାନଗୁଡ଼ିକୁ ମିଶି ମୋଟ ୨୭୫ ଘନଫୁଟ ଜଳ ଯୋଗାଣ ହେଉଛି।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଳପ ଲୋକ ବଡ଼ ପଣ ପାଏ,**
**ହଗୁଣ ମୂତୁଣ ଗୀତ ଗାଏ।**

ସାଧାରଣତଃ ନୀଚସ୍ତରର ଲୋକ ଉଚ୍ଚ ପଦବୀରେ ଅଧିଷ୍ଠିତ ହେଲେ ଗର୍ବରେ ଫାଟି ପଡ଼ନ୍ତି। ସ୍ଥାନ, କାଳ ଓ ପାତ୍ରକୁ ସେମାନେ ଆଦୌ ଖାତିର କରନ୍ତି ନାହିଁ ବୋଲି ଏଠାରେ ଦର୍ଶାଯାଇଛି।

**ଅଧଡ଼ ଧଡ଼;**
**ଘରେ ଭାତ ନାହିଁ,**
**ବୁଢ଼ୀକି ତଡ଼।**

ଅଭାବଗ୍ରସ୍ତ ଘର ଅକର୍ମଣ୍ୟ ବୃଦ୍ଧା, ବୃଦ୍ଧଙ୍କୁ ରଖି କେମିତି ଚଳେଇବେ ବରଂ ଘରୁ ବାହାର କରିଦେଲେ ଘରଖର୍ଚ୍ଚ କମିଯିବ। ଏହା କିନ୍ତୁ ଏକ ସାମାଜିକ ଅନ୍ୟାୟ। ସାଧାରଣତଃ ଅକ୍ଷମ ହୋଇଗଲେ ବୃଦ୍ଧା ବା ବୃଦ୍ଧ ବ୍ୟକ୍ତି ଅଲୋଡ଼ା ହୋଇଯାଇଥାନ୍ତି। ସମାଜରେ ତାଙ୍କର ଆଉ କିଛି ଆବଶ୍ୟକତା ରହୁ ନ ଥିବା ନେଇ ବିଚାର କରାଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଖୋର୍ଦ୍ଧାରୋଡ୍-ବଲାଙ୍ଗୀର ରେଳ ପ୍ରକଳ୍ପ ଲାଗି ରାଜ୍ୟ ସରକାର ଦେଇଛନ୍ତି ୧୩୦୦ କୋଟି

ଭୁବନେଶ୍ୱର, ୪।୮ (ସୁନିତ୍ ମିଶ୍ର)

ରାଜ୍ୟ ସରକାର ପୂର୍ବତଟ ରେଲୱେକୁ ଖୋର୍ଦ୍ଧାରୋଡ୍-ବଲାଙ୍ଗୀର ପ୍ରକଳ୍ପର ୧୧୨-୨୮୯ କମି ପର୍ଯ୍ୟନ୍ତ ରେଳପଥ ପାଇଁ ମାଗଣା ଜମି ଯୋଗାଇଦେବେ। ଏହାସହ ଏହାର ନିର୍ମାଣ ଖର୍ଚ୍ଚ ପାଇଁ ୫୦% ଅର୍ଥ ରାଶି ପ୍ରଦାନ କରିବେ। ସେହିପରି ଜୟପୁର-ନବରଙ୍ଗପୁର ପ୍ରକଳ୍ପ ଲାଗି ମାଗଣା ଜମି ଓ ନିର୍ମାଣ ଖର୍ଚ୍ଚ ବାବଦକୁ ୫୦% ଅର୍ଥରାଶି ପ୍ରଦାନ କରିବେ। ଜୟପୁର-ମାଲକାନଗିରି ପ୍ରକଳ୍ପ ପାଇଁ ସମ୍ପୂର୍ଣ୍ଣ ରେଳ ପ୍ରକଳ୍ପର ୨୫% ଅର୍ଥ ଯୋଗାଇଦେବାକୁ ଚୁକ୍ତି ସ୍ୱାକ୍ଷର କରିଛନ୍ତି ବୋଲି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ବିଧାନସଭାରେ ଉତ୍ତର ରଖିଛନ୍ତି। ବିଧାୟକ ଧ୍ରୁବ ସାହୁ ବିଧାନସଭାରେ ପଚାରିଥିଲେ, ରାଜ୍ୟରେ କେଉଁ କେଉଁ ରେଳପଥ ନିର୍ମାଣ ଲାଗି ରାଜ୍ୟ ସରକାର ଏ ପର୍ଯ୍ୟନ୍ତ କେଉଁ ବର୍ଷ କେତେ ଅର୍ଥ ରେଳ ବିଭାଗକୁ ଦେଇଛନ୍ତି। ତାହା ସମ୍ପୃକ୍ତ ପ୍ରକଳ୍ପର ବ୍ୟୟ ଅଟକଳର କେତେ ପ୍ରତିଶତ ଏବଂ ସେଇ ପ୍ରକଳ୍ପ ଲାଗି ରାଜ୍ୟ ସରକାର ଆଉ କି ସାହାଯ୍ୟ ଦେଇଛନ୍ତି। ପ୍ରତି ପ୍ରକଳ୍ପ ଲାଗି ରାଜ୍ୟ ସରକାର ଆଉ କେଉଁ ପ୍ରକାର ସାହାଯ୍ୟ ପ୍ରଦାନ କରିବେ। ଏହାର ଉତ୍ତରରେ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି, ଖୋର୍ଦ୍ଧାରୋଡ୍-ବଲାଙ୍ଗୀର ରେଳପଥ କାର୍ଯ୍ୟ ଲାଗି ରାଜ୍ୟ ସରକାର ୨୦୧୫-୧୬ରେ ୩୮ କୋଟି, ୨୦୧୬-୧୭ରେ ୧୧୫ କୋଟି, ୨୦୧୭-୧୮ରେ ୩୦ କୋଟି, ୨୦୧୮-୧୯ ଏବଂ ୨୦୧୯-୨୦ରେ କିଛି ଅର୍ଥ ଦେଇନାହାନ୍ତି। ସେହିପରି ୨୦୨୦-୨୧ରେ ୩୦୦ କୋଟି, ୨୦୨୧-୨୨ରେ ୩୪୯ କୋଟି ୯୯ ଲକ୍ଷ ୯୯ ହଜାର ୯୩୦ ଟଙ୍କା, ୨୦୨୨-୨୩ରେ ୪୫୦ କୋଟି ଟଙ୍କା ଦେଇଛନ୍ତି। ହେଲେ ୨୦୨୩-୨୪ରେ କୌଣସି ଅର୍ଥ ଦେଇନାହାନ୍ତି। ଏହିପରି ରାଜ୍ୟ ସରକାର ମୋଟ୍ ୧୨୮୨ କୋଟି ୯୯ ଲକ୍ଷ ୯୯ ହଜାର ୯୩୦ ଟଙ୍କା ପ୍ରଦାନ କରିଛନ୍ତି। ଏହି ପ୍ରକଳ୍ପ ଲାଗି ୩୭୯୯ କୋଟି ଟଙ୍କା ଲାଗି ଏଷ୍ଟିମେଟ୍ ପ୍ରୋଜେକ୍ଟ କଷ୍ଟ ରଖାଯାଇଛି। ଏଷ୍ଟିମେଟ୍ ରାଶିର ୩୩.୭୭ ପ୍ରତିଶତ ଅର୍ଥ ରାଶି ରାଜ୍ୟ ସରକାର ଏଯାଏ ପ୍ରଦାନ କରିଛନ୍ତି। ସେହିପରି ଜୟପୁର-ମାଲକାନଗିରି ରେଳ ପ୍ରକଳ୍ପ ଲାଗି ୨୬,୭୬,୧୧,୦୦,୦୦,୦୦୦ କୋଟିର ଏଷ୍ଟିମେଟ୍ କଷ୍ଟ ରଖାଯାଇଥିବା ବେଳେ ୨୦୨୧-୨୨ରେ ରାଜ୍ୟ ସରକାର କେବଳ ୨୮ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଯାହା ଏଷ୍ଟିମେଟ୍ କଷ୍ଟର ୦.୦୧ ପ୍ରତିଶତ ହେବ।

# ଦୁର୍ଘଟଣାରେ ଜଳିଗଲା କାର୍

- ୩ ମାସର ଶିଶୁଙ୍କ ସମେତ ୫ ଆହତ
- ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀ ଯାଉଥିଲେ

ପିପିଲି, ୪।୮ (ପ୍ରଭାତ କୁମାର ମହାପାତ୍ର/ଦୁର୍ଗାମାଧବ ମିଶ୍ର)

ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥର ବରାଗଡ଼ ସିଡ଼ି ନିକଟରେ ରବିବାର ଦ୍ରୁତଗାମୀ କାର୍ ଏକ ସ୍କୁଟିକୁ ଧକ୍କା ଦେଇ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱ ୨୦ ଫୁଟ ତଳକୁ ଖସି ଓଲଟି ପଡ଼ିଛି। ତେବେ ଦୁର୍ଘଟଣାରେ କାର୍‌ଟି ସମ୍ପୂର୍ଣ୍ଣ ଜଳିଯାଇଛି। କାର୍‌ରେ ଥିବା ୩ ମାସର ଶିଶୁ ଓ ୪ ଜଣ ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଖବର ପାଇ ପିପିଲି ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ହେଲେ କାର୍‌ଟି ସମ୍ପୂର୍ଣ୍ଣ ଜଳି ନଷ୍ଟ ହୋଇଯାଇଛି। ଅନ୍ୟପଟେ ଦୁର୍ଘଟଣାରେ ସ୍କୁଟି କ୍ଷତିଗ୍ରସ୍ତ ହୋଇଥିବାବେଳେ ଆରୋହୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଘଟଣାସ୍ଥଳରେ ପିପିଲି ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ କାର୍ ଓ ସ୍କୁଟିକୁ ଜବତ କରି ତଦନ୍ତ ଚଳାଇଛି।

ସୂଚନା ମୁତାବକ, କଟକ ଅଞ୍ଚଳରୁ ଏକ ପରିବାର ଜଗନ୍ନାଥଙ୍କ ଦର୍ଶନ ପାଇଁ ପୁରୀ ଅଭିମୁଖେ ଯାତ୍ରା କରୁଥିଲେ। ପିପିଲି ବରାଗଡ଼ ସିଡ଼ି ନିକଟରେ ହଠାତ୍ ଏକ ଷଣ୍ଢ ତାଙ୍କ କାର ସାମ୍ନାକୁ ଚାଲିଆସିଥିଲା। ଫଳରେ ଦ୍ରୁତ ଗତିରେ ଆସୁଥିବା କାର୍‌ଟି ଭାରସାମ୍ୟ ହରାଇ ପାର୍ଶ୍ୱରେ ଯାଉଥିବା ଏକ ସ୍କୁଟିକୁ ଧକ୍କା ଦେଇ ନୟନଯୋଡ଼ି ଖାଲକୁ ପଡ଼ିଯାଇଥିଲା। ସ୍ଥାନୀୟ ଲୋକେ ଦୁର୍ଘଟଣାଗ୍ରସ୍ତ କାର୍‌ରୁ ୫ ଜଣଙ୍କୁ ଉଦ୍ଧାର କରି ପିପିଲି ସରକାରୀ ମେଡିକାଲକୁ ପଠାଇଥିଲେ। ଏହା ପରେ କୌଣସି କାରଣରୁ କାର୍‌ରେ ନିଆଁ ଲାଗିଯାଇଥିଲା। ଖବର ଲେଖା ହେବା ପର୍ଯ୍ୟନ୍ତ ଏ ସମ୍ପର୍କରେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବା ପିପିଲି ଥାନା ପକ୍ଷରୁ ଜଣାପଡ଼ିଛି।




ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ରତ୍ନଚିତାରେ ଝଟକିଲେ ମହାପ୍ରଭୁ

ପୁରୀ, ୪।୮ (ଅଜିତ୍ କୁମାର ମହାନ୍ତି)

ଚିତାଲାଗିଅମାବାସ୍ୟା ଅବସରରେ ରବିବାର ଶ୍ରୀମନ୍ଦିରରେ ଚିତାଲାଗି ଅମାବାସ୍ୟା ନୀତି ସମ୍ପନ୍ନ ହୋଇଛି। ପ୍ରାତଃରେ ଦ୍ୱାରଫିଟା ଓ ମଙ୍ଗଳ ଆଳତି ପରେ ଅବକାଶ ନୀତି ସମ୍ପନ୍ନ ହୋଇଥିଲା। ପ୍ରଥମ ଭୋଗ ମଣ୍ଡପ ପରେ ଅନ୍ୟାନ୍ୟ ନୀତି ହୋଇ ଜୟବିଜୟ ଦ୍ୱାର ବନ୍ଦ କରାଯାଇଥିଲା। ଦଇତାମାନେ ଚିତାଲାଗି ପାଇଁ ଗର୍ଭଗୃହରେ ପ୍ରବେଶ କରିଥିଲେ। ତେବେ ଏହି ନୀତି ପୂର୍ବରୁ ତିନି ଠାକୁରଙ୍କୁ ଲାଗିହେଉଥିବା ୩ଟି ରତ୍ନଚିତା ଓ ପାଟରା ସେବକ ଯୋଗାଇଥିବା ପାଟ ଫିତାଡୋର ଭଣ୍ଡାର ଘରେ ଜମା କରାଯାଇଥିଲା। ସକାଳ ଧୂପ ପୂଜା ବସିଥିବାବେଳେ ୩ଟି ରତ୍ନ ଚିତାକୁ ଭଣ୍ଡାର ମେକାପ ଆଣି ଦେଉଳକରଣଙ୍କ ମାର୍ଫତରେ ଦେଇଥିଲେ। ମନ୍ଦିର ବଣିଆ ଚିତା ସଫା କଲା ପରେ ଏହାକୁ ପାରମ୍ପରିକ ନୀତିରେ ପଞ୍ଚାମୃତ କରାଯାଇଥିଲା। ସକାଳଧୂପ ଓ ଭୋଗମଣ୍ଡପ ପରେ

## ଶ୍ରୀମନ୍ଦିରରେ ଚିତାଲାଗି ଅମାବାସ୍ୟା ପାଇଁ ବିଶେଷ ନୀତି



ପୁଷ୍ପାଳକ ତିନିବାଡ଼ରୁ ଖୋବାକଣ୍ଠି ଅଳଙ୍କାର ମଇଲମ କରି ପାଳିଆ ମେକାପଙ୍କୁ ପ୍ରଦାନ କରିଥିଲେ। ମଇଲମ ପରେ ଶ୍ରୀଦେବୀ ଓ ଭୂଦେବୀ ଖଟଶେଯ ଘରେ ବିଜେ କରିଥିଲେ। ପରେ ବେହେରଣ ଦ୍ୱାର ଦେଇ ଦଇତାପତିମାନେ ଗର୍ଭଗୃହକୁ ପ୍ରବେଶ କରି ପାଟରା ଦେଇଥିବା ପାଟଡୋରରେ ଉକ୍ତ ଚିତାକୁ ବାନ୍ଧି ଶ୍ରୀବିଗ୍ରହଙ୍କୁ ଲାଗି କରାଇଥିଲେ। ଶୁଦ୍ଧସୁଆର ଦେଇଥିବା ଓଷ ଲଗାଇ ସଂଯୋଗ କରିଥିଲେ। ଶ୍ରୀବଳଭଦ୍ରଙ୍କ ଶ୍ରୀମୁଖରେ ସବୁଜ ରଙ୍ଗର ପାନ୍ନାଚିତା, ଶ୍ରୀଜଗନ୍ନାଥଙ୍କ ଶ୍ରୀମୁଖରେ ଉଜ୍ଜ୍ୱଳ ବ୍ରହ୍ମଜ୍ୟୋତି ଖଚିତ ହୀରାଚିତା, ଦେବୀ ସୁଭଦ୍ରାଙ୍କ ଶ୍ରୀମୁଖରେ ମାଣିକ୍ୟ ଖଚିତ ଚିତା ଲଗାଯାଇଥିଲା। ଦଇତାମାନେ ଚିତାଲାଗି କରି ଗର୍ଭଗୃହରୁ ଆସିଲା ପରେ ପାଳିଆ ମେକାପ ରତ୍ନସିଂହାସନ ମାଜଣା କରିଥିଲେ। ଏହାପରେ ମହାପ୍ରଭୁଙ୍କ ମହାସ୍ନାନ ହୋଇ ଭୂଦେବୀ ଓ ଶ୍ରୀଦେବୀ ରତ୍ନସିଂହାସନରେ ବିଜେ କଲା ପରେ ବେଶ ବଢ଼ିଥିଲା। ମହାପ୍ରଭୁଙ୍କୁ ୬ମୂର୍ତ୍ତି ଅଳଙ୍କାର ଲାଗିପରେ ମଧ୍ୟାହ୍ନ ଧୂପ ସମ୍ପନ୍ନ ହୋଇଥିଲା। ତିନିଠାକୁରଙ୍କୁ ବନ୍ଦାପନା ପରେ ଅନ୍ୟାନ୍ୟ ନୀତି ବଢ଼ିଥିଲା। ସେହିପରି ପୁରୀ ସହରରେ ଘରେ ଘରେ ଚିତାଲାଗି ଅମାବାସ୍ୟା ପାଳିତ ହୋଇଛି। ଚିତଉ ପିଠା କରାଯାଇ ଠାକୁରଙ୍କୁ ଭୋଗଲାଗି କରାଯାଇଥିଲା।

# ତେଲଙ୍ଗାନାରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

ବରଗଡ଼, ୪।୮ (ପ୍ରେମାନନ୍ଦ ଖମାରୀ)

ତେଲଙ୍ଗାନାରେ ରବିବାର ବରଗଡ଼ ଜିଲାର ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ପାଇକମାଳ ବ୍ଲକ ଅନ୍ତର୍ଗତ ଛିନ୍ଦେଇକେଲା ଗ୍ରାମର ଦୟା ଦୀପ (୪୩)। ସେ ତେଲଙ୍ଗାନାର ଏକ ଇଟାଭାଟିରେ କାମ କରୁଥିଲେ। ତେବେ ତାଙ୍କ ମୃତ୍ୟୁ ପରେ ମୃତଦେହ ଘରକୁ ନେବା ପାଇଁ ଇଟାଭାଟି ମାଲିକ ୨୦ହଜାର ଟଙ୍କା ଦେଇଥିଲେ। ଅନ୍ୟପଟେ ତେଲଙ୍ଗାନାରୁ ମୃତଦେହ ଗାଁକୁ ଆଣିବା ପାଇଁ ୪୦ହଜାର ଟଙ୍କା ଆବଶ୍ୟକ ରହିଛି। ଏ ନେଇ ଫୋନ ମାଧ୍ୟମରେ ମୃତକଙ୍କ ସମ୍ପର୍କୀୟମାନେ ସାମାଜିକ କର୍ମୀ ଦୀପା ବାରିକଙ୍କୁ ଜଣାଇଥିଲେ। ଏହାପରେ ଦୀପା ଏ ନେଇ ତେଲଙ୍ଗାନା ପୋଲିସ କମିଶନରଙ୍କ ସହ ଫୋନରେ କଥା ହୋଇଥିଲେ। ମୃତଦେହ ଘରକୁ ଫେରାଇବା ପାଇଁ ତେଲଙ୍ଗାନା ପୋଲିସ କମିଶନର ସବୁ ପ୍ରକାର ସହାୟତା ଯୋଗାଇଦେବେ ବୋଲି ପ୍ରତିଶ୍ରୁତି ଦେଇଥିବା ସାମାଜିକ କର୍ମୀ ଦୀପା କହିଛନ୍ତି। ମୃତକ ତାଙ୍କ ସ୍ତ୍ରୀଙ୍କ ସହ ଗତ କିଛିଦିନ ତଳେ ତେଲଙ୍ଗାନାକୁ ଯାଇଥିଲେ ଏବଂ ସେଠାକାର ଏକ ଇଟାଭାଟିରେ କାମ କରୁଥିଲେ। ରବିବାର ସକାଳେ ଦୟା ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଗୁରୁତର ଅସୁସ୍ଥ ହୋଇପଡ଼ିଥିଲେ। ପରେ ତାଙ୍କୁ ସ୍ଥାନୀୟ ଏକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି।

ବସ୍ତୁମାନଙ୍କର ଏକ ଚେତନା ରହିଛି – ଏକ ଜୀବନ ରହିଛି– ଯାହା ମଣିଷ ବା ପ୍ରାଣୀମାନଙ୍କ ଭିତରେ ରହିଥିବା ଜଣାଶୁଣା ଚେତନା ନୁହଁ। ଏହା ଆହୁରି ଗୋପନ ଓ ବାସ୍ତବ। ସେଥିପାଇଁ ଭୌତିକ ବସ୍ତୁ ପ୍ରତି ଆମର ସମ୍ମାନ ରହିବା ଉଚିତ ଏବଂ ଆମେ ତାକୁ ଯଥାର୍ଥ ଭାବେ ବ୍ୟବହାର କରିବା ଉଚିତ। **–ଶ୍ରୀଅରବିନ୍ଦ**



# ଦୁଇ ପ୍ରକାର ଯୁଦ୍ଧ

ପୃଥିବୀରେ ଯଦି ସବୁଠାରୁ ବଡ଼ ସମସ୍ୟା ବିଷୟରେ ଆଲୋଚନା କରାଯିବ, ତାହା ହେଲେ ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନଜନିତ ବିପର୍ଯ୍ୟୟ ସାମ୍ନାକୁ ଆସୁଛି। ସଦ୍ୟ ଦେଖାଦେଇଥିବା କେରଳର ୱାୟନାଡ ବିପତ୍ତିଠାରୁ ଆରମ୍ଭ କରି ଦିଲ୍ଲୀ, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ହରିୟାଣା, ରାଜସ୍ଥାନ ଏବଂ ବିହାରରେ ବର୍ଷା ବିପ୍ରାତ ଅସଂଖ୍ୟ ଲୋକଙ୍କ ଜୀବନ ନେଇଥିବା ବେଳେ ପ୍ରବଳମାତ୍ରାରେ ଧନସମ୍ପତ୍ତି ନଷ୍ଟ କରିଦେଇଛି। ତେବେ ୱାୟନାଡ ପ୍ରାକୃତିକ ବିପର୍ଯ୍ୟୟରେ ୩୬୧ ଜଣଙ୍କ ମୃତ୍ୟୁ ସହ ଅନେକେ ନିଖୋଜ ହେବା ଏବେ ସମଗ୍ର ଦେଶରେ ପ୍ରମୁଖ ଆଲୋଚନାର ବିଷୟବସ୍ତୁ ପାଲଟିଛି। ଏଇ କିଛି ବର୍ଷ ହେବ କେରଳରେ ଭୂସ୍ଖଳନ ବାରମ୍ବାର ଘଟିଚାଲୁଛି। ବିଶେଷଜ୍ଞଙ୍କ ମତରେ ଜଳବାୟୁ ପରବର୍ତ୍ତନ ଯୋଗୁ ପ୍ରବଳ ବର୍ଷା ହେଉଛି ଓ ପାର୍ବତ୍ୟାଞ୍ଚଳ ଭୂମିକୁ ବିନା ଚିନ୍ତାରେ ବ୍ୟବହାର କରାଯାଉଥିବାରୁ ଏଭଳି ସଙ୍କଟ ଉପୁଜିଛି। ପ୍ରବଳ ମାତ୍ରାରେ ଗଛକଟା, ବେଆଇନ ରାଜପଥ ଓ କୋଠା ନିର୍ମାଣ, ପର୍ଯ୍ୟାପ୍ତ ପଥର ଖନନ ଓ ଅନିୟନ୍ତ୍ରିତ ପର୍ଯ୍ୟଟନ ଜଙ୍ଗଲ ଅଞ୍ଚଳକୁ ସଙ୍କୁଚିତ କରିବାରେ ଲାଗିଛି। ସ୍ଥିତି ଏମିତି ହୋଇଛି ଯେ, ଭୂସ୍ଖଳନ ଯୋଗୁ କେତେକ ଜଳଉତ୍ସର ଗତିପଥ ପରିବର୍ତ୍ତନ ଘଟି ଜନବସତିକୁ ମାଡ଼ି ଆସିବାରୁ ବ୍ୟାପକ କ୍ଷୟକ୍ଷତି ଘଟିଛି। ବିକାଶ ନାମରେ ଯେଉଁସବୁ ପଦକ୍ଷେପ ନିଆଯାଉଛି, ତାହା ଫଳରେ ପଶ୍ଚିମଘାଟ ପର୍ବତମାଳାରେ ପରିବେଶୀୟ ଓ ଭୂତାତ୍ତ୍ୱିକ ସ୍ତର ଭାଙ୍ଗି ଯାଉଛି। ଅର୍ଥନୈତିକ ଅଭିବୃଦ୍ଧି ଓ ରାଜସ୍ୱ ସଂଗ୍ରହର ନିଶା ଆଜି ପରିବେଶ ପ୍ରତି ବିପଦ ଆଣିଦେଇଛି।

ଏବେ ବିକଶିତ ଭାରତ କଥା ବାରମ୍ବାର କୁହାଯାଉଛି। ଏକ ଦେଶ ପାଇଁ 'ବିକାଶ' ନିତାନ୍ତ ଜରୁରୀ। କିନ୍ତୁ ପ୍ରକୃତି ଓ ପରିବେଶକୁ ହେୟଜ୍ଞାନ କରି ଯେଉଁ ତଥାକଥିତ ବିକାଶ କଥା କୁହାଯାଉଛି, ତାହା ଭବିଷ୍ୟତ ପାଇଁ ମାରାତ୍ମକ ସ୍ଥିତି ସୃଷ୍ଟି କରୁଛି। କେରଳର ୱାୟନାଡ ଗୋଟେ ବଡ଼ ଶିକ୍ଷା ଦେଇଗଲା। ଦୁଇ ମାସ ତଳକୁ ଗଲେ ଆମେରିକା ଭଳି ଥଣ୍ଡା ଦେଶରେ ଜୁନ୍ ମଧ୍ୟଭାଗରେ ଅତ୍ୟଧିକ ଗରମ ଅନୁଭୂତ ହେବାରୁ ୭ କୋଟି ଲୋକ ଡହଳବିକଳ ଅବସ୍ଥାକୁ ଆସି ଯାଇଥିଲେ। ଭାରତର ରାଜସ୍ଥାନଠାରୁ ଆରମ୍ଭ କରି ସାହାରା ସହ ମଧ୍ୟପ୍ରାଚ୍ୟ ଭଳି ମରୁଭୂମି ଅଞ୍ଚଳରେ ବିଗତ କିଛି ବର୍ଷ ହେବ ଯେଭଳି ପ୍ରବଳ ବର୍ଷା ହେଉଛି, ସେଥିରୁ ସ୍ପଷ୍ଟ ସୂଚନା ମିଳୁଛି ଯେ ପୃଥିବୀର ବିଭିନ୍ନ ଭାଗରେ ପ୍ରକୃତି ସମ୍ପୂର୍ଣ୍ଣ ରୂପେ ବଦଳିବାରେ ଲାଗିଛି। ମନୁଷ୍ୟକୃତ ବିପର୍ଯ୍ୟୟ ଯୋଗୁ ପ୍ରକୃତି ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। ଜଳବାୟୁ ପରିବର୍ତ୍ତନ ରୋକିବା ଲାଗି ଯେତେ ସମ୍ମିଳନୀ ହେଲେ ମଧ୍ୟ ତାହାର ସୁଫଳ ମିଳିପାରୁ ନାହିଁ। ମଣିଷର ଅତ୍ୟଧିକ ଲୋଭ ପ୍ରକୃତିକୁ କ୍ରୋଧିତ କରି ଦେଉଥିବାରୁ ତାହାର କୋପ ମାନବଜାତିକୁ ବିନାଶ ଆଡ଼କୁ ଟାଣି ନେଉଛି।

> **ଦେଖିବାକୁ ଗଲେ ପ୍ରକୃତି ମାନବସମାଜ ଉପରେ ଯୁଦ୍ଧ ଆରମ୍ଭ କରିଦେଇଥିବା ବେଳେ ମଣିଷ ମଣିଷ ଉପରେ ଯୁଦ୍ଧ ଲଦି ପୃଥିବୀକୁ ଅଶାନ୍ତ ଗ୍ରହରେ ପରିଣତ କରିଦେଲାଣି।**

ଏଠାରେ ଭିନ୍ନ ଏକ ଦିଗକୁ ଦେଖାଯାଉ। ମଣିଷ ମୁଣ୍ଡ ଉପରେ 'ଡୋମୋକ୍ଲିସ୍ ଖଣ୍ଡା' ଭଳି ଜଳବାୟୁ ପରିବର୍ତ୍ତନଜନିତ ବିପଦ ଝୁଲୁଥିବା ସତ୍ତ୍ୱେ ସେଥିପ୍ରତି ଅନେକଙ୍କ ଖାତିର ନାହିଁ। ସେଥିରୁ କିଭଳି ରକ୍ଷା ପାଇ ହେବ ମଣିଷଜାତି ଭାବିବା ଅପେକ୍ଷା ପରସ୍ପର ମଧ୍ୟରେ ଲଢ଼େଇରେ ବ୍ୟସ୍ତ। ପ୍ରତ୍ୟେକ ଦେଶ ଭିତରେ ଅଶାନ୍ତି ଓ ରାଷ୍ଟ୍ର–ରାଷ୍ଟ୍ର ମଧ୍ୟରେ ଉପୁଜୁଥିବା ଯୁଦ୍ଧ ସମଗ୍ର ପୃଥିବୀକୁ ଅଶାନ୍ତ କରିରଖିଛି। କିଛି ଲୋକଙ୍କ ଅନ୍ତର୍ଘାତୀ କାର୍ଯ୍ୟ ଓ ଆତଙ୍କବାଦୀ କାର୍ଯ୍ୟକଳାପ ଯୋଗୁ ନିକଟ ଅତୀତରେ ଅନେକଙ୍କ ଜୀବନ ଯାଇଛି। ହେଲେ ଏବେ ଅନ୍ୟ ରାଷ୍ଟ୍ରର ଭୂମି ଅକ୍ତିଆରଠାରୁ ଆରମ୍ଭ କରି ଅହଂଭାବ ପ୍ରଦର୍ଶନ ତଥା ଆଧିପତ୍ୟ ବିସ୍ତାର କରିବା ଲକ୍ଷ୍ୟରେ ଅଚାନକ ଯୁଦ୍ଧ ଘୋଷଣା କରି ଦିଆଯାଉଛି। ଏବେ ପୃଥିବୀ ପ୍ରତ୍ୟକ୍ଷ କରୁଥିବା ଦୁଇଟି ଯୁଦ୍ଧ ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ଏବଂ ଇସ୍ରାଏଲ–ହମାସ ଲଢ଼େଇ ବିଂଶ ଶତାବ୍ଦୀର ତୃତୀୟ ଦଶନ୍ଧିରେ ସବୁଠାରୁ ଭୟଙ୍କର ରୂପ ଧାରଣ କରିଛି। ରୁଷିଆର ଆକ୍ରମଣ ଅଢ଼େଇ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିବା ବେଳେ ଇସ୍ରାଏଲ–ହମାସ ସଂଘର୍ଷ ୧୦ ମାସ ଧରି ଲାଗିରହିଛି। ଏବେ ଇସ୍ରାଏଲ–ହମାସ ଯୁଦ୍ଧର ପରିସର ବଢ଼ିବାର ସବୁ ସଙ୍କେତ ଦେଲାଣି। ଇସ୍ରାଏଲ ସେନା ଲେବାନନ୍‌ର ବେରୁଟ୍‌ରେ ହେଜବୋଲ୍ଲାର ଦ୍ୱିତୀୟ ସର୍ବୋଚ୍ଚ ନେତା ଫଉଦ୍ ଶୁକର୍‌ଙ୍କୁ ଏୟାର ଷ୍ଟ୍ରାଇକ୍ କରି ହତ୍ୟା କରିଥିବା ୩୦ ଜୁଲାଇରେ ଘୋଷଣା କରିଥିଲା। ଏହାର ଦିନକ ପରେ ଇରାନ୍ ରାଜଧାନୀ ତେହେରାନ୍‌ରେ ହମାସ୍‌ର ବଡ଼ ନେତା ଇସ୍‌ମାଇଲ୍ ହାନିୟେଙ୍କୁ ହତ୍ୟା କରାଯାଇଛି। ସେହିଭଳି ଗାଜା ଷ୍ଟ୍ରିପ୍ ଦକ୍ଷିଣ ଭାଗରେ ଜୁଲାଇ ୧୩ରେ ହୋଇଥିବା ଏୟାର ଷ୍ଟ୍ରାଇକ୍‌ରେ ହମାସ୍‌ର ସାମରିକ ମୁଖ୍ୟ ମହମ୍ମଦ ଡେଇଫ୍ ନିହତ ହୋଇଥିବା ବିଷୟ ୧ ଅଗଷ୍ଟରେ ଇସ୍ରାଏଲ ସେନା ଘୋଷଣା କରିବା ସ୍ଥିତିକୁ ଆହୁରି ବିଗାଡ଼ି ଦେଇଛି। ଏଭଳି ସ୍ଥଳେ ହମାସ୍ ନେତା ଇସ୍‌ମାଇଲ୍ ହାନିୟେଙ୍କୁ ତେହେରାନ୍‌ରେ ହତ୍ୟାର ପ୍ରତିଶୋଧ ନେବାକୁ ଇସ୍ରାଏଲ ଉପରେ ତୁରନ୍ତ ଆକ୍ରମଣ କରିବା ଲାଗି ଇରାନ୍‌ର ସୁପ୍ରିମ ଲିଡର ଆୟାତୋଲ୍ଲା ଅଲି ଖାମେନେଇ ନିର୍ଦ୍ଦେଶ ଦେବା ପରେ ମଧ୍ୟପ୍ରାଚ୍ୟ ଅଶାନ୍ତ ଆଡ଼କୁ ସମ୍ପୂର୍ଣ୍ଣ ଭାବେ ଚାଲିଯାଉଥିବା ଲକ୍ଷ୍ୟ କରାଯାଉଛି। କାରଣ ପାଲେଷ୍ଟାଇନ୍ ଉପରେ ଇସ୍ରାଏଲର ଘନ ଘନ ଆକ୍ରମଣ ଯୋଗୁ ଘଟିଥିବା ଧନଜୀବନହାନିକୁ ଆଉ ମୁସ୍‌ଲିମ ରାଷ୍ଟ୍ର ବରଦାସ୍ତ କରିବାକୁ ଚାହୁଁନାହିଁ। ଇହୁଦୀ ରାଷ୍ଟ୍ର ଇସ୍ରାଏଲ୍ ପାଶ୍ଚାତ୍ୟ ସମର୍ଥନ ପାଇ ବଳୀୟାନ ହେଉଥିବାରୁ ତାହାର ଗତିରୋଧ କରିବା ଲାଗି ମୁସଲିମ୍ ରାଷ୍ଟ୍ର ଏକଜୁଟ ହେବାରେ ଲାଗିଛନ୍ତି। ଫଳରେ ନିକଟ ଭବିଷ୍ୟତରେ ସମାନ ଚିନ୍ତାଧାରାରେ ବିଶ୍ୱାସୀ ରାଷ୍ଟ୍ର ମିଳିମିଶି ଅନ୍ୟ ରାଷ୍ଟ୍ରସମୂହ ଉପରେ ଆକ୍ରମଣ କରିବାକୁ ପଛାଇ ନ ପାରନ୍ତି। ଯଦି ତାହା ବାସ୍ତବ ରୂପ ଧାରଣ କରେ ଏହାର ପରିଣତି କେଉଁଭଳି ହେବ ଏବେଠାରୁ ଆକଳନ କରିବା କଷ୍ଟକର।

ଦେଖିବାକୁଗଲେପ୍ରକୃତିମାନବସମାଜଉପରେଯୁଦ୍ଧଆରମ୍ଭକରିଦେଇଥିବାବେଳେ ମଣିଷ ମଣିଷ ଉପରେ ଯୁଦ୍ଧ ଲଦି ପୃଥିବୀକୁ ଅଶାନ୍ତ ଗ୍ରହରେ ପରିଣତ କରିଦେଲାଣି।

# ସଫଳ ଗଣତନ୍ତ୍ରର ଆଧାର



ଡ. ଛାୟାକାନ୍ତ ଷଡ଼ଙ୍ଗୀ

ବିରୋଧ କରିବା ଗଣତାନ୍ତ୍ରିକ ବ୍ୟବସ୍ଥାର ଏକ ଅବିଚ୍ଛିନ୍ନ ଅଙ୍ଗ। ଏକଚ୍ଛତ୍ରବାଦୀ ଶାସନରେ ଜଣେ ମଣିଷର ବା ଗୋଟିଏ ନିର୍ଦ୍ଦିଷ୍ଟ ଦଳର ଶାସନ ଚାଲେ। କ୍ଷମତାହୀନ ଦଳ ବାହାରେ ଆଉ କାହାରିକୁ ମୁହଁ ଖୋଲିବାକୁ ଦିଆଯାଏନାହିଁ। ମାତ୍ର ଗଣତନ୍ତ୍ରରେ ଗୋଟିଏ ଦଳ ଶାସନରେ ଥାନ୍ତି, ମାତ୍ର ତା' ସହିତ ଅନ୍ୟ ଏକାଧିକ ଦଳ ମଧ୍ୟ ଥାନ୍ତି। ସେମାନେ ମଧ୍ୟ ଶାସନରେ ଏକ ଅପରିହାର୍ଯ୍ୟ ଅଙ୍ଗ। ପ୍ରାବନ୍ଧିକ ଚିତ୍ତରଞ୍ଜନ ଦାସଙ୍କ ଭାଷାରେ, ''ସତ୍ୟ କେବଳ ଗୋଟିଏ ବାଦରେ କିମ୍ବା ଆଦର୍ଶରେ ନାହିଁ, ତେଣୁ କୌଣସି ଦଳ କଦାପି ସଂପୂର୍ଣ୍ଣ ସତ୍ୟର ପ୍ରତିନିଧିତ୍ୱ କରିପାରିବ ନାହିଁ। ତାକୁ ଅନ୍ୟମାନଙ୍କ କଥା ଶୁଣିବାକୁ ପଡ଼ିବ ଏବଂ ବିବିଧ ମତର ଏକତ୍ର ସଂଘାତ ଅଥବା ସନ୍ତୁଳନରେ ଯାଇ ଅସଲ ସତ୍ୟଟି ସମ୍ଭବ ହୋଇପାରିବ। ଏହିପରି ଏକ ମୂଳଭୂତ ବିଚାର ଓ ବିବେକ ଉପରେ ଗଣତନ୍ତ୍ର ଆଧାରିତ ହୋଇ ରହିଥାଏ। ତେଣୁ ଏଥିରେ ବିବିଧତାକୁ ସମ୍ମାନ ଦିଆଯାଏ, ଅପର ଆଉ ଜଣକୁ ସମ୍ମାନ ଦିଆଯାଏ ; କ୍ଷମତାର ଆସନରେ ବସିଥିବା ମଣିଷମାନେ ଯେ ସଂପୂର୍ଣ୍ଣ ସତ୍ୟର ମୋଟେ ଅଧିକାରୀ ନୁହନ୍ତି, ସେହି କଥାଟିକୁ ସଂପୃକ୍ତ ସମସ୍ତେ ଏକ ମହତ୍ତ୍ୱପୂର୍ଣ୍ଣ ମୂଳକଥା ବୋଲି ସ୍ୱୀକାର କରିନେଇଥାନ୍ତି। ଯିଏ ସବୁଥିରୁ ଅଧିକ ବଳୁଆ ହୋଇ ନିର୍ବାଚନର ରଣରେ ବିଜୟୀ ହୋଇ ଶାସନରେ ବସିଛି, କେବଳ ସେଇ ଏକମାତ୍ର ସର୍ବେସର୍ବା ନୁହେଁ–ଅନ୍ୟ ତଥାକଥିତ ଅଳ୍ପବଳମାନଙ୍କର ମଧ୍ୟ କିଛି କରିବାକୁ ରହିଛି, ସେହି କଥାକୁ ଅଲବତ ସମ୍ମାନ ଓ ସ୍ୱୀକୃତି ଦେବାକୁ ପଡ଼ିବ, ଗଣତନ୍ତ୍ରରେ ଏହାକୁ ହିଁ ସର୍ବପ୍ରଥମ ଔଚିତ୍ୟ ଓ ଭଦ୍ରତା ବୋଲି ସ୍ୱୀକାର କରାଯାଇଥାଏ।'' ମାତ୍ର ଅପରପକ୍ଷରେ ଯେଉଁମାନେ ବିରୋଧ କରନ୍ତି ସେମାନଙ୍କ ବିରୋଧ ପଛରେ ଔଚିତ୍ୟ ଓ ବିବେକ ଚାଳିତ ବିଚାରବୋଧ ରହିଥିବା ଦରକାର। କେବଳ ବିରୋଧ କରିବା ପାଇଁ ବିରୋଧ କରିବା ସେମାନଙ୍କ ନୀତି ହେବା ଠିକ୍ ନୁହେଁ।

ସଂପ୍ରତି ଯେଉଁ ଦଳ ବା ଦଳଗୁଡ଼ିକ ସଂଖ୍ୟାଗରିଷ୍ଠତା ହାସଲ କରି ନ ପାରି ସରକାର ଗଢ଼ିପାରୁ ନାହାନ୍ତି ସେହି ଦଳକୁ ବିରୋଧୀଦଳ କୁହାଯାଉଛି। ଏବେ ସାଧାରଣ ଲୋକ ବିରୋଧୀ ଦଳ କହିଲେ ବୁଝନ୍ତି– ଯେଉଁମାନେ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମକୁ ବିରୋଧ କରନ୍ତି, ମାଇକ୍ ଭାଙ୍ଗନ୍ତି, ଚୌକି ଫୋପାଡ଼ନ୍ତି, ବିଲ୍ ଚିରନ୍ତି, ବାଚସ୍ପତିଙ୍କ ନିର୍ଦ୍ଦେଶ ମାନନ୍ତି ନାହିଁ, ତାଙ୍କ ଟେବୁଲ ଉପରକୁ ଚଢ଼ନ୍ତି, ବ୍ୟକ୍ତିଗତ ଆରୋପ ପ୍ରତ୍ୟାରୋପ କରନ୍ତି, ଝାଞ୍ଜ ବଜାନ୍ତି, ପ୍ଲାକାର୍ଡ଼ ଦେଖାନ୍ତି ଓ ବିଧାନସଭା ବା ସଂସଦକୁ ଅଚଳ କରନ୍ତି। ଗଣତନ୍ତ୍ରରେ ସଂଖ୍ୟାଲଘୁ ଦଳର ମଧ୍ୟ ଏକ



ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଛି। ସରକାରୀ ଦଳ ଦ୍ୱାରା ଯଦି କ୍ଷମତାର ଅପବ୍ୟବହାର ହେଉଥାଏ ତାକୁ ରୋକିବା ହେଉଛି ଏହି ଦଳର କାମ। ପୁନଶ୍ଚ ଗଠନମୂଳକ ପ୍ରସ୍ତାବ ଦେବା ମଧ୍ୟ ଏହାର ସାମ୍ବିଧାନିକ କର୍ତ୍ତବ୍ୟ ଓ ସରକାରୀ ଦଳ ତାକୁ ସକାରାତ୍ମକ ଭାବରେ ଗ୍ରହଣ କରିବା ଉଚିତ। ମାତ୍ର ସଂପ୍ରତି ଭାରତରେ ଉଭୟ ସରକାରୀ ଦଳ ଓ ବିରୋଧୀ ଦଳ ନିଜ ନିଜର ଭୂମିକା ଠିକ୍ ଭାବରେ ନିର୍ବାହ କରୁ ନ ଥିବାର ଲକ୍ଷ୍ୟ କରାଯାଉଛି। ପ୍ରତ୍ୟେକ କ୍ଷେତ୍ରରେ ବିରୋଧୀ ଦଳ ସରକାରଙ୍କୁ ବିରୋଧ କରୁଛି ଓ ବିରୋଧୀ ଦଳର ପ୍ରସ୍ତାବକୁ ସରକାରୀ ଦଳ ଗ୍ରହଣ କରୁନାହିଁ। ପରସ୍ପର ପରସ୍ପରକୁ ଶତ୍ରୁ ମଣୁଛନ୍ତି। ସରକାରୀ ଦଳ ଯେ ସର୍ବଦା ଠିକ୍ କାର୍ଯ୍ୟ କରୁଥିବ ଏଥିରେ କୌଣସି ନୈଶ୍ଚିତ୍ୟ ନାହିଁ। ମଣିଷ ଓ ପଶୁ ମଧ୍ୟରେ ପାର୍ଥକ୍ୟ ହେଉଛି–ପଶୁ ଭୁଲ୍ କରେ, କିନ୍ତୁ ଭୁଲ୍‌କୁ ସଂଶୋଧନ କରିପାରେ ନାହିଁ, କାରଣ ତା'ର ବିଚାରବୋଧ ନାହିଁ। ମାତ୍ର ମଣିଷ ଭୁଲ୍ କଲେ ଓ ତାକୁ ସଂଶୋଧନ କରିପାରେ, କାରଣ ତା'ର ବିଚାରଶକ୍ତି ଅଛି। ଯେତେବେଳେ ସରକାରୀ ଦଳ କିଛି ଭୁଲ୍ କରିବସେ, ସେତେବେଳେ ବିରୋଧୀ ଦଳର ବିରୋଧ ସରକାରୀ ଦଳକୁ ତାର ନିଷ୍ପତ୍ତିର ପୁନର୍ବିଚାର କରିବା ପାଇଁ ସୁଯୋଗ ଦିଏ। ଅନେକ କ୍ଷେତ୍ରରେ ଭୁଲ୍ ସଂଶୋଧିତ ହୋଇଯାଏ। ଏହି ପ୍ରସଙ୍ଗରେ ମନେପଡ଼େ ଜଣେ ବିଶିଷ୍ଟ ପ୍ରାଜ୍ଞପୁରୁଷର ବକ୍ତବ୍ୟ:

ଜୀବନ୍ତୁ ମେ ଶତ୍ରୁଗଣାଃ ସଦୈବ
ତେଷାଂ ପ୍ରସାଦାତ୍ ସୁବିଚକ୍ଷଣୋଽହଂ
ଯେ ଯେ ଯଥା ମାଂ ପ୍ରତିବାଧୟନ୍ତି
ତେ ତେ ତଥା ମାଂ ପ୍ରତିବୋଧୟନ୍ତି

ଅର୍ଥାତ୍ ମୋ ଶତ୍ରୁଗଣ ସର୍ବଦା ବଞ୍ଚିରହନ୍ତୁ, କାରଣ ତାଙ୍କ ପ୍ରସାଦରୁ ମୁଁ ଆହୁରି ବିଚକ୍ଷଣ ହୋଇପାରୁଛି। ଯଦିଓ ସେମାନେ ମୋତେ ପ୍ରତିରୋଧ କରନ୍ତି, ତଦ୍ୱାରା ମୁଁ ଜାଗ୍ରତ ହୁଏ। ନିଜର ଭୁଲ୍ ତ୍ରୁଟିକୁ ସୁଧାରିବା ପାଇଁ ସୁଯୋଗ ପାଏ। ଠିକ୍ ସେହିପରି ଗଣତାନ୍ତ୍ରିକ ମୂଲ୍ୟବୋଧରେ ବିଶ୍ୱାସ କରୁଥିବା ବାମଣ୍ଡାର ରାଜା ସୁଢ଼ଳଦେବଙ୍କୁ କେହି ତର୍କରେ ବିରୋଧ କଲେ ସେ କହୁଥିଲେ ''ମୋ ସହିତ ପ୍ରତିପକ୍ଷତା କଲେ ମୁଁ ନୂତନ କିଛି ଶିକ୍ଷା ଲାଭ କରିବାର ସୁଯୋଗ ପାଇବି, ମୋର ରାଜସମ୍ମାନ ସ୍ମରଣ କରି ଯେପରି ମୋର ମତକୁ ନିଜ ମତ ବୋଲି ଗ୍ରହଣ କରିବେ ନାହିଁ। ଆପଣଙ୍କ ସମକକ୍ଷ ବ୍ୟକ୍ତିଙ୍କ ସହିତ କଥାବାର୍ତ୍ତା କରୁଛନ୍ତି ବୋଲି ମନେ କରିବେ। ମୁଁ ଯାହା ଜାଣେ ସେଥିରେ ସମ୍ମତ ହେବା ସହଜ କାର୍ଯ୍ୟ, ମୋର ମୂର୍ଖ ପ୍ରଜା ମଧ୍ୟ ତାହା କରିପାରନ୍ତି, ଆପଣ ଆପଣଙ୍କ ପକ୍ଷ ସମର୍ଥନରେ ପଟୁତା ପ୍ରଦର୍ଶନ କଲେ ହିଁ ମୁଁ ସୁଖୀ ହେବି।'' ଏହି ବକ୍ତବ୍ୟରୁ ସାଂପ୍ରତିକ ସମୟର ସରକାର ଶିକ୍ଷା କରିବା ଉଚିତ ଓ ବିରୋଧୀ ଦଳକୁ ଦମନ ନ କରି ତାଙ୍କ ସ୍ୱରକୁ ଏକ ସତର୍କଘଣ୍ଟି ଭାବରେ ଗ୍ରହଣ କରିବା ଉଚିତ। ଏହା ହେଉଛି ଏକ ସୁସ୍ଥ ଗଣତାନ୍ତ୍ରିକ ପରମ୍ପରା।

କାନାଡ଼ା, ଜର୍ମାନୀ ଭଳି କେତେକ ଗଣତାନ୍ତ୍ରିକ ଦେଶରେ ବିରୋଧୀ ଦଳମାନେ ଛାୟା ମନ୍ତ୍ରିମଣ୍ଡଳ ଗଢ଼ନ୍ତି। ଫଳରେ ସଂସଦରେ ଆଲୋଚନା ଗଠନମୂଳକ ହୁଏ। କେତେକ ଦେଶରେ ବିରୋଧୀ ଦଳକୁ 'ଅପେକ୍ଷିତ ସରକାର' ବୋଲି କୁହାଯାଏ, କାରଣ ସରକାର କୌଣସି କାରଣରୁ ଅସମର୍ଥ ବା ସଂଖ୍ୟାଲଘୁ ହୋଇଗଲେ ବିରୋଧୀ ଦଳ ସରକାର ଗଢ଼ନ୍ତି। ଏଣୁ ବିଶିଷ୍ଟ ସ୍ତମ୍ଭକାର ଭଗବାନ ପ୍ରକାଶ ଏକ ପ୍ରବନ୍ଧରେ କହିଛନ୍ତି ଗଣତନ୍ତ୍ରରେ ଯେଉଁ ସଂଖ୍ୟାଲଘୁ ଦଳକୁ ବିରୋଧୀ ଦଳ କୁହାଯାଉଛି ତାକୁ ବିରୋଧୀ ଦଳ କୁହା ନ ଯାଇ ବିକଳ୍ପ ଦଳ କୁହାଯିବା ଉଚିତ। ବିରୋଧୀ ଦଳ କହିବା ଦ୍ୱାରା ଦଳର ସଦସ୍ୟ ଧରିନେଉଛନ୍ତି ଯେ ସେମାନଙ୍କ କାମ ହେଉଛି ସବୁବେଳେ ବିରୋଧ କରିବା। ସେମାନେ ଏହି ଭ୍ରାନ୍ତ ଧାରଣାରୁ ମୁକ୍ତ ହେବା ଦରକାର। ସେମାନେ ନିଜକୁ ସରକାରୀ ଦଳର ଏକ ବିକଳ୍ପ ଭାବରେ ପ୍ରତିପାଦିତ କରିବା ଆବଶ୍ୟକ। ସଂସଦୀୟ ଗଣତନ୍ତ୍ରରେ ବିରୋଧୀ ଦଳ ନିଜ ସଂକୁଚିତ ସଂଖ୍ୟାକୁ ନେଇ ବିଚଳିତ ହେବା ଉଚିତ ନୁହେଁ। ସର୍ବଦା ନିଷ୍ପକ୍ଷ ବା ନିରପେକ୍ଷ ମନୋଭାବ ନେଇ ଦେଶର ବୃହତ୍ତର ସ୍ୱାର୍ଥ ପାଇଁ କାମ କରିବା ବିରୋଧୀ ଦଳର ସାମ୍ବିଧାନିକ କର୍ତ୍ତବ୍ୟ। ବିଡ଼ମ୍ବନାର ବିଷୟ ଯେ ସଂପ୍ରତି ଭାରତରେ ଉଭୟ ସରକାରୀ ଓ ବିରୋଧୀ ଦଳ ଆଦର୍ଶଚ୍ୟୁତ ହୋଇଯାଇଛନ୍ତି। କଳେ ବଳେ କୌଶଳେ ନିର୍ବାଚନ ଲଢ଼ିବାକୁ ଓ ଜିତିବାକୁ ସେମାନେ ଯେତିକି ଆଗ୍ରହ ପ୍ରକାଶ କରୁଛନ୍ତି ଗଣତାନ୍ତ୍ରିକ ପ୍ରକ୍ରିୟା ଅନୁସରଣ କରିବା ପାଇଁ ସେତିକି ଅନିଚ୍ଛା ପ୍ରକାଶ କରୁଛନ୍ତି। ଏଥିପାଇଁ ଜୟପ୍ରକାଶ ନାରାୟଣ ଏକ ଦଳମୁକ୍ତ ସରକାର ଗଢ଼ିବା ପାଇଁ ଆହ୍ୱାନ ଦେଇଥିଲେ। ସବୁ ବର୍ଗର ପ୍ରତିନିଧି ଓ ଅଭିଜ୍ଞ ଲୋକଙ୍କୁ ନେଇ ଏକ ଜାତୀୟ ସରକାର ଗଢ଼ାଯିବା ଉଚିତ ବୋଲି ସେ ମତ ଦେଉଥିଲେ। ଏବେ ମଧ୍ୟ ଛୋଟ ନିଉଏ, ତୁଭ୍ଲୁ ଭଳି ଛୋଟ ଦ୍ୱୀପରେ ରାଜନୈତିକ ଦଳବିହୀନ ସରକାର ପ୍ରଚଳିତ ଥିଲେ ହେଁ ଭାରତ ଭଳି ବୃହତ୍ ଗଣତନ୍ତ୍ରରେ ଏହା ସଫଳ ହେବା ସମ୍ଭବ ନୁହେଁ। ଏଣୁ ସରକାରୀ ଦଳ ଓ ତଥାକଥିତ ବିରୋଧୀ ଦଳ (ଯାହାକୁ ବିକଳ୍ପ ଦଳ କହିବା ବେଶି ସମୀଚୀନ)ର ସୁସହାବସ୍ଥାନ ହିଁ ସଫଳ ଗଣତନ୍ତ୍ରର ଆଧାର ହୋଇପାରିବ।

**ପ୍ରାକ୍ତନ ଅଧ୍ୟକ୍ଷ, ଡି.ଏ.ଭି. ସ୍ୱୟଂଶାସିତ କଲେଜ, ଟିଟିଲାଗଡ଼**
**ମୋ:୯୪୩୭୩୨୯୨୬୩**

# ମାଧୁର୍ଯ୍ୟହରା ବର୍ଷାଋତୁ



ବୈକୁଣ୍ଠନାଥ ମିଶ୍ର

ବର୍ଷାଋତୁର ଆଗମନ ଧରାବାସୀଙ୍କ ପାଇଁ ଅମୋଘ ସୀବନୀ ସଦୃଶ। ସକଳ ପ୍ରାଣୀ ଓ ଉଦ୍ଭିଦ ଜଗତର ଜୀବନଚକ୍ରକୁ ସୁରକ୍ଷିତ କରେ, ପ୍ରଦାନ କରେ ନବଜୀବନ। ପିଲାଦିନେ ପଢ଼ିଥିବା ଏକ କବିତାଂଶ ବେଶ୍ ପ୍ରଭାବିତ କରିଥିଲା ତତ୍କାଳୀନ ଛାତ୍ର ସମାଜକୁ। ମେଘ କହୁଛି–'ଭାସି ଯାଉଥିଲି ନଭେ ସମୀରଣ ଦୋଳରେ–କିଏ ମୋତେ ଡାକିଦେଲା ଏ ମଧୁର ବେଳାରେ।' 'ଧାନକ୍ଷେତ ଚାଷୀ ମୋତେ ବସିଥିବ ଅନାଇ– ଟପ ଟପ ଗୀତ ବାରେ ଦେବି ତାକୁ ଶୁଣାଇ।' ସମୟ ବଦଳିଛି। ପରିବେଶ ଅସନ୍ତୁଳିତ। ଚାଷୀ ଆକାଶକୁ ଚାହିଁ ଯେତେ ଉଦ୍‌ବିଗ୍ନ ହେଲେ ମଧ୍ୟ ବାରିଧାରାର ଟପ ଟପ ସ୍ୱର ଆଉ ଶୁଭୁନାହିଁ। ମେଘ ଆଉ ଅକାତରରେ ବାରିବର୍ଷଣ କରୁନାହିଁ। କବିବର ରାଧାନାଥଙ୍କର ସେ କବିତାଂଶ 'ବିତରେ ଅକାତରେ ଜୀବନ ଘନ – ଧନ୍ୟ ଯେ ଦାତା ଜାଣେ ଯାଚକ ମନ'– ତା'ର ଔଜ୍ଜ୍ୱଲ୍ୟ ହରାଇଥିବା ପରି ମନେହୁଏ। ଶ୍ରୀମଦ୍‌ଭାଗବତ ଗୀତା କହନ୍ତି – ପୃଥିବୀକୁ ଆମର ମା' ଓ ସୂର୍ଯ୍ୟ ଆମର ପିତା ସଦୃଶ। ପୃଥିବୀ ଓ ସୂର୍ଯ୍ୟଙ୍କର ମିଳନ ଯୋଗୁ ସମୁଦ୍ରମାନଙ୍କରୁ ରସାସ୍ୱାଦିତ ହୋଇ ଆକାଶରୂପକ ଗର୍ଭରେ ନଅମାସ କାଳ କ୍ରମବର୍ଦ୍ଧମାନ ଅବସ୍ଥାରେ ରହି ବର୍ଷାଋତୁ ଜଳରୂପକ ସନ୍ତାନ ପ୍ରସବିତ ହୁଏ। ପ୍ରାଣୀ ଜଗତର ଆବେଗ, ଆବଶ୍ୟକତା ଓ ତଜ୍ଜନିତ ବ୍ୟାକୁଳତାକୁ ସ୍ୱୀକାର କରି ଧରାପୃଷ୍ଠକୁ ଓହ୍ଲାଇଆସେ ବର୍ଷାଋତୁ। ଗ୍ରୀଷ୍ମର ପ୍ରଚଣ୍ଡ ରୌଦ୍ରତାପରେ ବିଦଗ୍ଧ ଧରାବାସୀଙ୍କର ନୀରସ ଜୀବନ ମେଘମାଳାର ଅମୃତ ବାରିଧାରାରେ ହୋଇଉଠେ ସରସ ସୁନ୍ଦର। ପ୍ରକୃତି ମା'ର ରୂପ ବଦଳିଯାଏ। ନିସ୍ତେଜ ପତ୍ରବିହୀନ, ମୃତପ୍ରାୟ ବୃକ୍ଷରାଜି ନବପଲ୍ଲବିତ ହୋଇ ନୂତନ ଜୀବନ ଲାଭ କଲାପରି ପ୍ରତୀୟମାନ ହୁଅନ୍ତି। ପ୍ରାଚୀନ ପରମ୍ପରା ଅନୁଯାୟୀ, ବର୍ଷାର ଟପ ଟପ ଶବ୍ଦ ଶ୍ରବଣ ମାତ୍ରକେ ନବବିବାହିତା ଲାଳନାର ମନପ୍ରାଣ ଅସ୍ଥିର ହୋଇଉଠେ ଓ ବିଦେଶସ୍ଥିତ ସ୍ୱାମୀଙ୍କ ଉପସ୍ଥିତିକୁ ଝୁରିହୁଏ। ସେହିପରି ବିଦେଶସ୍ଥିତ ପୁରୁଷଟି ମଧ୍ୟ ନବପରିଣୀତା ପତ୍ନୀଙ୍କ ସଙ୍ଗସୁଖ ବାସନାରେ ଜର୍ଜରିତ ହୁଏ। କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଲେଖିଛନ୍ତି –

''ବିଦେଶେ ନାୟକ ଭାଳଇ ବସି– କି କରୁଥିବ
ମୋ ପ୍ରୀତି ଲାଳସୀ।
ଝୁରୁଥିବ ବସି ରଜନୀ ଦିବା– ଧିକ୍ ଜୀବନ
ବିଦେଶେ ରହିବା।।''

ଏମିତି କେତେ କେତେ କବି, ଲେଖକ, ଭାବୁକ ବର୍ଷାର ଅପରୂପ ଲାବଣ୍ୟକୁ ଲେଖନି ମୁନରେ ପ୍ରକାଶକରି ବର୍ଷାଋତୁ ବୈଶିଷ୍ଟ୍ୟ ବର୍ଣ୍ଣନାରେ ଶତମୁଖ ହୋଇଉଠିଛନ୍ତି। ପୂର୍ବକାଳରେ ରାଜା ମହାରାଜାମାନେ ବର୍ଷାଋତୁର ଆଗମନରେ ତାଙ୍କ ଯୁଦ୍ଧାଭିଯାନକୁ ସ୍ଥଗିତ ରଖି ଚାତୁର୍ମାସ୍ୟ ବ୍ରତ ପାଳନରେ ନିମଜ୍ଜିତ ହେଉଥିଲେ। ବାଲ୍ମୀକି ରାମାୟଣର ବର୍ଣ୍ଣନା ଅନୁସାରେ –ବର୍ଷାଋତୁର ଆଗମନରେ ନ ଥାଏ ନିଦାଘର ଉତ୍ପୀଡ଼ନ, ନ ଥାଏ ମଧ୍ୟ କାଳବୈଶାଖୀର ଖଣ୍ଡପ୍ରଳୟଜନିତ ତାଣ୍ଡବ କିମ୍ବା ଅକାଳ ବଜ୍ରପାତର ବିଭୀଷିକା। ସର୍ବତ୍ର ଶୀତଳତାର ଅପୂର୍ବ ସ୍ପର୍ଶ। ଶୀତଳ ସମୀରଣର ଶିହରଣ ସୃଷ୍ଟିକାରୀ ଧୀର ପ୍ରବାହ। କୃଷକର ବହୁ ପ୍ରତୀକ୍ଷିତ ଜଳଧାରା ଯେତେବେଳେ ତା' କୃଷିକ୍ଷେତ୍ରରେ ଭରିଯାଏ ଉତ୍ତମ ଶସ୍ୟ ଉତ୍ପାଦନର



ଅନାଗତ ସୁଖପ୍ରାପ୍ତିରେ ତା'ର ମନପ୍ରାଣ ପୁଲକିତ ହୋଇଉଠେ। କିନ୍ତୁ ତା'ର ଆଶା ନିରାଶାରେ ଭରିଯାଏ ଯେତେବେଳେ ଅନାବୃଷ୍ଟି, ଅତିବୃଷ୍ଟି ଓ ବନ୍ୟାବାତ୍ୟାର ସର୍ବଗ୍ରାସୀ କରାଳ ମୁଖରେ ସେ ନିପତିତ ହୁଏ। ସେ ଭୀତତ୍ରସ୍ତ ହୋଇ ଯେ କୌଣସି ଦାରୁଣ ପରିଣତିକୁ ଆଦରିନିଏ। ଭାରତୀୟ କୃଷି ମୌସୁମୀବାୟୁର କ୍ରୀଡ଼ନକ। ଆଜିକାଲି ମୌସୁମୀ ଆଗମନ ଓ ପ୍ରବାହରେ ନାହିଁ ସ୍ଥିରତା। ଏକ ଅନିଶ୍ଚିତତା ମଧ୍ୟରେ ଗତିକରେ କୃଷକର ଜୀବନଧାରା। ମୌସୁମୀ ଆଗମନ ଯଥା ସମୟରେ ହେଉଥିଲେ ମଧ୍ୟ ତାକୁ ସହାୟତା କଲାଭଳି ଅନୁକୂଳ ପରିବେଶ ଅଭାବରୁ ଶୀଘ୍ର ଦୁର୍ବଳ ହୋଇପଡୁଛି। ଆକାଶରେ କଳାମେଘର ଆସ୍ତରଣ ଭାରିବର୍ଷାର ଭ୍ରମ ସୃଷ୍ଟି କରୁଛି ଓ ପର ମୁହୂର୍ତ୍ତରେ କେଉଁଆଡ଼େ ହଜିଯାଉଛି। ମୌସୁମୀ ବାୟୁର ଲୁଚକାଳି ଖେଳ କୃଷିଜୀବୀ ପାଇଁ କାଳ ସାଜୁଛି। କେବଳ ବର୍ଷାଦିନେ ଜଳଧାରଣ କରି ବର୍ଷର ଅବଶିଷ୍ଟ ସମୟ ଶୁଷ୍କତାକୁ ଆଦରିବାକୁ ପଡୁଛି। ଅବିଚାରିତ ଭାବେ ବୃକ୍ଷଛେଦନ ଓ ବନ ଧ୍ୱଂସୀକରଣ ଯୋଗୁ ବୃଷ୍ଟିଜଳ ଭୂତଳଗାମୀ ହେବା ପରିବର୍ତ୍ତେ ନଦୀରେ ବନ୍ୟା ସୃଷ୍ଟି କରୁଛି ଓ ସମୁଦ୍ରର ବିପୁଳ ଜଳଧାରାରେ ନିମଜ୍ଜିତ ହେଉଛି। ପ୍ରାୟ ପାଞ୍ଚ ଦଶନ୍ଧି ପୂର୍ବେ ଲିଖିତ 'ଫରେଷ୍ଟସ୍ ଫର୍ ଦି ପିପୁଲ'ରେ ଲେଖକ ରୁଷ୍ ଇଞ୍ଜିନିୟର ଚେତାବନୀ ଶୁଣାଇଛନ୍ତି ଯେ, ଆମେ ଯଦି ଅଧିକରୁ ଅଧିକ ବୃକ୍ଷ ରୋପଣ ଓ ତା'ର ସଂରକ୍ଷଣ ନ କରିବା ତେବେ ଖୁବ୍ ନିକଟରେ ଆମକୁ ଘୋର ବିପତ୍ତିର ସାମ୍ନା କରିବାକୁ ହେବ, ଯାହା ଆଜି ସତ୍ୟତାରେ ପରିଣତ ହୋଇଛି। କେଉଁଠି ଅତ୍ୟଧିକ ବର୍ଷା ହୋଇ ପ୍ରଳୟ ସୃଷ୍ଟି କରୁଛି ଇ ତ କେଉଠି ଲୋକେ ମରୁଡ଼ିକୁ ସାମ୍ନା କରୁଛନ୍ତି। ଜଳକଷ୍ଟ ପୃଥିବୀବାସୀଙ୍କୁ ଅତିଷ୍ଠ କଲାଣି। ୨୦୧୧ ଜନଗଣନାର ରିପୋର୍ଟ ଅନୁଯାୟୀ, ଓଡ଼ିଶାର ୩୬ ପ୍ରତିଶତରୁ ଅଧିକ ଲୋକଙ୍କୁ ପାଣି ବୁନ୍ଦାଏ ପାଇବା ପାଇଁ ପ୍ରତ୍ୟହ ପ୍ରାୟ ଏକ କିଲୋମିଟର ବା ତଦୂର୍ଦ୍ଧ୍ୱ ପଥ ଅତିକ୍ରମ କରିବାକୁ ପଡୁଛି। ବର୍ତ୍ତମାନ ଏହି ସଂଖ୍ୟା ଢେର୍ ବଢ଼ିଲାଣି। ପୃଥିବୀର ପ୍ରାୟ ୭୨ ଭାଗ ଜଳ ଓ ୨୮ ଭାଗ ସ୍ଥଳ ହୋଇଥିଲେ ମଧ୍ୟ ପ୍ରାଣୀ ଆବଶ୍ୟକ କରୁଥିବା ଜଳର ପରିମାଣ ମାତ୍ର ୩ ପ୍ରତିଶତରୁ କମ୍। ସେଥିରୁ ଦୁଇ ପ୍ରତିଶତ ଜଳ ହିମତୁଷାର ଆକାରରେ ଗଚ୍ଛିତ ରହିଥିବା ବେଳେ ମାତ୍ର ୧ ପ୍ରତିଶତ ଜଳ ମନୁଷ୍ୟ ଓ ଅନ୍ୟ ପ୍ରାଣୀମାନଙ୍କର ଆବଶ୍ୟକତାରେ ଆସୁଛି। ସମୁଦାୟ ୧୮ ପ୍ରତିଶତ ବୃଷ୍ଟିଜଳ, ଯାହା କେଉଁକାଳରୁ ବୃକ୍ଷମାନଙ୍କ ଦ୍ୱାରା ଭୂତଳଗାମୀ ହେଉଥିଲା – ତାହା ଏବେ ସିଧା ସମୁଦ୍ରକୁ ଚାଲିଯାଉଛି। ଗତ ଶତାବ୍ଦୀର ୮୦ଦଶକ ସୁଦ୍ଧା ନଦୀମାନଙ୍କରେ ଯେତେ ଜଳ ପ୍ରବାହିତ ହେଉଥିଲା ଏବେ ତାହା ଶୁଷ୍କତାକୁ ଆଦରି ନେଇଛି। ବର୍ଷତମାମ୍ ଯେତେ ବୃଷ୍ଟିପାତ ହେବାକଥା ପାଖାପାଖି ସେତିକି ବର୍ଷା ହେଉଥିଲେ ମଧ୍ୟ ଅକାଳବୃଷ୍ଟି ଓ ସ୍ଥାନେ ସ୍ଥାନେ ଅତିବୃଷ୍ଟି ଉପକାର ପରିବର୍ତ୍ତେ ଅଧିକ କ୍ଷତି କରୁଛି। ମୋଟାମୋଟି ବର୍ଷାଋତୁର ସେ ପୂର୍ବ ବୈଶିଷ୍ଟ୍ୟ ଆଉ ନାହିଁ। ବର୍ଷାଋତୁ ଆସୁଥିଲେ ମଧ୍ୟ ବେଙ୍ଗମାନଙ୍କର ରାବ ନ ଶୁଭି କୋଇଲି ଓ ଝିଙ୍କାରିଙ୍କ ରାବ ଶୁଣାଯାଉଛି।

**ସିଦ୍ଧଳ, ଜଗତ୍‌ସିଂହପୁର**
**ମୋ: ୯୯୩୭୪୫୦୫୪୦**

## ଏଇ ଭାରତରେ

ଆଜିକାଲି ପିଲାଙ୍କର ଫୋନ୍ ପ୍ରତି ଏଭଳି ଦୁର୍ବଳତା ରହିଛି ଯେ ସେମାନେ କିଛି ବି କରିବାକୁ ପଛାଉ ନାହାନ୍ତି। ଫୋନ୍‌ଟିଏ ପାଇଁ ସବୁକିଛି ତୁଚ୍ଛ କରି ଜୀବନକୁ ବାଜି ଲଗାଇ ଦେଉଛନ୍ତି। ଏମିତିକି ଘର ଛାଡ଼ି ଚାଲିଯିବାକୁ ବି ପଛାଉ ନାହାନ୍ତି। ଅଜବ ମନେ ହେଉଥିଲେ ବି ଏଭଳି ଘଟଣା ଦେଖିବାକୁ ମିଳିଛି ହରିୟାଣା ଅମ୍ବାଲାର କମଲ ବିହାର ଅଞ୍ଚଳରେ। ଏଠାରେ ୧୫ ବର୍ଷୀୟ ଜଣେ ବାଳକ ଫୋନ୍ ପାଇଁ ଘର ଛାଡ଼ି ଚାଲି ଯାଇଥିଲେ। ଘଟଣା ଅନୁସାରେ ପିଲାଟି ଦଶମ ଶ୍ରେଣୀର ଛାତ୍ର, କିନ୍ତୁ ଘରେ ପାଠପଢ଼ା ତୁଳନାରେ ଅଧିକାଂଶ ସମୟ ଫୋନ୍ ଦେଖିବାରେ କଟାଉଥିଲେ। ତେଣୁ ଏହି ଅଭ୍ୟାସ ଛଡ଼ାଇବା ପାଇଁ ତାଙ୍କ ବାପା ତାଙ୍କୁ ଫୋନ୍ ନ ଦେଖିବାକୁ କହି ଗାଳି କରିଥିଲେ। କିନ୍ତୁ ଫୋନ୍ ଦେଖିବା ନେଇ ସମ୍ପୃକ୍ତ ବାଳକଜଣକ ଏତେ ଅଭ୍ୟସ୍ତ ହୋଇ ଯାଇଥିଲେ ଯେ ତାଙ୍କୁ ବହୁତ କଷ୍ଟ ହୋଇଥିଲା। ଫୋନ୍ ବିନା ତାଙ୍କ ଜୀବନକୁ ବ୍ୟର୍ଥ ବୋଲି ସେ ଭାବିଥିଲେ। ତେଣୁ ଘରଛାଡ଼ି କୁଆଡେ ଚାଲି ଯାଇଥିଲେ। ଏହାପରେ ତାଙ୍କ ବାପା ତାଙ୍କୁ ଖୋଜିବା ପାଇଁ ବନ୍ଧୁ ସମ୍ପର୍କୀୟଙ୍କ ଘରଠାରୁ ଆରମ୍ଭ କରି ବସଷ୍ଟାଣ୍ଡ, ଷ୍ଟେସନ୍ ସବୁଆଡ଼କୁ ଯାଇଥିଲେ। ହେଲେ ପୁଅକୁ ନ ପାଇ ନିରାଶ ହୋଇ ଫେରିଥିଲେ। ଏହାପରେ ବାଧ୍ୟ ହୋଇ ସେ ପୋଲିସରେ ଖବର ଦେଇଥିଲେ। ତେବେ ପୋଲିସ ଖୋଜିବା ପରେ ବାଳକଜଣକ ଧରା ପଡ଼ିଥିଲେ। ପୋଲିସ ବାଳକଙ୍କୁ ବୁଝାସୁଝା କରି ଘରେ ଛାଡ଼ି ଦେଇଛି।

## ୫୦ ବର୍ଷ ତଳର ଧରିତ୍ରୀ

**୫ ଅଗଷ୍ଟ ୧୯୭୫**

- ଦୁର୍ନୀତି ଆଚରଣ ଅଭିଯୋଗରେ ଦକ୍ଷିଣ–ପୂର୍ବ ରେଲ୍‌ୱେରୁ ୧୬ ଜଣ କର୍ମଚାରୀ ବହିଷ୍କୃତ।
- ମଧ୍ୟପ୍ରଦେଶର ଅନ୍ୟଜଣେ ପୂର୍ବତନ ରାଜାଙ୍କଠାରୁ ବିଦେଶ ତିଆରି ୪ଟି ଶକ୍ତିଶାଳୀ ଟ୍ରାନ୍ସମିଟର ଉଦ୍ଧାର କରାଯାଇଛି।
- ସାମରିକ ବିଦ୍ରୋହ ବଳରେ କମରୋ ଦ୍ୱୀପପୁଞ୍ଜର ରାଷ୍ଟ୍ରପତି ଅହମ୍ମଦ ଅବଦୁଲ୍ଲା କ୍ଷମତାଚ୍ୟୁତ।

## ସୁ–ଡୋ–କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | | 3 | 6 | | | | | |
| | 2 | | | | | 4 | | |
| | | 7 | | | | 2 | | 5 |
| | | 9 | | 5 | 6 | | | 4 |
| 8 | | | | | | | 5 | |
| 4 | 6 | | 1 | | | 8 | | |
| 3 | 7 | | | | 1 | 5 | | |
| 2 | | | 3 | | | 1 | | |
| | | | | | 7 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 5 | 8 | 6 | 4 | 9 | 1 | 7 | 3 |
| 1 | 6 | 4 | 7 | 5 | 3 | 8 | 9 | 2 |
| 7 | 9 | 3 | 8 | 2 | 1 | 5 | 6 | 4 |
| 4 | 1 | 6 | 5 | 7 | 8 | 2 | 3 | 9 |
| 8 | 3 | 5 | 2 | 9 | 4 | 6 | 1 | 7 |
| 9 | 7 | 2 | 3 | 1 | 6 | 4 | 8 | 5 |
| 6 | 2 | 7 | 1 | 3 | 5 | 9 | 4 | 8 |
| 5 | 8 | 9 | 4 | 6 | 7 | 3 | 2 | 1 |
| 3 | 4 | 1 | 9 | 8 | 2 | 7 | 5 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପୂଜକଙ୍କ ଆର୍ଥିକ ସୁରକ୍ଷା ଲୋଡ଼ା

ମହାଶୟ,

ଦେଖାଯାଏ ବଡ଼ ବଡ଼ ମନ୍ଦିର ବ୍ୟତୀତ ଛୋଟ ଛୋଟ ମନ୍ଦିରଗୁଡ଼ିକରେ ଦେବଦେବୀ ପୂଜନ ନିମନ୍ତେ ସ୍ୱଳ୍ପ ବେତନଭୋଗୀ ପୂଜକ ନିଯୁକ୍ତ ହୋଇଥାଆନ୍ତି। ସେହିପରି ପୁରୋହିତମାନେ ଅଳ୍ପ କିଛି ପାଉଣାରେ ଜଜମାନି କର୍ମ ନିର୍ବାହ କରିଥା'ନ୍ତି। ମନ୍ଦିରଗୁଡ଼ିକର ପୂଜକମାନେ ମଧ୍ୟ ମାନସିକଧାରୀମାନଙ୍କ ମନସ୍କାମନା ପୂର୍ଣ୍ଣ ପାଇଁ ଦେବଦେବୀଙ୍କୁ ପୂଜାର୍ଚ୍ଚନା କରିଥାନ୍ତି। ବିଶେଷକରି ମନ୍ଦିର ପୂଜକମାନେ ଓଷା, ବାରବ୍ରତ ଆଦିରେ ଜଜମାନ ବା ମାନସିକଧାରୀଙ୍କଠାରୁ ସ୍ୱଳ୍ପ ଦକ୍ଷିଣା ପାଇଥାନ୍ତି। ବାସ୍ତବରେ ନିର୍ଦ୍ଧାରିତ ବେତନରେ ସେମାନେ ନିଜର ପରିବାର ପୋଷଣ କରିବା ସକ୍ଷମ ହୋଇ ନ ଥାନ୍ତି। ତା'ଛଡ଼ା ସେମାନଙ୍କର ପିଲାମାନଙ୍କ ପାଠପଢ଼ା ପାଇଁ ଅର୍ଥର ଆବଶ୍ୟକତା ଥାଏ। ଆଜିର ଅଭାବୀ ଯୁଗରେ ସେମାନଙ୍କୁ ତାଳ ଦେଇ ଚଳିବା କଷ୍ଟକର ହୋଇଥାଏ। ଜଜମାନି ପେସା ଓ ମନ୍ଦିର ସେବା ଆୟ ଯଥେଷ୍ଟ ହେଉ ନ ଥିବାରୁ ସେମାନଙ୍କର ଭବିଷ୍ୟତ ବଂଶଧରମାନେ ପୂଜକ ହେବାକୁ ରାଜି ହେଉନାହାନ୍ତି। ଉକ୍ତ ପରିପ୍ରେକ୍ଷୀରେ ପୁରୋହିତ ଓ ମନ୍ଦିର ପୂଜକଙ୍କ ପ୍ରତି ସମସ୍ତଙ୍କର କର୍ତ୍ତବ୍ୟ ଅଛି। ସେମାନଙ୍କଆର୍ଥିକ ସୁରକ୍ଷା ନିଶ୍ଚିତ କରାଯାଉ।

**–ସ୍ୱର୍ଣ୍ଣମାଳା ନାୟକ, ସତ୍ୟନଗର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ବୁଝିଲି ଶୁଣିଲି କେତେ ଶତ ପୋଥି ପଢ଼ି ତ
ହେଲି କେତେ ନବ ନବ ପୀରତିରେ ପୀଡ଼ିତ
ମୂଢ଼ କରି ଆପଣାକୁ ଦହିଲି ଏ ଦେହକୁ
ବୁଝିଲି ଏ ଦେହ ଘେନି ରହେ ତାହା ଜଡ଼ିତ।
–(ପଥର ପ୍ରେମିକ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ସରକାରୀ ପ୍ରେସ୍ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାକୁ ଦାବି

**ବଲାଙ୍ଗୀର,୪।୮ (ବୀରେନ୍ଦ୍ର କୁମାର ଝାଙ୍କର)**

ସରକାରୀ ଉଦାସୀନତା ସାଙ୍ଗକୁ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ବଲାଙ୍ଗୀରରେ ଥିବା ସର୍ବପୁରାତନ ଦଳଗଞ୍ଜନ ପ୍ରେସ ଏକରକମ ବନ୍ଦ ହୋଇପଡିଛି। ଏହି ପରିପ୍ରେକ୍ଷୀରେ ବଲାଙ୍ଗୀର ନାଗରିକ କମିଟି ସମ୍ପାଦକ ମଧୁସୂଦନ ନାୟକଙ୍କ ନେତୃତ୍ୱରେ ବିଭିନ୍ନ ଅନୁଷ୍ଠାନର ସଦସ୍ୟମାନେ ସର୍ବପୁରାତନ ଦଳଗଞ୍ଜନ ପ୍ରେସ ବା ସରକାରୀ ପ୍ରେସ୍ ସୁରକ୍ଷା ନେଇ ରବିବାର ଆଲୋଚନା କରିଛନ୍ତି। ସରକାରୀ ପ୍ରେସ୍ ଇନଚାର୍ଜ ବସନ୍ତ ବେହେରାଙ୍କ ସହ ଆଲୋଚନା କରି କିଭଳି ପ୍ରେସ୍ ଠିକ୍ ଭାବେ କାମ କରିବ ସେନେଇ ଆଲୋଚନା କରିଥିଲେ। ଆଗାମୀ ୧୨ ତାରିଖ ଦିନ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ବଲାଙ୍ଗୀର ଗସ୍ତ ସମୟରେ ସଦସ୍ୟମାନେ ପ୍ରେସ୍ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ଉପରେ ଦାବି ଉପସ୍ଥାପନ କରିବେ ବୋଲି ଜଣାଇଛନ୍ତି। ଏନେଇ ଜିଲାପାଳଙ୍କୁ ମଧ୍ୟ ଦାବିପତ୍ର ଦେଇ ଅବଗତ କରାଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି। କମିଟି ସଦସ୍ୟମାନେ ସରକାରୀ ପ୍ରେସ୍‌ର ଅବହେଳିତ ଅବସ୍ଥା ଦେଖି ଉଦ୍‌ବେଗ ପ୍ରକାଶ କରିଥିଲେ। ରାଜରାଜୁଡା ଅମଳର ଛାପାଖାନା ସ୍ୱାଧୀନତା ପରେ ସରକାରୀ ପ୍ରେସ୍ ଭାବେ କାର୍ଯ୍ୟ କରୁଥିଲା। ତେବେ କ୍ରମାଗତ ଅବହେଳା ଏବଂ ଏଠାରୁ ବିଭିନ୍ନ ମେଶିନ ସ୍ଥାନାନ୍ତରଣ ଯୋଗୁ ସରକାରୀ ପ୍ରେସ ଜରାଜୀର୍ଣ୍ଣ ହୋଇଯାଇଛି। ଏଠାରେ ପୂର୍ବରୁ ସରକାରୀ ଛାପାଖାନା ଚାଲିଥିଲା। ଏବେ ଆଉ ସେହି ଅବସ୍ଥା ନାହିଁ। ବଲାଙ୍ଗୀର ଜିଲା ଭଳି ଶିଳ୍ପବିହୀନ ଜିଲାରୁ ଏହି ଛାପାଖାନା ବନ୍ଦ ହେବା ପରିସ୍ଥିତି ସୃଷ୍ଟି ହୋଇଥିବାରୁ ପ୍ରତିନିଧି ମଣ୍ଡଳୀ ସଦସ୍ୟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଦଳଗଞ୍ଜନ ପ୍ରେସ୍‌କୁ ତତ୍କାଳୀନ ପାଟଣା ଷ୍ଟେଟ୍ ମହାରାଜ ପୃଥ୍ୱୀରାଜ ସିଂଦେଓ ୧୯୧୩ ମସିହାରେ ସ୍ଥାପନ କରିଥିଲେ। ପ୍ରେସର ନାମକରଣ ନିଜ ବାପା ମହାରାଜା ଦଳଗଞ୍ଜନ ସିଂଦେଓଙ୍କ ନାଁରେ ନାମିତ କରିଥିଲେ। ରାଜରାଜୁଡା ଶାସନ ସମୟରେ ପାଟଣା ଷ୍ଟେଟ୍ ସମେତ ଆଖାପାଖ ଗଡଜାତ ଏବଂ ବ୍ରିଟିଶ ଶାସିତ ଅଞ୍ଚଳର ବିଭିନ୍ନ ଛାପା କାମ ଏହି ପ୍ରେସ୍‌ରେ ସମ୍ପାଦିତ ହେଉଥିଲା। ସ୍ୱାଧୀନତା ପରେ ଏହା ସରକାରୀ ପ୍ରେସ୍‌ର ମାନ୍ୟତା ପାଇଥିଲା। ସେ ସମୟରେ ଓଡିଶାର ଅନେକ ଜରୁରୀ ସରକାରୀ କାଗଜପତ୍ର, ବହି ଏଠାରେ ଛପା ହେଉଥିଲା। ଏହି ପ୍ରେସ୍‌ରେ ୬୨ ଜଣ କର୍ମଚାରୀ କାମ କରୁଥିଲେ । ଏବେ ଏହା ଜରାଜୀର୍ଣ୍ଣ ହୋଇପଡିଛି। ପ୍ରେସ୍‌ର ଅନେକ କୋଠା ଭୁଶୁଡିବା ଅବସ୍ଥାକୁ ଚାଲି ଆସିଛି। ଏବେ ନାମକୁ ମାତ୍ର ଏହି ପ୍ରେସ୍ ଚାଲିଛି। ଅଳ୍ପ କେତେକ କର୍ମଚାରୀ ଅଛନ୍ତି। ପ୍ରେସରେ ଥିବା ଛପା ମେଶିନ ଓ ଅନ୍ୟାନ୍ୟ ମେଶିନ ପୁରୁଣା ଓ ଅକାମୀ ହୋଇ ପଡିଥିବାରୁ ପ୍ରାୟ ୬ ମାସ ତଳେ କବାଡିଖାନାକୁ ହସ୍ତାନ୍ତର କରି ଦିଆଯାଇଥିଲା। ଏହି ପଦକ୍ଷେପକୁ ବଲାଙ୍ଗୀରର ବୁଦ୍ଧିଜୀବୀମାନେ ସମାଲୋଚନା କରିଥିଲେ। ଓଡିଆ ଅସ୍ମିତାକୁ ଗୁରୁତ୍ୱ ଦେଉଥିବା ନୂଆ ସରକାର ଏହି ପ୍ରେସ୍‌କୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ପ୍ରତିନିଧି ନରେନ୍ଦ୍ର କବାଟ, ପ୍ରଶାନ୍ତ ମହାକୁର, ରିଙ୍କୁ ସାହୁ, ଶମ୍ଭୁ ଶତପଥୀ, ଜୟକୃଷ୍ଣ ମିଶ୍ର ଦାବି କରିଛନ୍ତି।



ବଲାଙ୍ଗୀର ସରକାରୀ ପ୍ରେସ୍‌କୁ ଯାଇ ଆଲୋଚନା କରିଥିବା ସଦସ୍ୟମାନେ।

# ଅଞ୍ଚଳର ବିକାଶ ଉପରେ ଗୁରୁତ୍ୱ


ବିଧାୟକ ନବୀନ ଜୈନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଗୁଡଭେଲା,୪।୮ (ମନୋଜ କୁମାର ଜୈନ):** ବଲାଙ୍ଗୀର ଜିଲା ତୁଷୁରା ସହରସ୍ଥିତ କେଡିଆ ଭବନଠାରେ ରବିବାର ଉତ୍କଳ ପ୍ରାଦେଶିକ ମାରୱାଡି ସମ୍ମିଳନୀର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଟିଟିଲାଗଡ ବିଧାୟକ ନବୀନ ଜୈନ ଯୋଗଦେଇ କହିଥିଲେ ମାରୱାଡି ସମାଜ ସବୁ ସମୟରେ ଲୋକଙ୍କ ପାଇଁ ବିଭିନ୍ନ କାର୍ଯ୍ୟ କରିଛି। ଏହି ଅବସରରେ ଅଞ୍ଚଳର ବିକାଶ ଲାଗି କାମ କରିବି ବୋଲି ସେ କହିଥିଲେ। ସ୍ଥାନୀୟ ସମ୍ମିଳନୀର ଅଧ୍ୟକ୍ଷ ଚନ୍ଦ୍ରଭାନୁ ଜୈନ ସଭାପତିତ୍ୱ କରିଥିବା ବେଳେ ସମ୍ମିଳନୀର ପ୍ରାନ୍ତୀୟ ରାଜନୈତିକ ଚେତନା ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ କେଡିଆ ମୁଖ୍ୟଅତିଥିଙ୍କୁ ସ୍ୱାଗତ କରିଥିଲେ। ସମ୍ମିଳନୀର ବଲାଙ୍ଗୀର ମଣ୍ଡଳୀ ଉପସଭାପତି ଦୀନ ଦୟାଳ କେଡିଆ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଯୁବାମଞ୍ଚର ପୂର୍ବତନ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ରିଙ୍କୁ ଅଗ୍ରୱାଲ, ସମ୍ମାନିତ ଅତିଥି ଭାବେ ସମ୍ମିଳନୀର ରାଜ୍ୟ ସଭାପତି ଦୀନେଶ ଅଗ୍ରୱାଲ ଓ ସଂପାଦକ ସୁବାସ ଅଗ୍ରୱାଲ ଯୋଗ ଦେଇଥିଲେ। ସମ୍ମିଳନୀର ବଲାଙ୍ଗୀର ଶାଖା ଅଧ୍ୟକ୍ଷ ସଞ୍ଜୟ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ ସଂଗଠନ ପକ୍ଷରୁ ବିଧାୟକ ଜୈନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ରିଷିଡା, ଦେଉଳଗୁଡି, ସଇଁତଲା, ବଲାଙ୍ଗୀର, ଗୁଡଭେଲା, ତରଭା ଆଦି ଗ୍ରାମର ସମାଜର ଜନସାଧାରଣ ଉପସ୍ଥିତ ଥିଲେ।

# ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଲାଗି ପ୍ରସ୍ତୁତି ବୈଠକ

**ମୁରିବାହାଲ,୪।୮ (ଶ୍ରୀବତ୍ସ ବେହେରା)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଲାଗି ଶନିବାର ଦିନ ବ୍ଲକ ସଭାଗୃହଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବା ସହ ନୂତନ ପରିଚାଳନା କମିଟି ଗଠନ କରାଯାଇଛି। ବୈଠକରେ ମୁରିବାହାଲ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୂର୍ଣ୍ଣାନନ୍ଦ ପୁଟେଲ ଅଧ୍ୟକ୍ଷତା କରିଥିଲେ। ସ୍ୱାଧୀନତା ଦିବସ ଉପଲକ୍ଷେ ପ୍ରଥମ ଶ୍ରେଣୀରୁ ମହାବିଦ୍ୟାଳୟ ସ୍ତର ପର୍ଯ୍ୟନ୍ତ ଚିତ୍ରାଙ୍ଗନ, ରଚନା, ବକ୍ତୃତା, ସଙ୍ଗୀତ ଓ ଗଳ୍ପ ପ୍ରତିଯୋଗିତାମାନ କରାଯାଇ କୃତୀ ପ୍ରତିଯୋଗୀମାନଙ୍କର ତାଲିକା ଆସନ୍ତା ୧୨ ତାରିଖ ସୁଦ୍ଧା ଦେବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସ୍ୱାଧୀନତା ଦିବସକୁ ମହାସମାରୋହରେ ପାଳନ କରାଯିବା ପାଇଁ ଗଠିତ ନୂତନ ପରିଚାଳନା କମିଟିର ଅଧ୍ୟକ୍ଷ ଭାବେ ବ୍ଲକ ଚେୟାରମ୍ୟାନ ହରିବନ୍ଧୁ ମେହେରଙ୍କୁ ଚୟନ କରାଯାଇଛି । ସଭାପତି ଭାବେ ବିଡ଼ିଓ ପୂର୍ଣ୍ଣାନନ୍ଦ ପୁଟେଲ, କାର୍ଯ୍ୟକାରୀ ସଭାପତି ତହସିଲଦାର ଜଗଦୀଶ କର୍ତ୍ତାମି, ଉପ ସଭାପତି ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତନୁ କୁମାର ପଢିଆରୀ ଓ ଡିଗ୍ରୀ କଲେଜ ଅଧ୍ୟକ୍ଷ ସରୋଜ କୁମାର ନାୟକ, ସାଧାରଣ ସମ୍ପାଦକ ଶ୍ରୀବତ୍ସ ବେହେରା, ସମ୍ପାଦକ ଅଗସ୍ତି ବଘାର, ଆବାହକ ଘେନୁରାମ ତାଣ୍ଡି, କୋଷାଧ୍ୟକ୍ଷ ରିଙ୍କୁ ମେହେର, ଯୁଗ୍ମ କୋଷାଧ୍ୟକ୍ଷ ବିଶ୍ୱବିହାରୀ ଯୋଶୀ ଓ ସଂଯୋଜକ ଭାବେ ସୁବ୍ରତ କୁମାର ମହାକୁରଙ୍କୁ ଚୟନ କରାଯାଇଛି । ଏହି ଅବସରରେ ୫ଗୋଟି ସବ୍ କମିଟି ଗଠନ କରାଯାଇଥିଲା । ସେଥିରେ କଳାକାର କମିଟିର ସଭାପତି ଭାବେ ସୁଦର୍ଶନ ଦୀପ ମନୋନୀତ ହୋଇଥିଲେ । ଏଇଇ ଅବିନାଶ ମୋଡି, ପ୍ରାଣୀସମ୍ପଦ ବିଭାଗର ଅଞ୍ଜନ ମଲ୍ଲିକ, କୃଷି ବିଭାଗ ଅଧିକାରୀ କିଶୋର କୁମାର ଭୋଇ, ବିଦ୍ୟୁତ୍ ବିଭାଗର ଚିନ୍ମୟ କୁମାର ସାହୁ, ଏସଆଇ ଦନାର୍ଦ୍ଧନ ଓରାମ,ରାଜକିଶୋର ସିଂ ବାବୁ, ରଞ୍ଜିତ ପୁଟେଲ, ସମନ୍ୱିତ ଶିଶୁବିକାଶ ଅଧିକାରିଣୀ କୁନି ନାଏକ ପ୍ରମୁଖ ଯୋଗ ଦେଇଥିଲେ ।

# ବାପାଙ୍କ ଚିକିତ୍ସା ପାଇଁ ପାଠ ଛାଡ଼ିଲେ ରଶ୍ମିତା

**ଲାଠୋର,୪।୮ (ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ହଲନଭଟା ପଞ୍ଚାୟତ ଅଧୀନ ବିଜମାଲ ପଡ଼ାର ପଦ୍ମଲୋଚନ କୈବର୍ତ୍ତ(୪୬)ଙ୍କ ଝିଅ ରଶ୍ମିତା (୧୮) ବାପାଙ୍କ ଚିକିତ୍ସା ପାଇଁ ପାଠ ଛାଡ଼ି ମୂଲ ଲାଗିବା ଘଟଣା ସାଧାରଣରେ ଆଲୋଡନ ସୃଷ୍ଟି କରିଛି । ପଦ୍ମଲୋଚନଙ୍କ ପରିବାର କହିଲେ ସ୍ତ୍ରୀ ହୀରାମଣି , ଝିଅ ରଶ୍ମିତା ଏବଂ ପୁଅ ନବୀନ । ସମ୍ପତ୍ତି ବାଡି କିଛି ନ ଥିବା ଯୋଗୁ ସରକାରଙ୍କ ପକ୍ଷରୁ ତାଙ୍କ ପରିବାରକୁ ୪ ଡିସ୍‌ମିଲ ଘରଡିହ ପ୍ରଦାନ କରାଯାଇଛି । ହେଲେ ଜାଗା ଚିହ୍ନଟ ହୋଇ ନ ଥିବା କାରଣରୁ ଏକ ଗୋଚର ଜମିରେ ଘର ଖଣ୍ଡେ କରି ପରିବାର ମୁଣ୍ଡ ଗୁଞ୍ଜିଛନ୍ତି। ସରକାରୀ ସହାୟତା କହିଲେ ଖାଦ୍ୟ ସୁରକ୍ଷା ଯୋଜନାରେ ମାସକୁ ୨୦ କେଜି ଚାଉଳ ମିଳୁଛି। ବର୍ଷର ୬ ମାସ ବାହାର ରାଜ୍ୟକୁ ଦାଦନ ଖଟିଯାଇ ବଳକା ୬ ମାସ କୁଲି ମଜୁରି କରି ଯେ କୌଣସି ମତେ ପରିବାର ଚଳାଉଥିଲେ । ରୋଜଗାର କମ୍ ଥିଲେ ମଧ୍ୟ ଶିକ୍ଷାର ଗୁରୁତ୍ୱକୁ ବୁଝି ଝିଅ ପୁଅକୁ ପଦ୍ମଲୋଚନ ପାଠ ପଢ଼ାଉଥିଲେ । ହେଲେ ପ୍ରାୟ ଏକ ବର୍ଷ ହେବ ପଦ୍ମଲୋଚନ କିଡ୍‌ନୀ ଜନିତ ରୋଗରେ ଆକ୍ରାନ୍ତ ହେଇଥିଲେ। ଫଳରେ ପିଲାଙ୍କ ଭବିଷ୍ୟତ ପାଇଁ ଯାହା କିଛି ସଞ୍ଚିଥିଲେ ସେଥିରେ ଚିକିତ୍ସିତ ହେଲା ପରେ ମଧ୍ୟ ଆରୋଗ୍ୟ ଲାଭ କଲେ ନାହିଁ। ଧୀରେ ଧୀରେ ତାଙ୍କର ଗୋଡ଼ ହାତ, ମୁହଁ ଫୁଲିଗଲା। ଏଥିରେ ପରିବାରବର୍ଗ ଭୟଭୀତ ହୋଇ ପୂର୍ବରୁ ମିଳିଥିବା ସ୍ୱାସ୍ଥ୍ୟ କାର୍ଡ ଜରିଆରେ ରାୟପୁରର ଏକ ହସ୍ପିଟାଲକୁ ଯାଇ ଚିକିତ୍ସିତ ହୋଇଥିଲେ। ଏବେ ସପ୍ତାହକୁ ଦୁଇ ଥର ଡ଼ାଏଲିସିସ କରିବାକୁ ପଡୁଛି। ସ୍ୱାସ୍ଥ୍ୟ କାର୍ଡରେ ଚିକିତ୍ସା ହେଉଛି ସତ ହେଲେ ରାୟପୁର ଯିବା ଆସିବାରେ ଥରକୁ ୨ ହଜାର ଟଙ୍କା ଖର୍ଚ୍ଚ ହେଉଛି। ସେଥିପାଇଁ ସପ୍ତାହକୁ ଦୁଇ ଥର ଯିବା ପରିବର୍ତ୍ତେ ଅର୍ଥାଭାବ ଯୋଗୁଁ ଥରେ ଯାଉଛନ୍ତି। ଫଳରେ ଝିଅ ରଶ୍ମିତା ମାଟ୍ରିକ ପାସ୍ କରି କଲେଜରେ ନାମ ଲେଖାଇବା ପରିବର୍ତ୍ତେ ଏବେ ମୂଲ ଲାଗୁଛନ୍ତି। ସେ ଯେଉଁ ଅର୍ଥ ରୋଜଗାର କରୁଛନ୍ତି ସେଥିରେ ବାପାଙ୍କୁ ପ୍ରତି ସପ୍ତାହରେ ରାୟପୁର ଚିକିତ୍ସା ପାଇଁ ପଠାଉଛନ୍ତି। ସେହିପରି ତାଙ୍କ ଭାଇ ନବୀନ ସିକ୍ୟୁରିଟି ଗାର୍ଡ କାମ କରିବା ପାଇଁ ବାହାର ରାଜ୍ୟକୁ ଯାଇଛନ୍ତି । କେତେ ଦିନ ପଦ୍ମଲୋଚନଙ୍କ ଚିକିତ୍ସା ଚାଲିବ କହିହେଉ ନାହିଁ। ହେଲେ ବାପାଙ୍କ ଚିକିତ୍ସା ପାଇଁ ରଶ୍ମିତା ଅଣ୍ଟା ଭିଡିଛନ୍ତି। ଅର୍ଥାଭାବ ଓ ଘରର ପରିସ୍ଥିତି ପାଇଁ ପାଠ ପଢ଼ିବାକୁ ଆଗ୍ରହ ଥିଲେ ହେଁ ବାଧ୍ୟ ହୋଇ ମୂଲ ଲାଗିବାକୁ ପଡୁଛି ବୋଲି କୋହଭରା କଣ୍ଠରେ ରଶ୍ମିତା କହିଛନ୍ତି। ଦୟନୀୟ ଭାବେ ଦିନ କାଟୁଥିବା ଏହି ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।


କିଡ୍‌ନୀ ରୋଗରେ ଆକ୍ରାନ୍ତ ପଦ୍ମଲୋଚନ ।


**EESL**

**ଶକ୍ତି ଦକ୍ଷତା ସେବା ଲିମିଟେଡ୍**
(ଶକ୍ତି ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଏକ ଯୌଥ ଉଦ୍ୟୋଗ)
୬ଷ୍ଠ ଓ ୭ମ ମହଲା, କୋର୍-୩, ସ୍କୋପ୍ କମ୍ପ୍ଲେକ୍ସ, ଲୋଧି ରୋଡ୍, ନୂଆଦିଲ୍ଲୀ – ୧୧୦୦୦୩

**ଆମନ୍ତ୍ରଣ ନୋଟିସ**

ଭାରତୀୟ ବଜାର ପାଇଁ ଡିମାଣ୍ଡ ଆଗ୍ରିଗେଟର୍ସ/ଚ୍ୟାନେଲ୍ ପାର୍ଟନର୍ ଫେଜ୍-III ଭାବେ ଶକ୍ତି ଦକ୍ଷତା ସେବା ଲିମିଟେଡ୍ [ଇଇଏସ୍‌ଏଲ୍]ରେ ତାଲିକାଭୁକ୍ତ ହେବା ନିମନ୍ତେ କର୍ପୋରେଟ୍ ସେଲ୍ସ ଏଜେନ୍ସି/ଡାଇରେକ୍ଟ ସେଲସ ଏଜେନ୍ସି/ଡିଲର୍ସ, ରିଟେଲର୍ସ ଓ ଅନ୍ୟମାନଙ୍କ ଲାଗି ଆମନ୍ତ୍ରଣ ନୋଟିସ

ଶକ୍ତି ଦକ୍ଷତା ସେବା ଲିମିଟେଡ୍ [ଇଇଏସ୍‌ଏଲ୍] ସକ୍ସେସ୍ ଫି ମଡେଲ୍ ଅଧୀନରେ ଆବଶ୍ୟକୀୟ କାର୍ଯ୍ୟ ପରିସରଧାରୀ କର୍ପୋରେଟ୍ ସେଲସ ଏଜେନ୍ସି, ଡାଇରେକ୍ଟ ସେଲସ ଏଜେନ୍ସି, ଡିଲର୍ସ ଓ ରିଟେଲର୍ସ ତଥା ଅନ୍ୟମାନଙ୍କୁ ଚ୍ୟାନେଲ୍ ପାର୍ଟନର୍/ଡିମାଣ୍ଡ ଆଗ୍ରିଗେଟର୍ସ ଭାବେ ତାଲିକାଭୁକ୍ତୀକରଣ କରିବାକୁ ଚାହୁଁଛି। ଇଇଏସ୍‌ଏଲ୍‌ର ଭାରତରେ ଏଲ୍‌ଇଡି ବଜାରକୁ ରୂପାନ୍ତରିତ କରିବାର ପ୍ରମାଣିତ ରେକର୍ଡ ରହିଛି। ଏହି ସଂଗଠନ ନିଜର ବିଭିନ୍ନ ବିଦ୍ୟମାନ ଏବଂ ନୂଆ କାର୍ଯ୍ୟକ୍ରମ [ଏସ୍‌ଇଏସି | ଉଜାଲା | ଏନ୍‌ଏମ୍‌ଆରପି | ଆଇଇଇଏସ୍ | ଏସ୍‌ଏଲ୍‌ଏନପି | ଇଣ୍ଡକ୍ସନ୍ କୁକଟପ୍ (ଆଇସି) | ହିଟ୍ ପମ୍ପ | ଅନ୍ୟାନ୍ୟ] ଅଧୀନରେ ଏବେ ଶକ୍ତି ଦକ୍ଷ ଫ୍ୟାନ୍, ଏସ୍‌ଇଏସି, ଇଇ ମୋଟର୍ସ, ଇଣ୍ଡକ୍ସନ୍ କୁକଟପ୍ ଆଦି ବଜାରକୁ ବିକଶିତ ତଥା ରୂପାନ୍ତରିତ କରିବା ପାଇଁ ରଣନୀତି ପ୍ରସ୍ତୁତ କରୁଛି।

ବିବରଣୀ ୫ ଅଗଷ୍ଟ ୨୦୨୪ଠାରୁ ଆମର ୱେବସାଇଟ୍ (www.eeslindia.org/enrollment/phase-III)ରେ ଉପଲବ୍ଧ ହେବ।

**ଅଧିକ ସୂଚନା ପାଇଁ ଦୟାକରି ଯୋଗାଯୋଗ କରନ୍ତୁ:**
ଇମେଲ୍: services@eesl.co.in, ଟେଲି.: (୦୧୧) ୪୨୫୧୯୫୭୬/୫୮୪, ଠିକଣା: ଇଇଏସ୍‌ଏଲ୍, କୋର୍ ୩, ୭ମ ମହଲା, ସ୍କୋପ୍ କମ୍ପ୍ଲେକ୍ସ, ଲୋଧି ରୋଡ୍, ନୂଆଦିଲ୍ଲୀ ୧୧୦୦୦୩

ଶକ୍ତି ଦକ୍ଷ ଭାରତ ନିର୍ମାଣ ଅଭିମୁଖେ.................



**ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ରାଉରକେଲା**

ଇସ୍ତାହାର : 2957 ତା : 30.07.2024

ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ଅବକାରୀ ବିଭାଗ ଅଧିସୂଚନା ତା ୩୦.୦୮.୧୯୯୮ରିଖ ପରିଶିଷ୍ଟ-VI ନିୟମ-2 (C) ଅନୁସାରେ ଉପଯୁକ୍ତ କ୍ଷମତାପ୍ରାପ୍ତ ଅଧିକାରୀ ତଥା ଜିଲ୍ଲାପାଳ, ସୁନ୍ଦରଗଡ଼ ଲିଜ୍ ପ୍ଲଟଗୁଡ଼ିକୁ ରୂପାନ୍ତୀକରଣ ପାଇଁ ଅନୁମୋଦନ କରିଛନ୍ତି। ଏହି କ୍ରମରେ ନିମ୍ନଲିଖିତ ଦରଖାସ୍ତକାରୀ ନିଜ ନାମରେ ଥିବା ଲିଜ୍ ପ୍ଲଟଗୁଡ଼ିକ ରୟତି ଜମିରେ ରୂପାନ୍ତର କରିବାକୁ ଆବେଦନ କରିଛନ୍ତି। ଦରଖାସ୍ତକାରୀଙ୍କ ନାମ, ଆବିଷ୍କିତା ଲିଜ୍ ପ୍ଲଟର ବିବରଣୀ ନିମ୍ନରେ ପ୍ରଦତ୍ତ ପୂର୍ବକ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଏ ସଂକ୍ରାନ୍ତରେ ଯଦି କାହାର କୌଣସି ପ୍ରକାର ଆପତ୍ତି ଥାଏ, ତେବେ ଏହି ଇସ୍ତାହାର ପ୍ରକାଶିତ ହେବାର ୧୫ (ପନ୍ଦର) ଦିନ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ, ରାଉରକେଲାଙ୍କ କାର୍ଯ୍ୟାଳୟରେ ଆପତ୍ତି ଦରଖାସ୍ତ ଦାଖଲ କରିପାରିବେ। ଧାର୍ଯ୍ୟ ସମୟ ସୀମା ପରେ କୌଣସି ଆପତ୍ତି ଦରଖାସ୍ତ ବିଚାରକୁ ନିଆଯିବ ନାହିଁ।

| Sl. No. | Conversion case no | Name of the applicant | Mouza | House/ Plot | Location |
|---|---|---|---|---|---|
| 1 | 307/2024 | ରେଖା ନନ୍ଦ | RTU - 42 | FF/7 | ସିଭିଲ ଟାଉନସିପ |

ଅତିରିକ୍ତ ଜିଲ୍ଲାପାଳ,
ରାଉରକେଲା


# ୧୭୩ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ


ବିଧାୟକଙ୍କ ଦ୍ୱାରା ଭତ୍ତା ବଣ୍ଟନ କରାଯାଉଛି।

**କଣ୍ଟାବାଞ୍ଜି,୪।୮ (ଗୁରୁ ଦୟାଳ ହଂସ)**

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ବ୍ଲକ ସଦର କାର୍ଯ୍ୟାଳୟ ପରିସରରେ ବ୍ଲକର ୧୭୩ ଜଣଙ୍କୁ ବିଭିନ୍ନ ପ୍ରକାର ଭତ୍ତା ବଣ୍ଟନ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଭତ୍ତା ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଙ୍ଗୋମୁଣ୍ଡା ବିଡିଓ ବାସନ୍ତୀ ସେଠୀ, ବ୍ଲକ ଅଧ୍ୟକ୍ଷା ରଞ୍ଜୁବାଳା ବେହେରାଙ୍କ ସମେତ ବ୍ଲକର ସମସ୍ତ ପଦାଧିକାରୀ , ସରପଞ୍ଚ ଓ ସମିତି ସଭ୍ୟ ଉପସ୍ଥିତ ଥିଲେ ।

# ଜ୍ଞାନ ବିଜ୍ଞାନ ମେଳା: ୧୫୬ ପ୍ରକଳ୍ପ ପ୍ରଦର୍ଶିତ

**ଟିଟିଲାଗଡ଼,୪।୮ (ଶରତ ମିଶ୍ର)**

ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ଶ୍ୟାମସୁନ୍ଦର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବରେ ଶଗଡ଼ଘାଟ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅମେରେନ୍ଦ୍ର ହୋତା ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ମାନବ ଜୀବନରେ ବିଜ୍ଞାନର ଗୁରୁତ୍ୱ ବିଷୟରେ କହିଥିଲେ । ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଜ୍ୟୋତି ପ୍ରକାଶ ଗଡତ୍ୟା ସାହିତ୍ୟ ଓ ବିଜ୍ଞାନର ସମନ୍ୱୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଆଚାର୍ଯ୍ୟ ମଦନମୋହନ ପୁଟେଲଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବର ପ୍ରାରମ୍ଭରେ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରାଯାଇଥିଲା । ମଧ୍ୟ ବର୍ଗର ପ୍ରମୁଖ ଆଚାର୍ଯ୍ୟ କୈଳାଶ ଚନ୍ଦ୍ର ସାହୁ ମଞ୍ଚାସୀନ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ସେହିପରି ଅପରାହ୍ନରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଭାରତୀୟ ଷ୍ଟେଟବ୍ୟାଙ୍କ ବଜାର ଶାଖାର ଶାଖା ପରିଚାଳକ ହରେକୃଷ୍ଣ ବିଶି ମୁଖ୍ୟଅତିଥି ଭାବେ ଯୋଗଦେଇ ମଣିଷର ଦୈନନ୍ଦିନ ଜୀବନରେ ବିଜ୍ଞାନର ଆବଶ୍ୟକତା ଉପରେ କହିଥିଲେ । ଅନୁଷ୍ଠାନର ଅନ୍ୟତମ ବରିଷ୍ଠ ଆଚାର୍ଯ୍ୟ ଅମିତ କୁମାର ତ୍ରିପାଠୀ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । ଆଚାର୍ଯ୍ୟ କୈଳାଶ ଚନ୍ଦ୍ର ସାହୁ ଜ୍ଞାନ ବିଜ୍ଞାନ ମେଳାର ବିବରଣୀ ପଠନ କରିଥିଲେ। ଏହି ଅବସରରେ ମଞ୍ଚାସୀନ ଅନୁଷ୍ଠାନର ପରିଚାଳନା ସମିତିର ସମ୍ପାଦକ ଡମ୍ବରୁଧର କର୍ମୀ ଓ ସଦସ୍ୟା ଝୁମିରାଣୀ ମିଶ୍ର ତଥା ସମସ୍ତ ଅତିଥି କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ସହ ପ୍ରଧାନ ଆଚାର୍ଯ୍ୟ ନୃପରାଜ ସେଠ ଧନ୍ୟବାଦ ଅର୍ପଣ କରିଥିଲେ। ମେଳାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ୧୫୬ଟି ବିଜ୍ଞାନ ଓ ଗଣିତ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଚାରକ ଭାବେ ଟିଟିଲାଗଡ଼ ବ୍ଲକ ଅନ୍ତର୍ଗତ ବିଭିନ୍ନ ଉଚ୍ଚ ବିଦ୍ୟାଳୟର ୬ ଜଣ ବିଜ୍ଞାନ ଶିକ୍ଷକ ଯୋଗ ଦେଇଥିଲେ ।


**GOVERNMENT OF ODISHA** No.A-199

**OFFICE OF THE SUPERINTENDING ENGINEER, MINOR IRRIGATION DIVISION, ANANDAPUR**
AT/P.O - SALAPADA, DIST - KEONJHAR, PIN - 758020
ODISHA INTEGRATED IRRIGATION PROJECT FOR CLIMATE RESILIENT AGRICULTURE (OIIPCRA)
(WORLD BANK PROJECT ID : PI63533)
REQUEST FOR BIDS (RFB) E PROCUREMENT NOTICE

**NATIONAL OPEN COMPETITIVE PROCUREMENT FOR SMALL WORKS**

RFB No. OIIPCRA-AND/W2-1/2024-25 Date. 30.07.2024

| | | |
|---|---|---|
| Name of work | : | Modernisation work of Barei MIPs under M.I.Division, Anandapur |
| Name of works | : | 01 Minor Irrigation Tanks |
| Estimated cost | : | Rs.54.32 Lakhs Approx (Total estimated cost of 01 tanks Rs.54.32) |
| Cost of Bid Document | : | Free of Cost |
| Period of completion | : | As per DTCN |
| Availability of bid documents | : | From 16.08.2024 from 10.00 Hrs to 18.09.2024 up to 15.00 Hrs. in the e-procurement website (https://tendersodisha.gov.in) |
| Date of Pre-Bid Meeting | : | 23.08.2024 As per Para-7 of DTCN |
| Last date & time of receipt of bid | : | Up to 18.09.2024, 15.00 Hrs. through online |
| Period of receipt of bid security | : | To be paid online along with the bid. Bank Gurantees also acceptable subject to verification |
| Date of opening of technical bid | : | On dt : 18.09.2024 at 15.30 Hrs. |
| Date of opening of financial bid | : | To be intimated online after off-line evaluation of Technical Bid |
| Digital Signature Certificate of Bidder | : | The bidder must possess compatible Digital Signature Certificate (DSC) of Class-II or III |
| The detail tender call notice can also be seen in the DOWR website | : | https://dowrodisha.gov.in https://octdms.in |
| Name & Address of the OIT | : | Superintending Engineer, M.I. Division, Anandapur. AT/P.O - Salapada, dist - Keonjhar, Pin - 758020, E-Mail : mianandapur@yahoo.co.in |
| Futher details can be seen from the e-Procurement market place in | | https://tendersodisha.gov.in |
| | | Superintending Engineer, M.I. Division, Anandapur |

OIPR-32108/11/0002/2425 Sd./- Sperintending Engineer, M.I. Division, Anandapur


# ପରିବେଶ ସଚେତନତା ଲାଗି ସାଇକ୍ଲୋଥନ କାର୍ଯ୍ୟକ୍ରମ


ଛାତ୍ରୀଛାତ୍ରମାନେ ସାଇକେଲ ରାଲିରେ ବାହାରୁଛନ୍ତି ।

**ସଇଁତଲା,୪।୮ (ରାଖାଲ ପ୍ରସାଦ ଶତପଥୀ)**

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଡେ଼ଙ୍ଗ ପଞ୍ଚାୟତ ଅନ୍ତର୍ଗତ ଉନ୍ନୀତ ଉଚ୍ଚ ବିଦ୍ୟାଳୟଠାରେ ଜୁନିୟର ରେଡ଼କ୍ରସ ତରଫରୁ ଜନସାଧାରଣଙ୍କୁ ପରିବେଶ ସମ୍ପର୍କରେ ସଚେତନ କରିବା ଲକ୍ଷ୍ୟ ନେଇ ସାଇକ୍ଲୋଥନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଚାଣ୍ଡାଳ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଜୁନିୟର ରେଡ଼କ୍ରସର କାଉନସେଲର ରାମ ନାରାୟଣ ଦାଶ ସଂଯୋଜନା କରିଥିଲେ। ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ପ୍ରାଙ୍ଗଣରୁ ଏକ ସାଇକେଲ ରାଲିରେ ବାହାରି ଡେ଼ଙ୍ଗ ଗ୍ରାମର ମନ୍ଦିର ଛକ, ଚର୍ଚ୍ଚ ରାସ୍ତା ଦେଇ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇ ବିଭିନ୍ନ ପୋଷ୍ଟର ଜରିଆରେ ଜନସାଧାରଣଙ୍କୁ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ କୃପାସିନ୍ଧୁ ମିଶ୍ର, ସୁଦର୍ଶନ ଦାଶ, ସମୀର ସେଠୀ, ଦୀପକ ସେନ ଧରୁଆ, ଲିଙ୍ଗରାଜ ନନ୍ଦ, ହିମାଂଶୁ ଶେଖର ବିଶ୍ୱାଳ, ଶିକ୍ଷୟିତ୍ରୀ ରେଣୁକା ସାହୁ, ଗାୟତ୍ରୀ ବାରିକ, ତପସ୍ୱିନୀ ପଟେଲ, କାନ୍ତି ଭୋଇ, ଦ୍ରୌପଦୀ ଭୋଇ, ଶିବାନୀ ମଲ୍ଲିକ, ଅବିନାଶ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଜୁନିୟର ରେଡ଼କ୍ରସର ସ୍ୱେଚ୍ଛାସେବୀ ମାମୁନୀ ପ୍ରଧାନ ପରିଚାଳନା କରିଥିବା ବେଳେ ସୁପ୍ରିତା ରଣା ଧନ୍ୟବାଦ ଦେଇଥିଲେ।


**National Dairy Development Board**
PB No. 40, Anand, Gujarat-388001, Tel: 02692-260 148/149/160 Fax: 02692-260 159
Website: http://www.nddb.coop, Email: purchase@nddb.coop

**INVITATION FOR BIDS (IFB) / LOCAL COMPETITIVE BIDDING (LCB)**

Bids are invited on behalf of Service Recipients/ NDDB from eligible bidders for the works listed below:

| Sl. No. | Description of works / Bid Reference | Estd. Cost (₹) incl GST /Duration | Event Start / Close Date | Bid submission / opening date & time |
|---|---|---|---|---|
| A | Civil, Structural, Water Supply, Sanitary & Other Misc. works including Internal Electrification works for: | | | |
| I | 1.5 LLPD Automated Dairy Plant at Kangra, Himachal Pradesh NDDB/HO/Purchase/39/24-25/ET/39 (CIVIL-KANGRA) | 5400 Lakh/ 15 Months | 05.08.24/ 27.08.24 | 27.08.24 15:00 hrs. 27.08.24 15:30 hrs. |
| II | Ointment & Brucella Diagnostics Reagents facility of GMP Grade at IVPM, Ranipet, Tamil Nadu NDDB/HO/Purchase/40/24-25/ET/40 (CIVIL-RANIPET) | 670 Lakh/ 12 Months | 10.08.24/ 02.09.24 | 02.09.24 15:00 hrs. 02.09.24 15:30 hrs. |
| III | Centre of Excellence-Banas Bovine Breeding & Research Centre (CoE-BBBRC) & Breed Multiplication Farm (BMF) at Bhildi, Banaskantha, Gujarat NDDB/HO/Purchase/41/24-25/ET/41 (CIVIL-BHILDI) | 10200 Lakh/ 12 Months | 12.08.24/ 02.09.24 | 02.09.24 15:00 hrs. 02.09.24 15:30 hrs. |
| IV | Strengthening of Semen Station at Purnea, Bihar NDDB/HO/Purchase/42/24-25/ET/42 (CIVIL-PURNEA) | 467 Lakh/ 09 Months | 12.08.24/ 02.09.24 | 02.09.24 15:00 hrs. 02.09.24 15:30 hrs. |
| V | Vaccine Manufacturing Facility for Anthrax & Enterotoxaemia at OBPI Berhampur NDDB/HO/Purchase/43/24-25/ET/43 (CIVIL- BERHAMPUR) | 830 Lakh/ 12 Months | 06.08.24/ 27.08.24 | 27.08.24 15:00 hrs. 27.08.24 15:30 hrs. |
| B | Design, Supply, Installation, Testing and Commissioning the following: | | | |
| I | 1.5 LLPD Automated Dairy Plant at Kangra, Himachal Pradesh NDDB/HO/Purchase/44/24-25/ET/44 (LMP-KANGRA) | 6200 Lakh/ 12 Months | 05.08.24/ 27.08.24 | 27.08.24 15:00 hrs. 27.08.24 15:30 hrs. |
| II | Ammonia based Refrigeration Plant including PUF Insulation works for Cold stores at Kangra, Himachal Pradesh NDDB/HO/Purchase/45/24-25/ET/45 (REFRI-KANGRA) | 980 Lakh/ 12 Months | 07.08.24/ 28.08.24 | 28.08.24 15:00 hrs. 28.08.24 15:30 hrs. |
| III | 2 X 4 TPH Solid fuel fired Boiler at Kangra, Himachal Pradesh NDDB/HO/Purchase/46/24-25/ET/46 (BOILER-KANGRA) | 310 Lakh/ 10 Months | 06.08.24/ 27.08.24 | 27.08.24 15:00 hrs. 27.08.24 15:30 hrs. |
| IV | 11KV/433 V Electrical Substation with DG set at Kangra, Himachal Pradesh NDDB/HO/Purchase/47/24-25/ET/47 (SUBS.-KANGRA) | 380 Lakh/ 10 Months | 07.08.24/ 28.08.24 | 28.08.24 15:00 hrs. 28.08.24 15:30 hrs. |
| V | Fire hydrant system at Kangra, Himachal Pradesh NDDB/HO/Purchase/48/24-25/ET/48 (FIRE-KANGRA) | 110 Lakh/ 10 Months | 08.08.24/ 29.08.24 | 29.08.24 15:00 hrs. 29.08.24 15:30 hrs. |
| VI | Effluent treatment plant at Kangra, Himachal Pradesh NDDB/HO/Purchase/49/24-25/ET/49 (ETP-KANGRA) | 600 Lakh/ 12 Months | 08.08.24/ 29.08.24 | 29.08.24 15:00 hrs. 29.08.24 15:30 hrs. |
| VII | 20 KLPH RO Plant with other accessories at Barauni Dairy Bihar NDDB/HO/Purchase/50/24-25/ET/50 (WTP - Barauni) | 118 Lakh/ 6 Months | 07.08.24/ 28.08.24 | 28.08.24 15:00 hrs. 28.08.24 15:30 hrs. |
| C | Providing & carrying out Facility Management Services at NDDB, Anand. NDDB/HO/Purchase/51/24-25/ET/51 (FMS - Anand) | 125 Lakh/ 12 Months | 09.08.24/ 30.08.24 | 30.08.24 15:00 hrs. 30.08.24 15:30 hrs. |

For further details pertaining to IFB and for downloading the bid document, please visit these websites: **www.nddb.coop, and www.mstcecommerce.com/eprocn** For any clarification please contact **Group Head (Purchase), NDDB, Anand-388001**
**NB: Any corrigendum/modification etc. will be posted only on these websites.**



**DRAFT COPY OF QUOTATION / TENDER CALL NOTICE**
**OFFICE OF THE DISTRICT LEGAL SERVICES AUTHORITY, GAJAPATI, PARALAKHEMUNDI**

Annexure - I

**Quotation / Tender Call Notice**

No.W- : Sealed Quotations/Tenders are invited from interested reputed Travel Agencies/Tour Operators/Private Individuals for providing 01 No. of AC Petrol driven vehicle having sitting capacity not more than 5 (five) including driver, which shall conform to the Terms & Conditions (Annexure-A) for official use in the Office of the District Legal Services Authority, Gajapati at Paralakhemundi on monthly rent basis. The application form of quotation/tender containing General Bid Information & Terms and Conditions for hiring of vehicle, etc. will be available from the Office of the District Legal Services Auithority, Gajapati on payment of Rs.1,000/- (Rupees one thousand) only from 10 AM to since 04.00 PM from 05.08.2024 to 20.08.2024 (till 01.00 PM) or can be downloaded from the websites - https://www.districts.ecourts.gov.in/gajapati. or https://www.gajapati.nic.in.

In case the application form is downloaded from the above websites, the applicant shall furnish a Denmand Draft for an amount of Rs.1,000/- (Rupees one thousand only) in favour of the Secretary, District Legal Services Authority, Gajapti at Paralakhemundi towards the cost of application along with the application.

Sd./- Secretary, DLSA,
Gajapati

OIPR-18025/11/0003/2425

# ଓଭରଲୋଡିଂ: ୧୫ ଭାରିଯାନ ଜବତ



କ୍ଷମତାଠାରୁ ଅଧିକ ଓଜନର ପାଉଁଶ ବୋଝେଇ ଜବତ ଭାରିଯାନ।

## ୫.୮୫ ଲକ୍ଷ ଜରିମାନା ଆଦାୟ

ସୁନ୍ଦରଗଡ,୪।୮ (ଜୟ ନାରାୟଣ ମେଣ୍ଢୁଲି)

ଏବେ ଆକ୍ସନ ମୁଡ୍‌ରେ ସୁନ୍ଦରଗଡ ଆଞ୍ଚଳିକ ପରିବହନ ବିଭାଗ। ବେଆଇନ ଯାନବାହନ ଚଳାଚଳ ଓ ଓଭର ଲୋଡିଂ ଭାରିଯାନ ଉପରେ ବ୍ୟାପକ ଧରପଗଡ ଆରମ୍ଭ ହୋଇଛି। ଦର୍ଲିପାଲି ଏନ୍‌ଟିପିସିରୁ ରବିବାର ବର୍ଜ୍ୟ ପାଉଶ ବୋଝେଇ ହୋଇ ଛତିଶଗଡ଼ ପଥଲଗାଓ ଯାଉଥିବା ୧୫ଟି ଟ୍ରକକୁ ସୁନ୍ଦରଗଡ ଆଞ୍ଚଳିକ ପରିବହନ ବିଭାଗ ଜବତ କରିଛି। ଏଥିମଧ୍ୟରୁ ୧୪ଟି ଭାରିଯାନରେ କ୍ଷମତାଠାରୁ ଅଧିକ ପରିମାଣର ବର୍ଜ୍ୟ ପାଉଶଗୁଣ୍ଡ ବୋଝେଇ ହୋଇଥିଲା । ଅନ୍ୟ ଏକ ଭାରିଯାନର କାଗଜପତ୍ର ଠିକ୍ ନ ଥିବାରୁ ବିଭାଗ ପକ୍ଷରୁ ୫ ଲକ୍ଷ ୮୫ ହଜାର ୪୫୦ ଟଙ୍କା ଜରିମାନା କରାଯାଇଛି। ଓଭର ଲୋଡିଂ ଭାରିଯାନ ଚଳାଚଳ ହେଉଥିବା ସୂଚନା ପାଇ ସୁନ୍ଦରଗଡ ଆଞ୍ଚଳିକ ପରିବହନ ଅଧିକାରୀ ପର୍ଶୁରାମ ସାହୁଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ସ୍ଥାନୀୟ କଲେଜ ବାଇପାସ ନିକଟରେ ଏହି ପାଉଶ ବୋଝେଇ ଭାରିଯାନଗୁଡିକୁ ଯାଞ୍ଚ କରିଥିଲେ। ଜବତ ଗାଡିଗୁଡିକରେ ଛତିଶଗଡ଼, ଉତ୍ତର ପ୍ରଦେଶ, ଝାଡଖଣ୍ଡ, ପଶ୍ଚିମବଙ୍ଗ ଓ ଓଡ଼ିଶାର ନମ୍ବର ରହିଛି। ଅପରପକ୍ଷେ ଅନେକ କୋଇଲା ବୋଝେଇ ଭାରିଯାନ ଓ ଯାତ୍ରୀବାହୀ ବସ କ୍ଷମତାଠାରୁ ଅଧିକ ପରିମାଣର କୋଇଲା ଓ ଯାତ୍ରୀ ପରିବହନ କରୁଥିବାରୁ ପରିବହନ ବିଭାଗ ଏଥିପ୍ରତି ମଧ୍ୟ ଧ୍ୟାନ ଦେବା ଜରୁରୀ ବୋଲି ସାଧାରଣରେ ଦାବି ହେଉଛି।

# ସାପ କାମୁଡ଼ାଜନିତ ମୃତ୍ୟୁ ହ୍ରାସ ନେଇ ସଚେତନତା



ସାପ କାମୁଡ଼ାଜନିତ ମୃତ୍ୟୁ ହ୍ରାସ ନେଇ ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

କୁତ୍ରା, ୪।୮ (ଦେବାଶିଷ ସାହୁ)

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ତୁନମୁରାସ୍ଥିତ ସର୍ଗୁ କିଷାନ ଉଚ୍ଚ ବିଦ୍ୟାଳୟରେ ସାପ କାମୁଡ଼ାଜନିତ ମୃତ୍ୟୁ ହ୍ରାସ ନେଇ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ପ୍ରଧାନ ଶିକ୍ଷକ ଅମରେଶ ସାହୁ ସଭାପତିତ୍ୱ କରିଥିଲେ। ପ୍ରାୟତ ବର୍ଷା ଦିନରେ ସାପଗୁଡ଼ିକର ପ୍ରାଦୁର୍ଭାବ ଦେଖିବାକୁ ମିଳିଥାଏ। ଫଳରେ ସାପ କାମୁଡ଼ାରେ ଅନେକ ଅକାଳରେ ପ୍ରାଣ ହରାଉଛନ୍ତି। ଲୋକେ ଅନ୍ଧବିଶ୍ୱାସର ବଶବର୍ତ୍ତି ହୋଇ ଡାକ୍ତରଖାନା ନ ନେଇ ଗୁଣିଆ ପାଖକୁ ଯାଉଛନ୍ତି। ଫଳରେ ମୃତ୍ୟୁହାର ବଢୁଛି। ସାପ କାମୁଡ଼ା ମୃତ୍ୟୁହାର କମାଇବା ପାଇଁ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କୁତ୍ରାର ନିଶା ରେବିକା ଏକ୍କା ଯୋଗଦେଇ ନିଜକୁ ସାପ କାମୁଡ଼ାରୁ କିପରି ରକ୍ଷା କରିବେ ଓ ସାପ କାମୁଡ଼ିବା ପରେ କଣ କରିବେ ସେ ବିଷୟରେ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ। କୁତ୍ରା ମେଡିକାଲ ପକ୍ଷରୁ ଭାଦୁଆ ଓରାମ, ମହେନ୍ଦ୍ର ପୁରୋହିତ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନିରଞ୍ଜନ ରାଉଳ ଯୋଗଦେଇ ଅନ୍ଧବିଶ୍ୱାସର ବଶବର୍ତ୍ତି ନ ହୋଇ ଝଡ଼ାଫୁଙ୍କା ନକରି ଡାକ୍ତରଖାନା ନେବାକୁ ପରାମର୍ଶ ଦେଇଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଜାମୁଣ୍ଡା ଧନ୍ୟବାଦ ଦେଇଥିଲେ।

# ମହୁ ବିକିବା ବାହାନାରେ ଘରେ ପଶି ଚୋରି

ରାଜଗାଙ୍ଗପୁର, ୪।୮ (ଅଶୋକ ପାଣି)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ପୌରପରିଷଦର ୱାଡ ନଂ. ୧୮ ବାଷ୍ଟୁପଡାରେ ମହୁ ବିକୁଥିବାର ଆଳଦେଖେଇ ଘରେ ପଶି ରୁପା ଅଳଙ୍କାର ଓ ଟଙ୍କା ଚୋରିକରି ଫେରାଇ ମାରୁଥିବା ଅଭିଯୋଗରେ ରାଜଗାଙ୍ଗପୁର ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ସମ୍ବଲପୁରର ରାଜୁ ଶବର। ବାଷ୍ଟୁପଡାରେ ମହୁ ବିକିବା ପାଇଁ ରାଜୁ ବୁଲୁଥିଲେ। ସୁଜାତା ଲାକ୍ରାଙ୍କ ଘର ପାଖରେ ପହଞ୍ଚି ସୁଯୋଗ ଦେଖି ଘରେ ପଶି ରୁପା ଅଳଙ୍କାର ଓ ୧୦୫୦ ଟଙ୍କା ଚୋରିକରି ଫେରାର ମାରିଥିଲେ। କିଛି ସମୟ ପରେ ସୁଜାତା ଲାକ୍ରା ଘରେ ଚୋରି ହୋଇଥିବାର ଜାଣି ବାହାରେ ପ୍ରକାଶ କରିଥିଲେ। ମହୁ ବିକାଳି ଉପରେ ସନ୍ଦେହ କରି ତାକୁ ଖୋଜି ରାଜଗାଙ୍ଗପୁର ବସଷ୍ଟାଣ୍ଡରୁ ପାଇ ପୋଲିସକୁ ଖବର ଦେଇଥିଲେ। ତାଙ୍କ ନିକଟରୁ ଚୋରି ସାମଗ୍ରୀ ଜବତ ହୋଇଥିଲା। ରବିବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

# ଜିଲାସ୍ତରୀୟ ହାକାଥନ୍ କାର୍ଯ୍ୟକ୍ରମ

ସୁନ୍ଦରଗଡ଼,୪।୮ (ଜୟନାରାୟଣ ମେଣ୍ଢୁଲି)



ଜିଲାସ୍ତରୀୟ ହାକାଥନ୍ କାର୍ଯ୍ୟକ୍ରମରେ ଅତିଥି ଓ ପ୍ରତିଯୋଗୀ।

ସୁନ୍ଦରଗଡ଼ ସରକାରୀ ମହିଳା ମହାବିଦ୍ୟାଳୟଠାରେ ରବିବାର ଡିଏଚଏସ୍‌ଇ ଓଡିଶା, ଓସେପା ତଥା ଜିଲା ଶିକ୍ଷା ବିଭାଗର ମିଳିତ ଆନୁକୂଲ୍ୟରେ ଜିଲାସ୍ତରୀୟ ହାକାଥନ ଆୟୋଜିତ ହୋଇଥିଲା। ଏଥିରେ ଜିଲାରୁ ୨୮ଟି ପ୍ରକଳ୍ପ ପ୍ରତିଯୋଗିତାର ମୁଖ୍ୟ ଆକର୍ଷଣ ରହିଥିଲା। ପ୍ରକଳ୍ପ ଗୁଡ଼ିକରୁ ଶ୍ରେଷ୍ଠ ପ୍ରକଳ୍ପ ଚୟନ ପାଇଁ ଭୁବନେଶ୍ୱର ଓୟୁଏଟି ର ପ୍ରଫେସର ଭବାନୀ ଶଙ୍କର ସା, ବିଶ୍ୱଜିତ ମାଝି, ବାଲିଶଙ୍କରା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବିମଳ କୁମାରୀ ନାଏକ ବିଚାରକ ଭାବେ ଯୋଗ ଦେଇଥିଲେ। ହାକାଥନରେ ଖାରବେଡା ଡାଲମିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରାମଚନ୍ଦ୍ର ସାହୁ ପ୍ରଥମ ସ୍ଥାନ ଅଧିକାର କରି ୧୫୦୦୦ଟଙ୍କା ପୁରସ୍କାର ରାଶି ଗ୍ରହଣ କରିଥିଲେ। ଦ୍ୱିତୀୟ ସ୍ଥାନ ହାସଲ କରିଥିବା ସୁନ୍ଦରଗଡ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶିଲ୍ପା ଭଗତ ଓ ରାଉରକେଲା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭାବିସା ଟକନୁ ୧୦ହଜାର ଟଙ୍କା ଅର୍ଥ ରାଶି ପୁରସ୍କାର ରାଶି ଗ୍ରହଣ କରିଥିଲେ। ତୃତୀୟ ସ୍ଥାନ ହାସଲ କରିଥିବା ଡାଲମିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଗୌରବ ଦାଶ, ରାଉରକେଲା ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରାଉରକେଲାର ଶ୍ୱେତା ଶର୍ମା ୫ ହଜାର ଟଙ୍କା ଅର୍ଥରାଶି ପୁରସ୍କାର ରାଶି ଗ୍ରହଣ କରିଥିଲେ। ଉଦ୍‌ଯାପନୀ ସଭାରେ ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ମାଝି ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନ ଯୋଗଦେଇ ଶିକ୍ଷକ, ପ୍ରତିଯୋଗୀ ଓ ଛାତ୍ରୀଛାତ୍ରମାନଙ୍କୁ ଗବେଷଣା ମାର୍ଗରେ ଆଗେଇବା ପାଇଁ ପ୍ରେରଣା ଦେଇଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହା ଧନ୍ୟବାଦ ଦେଇଥିଲେ। ଜିଲା ସାଇନ୍ସ ସୋସାଇଟିର ସୁଶାନ୍ତ କୁମାର ପ୍ରଧାନ, ଚନ୍ଦ୍ରଶେଖର ସା, ବିଧୁଭୁଷଣ ନାଏକ, ସୁନୀଲ ଭୋଇ, ଆକାଶ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା ପରିଚାଳିତ ହୋଇଥିଲା। ସ୍ୱାଗତିକା ପଣ୍ଡା ସଭା ସଞ୍ଚାଳନ କରିଥିଲେ।


## ଶକ୍ତି ଦକ୍ଷତା ସେବା ଲିମିଟେଡ୍

EESL
(ଶକ୍ତି ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଏକ ଯୌଥ ଉଦ୍ୟୋଗ)
୬ଷ୍ଠ ଓ ୭ମ ମହଲା, କୋର୍-୩, ସ୍କୋପ୍ କମ୍ପ୍ଲେକ୍ସ, ଲୋଧି ରୋଡ୍, ନୂଆଦିଲ୍ଲୀ – ୧୧୦୦୦୩

### ଆମନ୍ତ୍ରଣ ନୋଟିସ

ଭାରତୀୟ ବଜାର ପାଇଁ ଡିମାଣ୍ଡ ଆଗ୍ରିଗେଟର୍ସ/ଚ୍ୟାନେଲ୍ ପାର୍ଟନର୍ ଫେଜ୍-III ଭାବେ ଶକ୍ତି ଦକ୍ଷତା ସେବା ଲିମିଟେଡ୍ [ଇଇଏସ୍ଏଲ୍]ରେ ତାଲିକାଭୁକ୍ତ ହେବା ନିମନ୍ତେ କର୍ପୋରେଟ୍ ସେଲ୍ସ ଏଜେନ୍ସି/ଡାଇରେକ୍ଟ ସେଲସ ଏଜେନ୍ସି/ଡିଲର୍ସ, ରିଟେଲର୍ସ ଓ ଅନ୍ୟମାନଙ୍କ ଲାଗି ଆମନ୍ତ୍ରଣ ନୋଟିସ

ଶକ୍ତି ଦକ୍ଷତା ସେବା ଲିମିଟେଡ୍ [ଇଇଏସ୍ଏଲ୍] ସକ୍ସେସ୍ ଫି ମଡେଲ୍ ଅଧୀନରେ ଆବଶ୍ୟକୀୟ କାର୍ଯ୍ୟ ପରିସରଧାରୀ କର୍ପୋରେଟ୍ ସେଲସ ଏଜେନ୍ସି, ଡାଇରେକ୍ଟ ସେଲସ ଏଜେନ୍ସି, ଡିଲର୍ସ ଓ ରିଟେଲର୍ସ ତଥା ଅନ୍ୟମାନଙ୍କୁ ଚ୍ୟାନେଲ୍ ପାର୍ଟନର୍/ଡିମାଣ୍ଡ ଆଗ୍ରିଗେଟର୍ସ ଭାବେ ତାଲିକାଭୁକ୍ତୀକରଣ କରିବାକୁ ଚାହୁଁଛି। ଇଇଏସ୍ଏଲ୍‌ର ଭାରତରେ ଏଲ୍ଇଡି ବଜାରକୁ ରୂପାନ୍ତରିତ କରିବାର ପ୍ରମାଣିତ ରେକର୍ଡ ରହିଛି। ଏହି ସଂଗଠନ ନିଜର ବିଭିନ୍ନ ବିଦ୍ୟମାନ ଏବଂ ନୂଆ କାର୍ଯ୍ୟକ୍ରମ [ଏସ୍ଇଏସି | ଉଜାଲା | ଏନ୍ଏମ୍ଆରପି | ଆଇଇଏସ୍ | ଏସ୍ଏଲ୍ଏନପି | ଇଣ୍ଡକ୍ସନ୍ କୁକଟପ୍ (ଆଇସି) | ହିଟ୍ ପମ୍ପ | ଅନ୍ୟାନ୍ୟ] ଅଧୀନରେ ଏବେ ଶକ୍ତି ଦକ୍ଷ ଫ୍ୟାନ୍, ଏସ୍ଇଏସି, ଇଇ ମୋଟର୍ସ, ଇଣ୍ଡକ୍ସନ୍ କୁକଟପ୍ ଆଦି ବଜାରକୁ ବିକଶିତ ତଥା ରୂପାନ୍ତରିତ କରିବା ପାଇଁ ରଣନୀତି ପ୍ରସ୍ତୁତ କରୁଛି।

ବିବରଣୀ ୫ ଅଗଷ୍ଟ ୨୦୨୪ଠାରୁ ଆମର ୱେବସାଇଟ୍ (www.eeslindia.org/enrollment/phase-III)ରେ ଉପଲବ୍ଧ ହେବ।

ଅଧିକ ସୂଚନା ପାଇଁ ଦୟାକରି ଯୋଗାଯୋଗ କରନ୍ତୁ:

ଇମେଲ୍: services@eesl.co.in, ଟେଲି.: (୦୧୧) ୪୨୫୧୯୫୭୬/୫୮୪, ଠିକଣା: ଇଇଏସ୍ଏଲ୍, କୋର୍ ୩, ୭ମ ମହଲା, ସ୍କୋପ୍ କମ୍ପ୍ଲେକ୍ସ, ଲୋଧି ରୋଡ୍, ନୂଆଦିଲ୍ଲୀ ୧୧୦୦୦୩

ଶକ୍ତି ଦକ୍ଷ ଭାରତ ନିର୍ମାଣ ଅଭିମୁଖେ................


# ଥମୁନି ଦନ୍ତା ଉପଦ୍ରବ, ପୁଣି ଭାଙ୍ଗିଲା ଘର

ବଡ଼ଗାଁ,୪।୮ (ଅଶୋକ ଷଡ଼ଙ୍ଗୀ)



ହାତୀ ଭାଙ୍ଗିଥିବା ଘର।

ସୁନ୍ଦରଗଡ ଜିଲା ବଡ଼ଗାଁ ବାନାଞ୍ଚଳକୁ ଆସିଥିବା ଏକ ଗୋଠଛଡ଼ା ଦନ୍ତା ହାତୀ ସପ୍ତାହେ ହେଲା ଉପଦ୍ରବ କରିଆସୁଛି। ଉକ୍ତ ଦନ୍ତା ବୁଧବାର ଖରିକାମୁଣ୍ଡା ଓ ଧୁମାଗଡା ଗ୍ରାମର ୪ଜଣ ଏବଂ ଗୁରୁବାର ଟିକିଲିପଡାର ଜଣେ ବ୍ୟକ୍ତିଙ୍କ ଘର ଭାଙ୍ଗି ଚାଉଳ ଖାଇଥିବାବେଳେ ରବିବାର ମଚାମରା ଗ୍ରାମର ଅଜିତ କେରକେଟାଙ୍କ ଘର କାନ୍ଥ ଭାଙ୍ଗି ଚାଉଳ ଖାଇଛି। ହାତୀ ଉପଦ୍ରବ ଯୋଗୁ ଜଙ୍ଗଲ ପାର୍ଶ୍ୱ ଗ୍ରାମବାସୀଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି।


## ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ରାଉରକେଲା

ଇସ୍ତାହାର : 2957 ତା : 30.07.2024

ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ଅବକାରୀ ବିଭାଗ ଅଧିସୂଚନା ତା ୩୦.୦୮.୧୯୯୮ରିଖ ପରିଶିଷ୍ଟ-VI ନିୟମ-2 (C) ଅନୁସାରେ ଉପଯୁକ୍ତ କ୍ଷମତାପ୍ରାପ୍ତ ଅଧିକାରୀ ତଥା ଜିଲ୍ଲାପାଳ, ସୁନ୍ଦରଗଡ଼ ଲିଜ୍ ପ୍ଲଟଗୁଡ଼ିକୁ ରୂପାନ୍ତୀକରଣ ପାଇଁ ଅନୁମୋଦନ କରିଛନ୍ତି। ଏହି କ୍ରମରେ ନିମ୍ନଲିଖିତ ଦରଖାସ୍ତକାରୀ ନିଜ ନାମରେ ଥିବା ଲିଜ୍ ପ୍ଲଟଗୁଡ଼ିକ ରୟତି ଜମିରେ ରୂପାନ୍ତର କରିବାକୁ ଆବେଦନ କରିଛନ୍ତି। ଦରଖାସ୍ତକାରୀଙ୍କ ନାମ, ଆବିଷ୍ଟିତା ଲିଜ୍ ପ୍ଲଟର ବିବରଣୀ ନିମ୍ନରେ ପ୍ରଦତ୍ତ ପୂର୍ବକ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଏ ସଂକ୍ରାନ୍ତରେ ଯଦି କାହାର କୌଣସି ପ୍ରକାର ଆପତ୍ତି ଥାଏ, ତେବେ ଏହି ଇସ୍ତାହାର ପ୍ରକାଶିତ ହେବାର ୧୫ (ପନ୍ଦର) ଦିନ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ, ରାଉରକେଲାଙ୍କ କାର୍ଯ୍ୟାଳୟରେ ଆପତ୍ତି ଦରଖାସ୍ତ ଦାଖଲ କରିପାରିବେ। ଧାର୍ଯ୍ୟ ସମୟ ସୀମା ପରେ କୌଣସି ଆପତ୍ତି ଦରଖାସ୍ତ ବିଚାରକୁ ନିଆଯିବ ନାହିଁ।

| Sl. No. | Conversion case no | Name of the applicant | Mouza | House/ Plot | Location |
|---|---|---|---|---|---|
| 1 | 307/2024 | ରେଖା ନନ୍ଦ | RTU - 42 | FF/7 | ସିଭିଲ ଟାଉନସିପ |

ଅତିରିକ୍ତ ଜିଲ୍ଲାପାଳ,
ରାଉରକେଲା


# ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ବନ୍ଧୁତା ଦିବସ

କୁଆଁରମୁଣ୍ଡା,୪।୮ (ମହେନ୍ଦ୍ର କୁମାର ସାହୁ)

ରବିବାର ବନ୍ଧୁତା ଦିବସ ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ କୁଆଁରମୁଣ୍ଡା ଶାଖାରେ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛି। ବ୍ରହ୍ମା କୁମାରୀ ଓ କୁମାରମାନଙ୍କ ସହ କୁଆଁରମୁଣ୍ଡା ଅଞ୍ଚଳର ସାମାଜିକ କର୍ମୀ ଘନଶ୍ୟାମ ଦେବତା, ଉଦୟ ପାତ୍ର, ଅଜୟ ସାହୁ, ରଞ୍ଜିତ ବିଶ୍ୱାଳ, ସନ୍ତୋଷ ଜୟସ୍ୱାଲ, ନରେଶ ଅଗ୍ରୱାଲ, ସୁରେଶ ଅଗ୍ରୱାଲ ପ୍ରମୁଖଙ୍କ ସହ ବହୁ ବ୍ୟକ୍ତି ଉପସ୍ଥିତ ରହି ବନ୍ଧୁତା ଦିବସ ଉପଲକ୍ଷେ ପରସ୍ପରକୁ ସ୍ନେହ,ଶ୍ରଦ୍ଧା ଜ୍ଞାପନ କରିଛନ୍ତି। ଏହି ଅବସରରେ ଶ୍ରାବଣ ମାସ ଉପଲକ୍ଷେ ଶିବ ବାବାଙ୍କ ନିକଟରେ ବ୍ରହ୍ମା କୁମାରୀ ରୀତିନୀତିରେ ବ୍ରହ୍ମା ଭୋଜନ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶୈଳେଶ ତିୱାରୀଙ୍କ ମନଛୁଆଁ ଭଜନ ଉପସ୍ଥିତ ମହିଳାପୁରୁଷଙ୍କ ମନକୁ ବେଶ ଆକର୍ଷିତ କରିଥିଲା। ଏହି କାର୍ଯ୍ୟକ୍ରମକୁ ବିକେ ସୁମନ,ବିକେ ରିତା ପ୍ରମୁଖ ସଞ୍ଚାଳନ କରିଥିଲେ।



କୁଆଁରମୁଣ୍ଡା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ବନ୍ଧୁତା ଦିବସ ପାଳନ ମୂହୁର୍ତ୍ତ।

# ହତ୍ୟା ଅଭିଯୋଗରେ ପୁଅ ଗିରଫ

## ବାପାଙ୍କୁ ରଡରେ ମାରି ଅପମୃତ୍ୟୁ ବୋଲି ପ୍ରଚାର

ରାଜଗାଙ୍ଗପୁର, ୪।୮ (ଅଶୋକ ପାଣି)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଥାନା ଲାଞ୍ଜିବେର୍ଣ୍ଣା ଫାଣ୍ଡି ଅଧିନସ୍ଥ ଭେଲୁଆଡିହି ଗ୍ରାମରେ ଜୁଲାଇ ୯ରେ ରେମିଶ କୁଲ୍ଲୁର ନାମକ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲା। ତାଙ୍କର ପୁଅ ଦିଲ୍ଲୀପ କୁଲ୍ଲୁର ବାପା ପଣସ ଗଛରୁ ପଡି ମୃତ୍ୟୁବରଣ କରିଛନ୍ତି ବୋଲି ଥାନାରେ ଅଭିଯୋଗ କରିଥିଲେ। ତଦନୁଯାୟୀ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରିଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପୋଲିସ ଦିଲ୍ଲୀପ କୁଲ୍ଲୁରଙ୍କୁ ଡାକି ତଦନ୍ତ କରିଥିଲା। ପଚରାଉଚରା ଓ ତଦନ୍ତ ପରେ ଦିଲ୍ଲୀପ ସତକଥା ମାନିଥିଲେ। ବାପା ରେମିଶଙ୍କୁ ରଡରେ ପିଟି ମାରିଥିବାର ସ୍ୱୀକାର କରିଥିଲେ। ତାଙ୍କଠାରୁ ବ୍ୟବହୃତ ରଡ ପୋଲିସ ଜବତ କରିଛି। ରବିବାର ରାଜଗାଙ୍ଗପୁର ଥାନା ଅଧିକାରୀ ମନୋରଞ୍ଜନ ପ୍ରଧାନ ଅଭିଯୁକ୍ତ ପୁଅଙ୍କୁ ବାପାଙ୍କୁ ହତ୍ୟା ଅଭିଯୋଗରେ କୋର୍ଟ ଚାଲାଣ କରିଛନ୍ତି।


## GOVERNMENT OF ODISHA

No.A-199

OFFICE OF THE SUPERINTENDING ENGINEER, MINOR IRRIGATION DIVISION, ANANDAPUR
AT/P.O - SALAPADA, DIST - KEONJHAR, PIN - 758020
ODISHA INTEGRATED IRRIGATION PROJECT
FOR CLIMATE RESILIENT AGRICULTURE (OIIPCRA)
(WORLD BANK PROJECT ID : PI63533)
REQUEST FOR BIDS (RFB) E PROCUREMENT NOTICE

**NATIONAL OPEN COMPETITIVE PROCUREMENT**
**FOR SMALL WORKS**

RFB No. OIIPCRA-AND/W2-1/2024-25 Date. 30.07.2024

| | | |
|---|---|---|
| Name of work | : | Modernisation work of Barei MIPs under M.I.Division, Anandapur |
| Name of works | : | 01 Minor Irrigation Tanks |
| Estimated cost | : | Rs.54.32 Lakhs Approx (Total estimated cost of 01 tanks Rs.54.32) |
| Cost of Bid Document | : | Free of Cost |
| Period of completion | : | As per DTCN |
| Availability of bid documents | : | From 16.08.2024 from 10.00 Hrs to 18.09.2024 up to 15.00 Hrs. in the e-procurement website (https://tendersodisha.gov.in) |
| Date of Pre-Bid Meeting | : | 23.08.2024 As per Para-7 of DTCN |
| Last date & time of receipt of bid | : | Up to 18.09.2024, 15.00 Hrs. through online |
| Period of receipt of bid security | : | To be paid online along with the bid. Bank Gurantees also acceptable subject to verification |
| Date of opening of technical bid | : | On dt : 18.09.2024 at 15.30 Hrs. |
| Date of opening of financial bid | : | To be intimated online after off-line evaluation of Technical Bid |
| Digital Signature Certificate of Bidder | : | The bidder must possess compatible Digital Signature Certificate (DSC) of Class-II or III |
| The detail tender call notice can also be seen in the DOWR website | : | https://dowrodisha.gov.in https://octdms.in |
| Name & Address of the OIT | : | Superintending Engineer, M.I. Division, Anandapur. AT/P.O - Salapada, dist - Keonjhar, Pin - 758020, E-Mail : mianandapur@yahoo.co.in |
| Futher details can be seen from the e-Procurement market place in | | https://tendersodisha.gov.in |
| | | Superintending Engineer, M.I. Division, Anandapur |

OIPR-32108/11/0002/2425

Sd./- Sperintending Engineer, M.I. Division, Anandapur


# କିକ୍ ବକ୍ସିଂ ଖେଳାଳି ସମ୍ମାନିତ

ବନ୍ଧମୁଣ୍ଡା,୪।୮ (ସୁବ୍ରତ ଦେ)

ଗତ ଜୁଲାଇ ୨୪ରୁ ୨୮ ତାରିଖ ପର୍ଯ୍ୟନ୍ତ ଗୋଆର ମାପୁସାଠାରେ ୱାକୋ ଇଣ୍ଡିଆ ସିନିୟର ଏବଂ ମାଷ୍ଟର ନ୍ୟାଶନାଲ କିକ୍ ବକ୍ସିଂ ଚାମ୍ପିୟନଶିପ୍ ଅନୁଷ୍ଠିତ ଆୟୋଜିତ ହୋଇଥିଲା। ଏଥିରେ ସୁନ୍ଦରଗଡ କିକ୍ ବକ୍ସିଂ ଦଳର ଖେଳାଳିମାନେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରି ୨ଟି ସ୍ୱର୍ଣ୍ଣ, ୪ଟି ସିଲଭର ଏବଂ ୮ଟି ବ୍ରୋଞ୍ଜ ମେଡାଲ ଜିତିଛନ୍ତି। ଏହି ଖେଳାଳିମାନେ ରାଉରକେଲା ଫେରିବା ପରେ ରବିବାର ବନ୍ଧମୁଣ୍ଡାରେ ଏକ ସମ୍ମାନ ସମାରୋହ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ସାମାଜିକ କର୍ମୀ ଦୀନେଶ କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। କିକ୍ ବକ୍ସିଂରେ ଭଲ ପ୍ରଦର୍ଶନ କରି ମେଡାଲ ଜିତିଥିବା ଖେଳାଳିଙ୍କୁ ଅତିଥିଙ୍କ ଦ୍ୱାରା ପୁଷ୍ପଗୁଚ୍ଛ, ପ୍ରମାଣପତ୍ର ଏବଂ ପଦକ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଦଳର ମୁଖ୍ୟ ପ୍ରଶିକ୍ଷକ ବିଚିତ୍ର ନାରାୟଣ ଜେନା କହିଥିଲେ, ଆମ ଦଳର ସମସ୍ତ ଖେଳାଳି ବହୁତ ପରିଶ୍ରମ ଏବଂ ନିଷ୍ଠାର ସହିତ ଖେଳ ଅଭ୍ୟାସ କରନ୍ତି। ଯେଉଁଥିପାଇଁ ଦଳର ଅଧିକାଂଶ ଖେଳାଳି ଭଲ ପ୍ରଦର୍ଶନ କରି ସଫଳତା ହାସଲ କରିଛନ୍ତି। ଏହି ସମୟରେ କ୍ରୀଡାପ୍ରେମୀ ଜ୍ୟୋତି ଭଗବାନ ଜଗଦଲା, ଦେବ କେରକେଟ୍ଟା, ମନୋଜ ପ୍ରଧାନ, ରତିଆ ଏକ୍କା, ରଞ୍ଜିତ କୁଲ୍ଲୁର ପ୍ରମୁଖ ଉପସ୍ଥିତ ଥିଲେ।



ମେଡାଲ ଜିତିଥିବା ଖେଳାଳିଗଣ।


## National Dairy Development Board

PB No. 40, Anand, Gujarat-388001, Tel: 02692-260 148/149/160 Fax: 02692-260 159
Website: http://www.nddb.coop, Email: purchase@nddb.coop

INVITATION FOR BIDS (IFB) / LOCAL COMPETITIVE BIDDING (LCB)

Bids are invited on behalf of Service Recipients/ NDDB from eligible bidders for the works listed below:

| Sl. No. | Description of works / Bid Reference | Estd. Cost (₹) incl GST /Duration | Event Start / Close Date | Bid submission / opening date & time |
|---|---|---|---|---|
| A | **Civil, Structural, Water Supply, Sanitary & Other Misc. works including Internal Electrification works for:** | | | |
| I | 1.5 LLPD Automated Dairy Plant at Kangra, Himachal Pradesh NDDB/HO/Purchase/39/24-25/ET/39 (CIVIL-KANGRA) | 5400 Lakh/ 15 Months | 05.08.24/ 27.08.24 | 27.08.24 15:00 hrs. 27.08.24 15:30 hrs. |
| II | Ointment & Brucella Diagnostics Reagents facility of GMP Grade at IVPM, Ranipet, Tamil Nadu NDDB/HO/Purchase/40/24-25/ET/40 (CIVIL-RANIPET) | 670 Lakh/ 12 Months | 10.08.24/ 02.09.24 | 02.09.24 15:00 hrs. 02.09.24 15:30 hrs. |
| III | Centre of Excellence-Banas Bovine Breeding & Research Centre (CoE-BBBRC) & Breed Multiplication Farm (BMF) at Bhildi, Banaskantha, Gujarat NDDB/HO/Purchase/41/24-25/ET/41 (CIVIL-BHILDI) | 10200 Lakh/ 12 Months | 12.08.24/ 02.09.24 | 02.09.24 15:00 hrs. 02.09.24 15:30 hrs. |
| IV | Strengthening of Semen Station at Purnea, Bihar NDDB/HO/Purchase/42/24-25/ET/42 (CIVIL-PURNEA) | 467 Lakh/ 09 Months | 12.08.24/ 02.09.24 | 02.09.24 15:00 hrs. 02.09.24 15:30 hrs. |
| V | Vaccine Manufacturing Facility for Anthrax & Enterotoxaemia at OBPI Berhampur NDDB/HO/Purchase/43/24-25/ET/43 (CIVIL- BERHAMPUR) | 830 Lakh/ 12 Months | 06.08.24/ 27.08.24 | 27.08.24 15:00 hrs. 27.08.24 15:30 hrs. |
| B | **Design, Supply, Installation, Testing and Commissioning the following:** | | | |
| I | 1.5 LLPD Automated Dairy Plant at Kangra, Himachal Pradesh NDDB/HO/Purchase/44/24-25/ET/44 (LMP-KANGRA) | 6200 Lakh/ 12 Months | 05.08.24/ 27.08.24 | 27.08.24 15:00 hrs. 27.08.24 15:30 hrs. |
| II | Ammonia based Refrigeration Plant including PUF Insulation works for Cold stores at Kangra, Himachal Pradesh NDDB/HO/Purchase/45/24-25/ET/45 (REFRI-KANGRA) | 980 Lakh/ 12 Months | 07.08.24/ 28.08.24 | 28.08.24 15:00 hrs. 28.08.24 15:30 hrs. |
| III | 2 X 4 TPH Solid fuel fired Boiler at Kangra, Himachal Pradesh NDDB/HO/Purchase/46/24-25/ET/46 (BOILER-KANGRA) | 310 Lakh/ 10 Months | 06.08.24/ 27.08.24 | 27.08.24 15:00 hrs. 27.08.24 15:30 hrs. |
| IV | 11KV/433 V Electrical Substation with DG set at Kangra, Himachal Pradesh NDDB/HO/Purchase/47/24-25/ET/47 (SUBS.-KANGRA) | 380 Lakh/ 10 Months | 07.08.24/ 28.08.24 | 28.08.24 15:00 hrs. 28.08.24 15:30 hrs. |
| V | Fire hydrant system at Kangra, Himachal Pradesh NDDB/HO/Purchase/48/24-25/ET/48 (FIRE-KANGRA) | 110 Lakh/ 10 Months | 08.08.24/ 29.08.24 | 29.08.24 15:00 hrs. 29.08.24 15:30 hrs. |
| VI | Effluent treatment plant at Kangra, Himachal Pradesh NDDB/HO/Purchase/49/24-25/ET/49 (ETP-KANGRA) | 600 Lakh/ 12 Months | 08.08.24/ 29.08.24 | 29.08.24 15:00 hrs. 29.08.24 15:30 hrs. |
| VII | 20 KLPH RO Plant with other accessories at Barauni Dairy Bihar NDDB/HO/Purchase/50/24-25/ET/50 (WTP - Barauni) | 118 Lakh/ 6 Months | 07.08.24/ 28.08.24 | 28.08.24 15:00 hrs. 28.08.24 15:30 hrs. |
| C | **Providing & carrying out Facility Management Services at NDDB, Anand.** NDDB/HO/Purchase/51/24-25/ET/51 (FMS - Anand) | 125 Lakh/ 12 Months | 09.08.24/ 30.08.24 | 30.08.24 15:00 hrs. 30.08.24 15:30 hrs. |

For further details pertaining to IFB and for downloading the bid document, please visit these websites: **www.nddb.coop, and www.mstcecommerce.com/eprocn** For any clarification please contact **Group Head (Purchase), NDDB, Anand-388001**
**NB: Any corrigendum/modification etc. will be posted only on these websites.**



## DRAFT COPY OF QUOTATION / TENDER CALL NOTICE
## OFFICE OF THE DISTRICT LEGAL SERVICES AUTHORITY, GAJAPATI, PARALAKHEMUNDI

Annexure - I

**Quotation / Tender Call Notice**

No.W- : Sealed Quotations/Tenders are invited from interested reputed Travel Agencies/Tour Operators/Private Individuals for providing 01 No. of AC Petrol driven vehicle having sitting capacity not more than 5 (five) including driver, which shall conform to the Terms & Conditions (Annexure-A) for official use in the Office of the District Legal Services Authority, Gajapati at Paralakhemundi on monthly rent basis. The application form of quotation/tender containing General Bid Information & Terms and Conditions for hiring of vehicle, etc. will be available from the Office of the District Legal Services Auithority, Gajapati on payment of Rs.1,000/- (Rupees one thousand) only from 10 AM to since 04.00 PM from 05.08.2024 to 20.08.2024 (till 01.00 PM) or can be downloaded from the websites - https://www.districts.ecourts.gov.in/gajapati. or https://www.gajapati.nic.in.

In case the application form is downloaded from the above websites, the applicant shall furnish a Denmand Draft for an amount of Rs.1,000/- (Rupees one thousand only) in favour of the Secretary, District Legal Services Authority, Gajapti at Paralakhemundi towards the cost of application along with the application.

Sd./- Secretary, DLSA,
Gajapati

OIPR-18025/11/0003/2425

# ଗ୍ରାଣ୍ଡ ଫାଇନାଲ୍ସ




ଭୁବନେଶ୍ୱର କ୍ରିଷ୍ଟାଲ କ୍ରାଉନ୍ ହୋଟେଲରେ ରବିବାର ଆୟୋଜିତ ଓଡ଼ିଶାପୋଷ୍ଟ ମେଟଲ୍ ମିଟ୍-୨୦୨୪ର ଜୁନିୟର ବର୍ଗ ଗ୍ରାଣ୍ଡ ଫାଇନାଲରେ କୁଇଜ୍ ମାଷ୍ଟର ଅଜୟ ପୁନିଆ ପ୍ରତିଯୋଗୀମାନଙ୍କୁ ପ୍ରଶ୍ନ ପଚାରୁଛନ୍ତି।













## ଉତ୍ତର ପାଇଁ କସରତ























ଗ୍ରାଣ୍ଡ ଫାଇନାଲ୍ସରେ ଉପସ୍ଥିତ ଛାତ୍ରୀଛାତ୍ର, ଅଭିଭାବକ, ଅତିଥି







ଓଡ଼ିଶାପୋଷ୍ଟ ମେଟଲ୍ ମିଟ୍ ୨୦୨୪ ଜୁନିୟର ଗ୍ରୁପ୍ ଗ୍ରାଣ୍ଡ ଫାଇନାଲର ପ୍ରଥମ ରନରଅପ୍ କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ ଏବଂ ଦ୍ୱିତୀୟ ରନରଅପ୍ ଡିଏଭି ପବ୍ଲିକ ସ୍କୁଲ କଳିଙ୍ଗନଗର ଟିମ୍‌କୁ ଓଡ଼ିଶାପୋଷ୍ଟ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ପୁରସ୍କାର ବାବଦ ଚେକ୍ ପ୍ରଦାନ କରୁଛନ୍ତି।







ଓଡ଼ିଶାପୋଷ୍ଟ ମେଟଲ୍ ମିଟ୍ ୨୦୨୪ ସିନିୟର ଗ୍ରୁପ୍ ଗ୍ରାଣ୍ଡ ଫାଇନାଲର ପ୍ରଥମ ରନରଅପ୍ କଟକ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ଏବଂ ଦ୍ୱିତୀୟ ରନରଅପ୍ ଏନ୍‌ଆଇଟି ରାଉରକେଲା ଟିମ୍‌କୁ ପୁରସ୍କାର ବାବଦ ଚେକ୍ ପ୍ରଦାନ କରାଯାଉଛି।




ପ୍ରତିଯୋଗୀଙ୍କ ସାମ୍ନାରେ ପ୍ରଶ୍ନ ଉପସ୍ଥାପନ କରୁଛନ୍ତି କୁଇଜ୍ ମାଷ୍ଟର ଅଜୟ ପୁନିଆ।



ଓଡ଼ିଶାପୋଷ୍ଟର 'ଡେଲି କୁଇଜ୍' ପ୍ରତିଯୋଗିତାର ଜଣେ ବିଜେତାଙ୍କୁ ପୁରସ୍କୃତ କରୁଛନ୍ତି ପଣ୍ଡା ଟ୍ରାଭେଲ୍ସ ମାର୍ଟର ନିର୍ଦ୍ଦେଶକ ଶିବପ୍ରସାଦ ପଣ୍ଡା।




ଗ୍ରାଣ୍ଡ ଫାଇନାଲ୍ସକୁ ଦେଖିବାକୁ ଆସିଥିବା ଭୁବନେଶ୍ୱର ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ଛାତ୍ରମାନେ।



ଗ୍ରାଣ୍ଡ ଫାଇନାଲ୍ସର ଦର୍ଶକଙ୍କ ପାଇଁ ଉଦ୍ଦିଷ୍ଟ ପ୍ରଶ୍ନର ଜଣେ ବିଜେତାଙ୍କୁ ପୁରସ୍କୃତ କରାଯାଇଛି।




ଓଡ଼ିଶାପୋଷ୍ଟ ମେଟଲ ମିଟ୍ ୨୦୨୪ର ସେଲ୍‌ଫି ପଏଣ୍ଟରେ ଛାତ୍ରୀଛାତ୍ରମାନେ। **(ଫଟୋ: ବିକାଶ ନାୟକ/ମନୋରଞ୍ଜନ ମିଶ୍ର)**

# କ'ଣ କୁହନ୍ତି ବିଜେତା ଟିମ୍

## ■ ଆଜିର ସଫଳତା ପାଇଁ ବହୁତ ପରିଶ୍ରମ କରିଥିଲୁ

ଆଜିର ସଫଳତା ପାଇଁ ବହୁତ ପରିଶ୍ରମ କରିଥିଲୁ। ପାଖାପାଖି ୬ମାସ ନିଜନିଜ ଭିତରେ ଟପିକ ଡିଭାଇଡ୍ କରି ପ୍ରସ୍ତୁତି ଆରମ୍ଭ କରିଦେଇଥିଲୁ। ଯେପରି ନେଗେଟିଭ୍ ମାର୍କିଂ ପାଇଁ ଆଟେମ୍ପ୍ଟ ନେବୁନୁ ସେନେଇ ଆମେ ପୂର୍ବରୁ ସ୍ଥିର କରିଥିଲୁ। ରାଉଣ୍ଡ ୩ରୁ ହିଁ ଭାବିଥିଲୁ ଯେ ଗୋଟେ ପୋଜିଶନ୍‌ରେ ନିହାତି ରହିବୁ। ଆଉ ୪ର୍ଥ ରାଉଣ୍ଡ୍ ମାର୍କ ହିସାବରେ ଭଲ ମାର୍‌ଜିନ୍‌ରେ ରହିଲୁ। ଆମେ ବିଲ୍‌କୁଲ୍ ନ ଡରି ପୂରା କନ୍‌ଫିଡେଣ୍ଟ ଥିଲୁ ଏବଂ ଶେଷରେ ଆମେ ଜିତିଲୁ। ତେବେ ଯେଉଁ କୁଇଜ୍ ପଡିବ ବୋଲି ତୁମେ ଆଶା କରିଥିବ, ତାହା କୁଇଜ୍ ମାଷ୍ଟର ଅଜୟ ପୁନିଆଙ୍କ ପାଖେ ପାଇବନାହିଁ। ତାଙ୍କ ପ୍ରଶ୍ନଗୁଡ଼ିକ ବହୁତ ଟ୍ରିକି, ଆମେ ଏଭଳି ଟ୍ରିକି କୁଇଜ୍‌ର ଉତ୍ତର ଦେଇ ସଫଳତା ହାସଲ କରିପାରି ଥିବାରୁ ବହୁତ ଖୁସି।

**– ଚାମ୍ପିୟନ ଟିମ୍ (ଜୁନିୟର), ୟୁନିଟ୍–୮ ଡିଏଭି ପବ୍ଲିକ ସ୍କୁଲ୍, ଭୁବନେଶ୍ୱର**

## ■ ଏଥର ପୂରା ଦମ୍ ଲଗାଇ ପଜିଟିଭିଟି ସହ ଫେରିଲୁ

ପୂର୍ବଥର ଏହି ପ୍ରତିଯୋଗିତାରେ କ୍ୱାଲିଫାଏ କରିପାରି ନ ଥିଲୁ। ତେଣୁ ଏଥର ପୂରା ଦମ୍ ଲଗାଇ ପଜିଟିଭିଟି ସହ ଫର୍ମକୁ ଫେରିଥିଲୁ। ପ୍ରଥମଥର ଆମେ ପ୍ରିଲିମ୍ସ କ୍ଲିଅର କରି ଫାଇନାଲକୁ ଆସିଲୁ ଏବଂ ଏବେ ଦ୍ୱିତୀୟ ସ୍ଥାନରେ ରହି ବହୁତ ଖୁସି ଲାଗୁଛି। ଏହା ଆମ ପାଇଁ ନୂଆ ଏବଂ ନିଆରା ଅନୁଭୂତି ଆଣି ଦେଇଛି। ଏଥିପାଇଁ ଆମେ ନିୟମିତ କ୍ଲାସ୍ କରିବା ସହ ବହୁତ ପରିଶ୍ରମ କରିଥିଲୁ। ଆଜିର ଏହି ସଫଳତା ପାଇଁ ଆମ ସ୍କୁଲ ବହୁ ଗର୍ବ ଅନୁଭବ କରିବ।

**– ପ୍ରଥମ ରନରଅପ୍ ଟିମ୍ (ଜୁନିୟର), କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ୍, ଭୁବନେଶ୍ୱର**

## ■ ଶେଷ ପ୍ରଶ୍ନ ଆମ ପାଇଁ ଗେମ୍ ଚେଞ୍ଜର ଥିଲା

ଶେଷ ପ୍ରଶ୍ନ ଆମ ପାଇଁ ଗେମ୍ ଚେଞ୍ଜର ଥିଲା। ଗତବର୍ଷ ଶେଷ ପ୍ରଶ୍ନରେ ଆମେ ଫାଇନାଲରେ ନିଜର ସ୍ଥାନ ପକ୍କା କରି ପାରି ନ ଥିଲୁ, ଆଉ ଏଥର ଶେଷ ପ୍ରଶ୍ନରେ ତୃତୀୟ ସ୍ଥାନ ହାସଲ କଲୁ। ଆଗାମୀ ବର୍ଷ ଆହୁରି ଅଧିକ ଓ ଜୋର୍‌ଦାର ପ୍ରସ୍ତୁତି କରିବୁ। ତେବେ ଆମେ ଜିତିଛୁ କି ନାହିଁ ସେନେଇ ଶେଷ ଯାଏ ବି କନଫ୍ୟୁଜ୍ ଥିଲୁ। ଓଡ଼ିଶାର ପ୍ରାୟ ସବୁ କ୍ଷେତ୍ର ଉପରେ ଆମେ ପ୍ରସ୍ତୁତ ହୋଇଥିଲୁ। ମାତ୍ର ସେ ଉପରେ ବେଶି ପ୍ରଶ୍ନ ଆସିଲାନି। ପରିଶ୍ରମର ଫଳ ଏଥର କିଛି ମାତ୍ରାରେ ମିଳିଛି। ଓଡ଼ିଶାରେ ମେଟଲ୍ ମିଟ୍ ଗୋଟେ ନିଆରା କାର୍ଯ୍ୟକ୍ରମ। କୁଇଜିଂ ଯେ ଏତେ ମଜାଦାର, ଶିକ୍ଷଣୀୟ ହୋଇପାରିବ ତାହା ଏହି କାର୍ଯ୍ୟକ୍ରମରୁ ଜାଣିବାକୁ ମିଳୁଛି। ଅଜୟ ପୁନିଆ ବି ଜଣେ ବେଷ୍ଟ କୁଇଜ୍ ମାଷ୍ଟର।

**– ଦ୍ୱିତୀୟ ରନରଅପ୍ (ଜୁନିୟର), ଡିଏଭି ପବ୍ଲିକ ସ୍କୁଲ୍, କଳିଙ୍ଗ ନଗର, ଭୁବନେଶ୍ୱର**

## ■ ପୂର୍ବଥର ଅପେକ୍ଷା ଏଥର ପ୍ରଶ୍ନ କଷ୍ଟ ଥିଲା

ପ୍ରଥମରୁ ହିଁ ଆମେ ଲିଡ୍‌ରେ ଥିଲୁ। ସେକେଣ୍ଡ ରାଉଣ୍ଡ୍‌ରେ ବିଶେଷ ଅଧିକ ପ୍ରଦର୍ଶନ କରିପାରି ନ ଥିଲୁ। ପରେ ଧୀରେ ଧୀରେ ପୁଣି ଲିଡ୍ ନେବା ଆରମ୍ଭ କଲୁ। ପୂର୍ବଥର ଅପେକ୍ଷା ଏଥର ପ୍ରଶ୍ନ କଷ୍ଟ ଥିଲା। ଟିମ୍‌ର ଦୃଢ଼ ପ୍ରୟାସ ସଫଳତା ଦେଇଛି। ବିଜେତା ହୋଇ ବହୁତ ଖୁସି ଲାଗୁଛି। ପୂର୍ବବର୍ଷ ମଧ୍ୟ ଆମ କଲେଜ ପ୍ରଥମ ସ୍ଥାନ ଗ୍ରହଣ କରିଥିଲା।

**– ଚାମ୍ପିୟନ୍ ଟିମ୍ (ସିନିୟର), ଏମ୍‌ସ, ଭୁବନେଶ୍ୱର**

## ■ ଓଡ଼ିଶାର ବହୁତ ବଡ଼ କୁଇଜ୍ ପ୍ରତିଯୋଗିତା

ମାଇନସ୍ ପଏଣ୍ଟରୁ ଆମେ କମ୍ପିଟିଶନ ଆରମ୍ଭ କରିଥିଲୁ। ଦ୍ୱିତୀୟ ସ୍ଥାନ ଗ୍ରହଣ କରି ବେଶ୍ ଖୁସି ଲାଗୁଛି। ପୂର୍ବବର୍ଷ ଫାଇନାଲରେ କଟି ଯାଇଥିଲୁ। ଏଥର ଆମର ଶେଷବର୍ଷର ଛାତ୍ର ଭାବେ ଶେଷ କୁଇଜ ପ୍ରତିଯୋଗିତା ଥିଲା। ଯାହା ବି ହେଲେ କିଛି ଗୋଟେ ସ୍ଥାନ ପାଇବୁ ବୋଲି ମନରେ ଆଶା ଥିଲା। ତୃତୀୟ ରାଉଣ୍ଡ ଯାଏ କଡ଼ା ପ୍ରତିଦ୍ୱନ୍ଦ୍ୱିତା ଥିଲା। ୪ର୍ଥ ରାଉଣ୍ଡ୍‌ରେ ଲାଗିଲା ଯେ ଆମେ କିଛି ଗୋଟେ ପୋଜିଶନ୍ ପାଇଯିବୁ। ଓଡ଼ିଶାର ଏହା ବହୁତ ବଡ଼ କୁଇଜ୍ ପ୍ରତିଯୋଗିତା। ସବୁଥର ପରି ଏଥର ମଧ୍ୟ ପ୍ରଶ୍ନ ଚ୍ୟାଲେଞ୍ଜିଂ ଥିଲା।

**– ପ୍ରଥମ ରନରଅପ୍ ଟିମ୍ (ସିନିୟର), ଏସ୍‌ସିବି ମେଡିକାଲ କଲେଜ, କଟକ**

## ■ ଟିମ୍‌ର ଉଦ୍ୟମ ସହ ଭାଗ୍ୟ ବି ସାଥ୍ ଦେଲା

ତୃତୀୟ ସ୍ଥାନ ଗ୍ରହଣ କରିବୁ ବୋଲି କେବେ ଭାବି ନ ଥିଲୁ। କାରଣ ପ୍ରଥମରୁ ତୃତୀୟ ରାଉଣ୍ଡ୍ ପର୍ଯ୍ୟନ୍ତ ପୂରା ମାଇନସ୍‌ରେ ଚାଲୁଥିଲୁ। ଶେଷ ୨ ପର୍ଯ୍ୟାୟରେ ସ୍କୋର ଗେନ୍ କଲୁ। ଯେହେତୁ ମାର୍କ କମ୍ ରହୁଥିଲା ଫୁଲ ରିସ୍କରେ ଖେଳିବାକୁ ଭାବିନେଲୁ। ଟିମ୍‌ର ଉଦ୍ୟମ ସହ ଭାଗ୍ୟ ବି ସାଥ୍ ଦେଲା, ଯାହା ଫଳରେ ଆମେ ତୃତୀୟ ସ୍ଥାନରେ ରହିପାରିଲୁ।

**– ଦ୍ୱିତୀୟ ରନରଅପ୍ ଟିମ୍ (ସିନିୟର), ନିଟ୍, ରାଉରକେଲା**

# ଅଂଶଗ୍ରହଣ କଲେ ୧୨୦ ପ୍ରତିଯୋଗୀ

## ସୁବର୍ଣ୍ଣପୁରରେ କୌରଗୀ, ପୁମସେ ଟାଏକୋଣ୍ଡୋ ଚାମ୍ପିୟନଶିପ୍

**ସୋନପୁର,୪।୮ (ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁରରେ ଜିଲାସ୍ତରୀୟ ସପ୍ତମ କୌରଗୀ ଓ ପୁମସେ ଚାମ୍ପିୟନ୍‌ଶିପ ରବିବାର ଉଦ୍‌ଯାପିତ ହୋଇଯାଇଛି। ଜିଲା ଟାଏକୋଣ୍ଡୋ ସଂଘ ଓ ଏହେସାସ ଟାଏକୋଣ୍ଡୋ ଏକାଡେମୀର ମିଳିତ ଆନୁକୂଲ୍ୟରେ ଜିଲା ସଂସ୍କୃତି ଭବନ ପରିସରରେ ଦୁଇ ଦିନ ଧରି ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ୧୨୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ସୁବର୍ଣ୍ଣପୁର ଏସ୍‌ପି ଯଶ୍‌ପ୍ରତାପ ଶ୍ରୀମାଲ ମୁଖ୍ୟ ଅତିଥିଭାବେ ଯୋଗଦାନ କରି କୃତି ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ଟାଏକୋଣ୍ଡୋ ସଂଘ ସମ୍ପାଦକ ମନମୋହନ ଭଞ୍ଜ, ସୁବର୍ଣ୍ଣପୁର ଜିଲା ଟାଏକୋଣ୍ଡୋ ସଂଘର ସଭାପତି ରବିନ୍ଦ୍ର ହୋତା, ସଂଘର ଆଇନ ପରାମର୍ଶଦାତା ଶେଷଦେବ ବାରିକ୍ ଓ ଜିଲା ଟାଏକୋଣ୍ଡୋ ସଂଘର ସମ୍ପାଦକ ଏହେସାସ ହୋତା ପ୍ରମୁଖ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ସେହିଭଳି ଉଦଘାଟନୀ ଉତ୍ସବରେ ଅବକାରୀ ଅଧିକ୍ଷକ ପ୍ରବୀର କୁମାର ସାମଲ, ଜିଲା କ୍ରୀଡା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର ଓ ଖବରଦାତା ମୃତ୍ୟୁଞ୍ଜୟ ଶତପଥୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତାକୁ ଚିଫ୍ ରେଫେରି ବିଜୟ କୁମାର ଭୋଇ, ବିଶ୍ୱରଞ୍ଜନ ସାହୁ, ନୂପୁର ଠାକୁର ଓ ଏସ୍ କେ ତଫିରୁଦ୍ଦିନ ପ୍ରମୁଖ ପରିଚାଳନା କରିଥିଲେ। କୋଚ୍ ଅନ୍ୱେଷ ହୋତା, ମନିଷ ମହାନ୍ତି, ମହେନ୍ଦ୍ର ରଣା ଓ ସୁରଜ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ। ଏହି ଜିଲାସ୍ତରୀୟ ଚାମ୍ପିୟନ୍‌ଶିପରେ ସଫଳତା ହାସଲ କରିଥିବା ଖେଳାଳି ଆସନ୍ତା ସେପ୍ଟେମ୍ବର ମାସରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ଚାମ୍ପିୟନସିପ୍‌ରେ ଅଂଶଗ୍ରହଣ କରିବେ ବୋଲି ଆୟୋଜକଙ୍କ ସୂତ୍ରରୁ ଜଣାପଡିଛି।


ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ କୋଚ ଓ ପ୍ରତିଯୋଗୀ।

# ବୌଦ୍ଧରେ ରୁଦ୍ର ପୂଜା


ଚନ୍ଦ୍ରଚୂଡ ମନ୍ଦିରରେ ରୁଦ୍ର ପୂଜା ଚାଲିଛି।

**ବୌଦ୍ଧ,୪।୮ (ଅଜିତ କୁମାର ବାରିକ)**

ବୌଦ୍ଧ ସହରର ଚନ୍ଦ୍ରଚୂଡ ମନ୍ଦିର ପରିସରରେ ଆର୍ଟ ଅଫ ଲିଭିଙ୍ଗ ପକ୍ଷରୁ ରବିବାର ଦିନ ରୁଦ୍ର ପୂଜା ଅନୁଷ୍ଠିତ ହୋଇଛି । ରୁଦ୍ର ପୂଜା କରିବା ଦ୍ୱାରା ପିତୃ ଦୋଷ, ଗ୍ରହ ଦୋଷ, ବାସ୍ତୁ ଦୋଷ ଓ କର୍ମ ଦୋଷ ଖଣ୍ଡନ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଆର୍ଟ ଅଫ ଲିଭିଙ୍ଗର ଶିକ୍ଷୟିତ୍ରୀ ମମତା ମିଶ୍ର, ବରୁଣ କୁମାର ମହନ୍ତଙ୍କ ତତ୍ତ୍ୱାବଧାନରେ ପଣ୍ଡିତ ହିମାଂଶୁ ଶେଖର ପଣ୍ଡା, ପଣ୍ଡିତ ଦେବେନ୍ଦ୍ର ଦାଶ, ପଣ୍ଡିତ ଉମେଶ ଚନ୍ଦ୍ର ଦାଶ ପୂଜା କାର୍ଯ୍ୟ ତୁଲାଇଥିଲେ। ଏହି ଅବସରରେ ଭଜନ କୀର୍ତ୍ତନ, ପ୍ରବଚନ, ସତସଙ୍ଗ ଇତ୍ୟାଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂଜାରେ ସୂଚନା ଓ ଲୋକସଂପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂ, ରାଜଲକ୍ଷ୍ମୀ ବିଶ୍ୱାଳ, ବିଜୟ କୁମାର ପ୍ରଧାନ, ସରୋଜ କୁମାର ସାହୁ, ଦେବାଶିଷ ପୁରୋହିତ, ଅରୁଣ ଦେହୁରୀ, କୃତ୍ତିବାସ ପଳିଆ, ସୁଜାତା ସାହୁ, ଚୌଧୁରୀ ସେଠୀ, ରବୀନ୍ଦ୍ର ସାହୁ, କୃଷ୍ଣଚନ୍ଦ୍ର ସାହୁ, ନଟବର ଅଗ୍ରୱାଲା, ରାଜକୁମାର ବେହେରା, ଟୁନୁରାମ ଅଗ୍ରୱାଲା ପ୍ରମୁଖ ସଂକଳ୍ପ କରିଥିଲେ।

# ସାମାଜିକକର୍ମୀ, ସଂସ୍କୃତି ପ୍ରେମୀ ଶଙ୍ଖନିଧିଙ୍କ ପରଲୋକ

**ସୋନପୁର,୪।୮ (ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ସହର ରାୟଗୁରୁ ପଡା ଅଞ୍ଚଳର ଶଙ୍ଖନିଧି ରାୟଗୁରୁଙ୍କ ବିଶାଖାପାଟଣା ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଶନିବାର ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୬୨ ବର୍ଷ ହୋଇଥିଲା। ସେ ହୃଦ୍‌ଘାତ ଜନିତ ରୋଗର ଚିକିତ୍ସା ହେଉଥିଲେ।ଜୁଲାଇ ୮ ତାରିଖରେ ତାଙ୍କର ଓପନ ହାର୍ଟ ସର୍ଜରୀ ହୋଇଥିଲା। ସେ ସୁସ୍ଥ ଅନୁଭବ କରୁଥିଲେ। ହେଲେ ୪ ଦିନ ତଳେ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କର ଚିକିତ୍ସା ଚାଲିଥିଲା। ଶଙ୍ଖନିଧି ଜଣେ ସାମାଜିକକର୍ମୀ ଓ ସଂସ୍କୃତି ପ୍ରେମୀ ଭାବେ ଜଣାଶୁଣା। ସୋନପୁର ରାଜ ଦରବାର ସାହିତ୍ୟକୁ ସଂରକ୍ଷଣ କରି ଲୋକଲୋଚନକୁ ଆଣିବା ପାଇଁ ସେ ଅନେକ ଉଦ୍ୟମ କରିଥିଲେ। ବିଭିନ୍ନ ଅନୁଷ୍ଠାନ ସହିତ ଯୋଡି ହୋଇ ଅଞ୍ଚଳର ସମସ୍ୟାକୁ ସେ ଉପସ୍ଥାପନା କରୁଥିଲେ। ଦୀର୍ଘ ବର୍ଷ ଧରି ବଡ଼ବଜାର ଭାଗବତ ପାଠାଗାର ସଭାପତି ଓ ଗୁଣ୍ଡିଚା ମନ୍ଦିର ପରିଚାଳନା କମିଟି ସମ୍ପାଦକ ଥିଲେ। ଜନ୍ମାଷ୍ଟମୀ ଓ ନନ୍ଦଉତ୍ସବ ପୂଜା ସହ ବାଳକ ଭୋଜନ ଏବଂ ମହାନଦୀରେ ନୌକାଚାଳନା ପ୍ରତିଯୋଗିତାରେ ସେ ସକ୍ରିୟ ଅଂଶଗ୍ରହଣ କରୁଥିଲେ। ତାଙ୍କର ଧର୍ମପତ୍ନୀ, ଗୋଟିଏ ଝିଅ ଓ ଗୋଟିଏ ପୁଅ ଅଛନ୍ତି। ଶଙ୍ଖନିଧିଙ୍କ ଅକାଳ ବିୟୋଗରେ ସହରରେ ଶୋକର ଛାୟା ଖେଳିଯାଇଛି। ବିଶାଖାପାଟଣାରୁ ତାଙ୍କର ପାର୍ଥିବ ଶରୀର ସୋନପୁରରେ ଶନିବାର ରାତିରେ ପହଞ୍ଚିଥିଲା। ରାମେଶ୍ୱର ସ୍ଥିତ ତ୍ରୀବେଣୀ ସଙ୍ଗମ ଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ପୁଅ ଓମ ମୁଖାଗ୍ନି ଦେଇଛନ୍ତି। ରବିବାର ସହରର ତେନ୍ତୁଳିଘାଟ ସ୍ଥିତ ଭାଗବତ ପାଠାଗାର ଓ ଶ୍ରୀ ଗୋପାଳ ଜୀ ତଡିତ ମନ୍ତ୍ର ଶ୍ୱାସ ଯୋଗାଳୟରେ ଶୋକସଭା ଅନୁଷ୍ଠିତ ହୋଇଥିଲା।


ଶଙ୍ଖନିଧି ରାୟଗୁରୁ।

# ଚୋରା କେନ୍ଦୁପତ୍ର ଜବତ କଲା ବନ ବିଭାଗ

**ଅମରପାଲି,୪।୮ (ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବନ ବିଭାଗ ବେଆଇନଭାବେ ଚାଲାଣ ପାଇଁ ରଖାଯାଇଥିବା ଲକ୍ଷାଧିକ ଟଙ୍କାର କେନ୍ଦୁପତ୍ରକୁ ଜବତ କରିଛି। ବୀରମହାରାଜପୁର ରେଞ୍ଜ ଦୁର୍ଜନଟୈଲା ଗ୍ରାମରେ ଗୋଦାମ କରି ରଖାଯାଇଥିଲା କେନ୍ଦୁପତ୍ର। ବନ ବିଭାଗ ପାଟ୍ରୋଲିଂ ସମୟରେ କୌଣସି ସୂତ୍ରରୁ ଖବର ପାଇ ବୀରମହାରାଜପୁର ଏସିଏଫ ତଥା ଅତିରିକ୍ତ ଦାୟିତ୍ୱରେ ଥିବା ରେଞ୍ଜ ଅଧିକାରୀ ଅବିନାଶ ବରିହାଙ୍କ ନିର୍ଦ୍ଦେଶରେ ଚଢ଼ାଉ କରିଥିଲା। ରେଢାଖୋଲ ଅଞ୍ଚଳରୁ କେନ୍ଦୁପତ୍ର ବିଡା ଅଣାଯାଇ ଦୁର୍ଜନଟୈଲାର ଏକ ଘରେ ରଖାଯାଇଥିବା ବନ ବିଭାଗ ଖବର ପାଇଥିଲା। ହାତିଲିମୁଣ୍ଡା ବନପାଳ ଅଜୟ ବାରାଙ୍କ ନେତୃତ୍ୱରେ ଯାଲୋଏ ବନରକ୍ଷୀ ଆଶୁତୋଷ ହୋତା, କୋଟସମଲାଇ ବନରକ୍ଷୀ ରଘୁମଣୀ ଭୋଇ, ବହଳପଦର ବନରକ୍ଷୀ ନିରଞ୍ଜନ ପ୍ରଧାନ ଓ ଉଭୟ ଉଲୁଣ୍ଡା ଏବଂ ବୀରମହାରାଜପୁର ରେଞ୍ଜ ବନବିଭାଗ ସ୍କ୍ୱାଡ ଚଢ଼ଉରେ ସାମିଲ ହୋଇଥିଲେ। ଜବତ ୪୫୨ ବିଡ଼ା କେନ୍ଦୁପତ୍ରର ଓଜନ ପ୍ରାୟ ୨୨ କୁଇଣ୍ଟାଲ ୬୦ କିଗ୍ରା ହେବ। ଏହି ପତ୍ର ସବୁ ବାହାର ରାଜ୍ୟକୁ ଚାଲାଣ କରାଯିବା ଯୋଜନା ଥିଲା ବୋଲି ବନ ବିଭାଗ କହିଛି। ଜବତ ସମସ୍ତ କେନ୍ଦୁ ପତ୍ରକୁ ଓଏଫଡିସିକୁ ହସ୍ତାନ୍ତର କରାଯାଇ ଅମରପାଲିସ୍ଥିତ କେନ୍ଦୁପତ୍ର ଗୋଦାମରେ ରଖାଯାଇଛି।


ଜବତ କେନ୍ଦୁପତ୍ର।

# ଫାଇଲେରିଆ ନିରାକରଣ ସଚେତନତା କାର୍ଯ୍ୟକ୍ରମ

**ଅମରପାଲି, ୪।୮ (ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମହାବିଦ୍ୟାଳୟ ଏନ୍‌ଏସ୍‌ଏସ୍ ଓ ଉପଖଣ୍ଡ ଚିକିତ୍ସାଳୟ ମିଳିତ ଆନୁକୂଲ୍ୟରେ ଫାଇଲେରିଆ ନିରାକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡକ୍ଟର ହିମାଂଶୁ ଶେଖର ପାଢ଼ୀଙ୍କ ସଭାପତିତ୍ୱରେ ଅନଷ୍ଠିତ ସଭାରେ ପ୍ରାଧ୍ୟାପିକା ଗୀତାଞ୍ଜଳି ପୂଜାରୀ ଫାଇଲେରିଆ ରୋଗ ଉପରେ କହିଥିଲେ। ସୁବର୍ଣ୍ଣପୁର ଜିଲା ଏମ୍‌ଡିଏ କାର୍ଯ୍ୟକ୍ରମର ସୋସିଆଲ ମୋବିଲାଇଜର ଜବକିନସନ ପଧାନ ଫାଇଲେରିଆ ରୋଗ ହେବାର କାରଣ, ନିରାକରଣ ସମ୍ପର୍କରେ ଆଲୋଚନା କରି ଛାତ୍ରୀଛାତ୍ରଙ୍କୁ ସଚେତନ ହେବା ପାଇଁ ବାର୍ତ୍ତା ଦେଇଥିଲେ। ଏଥିରେ ବୀରମହାରାଜପୁର ଚିକିତ୍ସାଳୟର ସୋସିଆଲ ମୋବିଲାଇଜର ସଞ୍ଜୀବ ସିଂ, ରିଙ୍କୁ ଜଗଦଲା ଯୋଗଦେଇଥିଲେ। ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ପରିଚାଳିକା ଅଧ୍ୟାପିକା ଯାମିନୀ ଦାଶ ସଭା ସଂଯୋଜନା କରିଥିବା ବେଳେ ସଞ୍ଜୀବ ସିଂ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ବିଜୟ ପୁରୋହିତ, ପ୍ରକାଶ କୁମାର ସେଠ, ବଳରାମ ଶତପଥୀ, ସଞ୍ଜିତ ନାଏକ, ପ୍ରଭାତ ପୁରୋହିତ, ଅଧ୍ୟାପିକା ମାଳତି ନାଏକ ଉପସ୍ଥିତ ଥିଲେ। ଫାଇଲେରିଆ ନିରାକରଣ ପାଇଁ ସଚେତନତା ଓ ସାମୂହିକ ଔଷଧ ସେବନ ଜରୁରୀ ବୋଲି ଅତିଥିମାନେ ମତ ରଖିଥିଲେ। ସଚେତନତା ହିଁ ଫାଇଲେରିଆମୁକ୍ତ ସମାଜ ଗଠନରେ ସହାୟକ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ୩୦୦ରୁ ଅଧିକ ଛାତ୍ରୀ ଛାତ୍ରଯୋଗ ଦେଇଥିଲେ।

# ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଅମରପାଲି,୪।୮ (ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କେନ୍ଝିରିଆପାଲି ପଞ୍ଚାୟତର ଋଗୁଡ଼ିପାଲି ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅଇଁଠା ମହାନନ୍ଦଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସ୍କୁଲ ପରିସରରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ କେନ୍ଝିରିଆପାଲି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବିନୟ କୁମାର ବିଶ୍ୱାଳ ସଭାପତିତ୍ୱ କରିଥିଲେ। କେନ୍ଝିରିଆପାଲି ୟୁପି ସ୍କୁଲ ଶିକ୍ଷକ ହରିଶଙ୍କର ରଣା, ଅଚଣ୍ଡା ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ଲାଲବାହାଦୁର ମିଶ୍ର, ଋଗୁଡ଼ିପାଲି ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଜଗଦୀଶ ପ୍ରଧାନ, ସ୍ଥାନୀୟ ସ୍କୁଲ ପରିଚାଳନା କମିଟି ସଭାପତି ସୁରେଶ କୁମ୍ଭାର ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଅଚଣ୍ଡା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ସଞ୍ଜୟ କୁମାର ମିଶ୍ର ସଭା ପରିଚାଳନା କରିଥିଲେ। ଏହିଅବସରର କ୍ଲଷ୍ଟରର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ରହି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଇଁଠା ମହାନନ୍ଦଙ୍କ କାର୍ଯ୍ୟଦକ୍ଷତା ଉପରେ ମତ ରଖିଥିଲେ। ସହକାରୀ ଶିକ୍ଷକ ଅଚ୍ୟୁତାନନ୍ଦ କୁରୁକୁରିଆ ଧନ୍ୟବାଦ ଅର୍ପଣ କରିଥିଲେ।

# ଜଡିବୁଟି ବିତରଣ ସମାରୋହ


ଔଷଧୀୟ ବୃକ୍ଷ ବିତରଣ କରାଯାଉଛି।

**ବୌଦ୍ଧ,୪।୮ (ଅଜିତ କୁମାର ବାରିକ)**

ଭାରତ ସ୍ୱାଭିମାନ ଟ୍ରଷ୍ଟ ବୌଦ୍ଧ ଜିଲା ଶାଖା ପକ୍ଷରୁ ରବିବାର ଦିନ ମହାନଦୀ ଆଳତି ଘାଟଠାରେ ଜଡିବୁଟି ବିତରଣ ସମାରୋହ ଦିବସ ପାଳିତ ହୋଇଯାଇଛି। ସ୍ୱାଭିମାନ ଟ୍ରଷ୍ଟର ଜିଲା ପ୍ରଭାରୀ ଦେବାଶିଷ ପୁରୋହିତ ଘର ଚର୍ତୁଃପାର୍ଶ୍ୱରେ ବିଭିନ୍ନ ଔଷଧୀୟ ବୃକ୍ଷ ରୋପଣ କରିବାକୁ ନିବେଦନ କରିଥିଲେ। ଏହାସହ ଔଷଧୀୟ ବୃକ୍ଷର ଉପକାରିତା ଉପରେ ବୁଝାଇଥିଲେ। ଏହି ଅବସରରେ ବିଭିନ୍ନ ଔଷଧୀୟ ବୃକ୍ଷ ଏଲୋଭେରା, ଅଁଳା,ତୁଳସୀ, ଗିଲୋୟୀ, ଇନସୁଲିନ ଆଦି ଗଛ ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ନଟବର ଅଗ୍ରୱାଲା, ଦିଲିପ ଚୌଧୁରୀ, ସୂର୍ଯ୍ୟ ନାରାୟଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ମାଧ୍ୟମିକ ବିଦ୍ୟାଳୟସ୍ତରୀୟ ପ୍ରଧାନଶିକ୍ଷକଙ୍କ ବୈଠକ

**ଅମରପାଲି, ୪।୮ (ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ବୀରମହାରାଜପୁର ବ୍ଲକ ଉଫୁଲା ମାହେଶ୍ୱରୀ ବିଦ୍ୟାପୀଠରେ ମଧ୍ୟମିକ ବିଦ୍ୟାଳୟସ୍ତରୀୟ ପ୍ରଧାନ ଶିକ୍ଷକମାନଙ୍କ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ବୃନ୍ଦାବନ ଭୋଇ ସଭାପତିତ୍ୱ କରିଥିଲେ। ବୈଠକରେ ବୀରମହାରାଜପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର ମୁଖ୍ୟ ଅତିଥିଭାବେ ଯୋଗଦେଇ ମାଧ୍ୟମିକ ବିଦ୍ୟାଳୟରେ ପରିଚାଳିତ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିବା ସହ ସମସ୍ତ ଶିକ୍ଷଣ କାର୍ଯ୍ୟକୁ ଠିକ୍ ଭାବେ ଅନୁପାଳନ କରିବାକୁ ପ୍ରଧାନ ଶିକ୍ଷକମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୀରମହାରାଜପୁର ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ନିରଞ୍ଜନ ଦାସ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ସଂସ୍କୃତ ଶିକ୍ଷକ ବଳରାମ ପୁରୋହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରେ ଛାତ୍ରୀମାନେ ସୱାଗତ ସଂଗୀତ ଗାନ କରିଥିଲେ। ବୈଠକ ଶେଷରେ ଶିକ୍ଷକ ଗୁପ୍ତେଶ୍ୱର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସହକାରୀ ଶିକ୍ଷକ ସୁଧାଂଶୁ ଶେଖର ପଣ୍ଡା, ପ୍ରମୋଦ ଖେତି, ଗଣପତି ସାହୁ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ବୈଠକରେ ଯୋଗଦେଇଥିବା ପ୍ରଧାନଶିକ୍ଷକମାନେ।

# ବ୍ଲକସ୍ତରୀୟ ପ୍ରଧାନଶିକ୍ଷକ ସମ୍ମିଳନୀ

**ଘଣ୍ଟାପଡ଼ା,୪।୮ (ପ୍ରଭାତ କୁମାର ସାହୁ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ବରଗାଁ ପଞ୍ଚାୟତ ଅନ୍ତର୍ଗତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ବରଗାଁଠାରେ ନବମ ବ୍ଲକସ୍ତରୀୟ ପ୍ରଧାନଶିକ୍ଷକଙ୍କ ମାସିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଘଣ୍ଟାପଡା ହାଇସ୍କୁଲର ପ୍ରଧାନଶିକ୍ଷକ ପୀତବାସ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ କଣ୍ଟାମାଳ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଏବିଓ ଦାୟିତ୍ୱରେ ଥିବା ଉଦ୍ଧବ ମହାଲିକ, ମୋ ସ୍କୁଲ ଜିଲା ମନିଟରିଙ୍ଗ ଅଧିକାରୀ ଦେବବ୍ରତ ବେହେରା ଯୋଗଦେଇ ମଞ୍ଚାସୀନ ଥିଲେ। ସ୍ଥାନୀୟ ବରଗାଁ ହାଇସ୍କୁଲର ପ୍ରଧାନଶିକ୍ଷକ ତ୍ରିଲୋଚନ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଜିଲାର ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଶିକ୍ଷକ ତଥା ଜିଲା ପ୍ରଶାସନ ପକ୍ଷରୁ ବାଙ୍ଗାଲୋର ଯାଇ ପ୍ରଶିକ୍ଷଣ ନେଇଥିବା ଶିକ୍ଷକ ଶୁକଦେବ ପଣ୍ଡା ପ୍ରଶିକ୍ଷଣ ବିଷୟରେ ବକ୍ତବ୍ୟ ରଖିବା ସହିତ କବିତା ପାଠ କରିଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। କଣ୍ଟାମାଳ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରକାଶ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। କାଳୀପ୍ରସାଦ ମିଶ୍ର, ମଞ୍ଜୁଳା ଏକା, ଯାଜ୍ଞସେନୀ ମଲିକ, ନିତେଶ କୁମାର ବାରିକ, ପ୍ରଦୀପ କୁମାର ପ୍ରଧାନ, ଜିତେନ୍ଦ୍ର ପ୍ରଧାନ ଓ ସୁଜାତା ପ୍ରଧାନ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ କଣ୍ଟାମାଳ ବ୍ଲକର ବିଭିନ୍ନ ହାଇସ୍କୁଲର ପ୍ରଧାନଶିକ୍ଷକ ଯୋଗ ଦେଇଥିଲେ।

# ଛତିଶଗଡ଼କୁ ଗଞ୍ଜେଇ ଚାଲାଣ, ୪ ଗିରଫ

## କାର୍, ଗଞ୍ଜେଇ ଜବତ


ଗିରଫ ଅଭିଯୁକ୍ତ ଓ ଜବତ ଗଞ୍ଜେଇ।

**ସୋନପୁର,୪।୮ (ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ସହର ରାସ୍ତାରେ ଅବକାରୀ ବିଭାଗ ପକ୍ଷରୁ ରବିବାର ଚଢାଉ କରାଯାଇଛି। ପଟାଭାଡି ଛକରେ ଏକ ନମ୍ବର ବିହୀନ ଇନୋଭା କ୍ରିଷ୍ଟାକୁ ସନ୍ଦେହରେ ଅଟକ ରଖାଯାଇଥିଲା। ତନଖି ସମୟରେ ୪୦ କିଲୋ ଗଞ୍ଜେଇ ମିଳିଥିଲା। ଏହି ଘଟଣାରେ ବୌଦ୍ଧ ଜିଲା କଣ୍ଟାମାଳ ଥାନା ଗୋଛାଗୋରା ଗ୍ରାମର ହଳଧର ଚାଉଳିଆ(୪୫)ଙ୍କୁ ଗିରଫ କରାଯାଇଛି। ସେ ବୌଦ୍ଧ ଜିଲାରୁ ଛତିଶଗଡ଼କୁ ଗଞ୍ଜେଇ ଚାଲାଣ କରୁଥିଲେ। ଏ ସମ୍ପର୍କରେ ଜିଲା ମୋବାଇଲ ୟୁନିଟ୍ ପକ୍ଷରୁ ଏକ ମାମଲା(ନଂ.୧୪୦/୨୪)ରୁଜୁ ହୋଇଛି। ବିଭାଗ ପକ୍ଷରୁ ଗଞ୍ଜେଇ ଚାଲାଣରେ ବ୍ୟବହୃତ ଇନୋଭା ଓ ଗଞ୍ଜେଇ ଜବତ କରାଯାଇଛି। ସୋମବାର ଅଭିଯୁକ୍ତ ହଳଧରଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଜଣାପଡିଛି।

ସେହିପରି ବୁଢାରଜା ଛକରେ ଏକ ନମ୍ବର ବିହୀନ ଇଣ୍ଡିଗୋ ଇସିଏସ୍‌କୁ ସନ୍ଦେହରେ ଅଟକ ରଖାଯାଇଥିଲା। ତନଖିସମୟରେ କାର ଭିତରୁ ୧୨କିଲୋ ଗଞ୍ଜେଇ ମିଳିଥିଲା। ଏହି ଘଟଣାରେ ବୌଦ୍ଧ ଜିଲା ବାଉଁଶୁଣି ଥାନା ସଦେଇପୁର ଗ୍ରାମର ମିତ୍ରଭାନୁ ଦନାୟକ(୨୮), କମଫରା ଗ୍ରାମର ସୁରୁବୁଢା ସେଠୀ(୨୮) ଓ ସତେଇପୁର ଗ୍ରାମର ପ୍ରେମାନନ୍ଦ ବେହେରା(୩୫)ଙ୍କୁ ଗିରଫ କରାଯାଇଛି। ଏ ସମ୍ପର୍କରେ ସୋନପୁର ଅବକାରୀ ଥାନା ପକ୍ଷରୁ ଏକ ମାମଲା(୭୭/୨୪)ମାମଲା ରୁଜୁ ହୋଇଛି। କାର ଓ ଗଞ୍ଜେଇକୁ ଅବକାରୀ ବିଭାଗ ଜବତ କରିଛି। ଅବକାରୀ ଅଧିକ୍ଷକ ପ୍ରବୀର କୁମାର ସାମଲଙ୍କ ନିର୍ଦ୍ଦେଶକ୍ରମେ ସୋନପୁର ରେଞ୍ଜ ଇନ୍ସପେକ୍ଟର ପ୍ରକାଶ ସା, ମୋବାଇଲ ଇନିସପେକ୍ଟର ହର ପ୍ରସାଦ ରଣା, ସୋନପୁର ସବ୍‌ଇନ୍ସପେକ୍ଟର ଶାନ୍ତନୁ କୁମାର ପଟ୍ଟନାୟକ, ଏଏସଆଇ ପିଣ୍ଟୁ ସାହୁ, ପୃଥ୍ୱୀରାଜ କଅଁର ଓ ଭେଙ୍କଟ ରମଣ ବେହେରା ଚଢାଉରେ ସାମିଲ ହୋଇଥିଲେ।

# ବାର୍ଷିକ ପ୍ରତିଯୋଗିତା

**ବାଉଁଶୁଣୀ,୪।୮ (ଦେବାଶିଷ ନେପାକ)**

ବୌଦ୍ଧ ବ୍ଲକର ବାଉଁଶୁଣୀ ନୋଡାଲ ହାଇସ୍କୁଲ ଠାରେ ସ୍ୱାଧୀନତା ଦିବସ ଉପଲକ୍ଷେ ଜାତୀୟ ଦିବସ ପରିଚାଳନା କମିଟି ବାଉଁଶୁଣୀ ପକ୍ଷରୁ ବାର୍ଷିକ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ବୌଦ୍ଧ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କମଳାକାନ୍ତ ଦଳବେହେରା, ଆନନ୍ଦ ଚନ୍ଦ୍ର ଦଳବେହେରା, ବାଉଁଶୁଣୀ ନୋଡାଲ ହାଇସ୍କୁଲ ପ୍ରଧାନଶିକ୍ଷକ ପଞ୍ଚାନନ ମହାକୁଡ, ଜାତୀୟ ଦିବସ ପରିଚାଳନା କମିଟି ଆବାହକ ସୁନିଲ କୁମାର ବାରିକ ଓ ସଭାପତି ଦଶରଥ ମେହେର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବାର୍ଷିକ ପ୍ରତିଯୋଗିତାରେ ଅଞ୍ଚଳର ୧୬ଟି ବିଦ୍ୟାଳୟରୁ ୨୧୫ ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ସବ୍ ଜୁନିଅର୍, ଜୁନିଅର ଓ ସିନିୟର ବିଭାଗର ବକ୍ତୃତା, ସଙ୍ଗୀତ, ନୃତ୍ୟ, କୁଇଜ ସମେତ ମୋଟ ୧୮ ଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରମାନଙ୍କୁ ଆସନ୍ତା ୧୫ ତାରିଖ ଦିନ ବାଉଁଶୁଣୀ ଖେଳପଡ଼ିଆଠାରେ ଆୟୋଜିତ ଉତ୍ସବରେ ପୁରସ୍କୃତ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି।

# ବର୍ଷେ ହେଲା ଭଗାମୁଣ୍ଡା ଅଙ୍ଗନୱାଡି କେନ୍ଦ୍ରରେ ତାଲା

## ୪୦ ପିଲା ଶିକ୍ଷାରୁ ବଞ୍ଚିତ

**ବୌଦ୍ଧ,୪।୮ (ଅଜିତ କୁମାର ବାରିକ)**

ଆଜିକୁ ଏକ ବର୍ଷ ହେବ ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ କୁଶଙ୍ଗ ପଞ୍ଚାୟତର ଭଗାମୁଣ୍ଡା ଅଙ୍ଗନୱାଡି କେନ୍ଦ୍ରରେ ତାଲା ପଡିଛି। ଫଳରେ ଗ୍ରାମର ୪୦ ପିଲା ଏବେ ଘରେ ବସି ରହିବା ସହ ଶିକ୍ଷାରୁ ବଞ୍ଚିତ ହୋଇଛନ୍ତି। ୧୯୮୯ ମସିହାରେ ଗ୍ରାମରେ ଏକ ଅଙ୍ଗନୱାଡି କେନ୍ଦ୍ର ସ୍ଥାପନ କରାଯାଇ ପାଠପଢା ଚାଲି ଆସୁଥିଲା। କିନ୍ତୁ ଉକ୍ତ କେନ୍ଦ୍ରର ଅଙ୍ଗନୱାଡି କର୍ମୀ ଓ ରୋଷେୟାଙ୍କ ଅବସର ପରେ କେନ୍ଦ୍ର ଖାଲି ପଡିଥିଲା। କିଛି ଦିନ ମଝିରେ ମଝିରେ ପିଲାଙ୍କୁ ଛତୁଆ ଦିଆଯାଉଥିଲା। ହେଲେ ଏବେ କେନ୍ଦ୍ରରେ ତାଲା ପଡିବା ଯୋଗୁ ଗାଁର ଛୋଟ ଛୋଟ ଶିଶୁଙ୍କ ପାଠପଢା ବ୍ୟାହତ ହୋଇଛି। ପୁଷ୍ଟିକର ଖାଦ୍ୟ ମଧ୍ୟ ଦିଆଯାଉନାହିଁ। ଅନ୍ୟପକ୍ଷରେ ସମନ୍ୱିତ ଶିଶୁ ବିକାଶ ବିଭାଗ ପକ୍ଷରୁ କେନ୍ଦ୍ରରେ ନୂତନ ଅଙ୍ଗନୱାଡି କର୍ମୀ ନିଯୁକ୍ତି ନେଇ ବିଜ୍ଞାପନ ବାହାର କରାଯାଇଥିବା ବେଳେ ଗ୍ରାମର କେତେଜଣ ମହିଳା ଆବେଦନ କରିଥିଲେ। କିନ୍ତୁ ଆବେଦନ କରିବାର ୪-୫ ମାସ ବିତିଥିବା ବେଳେ ବିଭାଗ ପକ୍ଷରୁ ନିଯୁକ୍ତି ଦିଆଯାଇନାହିଁ। ମିଳିଥିବା ସୂଚନା ମୁତାବକ, କେନ୍ଦ୍ର ପାଇଁ ଦୁଇ ଜଣଙ୍କ ସାର୍ଟିଫିକେଟ ଭେରିଫିକେସନ ସରିଛି। ତେବେ ବିଭାଗ ପକ୍ଷରୁ କାହିଁକି ନୂତନ ନିଯୁକ୍ତି ଦେବାରେ ବିଳମ୍ବ ହେଉଛି ସେଥିନେଇ ନା ନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ହରଭଙ୍ଗା ସିଡିପିଓ ଦୀପ୍ତିମୟୀ ପାତ୍ରଙ୍କୁ ପଚାରିବାରେ ବିଭାଗ ପକ୍ଷରୁ ନିଯୁକ୍ତି ପାଇଁ ଆବେଦନପତ୍ର ଗ୍ରହଣ କରାଯାଇଛି, ସାର୍ଟିଫିକେଟ ଭେରିଫିକେସନ ମଧ୍ୟ ସରିଛି। ଉପଜିଲାପାଳଙ୍କୁ ଫାଇଲ ଦିଆଯାଇଛି। କେବଳ ସିଲେକସନ କମିଟି ବସି ନିଯୁକ୍ତି ଦେବା କଥା ବୋଲି କହିଥିଲେ। ଯଥାଶୀଘ୍ର ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।



ଭଗାମୁଣ୍ଡା ଅଙ୍ଗନୱାଡି କେନ୍ଦ୍ର।

## ସଂକ୍ଷେପରେ

### ଭାଲୁ ଆକ୍ରମଣରେ ଚାଷୀ ଗୁରୁତର


ଭାଲୁ ଆକ୍ରମଣରେ ଗୁରୁତର ଚାଷୀ।

କୋକସରା,୪।୮
(ଦୁଷ୍ମନ୍ତ କୁମାର ପାଟଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ଫରେଷ୍ଟ ସେକ୍ସନ ସାହାଜଖୋଲ ଜଙ୍ଗଲ ନିକଟସ୍ଥ ସର୍ଗିଗୁଡା ଗ୍ରାମର ଜଣେ ଚାଷୀ ରବିବାର ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ସେ ହେଲେ ଡମ୍ବରୁଧର ମାଝୀ (୩୬)। ସକାଳେ ସେ ନିଜ ଚାଷଜମିକୁ ଯାଉଥିବାବେଳେ ସାହାଜଖୋଲ ଜଙ୍ଗଲରୁ ଖାଦ୍ୟ ଅନ୍ୱେଷଣରେ ଗାଁକୁ ଆସିଥିବା ୨ଟି ଭାଲୁ ହଠାତ ତାଙ୍କୁ ଆକ୍ରମଣ କରିଥିଲେ। କୌଣସି ପ୍ରକାରେ ଭାଲୁ ହାବୁଡ଼ରୁ ଖସି ଆସିବା ପରେ ପରିବାର ଲୋକେ ଆମପାଣି ଜଙ୍ଗଲ ବିଭାଗକୁ ଖବର ଦେଇଥିଲେ। ପରେ ଗୁରୁତର ଯୁବକଙ୍କୁ କୋକସରା ଡାକ୍ତରଖାନାରେ ଭର୍ତ୍ତି କରି ପ୍ରାଥମିକ ଚିକିତ୍ସା ପରେ ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ଫରେଷ୍ଟ ଗାର୍ଡ ନାରାୟଣ ନାଗ କୋକସରା ଡାକ୍ତରଖାନାକୁ ଆସି ସମ୍ପୃକ୍ତ ଚାଷୀଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧରେ ବୁଝିଥିଲେ। ଏନେଇ ଆମପାଣି ଫରେଷ୍ଟ ଗାର୍ଡ ନାରାୟଣ ନାଗଙ୍କୁ ପଚାରିବାରୁ ସରକାରୀ ନିୟମ ଅନୁସାରେ ପୀଡିତଙ୍କୁ କ୍ଷତିପୂରଣ ମିଳିବ ବୋଲି କହିଛନ୍ତି।

### ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ

କେସିଙ୍ଗା, ୪।୮ (ଡୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ଏନ୍‌ଏସିରେ ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ସଦଭାବନା ସଭାଗୃହଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ନୃପରାଜ ଯାଦବଙ୍କ ନେତୃତ୍ୱରେ ବୈଠକ ହୋଇଥିଲା। ଜାନୁଆରୀ ୨୬ରେ ପାଳିତ ହୋଇଥିବା ସାଧାରଣତନ୍ତ୍ର ଦିବସର ଆୟବ୍ୟୟ ପଠନ କରାଯାଇଥିଲା। ସହରରେ ସ୍ୱାଧୀନତା ଦିବସ କିପରି ସୂଚାରୁ ରୂପେ ପାଳନ କରାଯିବ ଏବଂ ଷ୍ଟେଜ ସାଜସଜା, ବେରିଗେଟ ନିର୍ମାଣ, ପାର୍କିଂ ସୁବିଧା କରିବା, ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ କରାଯିବାକୁ ଆଲୋଚନା ହୋଇଥିଲା। ଏହି ଅବସରରେ ଭୋରରେ ରାମଧୁନ ସହିତ ପ୍ରଭାତଫେରି କରାଯିବା ପାଇଁ ଆଲୋଚନା କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷ ନୃପରାଜ ଯାଦବ ଯୋଗଦେଇ ସାଢେ ଆଠଟାରେ ପତାକା ଉତ୍ତୋଳନ କରାଯିବା ପାଇଁ ସମୟ ଧାର୍ଯ୍ୟ କରାଯାଇଛି। ଏହି ବୈଠକରେ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଣବ କୁମାର ଚାନ୍ଦ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଉମାଶଙ୍କର ସାହୁଙ୍କ ସମେତ ସହରର ଅଗ୍ରଣୀ ଅନୁଷ୍ଠାନ, ଜର୍ଣ୍ଣାଲିଷ୍ଟ ଆସୋସିଏସନର କର୍ମକର୍ତ୍ତା, ପୂର୍ବତନ ନଗରପାଳ ରାମକୁମାର ଜୈନ, ରାମଜି ମାତଖଣ୍ଡିଆ, କାଉନସିଲର ରମାକାନ୍ତ ଜେନା, ପ୍ରକାଶ ବନଛୋର ପ୍ରମୁଖ ଯୋଗଦାନ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ଅବସରପ୍ରାପ୍ତ ପ୍ରାଧ୍ୟାପକ ବି. ଚନ୍ଦ୍ରଶେଖର ଆଚାରୀ।

# ଆନ୍ଧ୍ର ବ୍ୟବସାୟୀଙ୍କ କବ୍‌ଜାରେ କଳାହାଣ୍ଡି ଜମି

## ଏସ୍‌ସି, ଏସ୍‌ଟି ଜମି କମ ଦାମ୍‌ରେ କିଣି ଚଢ଼ା ଦାମ୍‌ରେ ବିକ୍ରି

ଭବାନୀପାଟଣା,୪।୮
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାର କେତେକ ଅଞ୍ଚଳର ଜମି ଆନ୍ଧ୍ର ବ୍ୟବସାୟୀଙ୍କ କବଜାକୁ ଚାଲିଯାଉଥିବା ଜଣାଯାଇଛି। ଜିଲାର କୋକସରା, ଜୟପାଟଣା, ଜୁନାଗଡ, କଲମପୁର, ଧର୍ମଗଡ ବ୍ଲକ ଅଞ୍ଚଳରେ ପ୍ରଥମେ ଆନ୍ଧ୍ର ଲୋକଙ୍କ ଆଧିପତ୍ୟ ଦେଖିବାକୁ ମିଳିଥିଲା। ଏବେ କିନ୍ତୁ ଏହି ବ୍ଲକକୁ ଛାଡି ନର୍ଲା, ଏମ୍‌.ରାମପୁର, ଭବାନୀପାଟଣା, କର୍ଲାମୁଣ୍ଡା, ଥୁଆମୂଳ ରାମପୁର ଆଦି ବ୍ଲକରେ ମଧ୍ୟ ସେମାନଙ୍କ ଆଧିପତ୍ୟ ଦେଖିବାକୁ ମିଳିଛି। କଳାହାଣ୍ଡି ଜିଲାକୁ ଶସ୍ୟ ଶ୍ୟାମଳା କରିବା ପାଇଁ ପୂର୍ବରୁ ଜିଲାର ମୁଖିଗୁଡାସ୍ଥିତ ଇନ୍ଦ୍ରାବତୀରୁ ବହୁମୁଖୀ ପ୍ରକଳ୍ପ ଯୋଜନା ଓ ମେଗା ଜଳସେଚନ ପ୍ରକଳ୍ପ ମାଧ୍ୟମରେ ଚାଷୀଙ୍କୁ ଜଳ ଯୋଗାଣ କରାଯାଉଛି। ରାଜ୍ୟ ସରକାରଙ୍କ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ପ୍ରକଳ୍ପ କଳାହାଣ୍ଡିର ଲୋକଙ୍କ ସ୍ୱାର୍ଥରେ ନ ଲାଗି ଆନ୍ଧ୍ର ଲୋକଙ୍କ ସ୍ୱାର୍ଥରେ ଲାଗିବ ବୋଲି ଜଣାପଡିଲାଣି। ଏହାର ବିଧିବଦ୍ଧ ତଦନ୍ତ ହେବା ଜରୁରୀ ହୋଇପଡିଛି। କଳାହାଣ୍ଡିରେ ଜମିର ମୂଲ୍ୟ ଯେତିକି ରହିଛି, ତାହାଠାରୁ ଅଧିକ ମୂଲ୍ୟ ଦେଇ ଅର୍ଥ ଲୋଭ ଦେଖାଇ ସେମାନଙ୍କଠାରୁ ଜମି କିଣିନେଉଛନ୍ତି। ଆନ୍ଧ୍ରର ବିଭିନ୍ନ ଶିଳ୍ପପତି, ବ୍ୟବସାୟୀ, ସରକାରୀ କର୍ମଚାରୀ, ଠିକାଦାର, ରାଜନେତା କଳାହାଣ୍ଡିକୁ ଆସି ଜମି କିଣୁଥିବା ନଜିର ରହିଛି। ସେମାନେ ନିଜ ସମ୍ପର୍କୀୟମାନଙ୍କ ନାମରେ ଏହି ଜମିଗୁଡିକୁ କିଣି କଳାହାଣ୍ଡିର ଲୋକଙ୍କୁ ଲିଜ ସୂତ୍ରରେ ଦେଉଛନ୍ତି। ଏଭଳି ଦିନକୁ ଦିନ ଜମି ବିକ୍ରି ସଂଖ୍ୟା କଳାହାଣ୍ଡିରେ ବୃଦ୍ଧି ପାଉଥିବା ଓ ଆନ୍ଧ୍ର ଲୋକମାନେ ଅଧିକ ସଂଖ୍ୟାରେ ଜମି କିଣୁଥିବାରୁ ସମୟ ଆସିବ କଳାହାଣ୍ଡିରେ କେବଳ ଆନ୍ଧ୍ର ଲୋକଙ୍କ ଜମିଥିବ କିନ୍ତୁ ସ୍ଥାନୀୟ ଲୋକଙ୍କ ଜମି ନ ଥିବ। ଏକ ଅନୁସନ୍ଧାନରୁ ଜଣାପଡିଛି ଯେ, ଆନ୍ଧ୍ରରେ କଳାହାଣ୍ଡିର ଜମି ମୂଲ୍ୟଠାରୁ ୪ ଗୁଣା ଅଧିକ। ଫଳରେ ଆନ୍ଧ୍ର ଲୋକ ସେଠାରୁ ଗୋଟିଏ ଏକର ଜମି ବିକ୍ରି କରି କଳାହାଣ୍ଡିରେ ଆସି ୪ ଏକର ଜମି କିଣୁଛନ୍ତି। ସେମାନେ କଳାହାଣ୍ଡି ଜିଲାର ଜମି ମାଫିଆଙ୍କୁ ଧରି ଶହଶହ ଏକର ଜମି କିଣୁଛନ୍ତି। ଏଠାକାର ସବ୍‌ରେଜିଷ୍ଟ୍ରାର, ତହସିଲ କାର୍ଯ୍ୟାଳୟର ବିଭିନ୍ନ ଅଧିକାରୀ, କର୍ମଚାରୀଙ୍କୁ ହାତକରି ସେମାନେ ଜମି କିଣିବାକୁ ସକ୍ଷମ ହେଉଛନ୍ତି। ଅନ୍ୟପକ୍ଷରେ ଜୁନାଗଡ଼ ତହସିଲରେ ଏବେ ଅଣଓଡ଼ିଆ ଜମିବେପାରୀ ଅନୁସୂଚିତ ଜାତି (ଏସ୍‌ସି) ଜନଜାତି(ଏସ୍‌ଟି)ଙ୍କ ଜମି କମ୍ ଦାମରେ କିଣି ଚଢା ଦାରରେ ବିକୁଛନ୍ତି।

ଏଠାକାର ନିରୀହ ଗରିବ ଅନୁସୂଚିତ ଜାତି, ଜନଜାତିଙ୍କ ଜମିକୁ କମ ଦାମରେ କିଣି ପରେ ଉପଜିଲାପାଳଙ୍କଠାରୁ ସରକାରୀସ୍ତରରେ ଅନୁମତି କରି ଚଢା ଦାମରେ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ଫଳରେ ଦିନକୁ ଦିନ ଜୁନାଗଡ ତହସିଲ ଅଞ୍ଚଳରେ ଜମିଗୁଡିକର ମୂଲ୍ୟ ଆକାଶ ଛୁଆଁ ହେବାରେ ଲାଗିଛି। ସାଧାରଣ ଲୋକଙ୍କ ପକ୍ଷେ ଏବେ ଜମି କିମ୍ବା ପ୍ଲଟ କିଣିବା କଷ୍ଟକର ହୋଇପଡୁଛି। ବିଶେଷକରି ଜୁନାଗଡ ତହସିଲ ଅଞ୍ଚଳର କୁରୁଗୁଡା, ମାଟିଗାଁ, କଲେଇଗାଁ, ହିଙ୍ଗଳିବାହାଲି, ଦେଦର ଆଦି ଅଞ୍ଚଳରେ ଏପରି ହେଉଥିବା ଜଣାପଡିଛି। ଜଣେ ଜମି ମାଫିଆ ଏହି କାରବାରରେ ସାମିଲ ଥିବାବେଳେ ସେ ୨ଜଣ ଅନୁସୂଚିତ ଜାତି, ଜନଜାତି ଲୋକଙ୍କୁ ହାତବାରସି କରି ପ୍ରଥମେ ତାଙ୍କ ନାମରେ ଅନୁସୂଚିତ ଜାତି, ଜନଜାତିଙ୍କ ଜମି କିଣି ପରବର୍ତ୍ତୀ ସମୟରେ ସରକାରୀସ୍ତରରେ ଅନୁମତି କରି ଏକରକୁ କୋଟି କୋଟି ଟଙ୍କାରେ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ଦିନେ ଛୋଟିଆ କପଡା ଦୋକାନ ଦେଇଥିବା ସମ୍ପୃକ୍ତ ବ୍ୟକ୍ତି ଆଜି କେମିତି ଜମି ମାଫିଆ, କୋଟିପତି ଠିକାଦାର ସାଜିଛନ୍ତି ତାହାର ଭିଜିଲାନ୍ସ ତଦନ୍ତ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି। ଗତ ୫ ବର୍ଷ ମଧ୍ୟରେ ଜୁନାଗଡ ତହସିଲ ଅଞ୍ଚଳର କେତେଜଣ ଅନୁସୂଚିତ ଜାତି, ଜନଜାତିଙ୍କ ଜମି କେଉଁ କାମ, କେତେ ସରକାରୀ ସ୍ତରରେ ଅନୁମତି ନିଆଯାଇ ବିକ୍ରି କରାଯାଇଛି ତାହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ବହୁ ବଡ଼ବଡ଼ିଆଙ୍କ ନାମ ସାମ୍ନାକୁ ଆସିବ। କଳାହାଣ୍ଡି ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ତଦନ୍ତ କରିବାକୁ ସାଧାରଣରେ ଦାବି ହୋଇଛି।

# ଯୁକ୍ତ ୨ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଉଦ୍‌ଘାଟିତ


ଯୁକ୍ତ ୨ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଉଦ୍‌ଘାଟନୀରେ ଅତିଥିଙ୍କ ଗହଣରେ କର୍ମଚାରୀ।

ଖଡ଼ିଆଳ, ୪।୮ (ସୁଜିତ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଡୁଆଝର ଗାଁରେ ନୂତନ ଉନ୍ନୀତ ଯୁକ୍ତ ୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ମୁଖ୍ୟଅତିଥି ଭାବରେ ଖଡ଼ିଆଳ ବିଧାୟକ ଅଧୀରାଜ ମୋହନ ପାଣିଗ୍ରାହୀ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ବିଧାୟକ ପାଣିଗ୍ରାହୀ କହିଥିଲେ ଯେ, ଦୀର୍ଘ ଦିନ ହେଲା ଡୁଆଝର ହାଇସ୍କୁଲକୁ ଉନ୍ନୀତ ଉଚ୍ଚ ମାଧ୍ୟମିକ ଯୁକ୍ତ ୨ ବିଦ୍ୟାଳୟ ଖୋଲିବା ପାଇଁ ଦାବିହୋଇ ଆସୁଥିଲା। ଉକ୍ତ ବିଦ୍ୟାଳୟ ଏକ ମଣିଷ ତିଆରୀ କାରଖାନା ବୋଲି ପୂର୍ବରୁ ପ୍ରମାଣିତ ହୋଇସାରିଛି। ବର୍ତ୍ତମାନ ଉନ୍ନୀତ ଉଚ୍ଚ ମାଧ୍ୟମିକ +୨ ବିଦ୍ୟାଳୟର ମାନ୍ୟତା ପାଇଲା ପରେ ଅଞ୍ଚଳର ଶିକ୍ଷାର ମାନବୃଦ୍ଧି କରିବାରେ ଆଉ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ମତ ପ୍ରକାଶ କରିଥିଲେ। ଉକ୍ତ ଉଦ୍‌ଘାଟନୀ ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ଖଡ଼ିଆଳ ବିଡିଓ ବିରସେନ ବେହେରା, ଖଡ଼ିଆଳ ବ୍ଲକ ଅଧ୍ୟକ୍ଷ ପୁଷ୍ପାଞ୍ଜଳି ନନ୍ଦ, ଉପାଧ୍ୟକ୍ଷ ଗୌତମ ତାଣ୍ଡି, ସ୍ଥାନୀୟ ସରପଞ୍ଚ ଜିତୁ କୁମ୍ଭାର, ବରିଷ୍ଠ ଆଇନଜୀବୀ ଯୁଧିଷ୍ଠିର ମେହେର, ସ୍କୁଲର ପ୍ରଧାନ ଶିକ୍ଷକ ମଞ୍ଚାସୀନ ଥିଲେ।

# ଗଙ୍ଗାଧର ସାରସ୍ୱତ ସମିତିର ବର୍ଷାଆସର 'ଶ୍ରାବଣୀ'



ବର୍ଷା ସାହିତ୍ୟ ଆସର 'ଶ୍ରାବଣୀ'ରେ ଅତିଥିଙ୍କ ସହ କବିମାନେ।

ସିନାପାଲି, ୪।୮ (ମନଫୁଲ ମେହେର)

ନୂଆପଡ଼ା ଜିଲା ସିନାପାଲିର ଗଙ୍ଗାଧର ସାରସ୍ୱତ ସମିତି ତରଫରୁ ଗଣ୍ଡାବାହାଲି ଗ୍ରାମଠାରେ ଚଳିତବର୍ଷର ବର୍ଷା ସାହିତ୍ୟ ଆସର 'ଶ୍ରାବଣୀ' ଅନୁଷ୍ଠିତ ହୋଇଯାଇଛି। ରବିବାର ପୂର୍ବାହ୍ନରେ ସମିତିର କବି ଲେଖକ ଏବଂ ରାମଗଡ଼ ବିକାଶ ସମିତିର କର୍ମକର୍ତ୍ତା ପ୍ରଥମେ ଐତିହାସିକ ରାମଗଡ଼ ପରିଦର୍ଶନ କରିବାକୁ ଯାଇଥିଲେ। ସେଠାରେ ମା' ରାମଗଡ଼ ପୂଜାର୍ଚ୍ଚନା ସହ ବୃକ୍ଷ ରୋପଣ କରିଥିଲେ। ଏହା ପରେ ସ୍ଥାନୀୟ ଉଚ୍ଚ ବିଦ୍ୟାଳୟ ପରିସରରେ ସାରସ୍ୱତ ସମିତିର ସଭାପତି ବୈଷ୍ଣବ ମେହେରଙ୍କ ଅଧ୍ୟକ୍ଷତାରେ ବର୍ଷା ଆସର ଅନୁଷ୍ଠିତ ହୋଇଥିଲା। ଏଥିରେ ରାମଗଡ଼ ବିକାଶ ସମିତିର ସଭାପତି ରାହାସ ବିହାରୀ ମେହେର, ଶିକ୍ଷାବିତ୍ ଚିନ୍ତାମଣି ସାହୁ, ଅଧ୍ୟାପକ ନବୀନ ଚନ୍ଦ୍ର ମେହେର, ଶିକ୍ଷକ ଗଙ୍ଗାରାମ ମେହେର ପ୍ରମୁଖ ଅତିଥି ଭାବରେ ଉପସ୍ଥିତ ରହି ସାହିତ୍ୟର ବିଭିନ୍ନ ଦିଗ ଏବଂ ରାମଗଡ଼ ସଂସ୍କୃତି ବିଷୟରେ ଆଲୋଚନା କରିଥିଲେ। ଏହା ପରେ ଲଳିତ କୁମାର ସୁନାରୀ ଏବଂ ଧ୍ରୁବଚରଣ ପଧାନଙ୍କ ସଂଯୋଜନାରେ କବି ବିଜୟ କୁମାର ଯୋଷୀ, ମୁରଲୀଧର ସା, ଶିବ ପ୍ରସାଦ ମେହେର, କୁମୁଦବନ୍ଧୁ ଯୋଷୀ, ପ୍ରଦ୍ୟୁମ୍ନ ସିଂହ ଚିନ୍ଦା, ପରେଶ ନାଥ ପାଣିଗ୍ରାହୀ, ଦଳଗଞ୍ଜନ ମେହେର, ଲୋଚନ ମେହେର, ବୃନ୍ଦ ମେହେର, ନିଳାଞ୍ଚଳ ମେହେର, ଗଣପତି ବାଗ, ହରେକୃଷ୍ଣ ମେହେର, ବଂଶୀଧର ଜଗତ, ପ୍ରେମାନନ୍ଦ ମେହେର, ଭୀଷ୍ମରାଜ ମେହେର, ଜନ୍ମେଜୟ ମାଝି ପ୍ରମୁଖ କବିତା ପାଠ କରିଥିଲେ। ପ୍ରାରମ୍ଭରେ ରାମଗଡ଼ ବିକାଶ ସମିତିର ସମ୍ପାଦକ ଗୁପ୍ତେଶ୍ୱର ମେହେର ସ୍ୱାଗତ କରିବା ସହ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦିବାକର ଖମାରୀ, ରୂପେଶ ଚନ୍ଦ୍ର ମେହେର, ଗୁଣଧର ମେହେର, ପ୍ରତାପ ମେହେର, ତୁଳସୀରାମ ମେହେର, ରଥି ମେହେର, ପୂର୍ଣ୍ଣ ଚନ୍ଦ୍ର ମେହେର, ଚତୁର୍ଭୁଜ ସେଠୀ, ମନଫୁଲ ମେହେର, ଜୟ ଭୋଇ, ସତ୍ୟ ପ୍ରକାଶ ମେହେର, ଚୂଡ଼ାମଣି ମେହେର, ମନୋଜ ଜଗତ, ସାଗର ମେହେର, ନିରଞ୍ଜନ ମେହେର, ଯୋଗେନ୍ଦ୍ର ମେହେର, ଲକ୍ଷ୍ମଣ ମେହେର, ବଳଦେବ ଦୀପ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଶେଷରେ ଯୁବକବି ଡିସମ୍ବର ମେହେର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

### ବିଷାକ୍ତ ଛତୁ ଖାଇ ଜଣେ ମୃତ, ୩ ଗୁରୁତର

ଭବାନୀପାଟଣା, ୪।୮ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ଅଁଳାଭଟା ଗ୍ରାମରେ ରବିବାର ବିଷାକ୍ତ ଛତୁ ଖାଇ ଗୋଟିଏ ପରିବାରର ଜଣଙ୍କର ମୃତ୍ୟୁ ଘଟିଛି। ଅନ୍ୟ ୩ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ କୁନୁ ବେଶ୍ରା। କୁନୁଙ୍କ ପରିବାର ଲୋକେ ବିଷାକ୍ତ ଛତୁ ତରକାରି ଖାଇଥିଲେ। ଏହା ପରେ ସେମାନଙ୍କୁ ଝାଡ଼ାବାନ୍ତି ହେବାରୁ କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ରାତିରେ କୁନୁଙ୍କର ମୃତ୍ୟୁ ହୋଇଥିଲା। ଗୁରୁତର ଥିବା ମଙ୍ଗଲୁ ବେଶ୍ରା, ସୁନ୍ଦର ବେଶ୍ରା ଓ ଗୋବର୍ଦ୍ଧନ ବେଶ୍ରାଙ୍କୁ ପ୍ରଥମେ କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

### ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବେହେରା, ୪।୮ (ଭୂପେଶ ତିୱାରୀ)

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ଖଇରପଦର ସ୍ଥିତ କପିଳେଶ୍ୱର ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ହିନ୍ଦୀ ଭାଷା ଶିକ୍ଷକ ବାଞ୍ଛାନିଧି ପଣ୍ଡା ଚାକିରୀରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଧ୍ରୁବଚରଣ ମୁଣ୍ଡଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଷ୍ଟା କଳାହାଣ୍ଡି ଜିଲା ସଭାପତି ମନୋରଞ୍ଜନ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଓଷ୍ଟା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରମେଶ ଚନ୍ଦ୍ର ନାୟକ, ଧର୍ମଗଡ ବ୍ଲକ ଓଷ୍ଟା ସଭାପତି ରିଖିରାମ ବେହେରା ପ୍ରମୁଖ ଯୋଗଦେଇ ବିଦାୟୀ ଶିକ୍ଷକଙ୍କୁ ମାନପତ୍ର, ଉପଢୌକନ ଓ ସ୍ମୃତି ଚିହ୍ନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ ପଞ୍ଚାନନ ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗୋକୁଳ ଚନ୍ଦ୍ର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ରାଧାମୋହନ ପାଣିଗ୍ରାହୀ, ହିତାଂଶୁ ଟୋଲଟିଆ , ରୋଜି କୁମାରୀ ଚୌଧୁରୀ, ମାନିନୀ ମେହେର, ଶ୍ୟାମ ଚରଣ ଚଣ୍ଡୀ, ରଞ୍ଜନରଶ୍ମୀ ସେଠୀ, ବ୍ରଜ କିଶୋର ରାଉତ ଓ ଅନ୍ୟମାନେ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

# ଭବାନୀଶଙ୍କର ରାଇଟର ଇଣ୍ଟରନ୍ୟାଶନାଲର କାର୍ଯ୍ୟକାରୀ ସମ୍ପାଦକ ମନୋନୀତ

ଭବାନୀପାଟଣା,୪।୮ (ଉତ୍ତମ କୁମାର ଦାଶ)

ବିଶ୍ୱର ପ୍ରମୁଖ ସାହିତ୍ୟ ପତ୍ରିକା ରାଇଟର ଇଣ୍ଟରନ୍ୟାଶନାଲ ଏଡିସନର କାର୍ଯ୍ୟକାରୀ ସମ୍ପାଦକ ଭାବରେ କଳାହାଣ୍ଡି ଜିଲା ଭବାନୀପାଟଣା ସହରର କବି ଡ. ଭବାନୀ ଶଙ୍କର ନିଆଲ ମନୋନୀତ ହୋଇଛନ୍ତି। ଏହାର ସ୍ୱୀକୃତି ଉକ୍ତ ସାହିତ୍ୟ ପତ୍ରିକାର ପ୍ରତିଷ୍ଠାତା ପ୍ରଫେସର ପ୍ରିଥ ନାମ୍ବିଆର ଏବଂ ଏଡିଟର ଇନ ଚିଫ୍ ପ୍ରଫେସର ଆଇରିନ କାଭାଙ୍କର ହସ୍ତାକ୍ଷରରେ ଏହି ଏସ୍‌ଆଇନମେଣ୍ଟ ଡ. ନିଆଲଙ୍କୁ ଦିଆଯାଇଛି। ସୂଚନାଯୋଗ୍ୟ ଯେ, ସମଗ୍ର ପୃଥିବୀର ଗୁଣାତ୍ମକ କାର୍ଯ୍ୟଗୁଡ଼ିକୁ ଦର୍ଶାଇବା ପାଇଁ ରାଇଟର୍ସ ସଂସ୍କରଣ ଏକ ସମ୍ପୂର୍ଣ୍ଣ ଅନଲାଇନ ସାହିତ୍ୟ ପତ୍ରିକା ଭାବରେ କଳ୍ପନା କରାଯାଇଛି। ଉଲ୍ଲେଖନୀୟ ଲେଖକମାନଙ୍କ ଦ୍ୱାରା ସମସାମୟିକ ସାହିତ୍ୟରେ ଉଲ୍ଲେଖନୀୟ କାର୍ଯ୍ୟଗୁଡ଼ିକୁ ପ୍ରୋତ୍ସାହିତ କରିବା ଏହି ଉଦ୍ୟମର ଉଦ୍ଦେଶ୍ୟ। ସାହିତ୍ୟ ବ୍ୟତୀତ ବିଭିନ୍ନ ସୃଜନଶୀଳ କାର୍ଯ୍ୟ ଯେପରିକି ଡକ୍ୟୁମେଣ୍ଟାରୀ, ଚଳଚ୍ଚିତ୍ର, କଳାତ୍ମକ କାର୍ଯ୍ୟ, ଫଟୋଗ୍ରାଫିଇତ୍ୟାଦିପ୍ରକାଶିତ ହୋଇଥାଏ। କଳା, ସାହିତ୍ୟ ଏବଂ ଅନ୍ୟାନ୍ୟ ସୃଜନଶୀଳ ଅଭିବ୍ୟକ୍ତି ମାଧ୍ୟମରେ ଗଣମାଧ୍ୟମ ମାଧ୍ୟମରେ ମାନବିକତାର ମୂଲ୍ୟବୋଧ ତଥା ବିଶ୍ୱଶାନ୍ତି ଏବଂ ସୌହାର୍ଦ୍ଦ୍ୟକୁ ଏହି ପତ୍ରିକା ସାଧାରଣତଃ ପ୍ରୋତ୍ସାହିତ କରିଥାଏ। ଡ. ନିଆଲ ଜଣେ ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ କବି। ତାଙ୍କର ବହୁ କବିତା ପୃଥିବୀର ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହେଉଛି ଏବଂ ତାଙ୍କର କବିତା ପୃଥିବୀର ୨୩ଟି ଭାଷାରେ ଅନୁବାଦିତ ହୋଇ ସମଗ୍ର ବିଶ୍ୱରେ ଏକ ପ୍ରଭାବ ପକାଇଛି। ସେହିପରି ଡ.ନିଆଲ ଓଡ଼ିଆ ସାହିତ୍ୟ ପତ୍ରିକା ମହୁରିର ମୁଖ୍ୟ ସମ୍ପାଦକ ଓ ପ୍ରତିଷ୍ଠାତା ମଧ୍ୟ ଅଟନ୍ତି। ଏହି ଅବସରରେ ପ୍ରଫେସର ଆଇରିନ କାଭାଡିଆ ଓ ପ୍ରଫେସର ପ୍ରୀତ ନାମ୍ବିଆରଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି। ରାଇଟର ଇଣ୍ଟରନ୍ୟାଶନାଲର କାର୍ଯ୍ୟକାରୀ ସମ୍ପାଦକ ଭାବେ ସେ ମନୋନୀତ ହେବା ପରେ ବିଭିନ୍ନ ମହଲରୁ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି।

# ଯୋଗ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ


ଉଦ୍‌ଯାପନୀ ଦିବସରେ ଔଷଧ ବୃକ୍ଷ ବଣ୍ଟନ କରାଯାଉଛି।

ଲୋଇସିଂହା,୪।୮ (ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଜୁଲାଇ ୧୧ ତାରିଖରୁ ପାତଞ୍ଜଳି ଯୋଗପୀଠ ହରିଦ୍ୱାର ଦ୍ୱାରା ଚାଲିଥିବା ଯୋଗ ପ୍ରଶିକ୍ଷଣ ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି । ପାତଞ୍ଜଳି ଯୋଗ ସମିତିର ଜିଲା କର୍ମକର୍ତ୍ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ଜିଲାର ବିଭିନ୍ନ ପ୍ରାନ୍ତରରୁ ୫୨ ଜଣ ଶିବିରାର୍ଥୀ ଅଂଶଗ୍ରହଣ କରିଥିଲେ । ଉଦ୍‌ଯାପନୀ ସମାରୋହରେ ଲୋଇସିଂହା ତହସିଲ ଯୋଗ ସମିତି ପ୍ରତିଷ୍ଠାତା ବିମଳ ଚରଣ ହୋତା ଯୋଗଦାନ କରିଥିଲେ। ସେ କହିଥିଲେ ଯେ, ପ୍ରତ୍ୟେକ ପରିବାରର ସମସ୍ତ ପ୍ରକାରର ସମସ୍ୟାର ସମାଧାନର ସୂତ୍ର ଯୋଗ, ଯଜ୍ଞ ଓ ଆୟୁର୍ବେଦ ମାଧ୍ୟମରେ ସମ୍ଭବପର । ବର୍ତ୍ତମାନ ପରିସ୍ଥିତିରେ ବୃକ୍ଷରୋପଣ ଏବଂ ଘରେ ଘରେ ତୁଳସୀ ସମେତ ବିଭିନ୍ନ ଔଷଧୀୟ ଗଛର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ଔଷଧ ଚାରା ବଣ୍ଟନ କରାଯାଇଥିଲା । ଏହାଛଡା ଆୟୁର୍ବେଦ ବିଶାରଦ ବାବା ବାଳକୃଷ୍ଣଜୀଙ୍କ ଜନ୍ମ ଜୟନ୍ତୀ ଅବସରରେ ଜଡିବୁଟି ଦିବସ ଜିଲା ସମିତି ଅଧ୍ୟକ୍ଷ ଅଶୋକ କୁମାର ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଜିଲା ଯୁବ ଭାରତ ପ୍ରଭାରୀ ଜ୍ୟୋତିପ୍ରକାଶ ସାହୁ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିରଳ ରକ୍ତ ଯୋଗାଡ଼ କରି ଗର୍ଭବତୀଙ୍କ ଜୀବନ ବଞ୍ଚାଇଲେ

ନୂଆପଡ଼ା, ୪।୮ (ମକାରୁ ବେମାଲ)

ନୂଆପଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧିନ ଦୁଇ ଜଣ ଗର୍ଭବତୀଙ୍କ ପାଇଁ ରକ୍ତଦାତା ଶିକ୍ଷକ କିଶୋର କୁମାର ପରିଡା ବିରଳ ବର୍ଗର ରକ୍ତ ଯୋଗାଡ କରି ଉଭୟଙ୍କ ଜୀବନ ବଞ୍ଚାଇଛନ୍ତି। କୋମନା ଥାନା ମାଳପଡା ଗାଁର ମନିଷା ଦୀପଙ୍କୁ ବିରଳ ରକ୍ତ ଗ୍ରୁପ 'ଏ-ନେଗେଟିଭ' ଓ ଛତିଶଗଡ଼ ଗରିଆବନ୍ଧ ଜିଲା ଭରୁଆମୁଣ୍ଡା ଗାଁର ରିଙ୍କି


ରକ୍ତ ସଂଗ୍ରହ କରାଯାଉଛି।

ପଟେଲଙ୍କୁ 'ଓ-ନେଗେଟିଭ' ରକ୍ତର ନିତାନ୍ତ ଆବଶ୍ୟକତା ଥିଲା। ଖବରପାଇ ଶିକ୍ଷକ କିଶୋର କୁମାର ପରିଡା ନୂଆପଡା ସଦର ବ୍ଲକ ଧରମବନ୍ଧା ଥାନା ପାୱାରତୋଳା ଗାଁର ଗୁଲସନ ସାହୁଙ୍କୁ ଯୋଗାଯୋଗ କରିଥିଲେ। ସେ ଡାକ୍ତରଖାନା ଆସି ଏ-ନେଗେଟିଭ ରକ୍ତ ସ୍ୱେଚ୍ଛାକୃତ ଭାବରେ ଦାନ କରିଥିଲେ। ସେହିପରି ଗଡତୋର ଜ୍ଞାନଜ୍ୟୋତି ବିଦ୍ୟାଳୟର କର୍ମଚାରୀ ଦ୍ୱାରିକା ତିୱାରୀ ଓ-ନେଗେଟିଭ ରକ୍ତଦାନ କରିଥିଲେ। ଫଳରେ ଉଭୟ ଗର୍ଭବତୀ ଠିକ୍ ସମୟରେ ରକ୍ତ ଦିଆଯାଇଥିଲା।

# ଚୋରି ୨ସୋଲାର ପ୍ଲେଟ ଜବତ


ପୋଲିସ ଦ୍ୱାରା ଜବତ ସୋଲାର ପ୍ଲେଟ।

ନୂଆପଡା,୪।୮ (ମକାରୁ ବେମାଲ)

ନୂଆପଡା ଜିଲା କୋମନା ଥାନା ଠିକପାଲି ପଞ୍ଚାୟତ ବାବୁପାଲି ଗାଁ ନିକଟରେ ନିର୍ମାଣ ହୋଇଥିବା ମୋବାଇଲ ଟାୱାରର ସୋଲାର ପ୍ଲେଟ ଚୋରି ହୋଇଥିବା ଅଭିଯୋଗ ହୋଇଥିଲା । ରବିବାର କୋମନା ପୋଲିସ ଚୋରି ହୋଇଥିବା ଦୁଇ ସୋଲାର ପ୍ଲେଟକୁ ଜବତ କରିଛି। ସୂଚନା ମୁତାବକ ବାବୁପାଲି ଗାଁ ଠାରେ ଏକ ମୋବାଇଲ ଟାୱାର ନିର୍ମାଣ ହୋଇଛି। ସେହି ଟାୱାରରେ ବିଜୁଳି ପରିବର୍ତ୍ତେ ସୋଲାର ମାଧ୍ୟମରେ ଚାଲିଛି। ଟାୱାରରେ ଖଞ୍ଜା ଯାଇଥିବା ଦୁଇଟି ସୋଲାର ପ୍ଲେଟକୁ କେହି ଚୋରି କରି ଅନ୍ୟତ୍ର ନେଇ ନ ପାରିବାରୁ ବାବେଘାଟି ଜଙ୍ଗଲ ଭିତରେ ପାଣିରେ ପୋତି ଦେଇ ଉପରେ ତାଳପତ୍ର ଓ ଗଛ ପକାଇ ଦେଇଥିଲେ। ଅଭିଯୋଗକୁ ଭିତ୍ତିକରି କୋମନା ପୋଲିସ ତଦନ୍ତ ଜାରି ରଖିଥିଲା। ସେହି ଦୁଇ ସୋଲାର ପ୍ଲେଟକୁ ଜଙ୍ଗଲରୁ ପୋଲିସ ଜବତ କରିଛି। ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ତନାଘନା ଉଦ୍ୟମ ଜାରି ରହିଛି ବୋଲି ପୋଲିସ ସୂଚନା ଦେଇଛି।

# ପରିବାର ଲୋକେ ଆଣିଲେ ହତ୍ୟା ଅଭିଯୋଗ

## ରେଳ ଧାରଣାରେ କଟି ଯୁବତୀଙ୍କ ମୃତ୍ୟୁ ଘଟଣା

■ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡ଼ିବ

ଲାଞ୍ଜିଗଡ,୪।୮ (ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବନ୍ଧପାରି ଗ୍ରାମର ଜଣେ ଯୁବତୀଙ୍କ ଅମ୍ବାଦଳା ଓ ଲାଞ୍ଜିଗଡରୋଡ ମଝିରେ ଥିବା ବାଘନିପଦର ନିକଟ ରେଳଧାରଣାରେ କଟି ଶନିବାର ମୃତ୍ୟୁ ଘଟିଥିଲା। ଯୁବତୀ ଜଣକ କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବନ୍ଧପାରି ଗ୍ରାମର ଶ୍ରୀଦେବୀ ହରିଜନ। ଶ୍ରୀଦେବୀ ଦୁଇଦିନ ପୂର୍ବେ ନିଜ ସାନ ଭଉଣୀ ମଦନା ସହିତ ଲାଞ୍ଜିଗଡ ରୋଡ଼ ପଞ୍ଚାୟତ ଗଜରାଜପୁରର ସମ୍ପର୍କୀୟ ମାମୁଁ ମୁକୁନ୍ଦ ହରପାଲ ଘରକୁ କୁଣିଆ ଆସିଥିଲେ। ମୁକୁନ୍ଦଙ୍କ ପୁଅ ଲବ ହରପାଲ ସହିତ ଶ୍ରୀଦେବୀଙ୍କର କୁଆଡେ ଦୀର୍ଘ ଦିନର ପ୍ରେମ ସମ୍ପର୍କ ରହିଥିଲା। ଉଭୟ ପରିବାରର ସହମତିରେ ଦୁହିଁଙ୍କ ମଧ୍ୟରେ ବିବାହ ପ୍ରସ୍ତାବ ବି ପଡିଥିଲା। ବର୍ଷକ ପୂର୍ବରୁ ଦୁହିଁଙ୍କ ପ୍ରେମ ସମ୍ପର୍କ ମଝିରେ ଆଉ ଜଣେ ଝିଅର ପ୍ରବେଶ ହୋଇଥିଲା। କେରଳକୁ କାମ କରିବାକୁ ଯାଇଥିବାବେଳେ ଜଣେ କଲେଜ ଛାତ୍ରୀ ସହିତ ଲବଙ୍କ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଏହାକୁ ବିରୋଧ କରୁଥିଲେ ଶ୍ରୀଦେବୀ। ବିରୋଧ ସହିତ ମଝିରେ ଦୁହିଁଙ୍କ ମଧ୍ୟରେ ଝଗଡ଼ା ହେଉଥିଲା। ଆଉ ଲବ କୁଆଡେ ଶ୍ରୀଦେବୀଙ୍କ ମୋବାଇଲ ନମ୍ବରକୁ ବି ବ୍ଲକ କରିଦେଇଥିଲେ। ଦୁହିଁଙ୍କ ମଧ୍ୟରେ ବୁଝାମଣା କରିବାକୁ ଶ୍ରୀଦେବୀ ନିଜ ଭଉଣୀ ସହିତ ଗଜରାଜପୁର ଆସିଥିବା ବେଳେ ଲବର ଦ୍ୱିତୀୟ ପ୍ରେମ ସମ୍ପର୍କକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହାର ସମାଧାନ ହୋଇ ନ ପାରିବାରୁ ଶେଷରେ ଚରମ ନିଷ୍ପତ୍ତି ନେଇଥିଲେ ଶ୍ରୀଦେବୀ। ଶୁକ୍ରବାର ବିଳମ୍ବିତ ରାତ୍ରିରେ ଘରୁ ଚାଲିଯାଇଥିଲେ। ତାହା ପୂର୍ବରୁ ତାଙ୍କ ସାନ ଭଉଣୀ ଲତା ହରିଜନଙ୍କୁ ମୋବାଇଲ ୱାଟ୍ସଆପରେ ମତେ ଗଜରାଜପୁର ଟ୍ରେନ ଲାଇନ ପାଖରେ ଖୋଜିବ ବୋଲି



ମେସେଜ ଦେଇଥିଲେ। ହେଲେ ସକାଳୁ ମେସେଜ ଦେଖିଲା ପରେ ସମସ୍ତ ପରିବାର ଲୋକଙ୍କୁ କହିଥିଲେ। ପରେ ଖୋଜାଖୋଜି ଆରମ୍ଭ ହୋଇଥିଲା। ଶନିବାର ସକାଳୁ ତାଙ୍କ ମୃତଦେହ ବାଘନିପଦର ନିକଟସ୍ଥ ରେଳଧାରଣାରେ ପଡ଼ିଥିବା ଖବର ମିଳିଥିଲା। ତଦନ୍ତ ପୂର୍ବରୁ ରେଳଧାରଣାରୁ ପରିବାର ଲୋକେ ମୃତଦେହ ଉଠାଇ ନେଇଯାଇ ଥିବାରୁ ରେଳବାଇ ପୋଲିସ ହାତ ଟେକି ଦେଇଥିଲା। କଳାହାଣ୍ଡି ଏସ୍‌ପିଙ୍କ ନିର୍ଦ୍ଦେଶରେ ନର୍ଲା ପୋଲିସ ତଦନ୍ତଭାର ହାତକୁ ନେଇଥିବାବେଳେ ସିକେରକୁପା ଫାଣ୍ଡି ଅଧିକାରୀ ମୀନକେତନ ଶବର, ପୋଲିସ କର୍ମଚାରୀ ବିଶ୍ୱନାଥ ମହଲା, ଗୋକୁଳଚନ୍ଦ୍ର ସାହୁ ପ୍ରମୁଖ ଘଟଣାସ୍ଥଳରେ ଉପସ୍ଥିତ ଥିଲେ। ଶନିବାର ମୃତଦେହ ବ୍ୟବଚ୍ଛେଦ ହୋଇ ପାରି ନ ଥିବାବେଳେ ରବିବାର ସାଇଣ୍ଟିଫିକ ଟିମ ଆସିବା ପରେ ତଦନ୍ତ ପ୍ରକ୍ରିୟା ଆଗେଇଥିଲା। ଶନିବାର ମୃତ ଶ୍ରୀଦେବୀଙ୍କ ପରିବାର ପକ୍ଷରୁ ରାୟଗଡା ଜିଲା ଆମ୍ବଦୋଳା ଥାନା ଦୋରାପଦର ରଘୁବାରିର ଭିଣୋଇ ସୁଶାନ୍ତ ସୁନା ସିକେରକୁପା ଫାଣ୍ଡିରେ ଏକ ଲିଖିତ ଅଭିଯୋଗ କରିଥିଲେ। ଶ୍ରୀଦେବୀଙ୍କୁ ମାନସିକ ଅତ୍ୟାଚାର କରାଯାଉଥିଲା। ତାଙ୍କୁ ହତ୍ୟା କରାଯାଇଛି। ଏହାର ଉଚିତ ତଦନ୍ତ କରାଯାଉ ବୋଲି ଉଲ୍ଲେଖ କରିଥିଲେ। ଭବାନୀପାଟଣା ସାଇଣ୍ଟିଫିକ ଟିମ୍ ଆସି ପହଞ୍ଚିଥିବାବେଳେ ମାଜିଷ୍ଟ୍ରେଟ ଭାବେ ଲାଞ୍ଜିଗଡ ଅତିରିକ୍ତ ତହସିଲଦାର ସୁଶାନ୍ତ କୁମାର ନାୟକଙ୍କ ଉପସ୍ଥିତିରେ ସିକେରକୁପା ଫାଣ୍ଡି ଅଧିକାରୀ ମୀନକେତନ ଶବର, ନର୍ଲା ଥାନା ଏବଂ ସିକେରକୁପା ଫାଣ୍ଡି ପୋଲିସ ମୃତଦେହ ଜବତ କରିଥିଲେ। ଅଭିଯୋଗ ଆଧାରରେ ଲବ ହରପାଲଙ୍କୁ ଥାନାରେ ଅଟକ ରଖାଯାଇଛି। ଏନେଇ ନର୍ଲା ଥାନାରେ ଏକ ମାମଲା (ନଂ. ୧୮୦/୨୪) ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ କହିଛି।

## ଯୁବକଙ୍କୁ ହତ୍ୟା ଘଟଣା, ମିଳିଲାନି ମୃତକଙ୍କ ପରିଚୟ

ରାଉରକେଲା,୪।୮(ସଙ୍ଗୀତା ଜେନା)

ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ବୈଷ୍ଣୋଦେବୀ ପାହାଡ଼ରେ ଯୁବକଙ୍କୁ ପଥରରେ ଛେଚି ହତ୍ୟା ଘଟଣାକୁ ୩୦ ଘଣ୍ଟା ବିତିଯାଇଛି। ହେଲେ ମୃତକଙ୍କ ପରିଚୟ ମିଳିପାରି ନ ଥିବା ପୋଲିସ କହିଛି। ବାଧ୍ୟ ହୋଇ ପୋଲିସ ମୃତଦେହ ବ୍ୟବଚ୍ଛେଦ କରିବା ପରେ ରାଉରକେଲା ସରକାରୀ ଡାକ୍ତରଖାନା ମର୍ଗ ହାଉସରେ ରଖିଛି। ଯୁବକଙ୍କ ଫଟୋ ଆଦି ପ୍ରଚାର କରାଯାଇଛି। ତେବେ କୌଣସି ପତ୍ତା ମିଳିପାରିନାହିଁ। ଏପରି କ୍ଷେତ୍ରରେ ୭୨ ଘଣ୍ଟା ପରେ ମାଜିଷ୍ଟ୍ରେଟ୍ ସମ୍ମୁଖରେ ମୃତଦେହ ପୋତାଯିବ। ସମ୍ଭବତଃ ମୃତକ ଅନ୍ୟ ସ୍ଥାନରୁ ଆସିଥିବା ସନ୍ଦେହ କରାଯାଉଛି ଏବଂ ତାଙ୍କ ଦେହରେ ୨ଟି ଟାଟୁ ରହିଛି ବୋଲି ଡିଏସ୍‌ପି ନିର୍ମଳ ମହାପାତ୍ର ସୂଚନା ପ୍ରଦାନ କରିଛନ୍ତି।

## ଆରଜିଏଚ୍ ପରିସରରୁ ବାଇକ୍ ଚୋରି ଅଭିଯୋଗ

ରାଉରକେଲା, ୪।୮(ଦିନେଶ ମିଶ୍ର)

ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍) ପରିସରରୁ ଏକ ବାଇକ୍ ଚୋରିକୁ ନେଇ ରଘୁନାଥପାଲି ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୩୭୬/୨୪) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଛେଣ୍ଡ କଲୋନୀର ସଞ୍ଜୟ ମହାନ୍ତି ଗତ ୩ ତାରିଖରେ ଆରଜିଏଚ୍‌କୁ ଯାଇଥିଲେ। ଆରଜିଏଚ୍‌ର ପାର୍କିଂସ୍ଥଳରେ ସେ ତାଙ୍କ ବାଇକ୍ (ନଂ.ଓଡି୧୪ଏସ୍/୯୨୮୯) ରଖିଥିବାବେଳେ ଚୋରି ହୋଇଥିଲା। ଏ ନେଇ ସଞ୍ଜୟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ବାଟ ହୁଡୁଛି ଛାତ୍ର ରାଜନୀତି

ରାଉରକେଲା,୪।୮(ସଙ୍ଗୀତା ଜେନା)

### କଲେଜରେ ହେଉନି ଛାତ୍ର ସଂସଦ ନିର୍ବାଚନ

ଏକଦା ରାଉରକେଲାର ଛାତ୍ର ରାଜନୀତି ରାଜ୍ୟରେ ଚର୍ଚ୍ଚାର ବିଷୟ ଥିଲା। ସେତେବେଳର କିଛି ଛାତ୍ର ନେତା ସମ୍ପ୍ରତି ରାଜ୍ୟ ରାଜନୀତିର ବଳିଷ୍ଠ ନେତୃତ୍ୱ ସାଜିଥିବା ନଜିର ରହିଛି। ରାଉରକେଲାର ସାମାଜିକ ଓ ଶିକ୍ଷା ସମସ୍ୟାକୁ ନେଇ ସେଦିନର ଛାତ୍ର ନେତାମାନେ ଆଜି ରାଜନୀତି ଓ ଅନ୍ୟ କ୍ଷେତ୍ରରେ ସୁନାମ ଓ ପ୍ରତିଷ୍ଠା ଆଣିଛନ୍ତି। କିଛି ବର୍ଷରୁ ରାଉରକେଲାରେ ବିଶ୍ୱବିଦ୍ୟାଳୟ ଓ ଆଦିବାସୀ ବିଶ୍ୱବିଦ୍ୟାଳୟ ଦାବି ଉଠୁଥିବା ବେଳେ ଛାତ୍ର ସଙ୍ଗଠନଗୁଡିକ ଚୁପ୍ ରହିଛନ୍ତି। ରାଉରକେଲାରେ ଥିବା କଲେଜଗୁଡିକରେ ଛାତ୍ର ସଙ୍ଗଠନ ସକ୍ରିୟ ନ ଥିବାରୁ ଏପରି ପରିସ୍ଥିତି ହୋଇଥିବା ଆଲୋଚନା ହେଉଛି। ଅପରପକ୍ଷେ ନିର୍ବାଚନ ହେଉ ନ ଥିବା ଯୋଗୁ ବିଭିନ୍ନ ରାଜନୈତିକ ଦଳ ବିଚାରଧାରାକୁ ଅନୁସରଣ କରୁଥିବା ଛାତ୍ର ସଙ୍ଗଠନ ଗୁଡ଼ିକ କ୍ରିୟାଶୀଳ ହୋଇପାରୁନାହାନ୍ତି। ଅନେକ ଛାତ୍ର ସମସ୍ୟା ଅନ୍ଧକାର ଭିତରେ ରହିଯାଉଛି। ବିଭିନ୍ନ ଛାତ୍ର ସଙ୍ଗଠନର ନୂତନ କମିଟି ଗଠନ ମଧ୍ୟ ଦୀର୍ଘବର୍ଷରୁ ହୋଇ ନ ଥିବା କୁହାଯାଉଛି। ସହରର ପ୍ରମୁଖ ରାଉରକେଲା ସରକାରୀ ସ୍ୱୟଂ ଶାସିତ କଲେଜ, ରାଉରକେଲା ମ୍ୟୁନିସିପାଲ କଲେଜ, ରାଉରକେଲା କଲେଜ, ସେକ୍ଟର-୧୬ ଇସ୍ପାତ କଲେଜ, ସେକ୍ଟର-୨ ସୁଶୀଳାବତୀ ମହିଳା କଲେଜ, ଜଗଦା ନୀଳଶୈଳ କଲେଜ, ଛେଣ୍ଡ ହୃଷୀକେଶ ରାୟ ମହାବିଦ୍ୟାଳୟ, ପ୍ରିୟଦର୍ଶିନୀ କଲେଜ ଭଳି ୮ରୁ ଊର୍ଦ୍ଧ୍ୱ କଲେଜରେ ବହୁ ସମସ୍ୟା ରହିଥିବା ଛାତ୍ରୀଛାତ୍ରମାନେ ଆଲୋଚନା କରୁଛନ୍ତି। ତେବେ ପୂର୍ବବତ୍ କଲେଜରେ ଛାତ୍ର ସଂସଦ ନିର୍ବାଚନ ହେଉ ବୋଲି ସେମାନେ ଦାବି କରିଛନ୍ତି।

### ଏମାନେ ଯାହା କୁହନ୍ତି



କଲେଜରେ ଛାତ୍ର ସଂସଦ ନିର୍ବାଚନ ବନ୍ଦ ହେବା ପରେ ଛାତ୍ର ସମସ୍ୟା କୋଣଠେସା ହୋଇପଡ଼ିଛି। ଫିସ୍ ବୃଦ୍ଧି, ରକ୍ଷଣାବେକ୍ଷଣ, ପାଣ୍ଠିର ସୁବିନିଯୋଗ, ଶିକ୍ଷା ପ୍ରଦାନ କ୍ଷେତ୍ରରେ ଠିକା ଅଧ୍ୟାପକ ବ୍ୟବସ୍ଥା ବନ୍ଦ କରିବା, ଅଧ୍ୟାପକମାନଙ୍କର ଘରୋଇ କୋଚିଂ ସେଣ୍ଟର ଉପରେ ଅଙ୍କୁଶ ଲଗାଇବା ଆଦି ଦିଗରେ ପଦକ୍ଷେପ ନିଆଯାଇପାରନ୍ତା। କଲେଜମାନଙ୍କରେ ନିହାତି ଭାବେ ଛାତ୍ର ସଂସଦ ନିର୍ବାଚନ ହେବା ଆବଶ୍ୟକତା ରହିଛି। ନୂଆନେତା ତଥା ନୂତନ ଚେହେରାକୁ ସୁଯୋଗ ମିଳିବ। କଲେଜର ସ୍ୱେଚ୍ଛାଚାରିତା ଉପରେ ନିୟନ୍ତ୍ରଣ ଆସିବ।

**-ସୂର୍ଯ୍ୟକାନ୍ତ ବାରିକ, ସଭାପତି, ଛାତ୍ର କଂଗ୍ରେସ, ରାଉରକେଲା**



ଛାତ୍ର ନିର୍ବାଚନର ପ୍ରାସଙ୍ଗିକତା ପୂର୍ବରୁ ଥିଲା। ଏବେ ମଧ୍ୟ ରହିଛି। ଗରିବ ଛାତ୍ରମାନଙ୍କ ହକ୍ ପାଇଁ ଏସ୍‌ଏଫ୍‌ଆଇ ସଦାସର୍ବଦା ତତ୍ପରତା ଦେଖାଇ ଆସିଛି। ସମ୍ପ୍ରତି ଛାତ୍ର ସମାଜ କ୍ୟାରିୟର କୈନ୍ଦ୍ରିକ ହୋଇଯାଇଛି। ଆଜିର ଛାତ୍ର ନେତା ଆସନ୍ତାକାଲି ଦେଶର ନେତୃତ୍ୱ ନେଇପାରିବେ। ମାତ୍ର ନିର୍ବାଚନ ବନ୍ଦ ଥିବା ଯୋଗୁ ଛାତ୍ରମାନେ ଏପରି ସୁଯୋଗ ହରାଉଛନ୍ତି। ଅନ୍ୟ ରାଜ୍ୟରେ ଛାତ୍ର ରାଜନୀତି ବେଶ୍ ଭଲ ରହିଛି। ଯାହାକି ଆମ ରାଜ୍ୟରେ ହେଉନି। ପ୍ରତ୍ୟେକ ଦଳ ପାଇଁ ଏହି ନିର୍ବାଚନ ଏକ ଭଲ ପ୍ଲାଟଫର୍ମ।

**-ମୁକ୍ତା ଦାଶ, ଏସ୍‌ଏଫ୍‌ଆଇ, ସୁନ୍ଦରଗଡ଼ କମିଟି ସଦସ୍ୟ**



ନିର୍ବାଚନ ନ ହେଲେ ମଧ୍ୟ ବର୍ତ୍ତମାନ କଲେଜଗୁଡିକରେ ଶୈକ୍ଷିକ ବାତାବରଣ ଶାନ୍ତ ରହିଛି। ପୂର୍ବରୁ ଏହି ନିର୍ବାଚନ ଯୋଗୁ ଅନେକ ବିଶୃଙ୍ଖଳା ଓ ବାହ୍ୟ ଅସାମାଜିକଙ୍କ ପ୍ରାଦୁର୍ଭାବ ରହିଥିଲା। ନିର୍ବାଚନ ହେଲେ ଏହା ସ୍ୱାଗତଯୋଗ୍ୟ। ଛାତ୍ରୀଛାତ୍ରଙ୍କୁ ଶୋଷଣ ବନ୍ଦ ହେବ। ବିଜେଡ଼ି ସରକାରଙ୍କ ସମୟରେ 'ନୂଆ -ଓ' ଜରିଆରେ ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଗୁଣାବଳୀର ବିକାଶ ହେଉଥିଲା। ଯାହା ଆଗାମୀ ଦିନରେ ଜାରି ରଖିବାକୁ ପ୍ରୟାସ କରାଯିବ।

**-ସଞ୍ଜିତ ଛୋଟରାୟ, ସଭାପତି, ଛାତ୍ର ବିଜେଡି, ରାଉରକେଲା**



ନିର୍ବାଚନ ବନ୍ଦ ହେବା ଦ୍ୱାରା କ୍ରୀଡ଼ା, ଶିକ୍ଷା ଓ ଛାତ୍ର ସମସ୍ୟା ବହୁ ମାତ୍ରାରେ ପ୍ରଭାବିତ ହେଉଛି। କଲେଜଗୁଡିକରେ ଆଖିଦୃଶିଆ ଛାତ୍ର ସଙ୍ଗଠନର ଅଭାବ ରହିଛି। ରାଉରକେଲାରେ ଅଦ୍ୟାବଧି ସଦସ୍ୟତା ଅଭିଯାନ ଚାଲିଛି। ଛାତ୍ର ନିର୍ବାଚନ ପାଇଁ ବହୁ ପୂର୍ବରୁ ରାଜ୍ୟ ସରକାରଙ୍କ ଉପରେ ଚାପ ପକାଉଥିଲୁ। ହେଲେ କେହି କର୍ଣ୍ଣପାତ କରୁ ନ ଥିଲେ। ଆଗାମୀ ଦିନରେ ଉକ୍ତ ନିର୍ବାଚନ ପାଇଁ ନୂତନ ସରକାରଙ୍କ ନିକଟରେ ପ୍ରସ୍ତାବ ଉପସ୍ଥାପନ କରାଯିବ। ଛାତ୍ର ସମସ୍ୟା ସମାଧାନ ପ୍ରତି ଯତ୍ନବାନ ହେବାକୁ ପଡ଼ିବ।

**-ଜ୍ୟୋତିର୍ମୟ ସ୍ୱାଇଁ, ଜିଲା ସଂଯୋଜକ, ଏବିଭିପି, ରାଉରକେଲା**

## ଘରେ ନିଆଁ ଲଗାଇବା ଅଭିଯୋଗରେ ସ୍ୱାମୀ ଗିରଫ

ରାଉରକେଲା, ୪।୮(ସଙ୍ଗୀତା ଜେନା)

### ସ୍ୱାମୀ ସ୍ତ୍ରୀ ମଧ୍ୟରେ କଳହ

ସ୍ୱାମୀ ସ୍ତ୍ରୀ ମଧ୍ୟରେ କଳି ହେଲା। ଏଥିରେ ଉତ୍ତ୍ୟକ୍ତ ହୋଇ ସ୍ୱାମୀ ତାଙ୍କ ସ୍ତ୍ରୀକୁ ମାଡ଼ ମାରିବା ସହ ଘରେ ନିଆଁ ଲଗାଇ ଦେଇଥିଲେ। ଫଳରେ ଗ୍ୟାସ ଟାଙ୍କି ଫାଟି ନିଆଁ ଘରସାରା ବ୍ୟାପିଯାଇଥିଲା। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏଭଳି ଘଟଣା ସେକ୍ଟର ୧୭ ଅଞ୍ଚଳରେ ଦେଖିବାକୁ ମିଳିଛି। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଲକ୍ଷ୍ମଣ ଦୀପ୍(୨୯)। ତାଙ୍କୁ ରବିବାର କୋର୍ଟଚାଲାଣ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୧୦୫/୨୪) ରୁଜୁ କରିଛି।

ପୋଲିସ ସୂଚନା ଅନୁସାରେ, ସେକ୍ଟର-୧୭ କ୍ୱାର୍ଟର ନମ୍ବର ବି/୩୯ ସ୍ଥିତ ସର୍ଭେଣ୍ଟ କ୍ୱାର୍ଟରରେ ଲକ୍ଷ୍ମଣ ରୁହନ୍ତି। ଶନିବାର ରାତିରେ ଲକ୍ଷ୍ମଣ ଓ ତାଙ୍କ ସ୍ତ୍ରୀ ମହିମାଙ୍କ ମଧ୍ୟରେ ପ୍ରବଳ ଝଗଡ଼ା ହୋଇଥିଲା। ଏହାପରେ ମହିମା ଘର ମାଲିକଙ୍କ କ୍ୱାର୍ଟରକୁ ଶୋଇବାକୁ ଚାଲିଯାଇଥିଲେ। ରବିବାର ସକାଳେ ଲକ୍ଷ୍ମଣ ମହିମାଙ୍କୁ ମାଡ଼ ମାରିବା ସହ ସର୍ଭେଣ୍ଟ କ୍ୱାର୍ଟରରେ ନିଆଁ ଲଗାଇ ଦେଇଥିଲେ। ନିଆଁ ଯୋଗୁ ଘରେ ଥିବା ଗ୍ୟାସ ସିଲିଣ୍ଡର ଫାଟି ଯାଇଥିଲା। ଫଳରେ ଘରର ସମସ୍ତ ଆସବାବପତ୍ର ଜଳିପୋଡି ନଷ୍ଟ ହୋଇଯାଇଥିଲା। ତେବେ ଏଥିରେ କେହି ଆହତ ହୋଇ ନ ଥିବା ଜଣାପଡ଼ିଛି। ଏ ନେଇ ମହିମା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିଥିଲା।

## ଦଳକୁ ତୃଣମୂଳ ସ୍ତରରେ ସୁଦୃଢ଼ କରିବାକୁ ଆହ୍ୱାନ



ବୈଠକରେ ମଞ୍ଚାସୀନ ଦଳୀୟ ନେତୃବୃନ୍ଦ।

ରାଉରକେଲା,୩।୮(ଦିନେଶ ମିଶ୍ର)

### ଆମ୍ ଆଦମୀ ପାର୍ଟି ବୈଠକ

ବାସନ୍ତୀ କଲୋନୀ ସ୍ଥିତ ଏମ୍-୨୭ ପାର୍ଟି କାର୍ଯ୍ୟାଳୟ ପରିସରରେ ରବିବାର ଆମ ଆଦମୀ ପାର୍ଟିର ଜିଲାସ୍ତରୀୟ କର୍ମକର୍ତ୍ତା ବୈଠକ ସଭାପତି ବିନୟ ତିୱାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବଣେଇ, ଲହୁଣୀପଡା, ତଳସରା, ରଘୁନାଥପାଲି ଆଦି ବ୍ଲକ ଅଞ୍ଚଳରୁ କର୍ମକର୍ତ୍ତାମାନେ ଯୋଗଦେଇ ଦଳକୁ କିଭଳି ତୃଣମୂଳ ସ୍ତରରେ ସୁଦୃଢ଼ କରିହେବ ସେ ନେଇ ଆଲୋଚନା କରିଥିଲେ। ପଞ୍ଚାୟତ ସ୍ତରରେ ପାର୍ଟିକୁ କିଭଳି ବିସ୍ତାର କରିହେବ ଏବଂ ବ୍ଲକ ଓ ୱାର୍ଡ ସ୍ତରରେ ଲୋକଙ୍କ ମୌଳିକ ସମସ୍ୟା ଗୁଡିକୁ କିଭଳି ଉତ୍‌ଥାପନ କରିବାକୁ ହେବ ସେ ନେଇ ସଭାପତି ତିୱାରୀ ଆହ୍ୱାନ ଦେଇଥିଲେ। ପିକେଶ୍ୱର ଜେନା, ଲହୁଣୀପଡା ଅଞ୍ଚଳର ଦିନେଶ ଓରାମ, ତୁଳସୀ ଶଙ୍କର, ପ୍ରସାଦ କୋଠୀ, ଉପେନ୍ଦ୍ର କୁସୁମ, ବୀରମିତ୍ରପୁର ଅଞ୍ଚଳର ସତ୍ୟକିଶୋର ମହନ୍ତ, ରାଉରକେଲାର ସନ୍ତୋଷ ବେହେରା, ରମାକାନ୍ତ ନାୟକ, ବଳବନ୍ତ ବର୍ମା, ଅମରଜିତ ସିଂ, ଲମ୍ବୋଦର ମହାନ୍ତ, ପ୍ରମୋଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। କୁନି ମୁଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ପୁରୀରେ ରାଉରକେଲା ନାଟ୍ୟଶିଳ୍ପୀ ସମ୍ମାନିତ

ରାଉରକେଲା,୪।୮(ବିପ୍ଳବ ରଞ୍ଜନ ଦାଶ)

ଓଡିଆ, ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ଏବଂ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ପୁରୀଠାରେ ଅନୁଷ୍ଠିତ ବଡଦାଣ୍ଡ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ରାଉରକେଲା ଦି ବିଲିଭର୍ସ ନାଟ୍ୟ ପରିଷଦର ନାଟ୍ୟ କଳାକାରଙ୍କ ପ୍ରଦର୍ଶିତ ନାଟକ ପ୍ରଭାସ ଯଜ୍ଞକୁ ମିଳିଛି ସମ୍ମାନ। ପ୍ରଦର୍ଶିତ ହୋଇଥିବା ନାଟକଟି ମା' ଏବଂ ସନ୍ତାନ ମଧ୍ୟରେ ରହିଥିବା ଅନାବିଳ ମମତାର ପରାକାଷ୍ଠା ଉପରେ କେନ୍ଦ୍ରୀଭୂତ ରହିଥିଲା। ନାଟକରେ ଭଗବାନ ଶ୍ରୀକୃଷ୍ଣ କିଭଳି ମାତା ଦେବକୀ ଓ ଯଶୋଦାଙ୍କ ମାତୃତ୍ୱର ପରୀକ୍ଷା ନେଇଛନ୍ତି ଓ ଶେଷରେ କିପରି ମାତା ଯଶୋଦାଙ୍କ ମନରୁ ପାଳିତ ପୁତ୍ରର ଭାବନାକୁ ଦ୍ରବୀଭୂତ କରିଛନ୍ତି ସେସବୁ ଦୃଶ୍ୟ ଉପାସ୍ଥାପିତ ହୋଇଥିଲା। ଗଜେନ୍ଦ୍ର ବେହେରାଙ୍କ ଦି ବିଲିଭର୍ସ ନାଟ୍ୟ ପରିଷଦ, ରାଉରକେଲାର ନିର୍ମାଣ ଓ ନାଟ୍ୟକାର ପ୍ରବୀଣ କୁମାର ଜେନାଙ୍କ ନିର୍ଦ୍ଦେଶନା କ୍ରମେ ନାଟକଟି ପ୍ରଦର୍ଶିତ ହୋଇଥିଲା। ନାଟକରେ ଅଭିନୟ କରିଥିଲେ ରାଉରକେଲାର ଚିନ୍ମୟ ତ୍ରିପାଠୀ, ରଜତ ମହାପାତ୍ର, ମନୋଜ କୁମାର ନାୟକ, ଜର୍ଜ ବିଲୁଙ୍ଗ, ଅଭିଲାଷ ସାହୁ, ଶଶାଙ୍କ ଶେଖର ଯାଦବ, ମଧୁସ୍ମିତା ବାରିକ, ସୁଲିପ୍ତା ଜେନା, ପ୍ରିୟଙ୍କା କୁମାର ଓ ଦୀପ୍ତିମୟୀ ପ୍ରଧାନ ତଥା ଶିଶୁ କଳାକାର ଶିବାଂଶ ପାତ୍ର। ଓଡିଶା ସଙ୍ଗୀତ ନାଟକ ଏକାଡେମୀଠାରୁ ଲାଭ କରିଥିବା ସମ୍ମାନ ଆଗକୁ ଅନୁଷ୍ଠାନର କଳାକାରଙ୍କୁ ଓଡିଆ ନାଟକରେ ନିଖୁଣ ଅଭିନୟ କରିବାର ପ୍ରେରଣା ଦେବ ବୋଲି ଗଜେନ୍ଦ୍ର ବେହେରା ଓ ପ୍ରବୀଣ କୁମାର ଜେନା ପ୍ରକାଶ କରିଛନ୍ତି।



ରାଉରକେଲା ନାଟ୍ୟଶିଳ୍ପୀମାନେ ସମ୍ମାନିତ ହେଉଛନ୍ତି।

## ଟିସିଆଇ-ଆଇଡିସି ରାସ୍ତା ମରଣଯନ୍ତା



ମରଣଯନ୍ତା ପାଲଟିଥିବା ଟିସିଆଇ-ଆଇଡିସି ରାସ୍ତା ।

ରାଉରକେଲା,୪।୮(ବିପ୍ଳବ ରଞ୍ଜନ ଦାଶ)

### ଦାବି ସତ୍ତ୍ୱେ ହେଉନି ଉନ୍ନତୀକରଣ

ରାଉରକେଲା ଟିସିଆଇ ଛକରୁ ଆଇଡିସିକୁ ଯାଇଥିବା ୩ କି.ମି ରାସ୍ତା ମରଣଯନ୍ତା ସାଜିଛି। ଲୋକେ ବର୍ଷ ବର୍ଷ ଧରି ଏହି ବିପଦସଙ୍କୁଳ ରାସ୍ତାରେ ଯାତାୟାତ କରୁଛନ୍ତି। ସ୍ଥାନୀୟ ଅଞ୍ଚଳବାସୀ ଟିସିଆଇ-ଆଇଡିସି ରାସ୍ତାର ଉନ୍ନତୀକରଣ ଲାଗି ଆର୍‌ଏମ୍‌ସି ନିକଟରେ ଦାବି କରିଆସୁଥିଲେ ମଧ୍ୟ ଏପର୍ଯ୍ୟନ୍ତ ଉନ୍ନତୀକରଣ ତ ଦୂରର କଥା ରାସ୍ତାରେ ଥିବା ଖାଲଖମାରେ ବାଲି ମୁଠାଏ ବି ପକାଯାଇନାହିଁ। ବିଶେଷ ଭାବେ ରାତି ସମୟରେ ରାସ୍ତାରେ ଯାନବାହନ ଚାଳନା କରିବା ଲୋକଙ୍କ ପାଇଁ କାଳ ସାଜୁଛି। ଏହି ସମୟରେ ଲୋକମାନେ ଦୁର୍ଘଟଣାର ଶିକାର ହେଉଥିବା କୁହାଯାଉଛି।

ସୂଚନା ଅନୁସାରେ, ଟିସିଆଇ-ଆଇଡିସି ରାସ୍ତାଦେଇ ଲୋକମାନେ ଅନେକ ଶିଳ୍ପ ଉଦ୍ୟୋଗକୁ ଯାଆସ କରନ୍ତି। ଏଥିସହ ଏହି ବାଇପାସ ରାସ୍ତାରେ ମଇଳା ପୁନଃଚକ୍ରଣ ଉଦ୍ୟୋଗ, ଏସ୍‌ଟି ଆର୍ନୋଲ୍ଡ ସ୍କୁଲ ରହିଥିବା ବେଳେ ଦୈନିକ ହଜାର ହଜାର ଛୋଟ ବଡ ଯାନବାହନ ମଧ୍ୟ ଯାତାୟତ କରନ୍ତି। ସେହିପରି ସ୍ଥାନୀୟ ଅଞ୍ଚଳର ହଜାର ହଜାର ଲୋକ ନିଜ ନିଜର ବ୍ୟକ୍ତିଗତ କାର୍ଯ୍ୟ ସାଧନ ପାଇଁ ଏହି ବାଇପାସ ରାସ୍ତାରେ ଯାନବାହନ ଧରି ନିଜ ଗନ୍ତବ୍ୟ ସ୍ଥଳକୁ ଯାଇଥାନ୍ତି। ମାତ୍ର ପରିତାପର ବିଷୟ ଦୀର୍ଘବର୍ଷ ହେଲା ଏହି ୩ କିମି ରାସ୍ତା ମରଣଯନ୍ତା ହୋଇ ପଡିଥିବା ବେଳେ ଏହାର ମରାମତି କରାଯାଉନାହିଁ। ଏ ସମ୍ପର୍କରେ ଟିସିଆଇ ବାସିନ୍ଦା ଛୋଟୁ ଭୂମିଜ କୁହନ୍ତି, ଦୀର୍ଘ ବର୍ଷ ହେଲାଣି ଏହି ଟିସିଆଇ-ଆଇଡିସି ରାସ୍ତାର ପୁନରୁଦ୍ଧାର କାର୍ଯ୍ୟ ହେଉନାହିଁ। ଅନ୍ୟପଟେ ରାସ୍ତାରେ ପାଇପ ଏବଂ କେବୁଲ ପୋତା ଯାଉଥିବାରୁ ରାସ୍ତା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି ବୋଲି ସେ କହିଥିଲେ। ବାଇପାସ ରାସ୍ତା ଫର୍ସାଟୋଲି ହୋଟେଲ ଦୋକାନୀ ଲକ୍ଷ୍ମୀ ସା କୁହନ୍ତି, ଏହି ରାସ୍ତା ମରଣଯନ୍ତା ହୋଇପଡିଛି। ରାସ୍ତା ଉନ୍ନତୀକରଣ ହେଉନି। ଫଳରେ ଗ୍ରୀଷ୍ମ ସମୟରେ ରାସ୍ତାରୁ ଧୂଳି ଓ ବର୍ଷାରେ କାଦୁଅ ପାଣି ଆମ ଦୋକାନରେ ପଶୁଛି। ଏ ନେଇ ରାଉରକେଲା ମହାନଗର ନିଗମ ଆୟୁକ୍ତ ଆଶୁତୋଷ କୁଲକର୍ଣ୍ଣୀଙ୍କୁ ପଚାରିବାରୁ ସେ କହିଥିଲେ, ଟିସିଆଇ-ଆଇଡିସି ୩ କି.ମି ବାଇପାସ ରାସ୍ତା ଅନୁନ୍ନତ ରହିଛି। ଏହାର ଉନ୍ନତୀକରଣ ପାଇଁ ଖୁବଶୀଘ୍ର ପ୍ରସ୍ତାବ ଗ୍ରହଣ କରାଯିବ। ଆଗକୁ ରାସ୍ତା ଉପରେ ଯେଭଳି ଗାତ ଖୋଳା ନ ହୁଏ ସେ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

## ଶୁଟିଂ ଚାମ୍ପିୟନଶିପ୍‌ରେ ଡାକ୍ତରଙ୍କ ରୌପ୍ୟ ପଦକ ଲାଭ

ରାଉରକେଲା,୪।୮ (ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପି ଚିକିତ୍ସା ଏବଂ ସ୍ୱାସ୍ଥ୍ୟସେବା ବିଭାଗର ମେଡିକାଲ ଅଫିସର ଡାକ୍ତର ସତ୍ୟଜିତ ସାହୁ ତ୍ରୟୋଦଶ ଓଡିଶା ରାଜ୍ୟ ଶୁଟିଂ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ଲାଭ କରିଛନ୍ତି। ସତ୍ୟଜିତ ୨୫ ମିଟର ଷ୍ଟାଣ୍ଡାର୍ଡ ୨୨ ପିସ୍ତଲ ଏନ୍‌ଆର ସାଧନ କରି ବ୍ୟକ୍ତିଗତ ଇଭେଣ୍ଟରେ ରୌପ୍ୟ ପଦକ ଜିତି ଇସ୍ପାତ ସହରକୁ ଗୌରବାନ୍ୱିତ କରିଛନ୍ତି। ଏହି ଚାମ୍ପିୟନଶିପ୍ ଜୁଲାଇ ୨୫ରୁ ୨୮ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିଲା। ଉଲ୍ଲେଖଯୋଗ୍ୟ, ବିଗତ ବର୍ଷରେ ସମସ୍ତ ଇଭେଣ୍ଟରେ ସତ୍ୟଜିତ ବ୍ରୋଞ୍ଜ ପଦକ ଲାଭ କରିଥିଲେ। ପ୍ରକାଶ ଥାଉକି ଚଳିତ ଅଗଷ୍ଟ ମାସରେ ହେବାକୁ ଥିବା ଅଲ ଇଣ୍ଡିଆ ଓପନ ଶୁଟିଂ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବା ପାଇଁ ସତ୍ୟଜିତଙ୍କୁ ଚୟନ କରାଯାଇଛି। ବିଗତ ୪ବର୍ଷରୁ ସତ୍ୟଜିତ ରାଜ୍ୟ ଶୁଟିଂ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିଆସୁଛନ୍ତି।

## ଉପର ମୁଣ୍ଡରେ ବର୍ଷା, ବାଲୁଘାଟ ଜଳମଗ୍ନ



ସହରତଳି ବାଲୁଘାଟ ବସ୍ତିରେ ବନ୍ୟାଜଳ ପଶିଛି।

ରାଉରକେଲା,୪।୮(ସଙ୍ଗୀତା ଜେନା)

ଝାଡଖଣ୍ଡ ଉପରମୁଣ୍ଡରେ କ୍ରମାଗତ ୩ଦିନ ବର୍ଷା ଯୋଗୁ ରାଉରକେଲା ସହର ନିକଟରେ ପ୍ରବାହିତ ନଦୀଗୁଡ଼ିକର ଜଳସ୍ତର ବୃଦ୍ଧି ପାଇଛି। ଝାଡଖଣ୍ଡ ଉପରମୁଣ୍ଡରେ ଥିବା ଡ୍ୟାମରୁ ବନ୍ୟାଜଳ ନିଷ୍କାସନ ହେଉଛି। ଫଳରେ ବ୍ରାହ୍ମଣୀ ନଦୀ ବିପଦ ସଙ୍କେତ ନିକଟରେ ପହଞ୍ଚିଥିବା ବେଳେ କୋଏଲ ଓ ଶଙ୍ଖରେ ଜଳସ୍ତର ବୃଦ୍ଧି ପାଇଛି। ରବିବାର ସକାଳେ ରାଉରକେଲାରେ ବର୍ଷା ହୋଇ ନ ଥିବା ଜଣାପଡିଛି। ଅପରପକ୍ଷେ ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ପରିଚାଳିତ ମନ୍ଦିରା ଡ୍ୟାମରେ ସକାଳ ୯ଟା ସୁଦ୍ଧା ଜଳଭଣ୍ଡାର ଜଳସ୍ତର ୬୮୧.୦୦ ଫୁଟ୍ ରହିଛି। ଜଳଭଣ୍ଡାର ପୂର୍ଣ୍ଣକ୍ଷମତା ୬୯୦ ଫୁଟ୍ ରହିଛି। ଡ୍ୟାମ୍‌ର ୭ ଫୁଟ୍‌ର ୯ଟି ଓ ୪ ଫୁଟ୍‌ର ୨ଟି ସ୍ଲିଲୱେ ଗେଟ୍ ଖୋଲାଯାଇଛି। ସକାଳ ସାଢ଼େ ୧୦ଟାରେ ଏଥିଯୋଗୁ ବାଲୁଘାଟ ପଲପଲବସ୍ତି, ନୂଆବସ୍ତି ଆଦିରେ ପ୍ରାୟ ୨/୩ ଫୁଟ୍ ବନ୍ୟାଜଳ ପଶିଆସିଛି। ବାଲୁଘାଟରେ ଥିବା ଅନ୍ୟ ୧୦ଟି ବସ୍ତିରେ ମଧ୍ୟ ବନ୍ୟାପାଣି ପଶିବା ଆଶଙ୍କା ପ୍ରକାଶ ପାଇଛି। ଏହି ଅଞ୍ଚଳରେ ପ୍ରାୟ ଏକ ହଜାର ପରିବାର ବସବାସ କରୁଛନ୍ତି। ପ୍ରତ୍ୟେକ ବର୍ଷ ମନ୍ଦିରା ଡ୍ୟାମ୍‌ରେ ବନ୍ୟାଜଳ ନିଷ୍କାସନ ସମୟରେ ଏହିପରି ପରିସ୍ଥିତି ଉପୁଜିଥାଏ। ନଦୀ ଜଳସ୍ତର ବୃଦ୍ଧିକୁ ନେଇ ଜିଲା ପ୍ରଶାସନ ଓ ଆର୍‌ଏସ୍‌ପି ପ୍ରଶାସନ ପକ୍ଷରୁ ନଦୀ ମଧ୍ୟକୁ ଯିବା ଓ ମାଛ ଧରିବା ପାଇଁ ବାରଣ କରାଯାଇଛି। ଶ୍ରାବଣମାସ ତୃତୀୟ ସୋମବାର ପାଇଁ ବ୍ରାହ୍ମଣୀ ନଦୀ ସ୍ଥିତ ତ୍ରିବେଣୀ ସଙ୍ଗମରେ ଜଳାଭିଷେକ ପାଇଁ ହଜାର ହଜାର କାଉଡିଆଙ୍କ ଗହଳି ହୋଇଛି। ଆସନ୍ନ ଦୁର୍ଘଟଣାକୁ ରୋକିବା ପାଇଁ ରାଉରକେଲା ପୋଲିସ ଓ ଜିଲା ପ୍ରଶାସନ ପକ୍ଷରୁ କଡ଼ା ପଦକ୍ଷେପ ଗ୍ରହଣ କରାଯାଇଛି। ଗହଳି ନିୟନ୍ତ୍ରଣ ସହିତ ଡାକବାଜି ଯନ୍ତ୍ରରେ କାଉଡିଆମାନଙ୍କୁ ସଚେତନ କରାଯାଉଛି।

## ସୌନ୍ଦର୍ଯ୍ୟ ହରାଉଛି ସୁନ୍ଦର ମୂର୍ତ୍ତି

ରାଉରକେଲା, ୪।୮(ଦିନେଶ ମିଶ୍ର)



ଆମ୍ବାଗାନ ଛକରେ ଥିବା ପ୍ରତିମୂର୍ତ୍ତି ଭାଙ୍ଗି ଯାଇଛି।

ହକି ବିଶ୍ୱକପ୍ ପୂର୍ବରୁ ରାଉରକେଲା ରିଂରୋଡ୍‌ର ବିଭିନ୍ନ ଛକମାନଙ୍କରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ କଳା ସଂସ୍କୃତି ସମ୍ପନ୍ନ ପ୍ରତିମୂର୍ତ୍ତି ନିର୍ମାଣ କରାଯାଇଥିଲା। ସହରରେ ହକି ସରିବାର ବର୍ଷକ ଭିତରେ ରାସ୍ତାକଡରେ ନିର୍ମାଣ ହୋଇଥିବା ବିଭିନ୍ନ ପ୍ରତିମୂର୍ତ୍ତିଗୁଡିକ ରକ୍ଷଣାବେକ୍ଷଣ ଅଭାବରୁ ବର୍ତ୍ତମାନ ଭଗ୍ନ ଅବସ୍ଥାରେ ପଡି ରହିଛି। ଏୟଭଳି ଦୃଶ୍ୟ ପାୱାରହାଉସ୍ ରୋଡ ଛକ, ବିଶ୍ରା ଛକ ଓ ଆମ୍ବାଗାନ ଛକମାନଙ୍କରେ ଦେଖିବାକୁ ମିଳିଛି।

ରାଉରକେଲାର ଆମ୍ବାଗାନ ଛକ ସହରର ଏକ ପ୍ରମୁଖ ଛକ । ଏହି ଛକରେ ଖୋର୍ଦ୍ଧା ଜିଲାର ପାଇକ ଯୋଦ୍ଧାମାନଙ୍କ ପ୍ରତିମୂର୍ତ୍ତି ତିଆରି କରାଯାଇଥିଲା। ଫଳରେ ଏହି ଛକ ଦେଇ ଯାତାୟାତ କରୁଥିବା ବିଭିନ୍ନ ଯାତ୍ରୀମାନେ ଉକ୍ତ ପ୍ରତିମୂର୍ତ୍ତି ପାଖରେ ସେଲ୍‌ଫି ନେବା ସହ କିଛି ସମୟ ବିତାଉଥିଲେ। ଏହି ଛକରେ ଥିବା ପାଇକମାନଙ୍କ ମୂର୍ତ୍ତିର ରକ୍ଷଣାବେକ୍ଷଣ ଅଭାବରୁ କେଉଁଠି ମୂର୍ତ୍ତିର ହାତ ଭାଙ୍ଗି ଯାଇଛି ତ ଆଉ କେଉଁଠି ଗୋଡ ଖସି ପଡିଛି। ସେହିପରି ପାୱାରହାଉସ୍ ରୋଡ ଛକରେ ମଧ୍ୟ ଅହିଂସାକୁ ଦର୍ଶାଉଥିବା ପ୍ରତିମୂର୍ତ୍ତି ଭାଙ୍ଗି ଯାଇଛି। ଏହା ଚାରିପଟେ ରକ୍ଷଣାବେକ୍ଷଣ ଅଭାବରୁ ଅନାବନା ଘାସମାନ ଉଠି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ସହରରେ ଏଭଳି ଅନେକ ସ୍ଥାନ ରହିଛି ଯେଉଁଠିକି ପଶ୍ଚିମ ଓଡିଶାର କଳା ସଂସ୍କୃତିକୁ ଦର୍ଶାଉଥିବା ଦୃଶ୍ୟମାନ ବିଭିନ୍ନ କାନ୍ଥବାଡରେ ଚିତ୍ରଣ କରାଯାଇଛି। ମାତ୍ର ହକି ବିଶ୍ୱକପ୍ ଶେଷ ହେବାର ଏକ ବର୍ଷ ଭିତରେ ଏହିସବୁ ପ୍ରତିମୂର୍ତ୍ତି ଓ କଳାକୃତି ଗୁଡିକ ଅବହେଳିତ ହୋଇ ପଡିରହିଛି। ସହରର ବିଭିନ୍ନ ରାସ୍ତାରେ ଭଗ୍ନ ଅବସ୍ଥାରେ ପଡି ରହିଥିବା ଏହି ପ୍ରତିମୂର୍ତ୍ତି ଓ ଚିତ୍ରକଳାକୁ ପୁନରୁଦ୍ଧାର କରିବା ଲାଗି ସାଧାରଣରେ ଦାବି ହୋଇଛି। ଏ ନେଇ ଆରଏମ୍‌ସି ଉପଆୟୁକ୍ତ ତରୁଣକାନ୍ତଙ୍କୁ ପଚାରିବାରୁ ସେ କହିଥିଲେ, ବିଭିନ୍ନ ଛକରେ ତିଆରି ହୋଇଥିବା ପ୍ରତିମୂର୍ତ୍ତି ଓ ଚିତ୍ରକଳା ଭଗ୍ନ ଅବସ୍ଥାରେ ଥିବା ନେଇ ଆମ ପାଖରେ କୌଣସି ଅଭିଯୋଗ ହୋଇନାହିଁ। ସହରର ଯେଉଁ ଯେଉଁ ସ୍ଥାନରେ ଏଭଳି ପ୍ରତିମୂର୍ତ୍ତି ଅବହେଳିତ ହୋଇ ପଡିଛି ସେଗୁଡିକୁ ଅନୁଧ୍ୟାନ କରିବା ପରେ ତୁରନ୍ତ ମରାମତି କରାଯିବ ବୋଲି ସେ କହିଥିଲେ।

## ଭାରସାମ୍ୟ ହରାଇ ଓଲଟିଲା ଟ୍ରକ୍

ସମ୍ବଲପୁର,(ପ୍ରମୋଦ ବହିଦାର): ସମ୍ବଲପୁର ଜିଲା ଯୁଜୁମୁରା ଥାନା ଅନ୍ତର୍ଗତ ଝାଙ୍କରପାଲି ନିକଟ ଜାତୀୟ ରାଜପଥ(୫୫)ର ଯାତ୍ରୀ ପ୍ରତୀକ୍ଷାଳୟକୁ ଧକ୍କା ଦେଇ ଏକ ୧୪ଚକିଆ ଟ୍ରକ(ଓଡି-୧୫-କ୍ୟୁ-୨୧୫୧) ରାସ୍ତାପାର୍ଶ୍ୱକୁ ଓଲଟି ପଡ଼ିଥିଲା। ଟ୍ରକ ଯୁଜୁମୁରା ପଟୁ ସମ୍ବଲପୁରକୁ ଆସୁଥିଲା। ଭାରସାମ୍ୟ ହରାଇ ଓଲଟି ପଡିବା ପୂର୍ବରୁ ଟ୍ରକ ଧକ୍କା ରେ ଯାତ୍ରୀ ପ୍ରତୀକ୍ଷାଳୟ ବୋର୍ଡ ଓ ଛାତ ଭାଙ୍ଗି ଯାଇଛି।

# ଚାଳକଙ୍କ ଧର୍ମଘଟ, ୯ ଘଣ୍ଟା ମୋ ବସ୍ ବନ୍ଦ


ବୁଝାମଣା ପାଇଁ ଥାନାରେ ମୋ-ବସ୍ ଚାଳକମାନେ।


ଅଇଁଠାପାଲି ବସ୍ ଡିପୋରେ ଛିଡ଼ା ହୋଇ ରହିଛି ମୋ-ବସ୍।

ସମ୍ବଲପୁର,୪।୮(ପ୍ରମୋଦ ବହିଦାର)

ସମ୍ବଲପୁରରେ ମୋ ବସ୍ ଚାଳକଙ୍କ ଧର୍ମଘଟ ଯୋଗୁ ରବିବାର ଦୀର୍ଘ ୯ ଘଣ୍ଟା ଧରି ବସ ସେବା ବନ୍ଦ ରହିଥିଲା। ଫଳରେ ଏହ ବସ୍ ଉପରେ ନିର୍ଭରଶୀଳ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଭୋର ସମୟରେ ସିଟି ଷ୍ଟେଶନରେ ଓହ୍ଲାଇଥିବା ରେଳଯାତ୍ରୀମାନେ କେତେକ ଆଟୋ ଚାଳକଙ୍କ ଶୋଷଣର ଶିକାର ହୋଇଥିଲେ। ରାସ୍ତା ଅବରୋଧ କରି ବସ୍ ଛିଡ଼ା କରିବାକୁ ନେଇ ଜଣେ ବାଇକ ଆରୋହୀଙ୍କୁ ବସ୍ ଚାଳକ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଥିଲା। ସମ୍ପୃକ୍ତ ବସ୍ ଚାଳକଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ କମ୍ପାନୀ କର୍ତ୍ତୃପକ୍ଷ ନିଲମ୍ବନ କରିବା ପ୍ରତିବାଦରେ ଚାଳକମାନେ ଷ୍ଟିୟରିଂ ଛାଡ଼ ଆନ୍ଦୋଳନକୁ ଓହ୍ଲାଇଥିଲେ। ଫଳରେ ରବିବାର ସକାଳ ୫ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ସମ୍ବଲପୁର ସହରରେ ଦୀର୍ଘ ୯ ଘଣ୍ଟା ଧରି ମୋ ବସ୍ ସେବା ବ୍ୟାହତ ହୋଇଥିଲା। ସମସ୍ତ ବସ୍ ଅଇଁଠାପାଲିସ୍ଥିତ ଡିପୋରେ ଛିଡ଼ା ହୋଇ ରହିଥିଲା। ପୋଲିସର ହସ୍ତକ୍ଷେପ ପରେ ଅଇଁଠାପାଲି ଥାନାରେ ଉଭୟ କମ୍ପାନୀ କର୍ତ୍ତୃପକ୍ଷ ଓ ଚାଳକଙ୍କ ମଧ୍ୟରେ ବୁଝାମଣା ହୋଇଥିଲା। ଏହାପରେ ଅପରାହ୍ନ ୨ଟାରେ ସମ୍ବଲପୁର ସହରରେ ମୋ ବସ୍ ସେବା ସ୍ୱାଭାବିକ ହୋଇଥିଲା।

**ଅସୁବିଧାର ସମ୍ମୁଖୀନ ହେଲେ ଯାତ୍ରୀ**

ମୋ ବସ୍ ଚାଳକ ଗୋଷ୍ଠୀଙ୍କ ଅଭିଯୋଗ ଅନୁସାରେ ସମ୍ବଲପୁର ସିଟି ଷ୍ଟେଶନ ଓ ସମ୍ବଲପୁର ରେଳ ଷ୍ଟେଶନ ମଧ୍ୟରେ ଚଳାଚଳ କରୁଥିବା ମୋ ବସର ଚାଳକ ଗତ ଜୁଲାଇ ୨୭ ତାରିଖରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଛକରେ ଯାତ୍ରୀ ଉଠାଇବା ଓ ଓହ୍ଲାଇବା ପାଇଁ ରାସ୍ତା ଉପରେ ବସ୍‌କୁ ଛିଡ଼ା କରିଥିଲେ। ସଙ୍କୀର୍ଣ୍ଣ ରାସ୍ତା ହେତୁ ସମ୍ଭବତଃ ବସଟି ରାସ୍ତାକୁ ଅବରୋଧ ଛିଡ଼ା ହୋଇଥିଲା। ଏହାକୁ ନେଇ ଜଣେ ବାଇକ୍ ଚାଳକ ଓ ବସ୍ ଚାଳକଙ୍କ ମଧ୍ୟରେ ବଚସା ହୋଇଥିଲା। ମୋ ବସ୍ ଚାଳକ ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ବାଇକ୍ ଚାଳକ ଜଣକ ମୋ-ବସ ସେବା ପ୍ରଦାନକାରୀ ସଂସ୍ଥା କ୍ୟାପିଟାଲ ରିଜିଓନ ଅର୍ବାନ ଟ୍ରାନ୍ସପୋର୍ଟ(ସିଆରୟୁଟି ବା କ୍ରୁଟ୍)ର ଅଇଁଠାପାଲିସ୍ଥିତ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ କାର୍ଯ୍ୟାଳୟରେ ଅବସ୍ଥାପିତ ଡିପୋଟ୍ ମ୍ୟାନେଜର ବିଶ୍ୱଜିତ ପଣ୍ଡା ସମ୍ପୃକ୍ତ ଚାଳକଙ୍କୁ ନିଲମ୍ବନ କରି ଆଉ ଡ୍ୟୁଟି ଦେଇ ନ ଥିଲେ। ତିନିଦିନ ଧରି ଡ୍ୟୁଟି ନ ମିଳିବାରୁ ସମ୍ପୃକ୍ତ ଚାଳକ ଡିପୋଟ୍ ମ୍ୟାନେଜରଙ୍କ ଦ୍ୱାରସ୍ଥ ହୋଇଥିଲେ। ଡିପୋ ମ୍ୟାନେଜର ପଣ୍ଡା ତାଙ୍କୁ କୁଆଡ଼େ ଅଭିଯୋଗକାରୀଙ୍କ ଘରକୁ ଯାଇ କ୍ଷମା ମାଗିବାକୁ କହିଥିଲେ। ଏଭଳି ଏକପାଖିଆ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ସେ ଅନ୍ୟ ଚାଳକଙ୍କୁ ଜଣାଇଲା ପରେ ଏହାର ପ୍ରତିବାଦରେ ବସ୍ ଚାଳକମାନେ ସାମୂହିକ ଭାବେ ଆନ୍ଦୋଳନକୁ ଓହ୍ଲାଇବା ସହ ଅଇଁଠାପାଲି ଥାନାରେ ଏନେଇ ଲିଖିତ ଅଭିଯୋଗ କରିଥିଲେ। ପରେ ପୋଲିସ ଉଭୟ ପକ୍ଷଙ୍କୁ ଥାନାକୁ ଡାକି ଆପୋଷ ବୁଝାମଣା କରିଥିଲେ। ଡିପୋଟ୍ ମ୍ୟାନେଜର ସମ୍ପୃକ୍ତ ଚାଳକଙ୍କୁ ଡ୍ୟୁଟି ଦେବାକୁ ରାଜି ହେବା ପରେ ଚାଳକମାନେ ଆନ୍ଦୋଳନରୁ ଓହରିଥିଲେ। ଫଳରେ ଅପରାହ୍ନ ୨ଟାରୁ ସହରରେ ମୋ-ବସ ସେବା ସ୍ୱାଭାବିକ ହୋଇଛି।

### ମୋ ବସ୍ ପାଇଁ ଯାତ୍ରୀ ପ୍ରତୀକ୍ଷାଳୟ ନ ଥିବାରୁ ଦ୍ୱନ୍ଦ୍ୱରେ ଯାତ୍ରୀ

ଗତ ମାର୍ଚ୍ଚ ୯ ତାରିଖରେ ସମ୍ବଲପୁର ସହରରେ ମୋ-ବସ୍ ସେବା ଆରମ୍ଭ ହୋଇଥିଲା। ମାତ୍ର କୌଣସି ସ୍ଥାନରେ ମୋ-ବସ୍ ପାଇଁ ପ୍ରତୀକ୍ଷାଳୟ ନିର୍ମାଣ ହୋଇନାହିଁ। ୫ ମାସ ବିତି ଯାଇଥିଲେ ସୁଦ୍ଧା ସହର ମଧ୍ୟରେ କୌଣସିଠାରେ ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ ପାଇଁ ପଦକ୍ଷେପ ମଧ୍ୟ ନିଆ ଯାଇନାହିଁ। ଫଳରେ ଯାତ୍ରୀମାନେ କେଉଁଠାରେ ଛିଡ଼ା ହୋଇ ମୋ-ବସ୍‌କୁ ଅପେକ୍ଷା କରିବେ ସେ ନେଇ ଦ୍ୱନ୍ଦ୍ୱରେ ପଡୁଛନ୍ତି। ତେଣୁ ଯିଏ ଯେଉଁଠାରେ ଛିଡ଼ା ହୋଇ ବସ ରଖିବାକୁ ଇଙ୍ଗିତ କଲା ସେଠାରେ ରାସ୍ତା ଉପରେ ଚାଳକ ବସ୍‌କୁ ଛିଡ଼ା କରିବାକୁ ବାଧ୍ୟ ହେଉଛନ୍ତି। ଯଦ୍ୱାରା ବିଭିନ୍ନ ସମୟରେ ବସ୍ କର୍ମଚାରୀ ଓ ପଥାଚାରୀଙ୍କ ମଧ୍ୟରେ ଗଣ୍ଡଗୋଳ ହେଉଥିବା ଦେଖାଯାଉଛି। ସମ୍ବଲପୁର ମହାନଗର ନିଗମ କମିଶନର ବେଦଭୂଷଣଙ୍କୁ ପଚାରିବାରୁ ପତୀକ୍ଷାଳୟ ହେବାକୁ ଥିବା ସ୍ଥାନ ସମ୍ପର୍କରେ ମୋ ବସ୍ ସେବା ପ୍ରଦାନକାରୀ ସଂସ୍ଥାକୁ ଜଣାଇ ଦିଆଯାଇଛି ବୋଲି କହିଛନ୍ତି। ତେବେ ଏ ନେଇ ତାଙ୍କ ନିକଟରେ କୌଣସି ଖବର ନାହିଁ ବୋଲି କହିଛନ୍ତି ମୋ ବସ୍ ସେବା ପ୍ରଦାନକାରୀ ସଂସ୍ଥା କ୍ରୁଟ୍‌ର ଡିପୋ ମ୍ୟାନେଜର ବିଶ୍ୱଜିତ ପଣ୍ଡା।

# ସଭାପତି, ନିର୍ଦ୍ଦେଶକଙ୍କ ସଭ୍ୟପଦ ରଦ୍ଦ

**କୁଚିଣ୍ଡା ଲ୍ୟାମ୍ପ୍ସ**

କୁଚିଣ୍ଡା, ୪।୮(ବିରଞ୍ଚି ଦର୍ଜୀ)

ସମ୍ବଲପୁର ଜିଲା କୁଚିଣ୍ଡା କାର୍ଡ ବ୍ୟାଙ୍କ ଋଣ ପରିଶୋଧ କରି ନ ଥିବାରୁ କୁଚିଣ୍ଡା ଲ୍ୟାମ୍ପ୍ସ ସଭାପତି ନବୀନ ମାଝି ଓ ନିର୍ଦ୍ଦେଶକ(ଡାଇରେକ୍ଟର) ପ୍ରଫୁଲ୍ଲ ବେହେରାଙ୍କୁ ତାଙ୍କ ପଦବୀ ହରାଇବାକୁ ପଡ଼ିଛି। ଜୁନ୍ ୨୦୨୨ରେ କୁଚିଣ୍ଡା ଲ୍ୟାମ୍ପ୍ସ ନିର୍ବାଚନ ହୋଇଥିଲା। ଏଥିରେ ନବୀନ ମାଝି ସଭାପତି ଏବଂ ପ୍ରଫୁଲ୍ଲ ବେହେରା ଡାଇରେକ୍ଟର ଭାବେ ନିର୍ବାଚିତ ହୋଇଥିଲେ। ନିର୍ବାଚନ ପରେ ସଭାପତି ପଦ ପାଇଁ ଅନ୍ୟତମ ପ୍ରତିଦ୍ୱନ୍ଦ୍ୱୀ ଥିବା ମନୋରଞ୍ଜନ ଭୋଇଙ୍କ ସମେତ ଅନ୍ୟ କେତେଜଣ ନିର୍ଦ୍ଦେଶକ ସମ୍ବଲପୁର ଜିଲା ସମବାୟ ସମିତି ସମୂହ ନିବନ୍ଧକ (ଡିଆର୍‌ସିଏସ୍) ଏବଂ କୁଚିଣ୍ଡା ସମବାୟ ସମିତି ସମୂହ ସହକାରୀ ନିବନ୍ଧକ(ଏଆର୍‌ସିଏସ୍)ଙ୍କ ନିକଟରେ ଅଭିଯୋଗ କରିଥିଲେ। ସେମାନଙ୍କ ଅଭିଯୋଗ ହେଲା ସଭାପତି ନବୀନ ମାଝି ଏବଂ ନିର୍ଦ୍ଦେଶକ ପ୍ରଫୁଲ୍ଲ ବେହେରା କୁଚିଣ୍ଡା କାର୍ଡ ବ୍ୟାଙ୍କରୁ ଲକ୍ଷାଧିକ ଟଙ୍କା ଋଣ ନେଇ ଦୀର୍ଘ ବର୍ଷ ଧରି ପରିଶୋଧ କରିନାହାନ୍ତି। ଉଭୟେ ଋଣ ଖିଲାପି ହୋଇଥିବାରୁ ସମବାୟ ଆଇନ ଅନୁଯାୟୀ ସେମାନଙ୍କର ସଭ୍ୟ ପଦ ରଦ୍ଦ କରାଯାଉ। ଅଭିଯୋଗ ଉପରେ କୁଚିଣ୍ଡା ଏଆର୍‌ସିଏସ୍ ତଦନ୍ତ କରି ସେମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ। ମାତ୍ର ମାଝି ଓ ବେହେରା ଉଭୟେ ଏହାର ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ଏଣୁ ଏହି ଅଭିଯୋଗ ଉପରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଥିଲା। ତେବେ ଦୀର୍ଘ ୨ବର୍ଷ ପରେ ସମବାୟ ବିଭାଗ ପକ୍ଷରୁ ଅଭିଯୋଗ ଉପରେ ଚୂଡାନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଗତ ୨ତାରିଖରୁ ସମ୍ବଲପୁର ଡିଆର୍‌ସିଏସ୍ ସୁନୀଲ ମିଶ୍ର, କୁଚିଣ୍ଡା ଏଆର୍‌ସିଏସ୍ ପ୍ରମୋଦ ପ୍ରଧାନ, ନିରୀକ୍ଷକ ଶିବ ମହାରଣା ଏବଂ ସମବାୟ ବ୍ୟାଙ୍କ ମ୍ୟାନେଜର ସବନମ ପଟେଲ କୁଚିଣ୍ଡା ଲ୍ୟାମ୍ପ୍ସ କାର୍ଯ୍ୟାଳୟକୁ ଆସି ଉଭୟ ପକ୍ଷଙ୍କ ଉପସ୍ଥିତିରେ ଏହାର ଶୁଣାଣି କରିଥିଲେ। ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ସହ ଆବଶ୍ୟକ କାଗଜପତ୍ର ଯାଞ୍ଚ ପରେ ସଭାପତି ନବୀନ ମାଝି ଏବଂ ଡାଇରେକ୍ଟର ପ୍ରଫୁଲ୍ଲ ବେହେରାଙ୍କ ସଭ୍ୟପଦକୁ ରଦ୍ଦ କରାଯାଇଥିଲା। ଲ୍ୟାମ୍ପ୍ସ ଉପସଭାପତି ହୁମାସିନୀ ଠାକୁର ସଭାପତି ଦାୟିତ୍ୱ ଗ୍ରହଣ କରିବା ପାଇଁ କୁହାଯାଇଛି।

# ସ୍ୱତନ୍ତ୍ର ଆଲୋଚନାଚକ୍ର, କବିତା ପାଠୋତ୍ସବ

ସମ୍ବଲପୁର,୪।୮(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ସାମ୍ବାଦିକ ସଂଘ ପକ୍ଷରୁ ମ୍ୟୁନିସିପାଲିଟି ଛକ ନିକଟସ୍ଥ ସାମ୍ବାଦିକ ଭବନରେ ରବିବାର ଓଡ଼ିଆ ସାମ୍ବାଦିକତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ୱତନ୍ତ୍ର ଆଲୋଚନାଚକ୍ର ସହ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ସମ୍ବଲପୁର ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସଂଘ ଜିଲା ସଭାପତି ସୁବାସ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ବରିଷ୍ଠ ଖବରଦାତା ଅର୍ଜୁନ ରଞ୍ଜନ ପଣ୍ଡା ଓ ମୁଖ୍ୟବକ୍ତା ଜିଏମ୍‌ୟୁର ସହକାରୀ ପ୍ରଫେସର ଡ଼କ୍ଟର ସନ୍ତୋଷ କୁମାର ମଲ୍ଲିକ ଯୋଗଦେଇ ଓଡ଼ିଆ ସାମ୍ବାଦିକତା ଦିବସର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ସାମ୍ବାଦିକତା କ୍ଷେତ୍ରରେ ବିଶେଷ ଯୋଗଦାନ ପାଇଁ ଅରୁଣ ବେହେରା ଓ ଦେବଦତ୍ତ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରସନ୍ନ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କଲମ ସାହିତ୍ୟକ ଅନୁଷାନ ପକ୍ଷରୁ କବିତା ଆସର ହୋଇଥିଲା। ସଭାପତି ତଫିଜୁଲ ହୋସେନ ଉପସଭାପତି ଜୟକୃଷ୍ଣ ବେହେରା ସମ୍ପାଦକ କ୍ଷେତ୍ରମଣି ବିଭାର




କବି, ପଦ୍ମାଳୟା ପଣ୍ଡା, ରମଣୀକାନ୍ତ ସାହୁ, ଗୋପିନାଥ ଷଡ଼ଙ୍ଗୀ, ବୀରେନ୍ଦ୍ର ପାଣିଗ୍ରାହୀ, ବବଲୁ ବାଗ, କାହ୍ନୁ କେଶବ ବହିଦାର, ସରୋଜ ସାହୁ, ସବିତା ମିଶ୍ର, ବିଭୂତି ଭୂଷଣ ମିଶ୍ର, ପ୍ରଦୀପ ରଞ୍ଜନ ପାଣିଗ୍ରାହୀ, କମଳଲୋଚନ ପଣ୍ଡା, ସୁଧାଂଶୁ ଷଣ୍ଢ ପ୍ରମୁଖ କବିତା ପାଠ କରିଥିଲେ। ଲଳିତ ମୋହନ ବେବର୍ତ୍ତା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଶୋକ ମିଶ୍ର, ଯୋଗେଶ ନନ୍ଦ ଓ କାହ୍ନୁଚରଣ ସାହୁ କବିମାନଙ୍କୁ ଉତ୍ସାହିତ କରିଥିଲେ।

# ଘରେ ପଶି ମୋବାଇଲ ଚୋରି, ୪ ଗିରଫ

ରେଙ୍ଗାଲି, ୪।୮(ଦେବବ୍ରତ ପଣ୍ଡା)

ସମ୍ବଲପୁର ଜିଲା ରେଙ୍ଗାଲି ଥାନା ଅନ୍ତର୍ଗତ ପୁରୁନବସ୍ତିରେ ଭଡ଼ା ନେଇ ରହୁଥିବା ଉତ୍ତର ପ୍ରଦେଶରର ମନୋଜ ପାଶାନଙ୍କ ଘରେ ପଶି ମୋବାଇଲ ଚୋରି କରିବା ଅଭିଯୋଗରେ ପୋଲିସ ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପୁରୁଣା ବସ୍ତିର ତପନ ଗର୍ଡ଼ିଆ (୨୪) , ରାକେଶ ସୁନାନି (୩୦), ଆଶିଷ ବାଗ (୨୪) ଓ ଅଶୋକ ନାୟକ (୨୪)। ଡକାୟତି ଉଦ୍ଦେଶ୍ୟରେ ଦୁଇ ଜଣ ଘର ଭିତରେ ପଶିଥିବା ବେଳେ ଦୁଇ ଜଣ ବାହାରେ ଜଗିଥିଲେ। ଚୋରି କରୁଥିବା ବେଳେ ମନୋଜ ଉଠି ପଡ଼ିଥିଲେ। ସେମାନେ ମନୋଜଙ୍କୁ ମାରପିଟ କରି ଦୁଇଟି ମୋବାଇଲ ନେଇ ପଳାଇ ଯାଇଥିଲେ। ଏ ନେଇ ମନୋଜ ରେଙ୍ଗାଲି ଥାନାରେ ଅଭିଯୋଗ କଲାପରେ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ସେମାନଙ୍କ ପାଖରୁ ୯ ଟି ମୋବାଇଲ ଜବତ କରିଛି। ପରେ ଅଭିଯୁକ୍ତ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା।

# ପ୍ରାଥମିକ ଶିକ୍ଷା ସମୃଦ୍ଧ ଦେଶ ଗଠନର ମୂଳଦୁଆ

**ମୁଦିପଡ଼ା ପ୍ରାଥମିକ ବିଦ୍ୟାଳୟର ପ୍ଲାଟିନମ ଜୁବିଲି ଉଦ୍‌ଘାଟିତ**

ସମ୍ବଲପୁର,୪।୮(ବି.ଶଙ୍କର)


ପ୍ଲାଟିନମ ଜୁବିଲି ଉଦଘାଟନୀ ଉତ୍ସବକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

ସମ୍ବଲପୁର ସହର ମୁଦିପଡ଼ା ପ୍ରାଥମିକ ବିଦ୍ୟାଳୟର ପ୍ଲାଟିନମ ଜୁବୁଲି ଉତ୍ସବ ରବିବାର ଡ.ରାଧାନାଥ ରଥ କମ୍ୟୁନିଟି ସେଣ୍ଟରରେ ଉଦ୍‌ଘାଟିତ ହୋଇଯାଇଛି। ପୁରାତନ ଛାତ୍ର ସଂଘ ସଭାପତି ଡ.କିଶୋରୀ ଦାଶଙ୍କ ଅଧ୍ୟକ୍ଷତା ଓ ସାଧାରଣ ସମ୍ପାଦକ ସମ୍ବାଦିକ ପ୍ରଫୁଲ୍ଲ ଦାଶଙ୍କ ମଞ୍ଚ ପରିଚାଳନାରେ ଉତ୍ସବ ହୋଇଥିଲା। ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ରାଜ୍ୟ ସରକାର ପ୍ରାଥମିକ ଶିକ୍ଷା ଉପରେ ଗୁରୁତ୍ୱ ଦେଇଛନ୍ତି । ବିଗତ ବର୍ଷଗୁଡିକରେ ରାଜ୍ୟର ପ୍ରାଥମିକ ଶିକ୍ଷା ଭୁଶୁଡ଼ି ପଡ଼ିଛି। ପ୍ରାଥମିକ ଶିକ୍ଷା ସୁନାଗରିକ ଓ ସମୃଦ୍ଧ ଦେଶ ଗଠନର ମୂଳଦୁଆ। ତେଣୁ ପ୍ରାଥମିକ ଶିକ୍ଷାର ବିକାଶ ସକାଶେ ଚଳିତ ବଜେଟରେ ଅଧିକ ବ୍ୟୟ ବରାଦ କରାଯାଇଛି। ଏଥିସହ ପ୍ରାଥମିକ ଶିକ୍ଷାକ୍ଷେତ୍ରରେ ୨୦ ହଜାର ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ। ସେହିପରି ପୁରୁଣା କୋଠାଗୁଡ଼ିକର ମଧ୍ୟ ପୁନରୁଦ୍ଧାର କରାଯିବ। ଏହିକ୍ରମରେ ମୁଦିପଡ଼ା ବିଦ୍ୟାଳୟର ନବ କଳେବର ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ପୂଜାରୀ କହିଥିଲେ। ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଶିକ୍ଷାର ବିକାଶ ଓ ରାଷ୍ଟ୍ରଗଠନ ପାଇଁ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଅଭିଭାବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବିଦ୍ୟାଳୟର ପୁରାତନ ଛାତ୍ର ତଥା ଓଡ଼ିଶା ବିଜ୍ଞାନ ଏକାଡେମୀ ଅଧ୍ୟକ୍ଷ ପ୍ରଫେସର ବିଭୂତି ଭୂଷଣ ମିଶ୍ର ଯୋଗଦେଇ ମୁଦିପଡ଼ା ବିଦ୍ୟାଳୟର ଭୂମିକା ବିଷୟରେ କହିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଜ୍ଞାନ ମାନସିକତା ବୃଦ୍ଧି ପାଇଁ ବିଜ୍ଞାନ ଏକାଡେମି ଦ୍ୱାରା ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି। ଏଥିରେ ୪ର୍ଥ ଓ ୫ମ ଶ୍ରେଣୀକୁ ମଧ୍ୟ ସାମିଲ କରାଯିବ। ଏହି ଅବସରରେ ସ୍କୁଲର ୧୯୫୧ ମସିହାର ପ୍ରଥମ ବର୍ଷର ଛାତ୍ରୀ କୌଶଲ୍ୟା ପଟେଲ(୮୩), ୧୯୫୫ ମସିହାର ଶିକ୍ଷକ ବବାଜୀ ବେହେରା, ପୂର୍ବତନ ଶିକ୍ଷକ ରତ୍ନାକର ଖମାରୀ, ଗୋଲକଚନ୍ଦ୍ର ପାଢ଼ୀ ଓ ନିରଞ୍ଜନ ଦେହୁରୀଙ୍କୁ ଉପଢୌକନ ସହ ଗଛ ଚାରା ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଉପସଭାପତି କାର୍ତ୍ତିକ ପ୍ରସାଦ ବହିଦାର ଅତିଥି ପରିଚୟ ଦେଇଥିବା ବେଳେ ଡ. ସୁଜାତା ଗୌନ୍ତିଆ ଧନ୍ୟବାଦ ଦେଇଥିଲେ।

# ଅଫତାବ କ୍ଲବ, ବାମରା କ୍ରୀଡା ସଂଘ ବିଜୟୀ

**ଡାକ୍ତର ସନାତନ ବେହେରା ସ୍ମାରକୀ ଫୁଟ୍‌ବଲ ଲିଗ୍**

ସମ୍ବଲପୁର,୪।୮(ବି.ଶଙ୍କର)

ସମ୍ବଲପୁର ଜିଲା କ୍ରୀଡ଼ା ସଂଘ ଆୟୋଜିତ ଡାକ୍ତର ସନାତନ ବେହେରା ସ୍ମାରକୀ ଫୁଟବଲ ଲିଗ ତଥା ନକ୍‌ଆଉଟ ପ୍ରତିଯୋଗିତାର ରବିବାର ମ୍ୟାଚରେ ଅଫତାବ କ୍ଲବ ଓ ବାମରା କ୍ରୀଡା ସଂଘ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନିତ ହୋଇଛି। ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମଠାରେ ପ୍ରଥମ ମ୍ୟାଚ ଆଦିବାସୀ କ୍ଲବ ବନାମ ଅଫତାବ କ୍ଲବ ମଧ୍ୟରେ ମ୍ୟାଚ ହୋଇଥିଲା। ଅଫତାବ କ୍ଲବ ୩-୧ ଗୋଲରେ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚରେ ବୁର୍ଲା କ୍ରୀଡା ସଂଘକୁ ବାମରା କ୍ରୀଡା ସଂଘ ୩-୦ ଗୋଲରେ ହରାଇ ବିଜୟୀ ହୋଇଥିଲା। ଜିଲା କ୍ରୀଡା ସଂଘ ଫୁଟବଲ ସମ୍ପାଦକ ଅବଦୁଲ ଗଫାରଙ୍କ ସଂଯୋଜନାରେ ମ୍ୟାଚ ହୋଇଥିଲା। ଭାଜପା ନେତା ଦାମୋଦର କର, ସମ୍ବଲପୁର କବାଡି କ୍ଲବର ଦିଲୀପ କୁମାର ସାହୁ ଓ ଦୁର୍ଗା ମାଧବ ନାୟକ ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଆଦିବାସୀ କ୍ଲବର ଟିଙ୍କୁ ସୋହେଲା ଏବଂ ବାମରା କ୍ରୀଡା ସଂଘର ଖେଳାଳ ରାହୁଲ ସୁନାଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା।

# ଖଟିଆରେ ବୁହାହେଲେ ରୋଗୀ

ରେଢାଖୋଲ,୪।୮(ଅଚ୍ୟୁତାନନ୍ଦ ପୁରୋହିତ)


ରୋଗୀଙ୍କୁ ଖଟିଆରେ ବୋହି କରି ନିଆଯାଉଛି।

ସମ୍ବଲପୁର ଜିଲା ରେଢାଖୋଲ ଏନଏସି ୱାର୍ଡ ନଂ ୨ ଅନ୍ତର୍ଗତ ଆମ୍ବମୁଣ୍ଡା ସାହିକୁ ସବୁଦିନିଆ ରାସ୍ତା ନାହିଁ। ସାହିକୁ ଯିବାକୁ ହେଲେ ପାତୁଲିପାଲି ଗ୍ରାମର ବନ୍ଧହୁଡା ଦେଇ ଯିବାକୁ ହୁଏ। ଆମ୍ବମୁଣ୍ଡା ସାହିରେ ପ୍ରାୟ ୨୦ ପରିବାର ବସବାସ କରୁଛନ୍ତି। ତେବେ ସବୁଦିନିଆ ରାସ୍ତା ନ ଥିବା ଯୋଗୁ ସାହି ବାସିନ୍ଦାମାନେ ଯିବା ଆସିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରବିବାର ଆମ୍ବମୁଣ୍ଡାସାହିର କଳ୍ପନା ବେହେରା(୩୫) ଅସୁସ୍ଥ ହୋଇ ପଡିବାରୁ ରେଢାଖୋଲ ଉପଖଣ୍ଡ ଡାକ୍ତରଖାନା ଆଣିବାକୁ ପରିବାର ଲୋକେ ଏକ ଅଟୋକୁ ଡାକିଥିଲେ। ତେବେ ଅଟୋ ପାତୁଲିପାଲି ପର୍ଯ୍ୟନ୍ତ ଯାଇପାରିଥିଲା। ଫଳରେ ଆମ୍ବମୁଣ୍ଡାରୁ ପାତୁଲିପାଲି ପର୍ଯ୍ୟନ୍ତ ପ୍ରାୟ ଦେଢ କିମି ରାସ୍ତା କଳ୍ପନାଙ୍କୁ ଖଟିଆରେ ବୋହି ଆଣିବାକୁ ପଡିଥିଲା। ପରେ ସେଠାରୁ ରୋଗୀଙ୍କୁ ଡାକ୍ତରଖାନା ନିଆଯାଇଥିବା ପରିବାର ଲୋକେ କହିଛନ୍ତି। ରାସ୍ତା କର୍ଦ୍ଦମାକ୍ତ ହୋଇଥିବାରୁ ଚାଲି ଚାଲି ଯିବା ଆସିବା ସମ୍ଭବ ହୋଇନାହିଁ। ରେଢାଖୋଲ ସହର ଏନଏସି ଘୋଷଣା ହେବା ଇତିମଧ୍ୟରେ ୨୪ ବର୍ଷ ହେଲାଣି। ତଥାପି ଲୋକଙ୍କ ମୌଳିକ ସୁବିଧା ପୂରଣ ଏ ଯାଏ ହୋଇ ପାରିନାହିଁ। ଏ ଦିଗରେ ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହୋଇଛି।

# ନୀତିନିଷ୍ଠତା ମଣିଷକୁ ଆଦର୍ଶ କରେ

- ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ
- ଆଖିର ଯତ୍ନ ଆମର ପ୍ରାଥମିକତା

ସମ୍ବଲପୁର,୪।୮(ବି.ଶଙ୍କର)


ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷକ ଓ ଛାତ୍ରୀଛାତ୍ରମାନେ।

ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର ରବିବାର ସମ୍ବଲପୁର ପବ୍ଲିକ ଲାଇବ୍ରେରି ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରାର୍ଥନା ଓ ସ୍ୱତନ୍ତ୍ର ପୂଜାର୍ଚ୍ଚନା ପରେ ଯୋଗଶିକ୍ଷାରୁ ପ୍ରଥମ ଅଧିବେଶନ ଆରମ୍ଭ ହୋଇଥିଲା। ଡାକ୍ତର ଜୟଦେବ ମେହେର ପ୍ରଶିକ୍ଷକଭାବେ ଯୋଗଦେଇଥିଲେ। ପରମାଣପୁର ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ମୁରଲୀଧର ପ୍ରେମନାଥ ନାୟକ ଜୀବନରେ ନୀତିନିଷ୍ଠତା ଉପରେ ଆଲୋଚନା କରି ରାଜା ଶିବି, ରାଜା ହରିଶ୍ଚନ୍ଦ୍ର, ମୋହନଦାସ କରମଚାନ୍ଦ ଗାନ୍ଧୀ ଓ ଗୌତମ ବୁଦ୍ଧଙ୍କ ଜୀବନୀର ବିଭିନ୍ନ ଦିଗ ବିଷୟରେ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ। ଜୀବନରେ ନୀତିନିଷ୍ଠତା ମଣିଷକୁ ଆଦର୍ଶ କରିଥାଏ। ଛାତ୍ରୀଛାତ୍ରମାନେ ମହାପୁରୁଷମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପ୍ରଫେସର ନାୟକ ଆହ୍ୱାନ ଦେଇଥିଲେ ।

ଦ୍ୱିତୀୟ ଅଧିବେଶନ ଚକ୍ଷୁର ଯତ୍ନ ବିଷୟରେ ଆଲୋଚନା ହୋଇଥିଲା। ବିଶିଷ୍ଟ ଚକ୍ଷୁ ବିଶେଷଜ୍ଞ ଡାକ୍ତର ସୁରେଶ ଚନ୍ଦ୍ର ପ୍ରଶିକ୍ଷକ ଥିଲେ। ଚକ୍ଷୁର ଯତ୍ନ, ଗଠନ ଓ ବିଭିନ୍ନ ଅଂଶ ଉପରେ ଆଲୋଚନା କରାଯାଇଥିଲା। ପାରମ୍ପରିକ ଚିକିତ୍ସା ଉପରେ ସମ୍ପୂର୍ଣ୍ଣ ଭରସା ନ କରି ଆଖିରେ ସାମାନ୍ୟ ସମସ୍ୟା ହେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବାକୁ ଡାକ୍ତର ଦାନୀ ଛାତ୍ରୀଛାତ୍ରମାନଙ୍କୁ ଉପଦେଶ ଦେଇଥିଲେ। ସଂଯୋଜକ ରାଜେନ୍ଦ୍ର କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ସମଗ୍ର କାର୍ଯ୍ୟକ୍ରମ ହୋଇଥିଲା। ଛାତ୍ରୀଛାତ୍ରମାନଙ୍କ ମଧ୍ୟରୁ ହୁମେରା ବାନୋ, ରଣବୀର ପାଇକରାୟ, ହେମଲତା ସାହୁ, ଦୀପ୍ତିରଞ୍ଜନ ନାୟକ, କାନହା ପାତ୍ର ଏଥିରେ ଅଂଶ ଗ୍ରହଣ କରିଥିଲେ । ପ୍ରଶିକ୍ଷଣ ଆୟୋଜକ ପବ୍ଲିକ ଲାଇବ୍ରେରୀ ଅଧ୍ୟକ୍ଷ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ, ପ୍ରଫେସର ଶଙ୍କର ପ୍ରସାଦ ପତି, ପୃଥ୍ୱୀରାଜ ମିଶ୍ର, ବିଭୂତିନାଥ ମାଝି, ରବି ନାରାୟଣ ମିଶ୍ର, ବସନ୍ତ ଦାଶ, ମନୋଜ କୁମାର ନାଥ, ଅର୍ଜୁନ ରଞ୍ଜନ ପଣ୍ଡା, ରଘୁନାଥ ମିଶ୍ର, ଅଶୋକ ହୋତା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ । ବିଜୟ କୁମାର ସାହୁ ବୈଷୟିକ ସହାୟତା ପ୍ରଦାନ କରିଥିଲେ। ଜାତୀୟ ସଙ୍ଗୀତ ଗାନ ହେବା ପରେ କାର୍ଯ୍ୟକ୍ରମ ଶେଷ ହୋଇଥିଲା । ପ୍ରଶିକ୍ଷଣ ଶିବିରରେ ୧୫ଟି ହାଇସ୍କୁଲରୁ ୫୧ଜଣ ଛାତ୍ରୀଛାତ୍ର ଯୋଗ ଦେଇଥିଲେ ।

# ସତ୍ୟଜିତଙ୍କ ପ୍ରେମ ପେଡ଼ି ଖୋଲୁଛି

ଭୁବନେଶ୍ୱର,୪।୮ (ସୂର୍ଯ୍ୟକାନ୍ତ ବେହେରା)

■ କୋରାପୁଟରୁ ୨ ଗାଡ଼ି ଜବତ
■ ସମ୍ପର୍କରେ ଥିବା ୪୯ ମହିଳାଙ୍କ ମଧ୍ୟରୁ ୧୧ଜଣଙ୍କୁ ଯୋଗାଯୋଗ କଲା ପୋଲିସ


ସତ୍ୟଜିତ୍ ସାମଲ

ମିଥ୍ୟା ପରିଚୟ ଦେଇ ବିବାହ ଏଗ୍ରିମେଣ୍ଟ କରି ଲକ୍ଷ ଲକ୍ଷ ଟଙ୍କା, ଗାଡି ଆଦି ଠକି ନେଇଥିବା ୫ ମହିଳାଙ୍କ ସ୍ୱାମୀ ସତ୍ୟଜିତ୍ ସାମଲ ଏବେ ଜେଲରେ ଦିନ ଗଣୁଛନ୍ତି। ତାଙ୍କୁ ଜେଲ ପଠାଇବା ପରେ କମିଶନରେଟ ପୋଲିସ ଠକେଇ ପାଇଁ ସତ୍ୟଜିତ୍ଙ୍କ ପ୍ରେମ ପେଡି ଖୋଲିବାକୁ ପ୍ରୟାସ ଚଳାଇଛି। ରସିକ ଠକ ସତ୍ୟଜିତ କିଭଳି ମହିଳାମାନଙ୍କୁ ମୋହରା ବନାଇ ଠକୁଥିଲେ, ଠକେଇ ଟଙ୍କାରେ ଦୁବାଇ ଯାଇ ଅୟସ ଜୀବନ ବିତାଉଥିଲେ, ତାହାର ବିଭିନ୍ନ ଦିଗକୁ ନେଇ ଅଧିକ ଖୋଳତାଡ କରାଯାଉଥିବା ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି। ଇତିମଧ୍ୟରେ କୋରାପୁଟରେ ଏକ ଟ୍ରାଭେଲ୍ସରେ ଲାଗିଥିବା ସତ୍ୟଜିତଙ୍କ ୨ଟି କାର୍ ସହ ଡିଜିଟାଲ ଏଭିଡେନ୍ସ ଭାବେ ତାଙ୍କ ମୋବାଇଲକୁ ଜବତ କରାଯାଇଛି। ଏହାସହ ସତ୍ୟଜିତଙ୍କ ଆକାଉଣ୍ଟ ଟ୍ରାଞ୍ଜାକ୍ସନ ନେଇ ମଧ୍ୟ ତଦନ୍ତ ଜାରି ରହିଛି। ସେହିପରି କିଛି ଲ୍ୟାଣ୍ଡ ପ୍ରପର୍ଟି ରହିଛି ନା ନାହିଁ ତାହାର ମଧ୍ୟ ଖୋଳତାଡ଼ ଚାଲିଛି। ସେ ଯେତେଜଣ ମହିଳାଙ୍କୁ ଠକିଛନ୍ତି, ସମସ୍ତଙ୍କୁ ନ୍ୟାୟ ଦେବାକୁ ଚାହୁଁଛୁ ବୋଲି ଡିସିପି ସିଂ ଖବରଦାତା ସମ୍ମିଳନୀ କରି କହିଛନ୍ତି। ଅନ୍ୟପକ୍ଷରେ ଅଭିଯୁକ୍ତ ସତ୍ୟଜିତ୍ଙ୍କ ମୋବାଇଲ ଯାଞ୍ଚବେଳେ ମାଟ୍ରିମୋନିଆଲ ସାଇଟ୍ ମାଧ୍ୟମରେ ୪୯ ମହିଳାଙ୍କ ସହ ତାଙ୍କର ଲିଙ୍କ୍ ରହିଥିବା ଜଣାପଡିଥିବାବେଳେ ୧୧ଜଣ ମହିଳାଙ୍କୁ ପୋଲିସ ଚିହ୍ନଟ କରି ଯୋଗାଯୋଗ କରିଛି। ଏହି ୧୧ଜଣ ମହିଳା ଅଭିଯୁକ୍ତଙ୍କ ସହ କଥା ହେଉଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ହେଲେ ସମ୍ମାନ ହାନି ଆଶଙ୍କାରେ ଅଭିଯୁକ୍ତଙ୍କ ବିରୋଧରେ ସେମାନେ ଆଗକୁ ଆସିବାକୁ ଚାହୁଁ ନାହାନ୍ତି। ତେଣୁ ମହିଳାମାନଙ୍କୁ କାଉନ୍ସେଲିଂ କରାଯିବ। ଅଭିଯୁକ୍ତଙ୍କ ବିରୋଧରେ ଯଦି କେହି ଅଭିଯୋଗ କରିବାକୁ ଚାହିଁବେ, ତା'ହେଲେ ପୋଲିସ ପରିଚୟ ଗୁପ୍ତ ରଖିବା ସହ ସମସ୍ତ ସହଯୋଗ ଯୋଗାଇ ଦେବ ବୋଲି ଡିସିପି କହିଛନ୍ତି। ସେହିଭଳି ଚାଟିଂ ବେଳେ ଜଣେ ମହିଳାଙ୍କୁ ୪୦ ହଜାର ଟଙ୍କା ଅଭିଯୁକ୍ତ ମାଗିଥିବା ଜଣାପଡିଛି। ଅନ୍ୟପଟେ ମାଟ୍ରିମୋନିଆଲ ସାଇଟ୍‌ରେ ସତ୍ୟଜିତ ନିଜକୁ କେବଳ ପୋଲିସର ପରିଚୟ ଦେଉ ନ ଥିଲେ, ଭିନ୍ନ ଭିନ୍ନ ମିଥ୍ୟା ପରିଚୟ ଦେଇ ମହିଳା ଓ ଯୁବତୀଙ୍କୁ ନିଜ ପ୍ରତି ଆକର୍ଷିତ କରୁଥିଲେ। ସେ କେତେବେଳେ ନିଜକୁ ପୋଲିସ ତ ପୁଣି କେତେ ବେଳେ ସିବିଆଇ ଇନ୍ସପେକ୍ଟର,ଦିଲ୍ଲୀ କ୍ରାଇମବ୍ରାଞ୍ଚର ଇନ୍ସପେକ୍ଟର ରାହୁଲ, ପାଇଲଟ, କୋଷ୍ଟ କମ୍ପି ସାଉଦି ଆରବରେ ସେଲ୍ସ ମ୍ୟାନେଜର ଥିବା ପରିଚୟ ଦେଇଥିଲେ। ତେଣୁ ସତ୍ୟଜିତ ମାଟ୍ରିମୋନିଆଲ ସାଇଟ୍‌ରେ କେତେ ଜଣଙ୍କ ସହ କଥା ହୋଇ ସମ୍ପର୍କ ବଢ଼ାଇବା ସହ ପ୍ରେମରେ ଫସାଇ ଠକେଇ କରିଛନ୍ତି ତାହାର ତଥ୍ୟ ଜାଣିବା ପାଇଁ ସମସ୍ତ ସାଇଟ୍‌କୁ କମିଶନରେଟ ପୋଲିସ ଡାଟା ମାଗିଛି ବୋଲି ଡିସିପି ସିଂ ସୂଚନା ଦେଇଛନ୍ତି।

ଅଭିଯୁକ୍ତ ସତ୍ୟଜିତ୍ ଜଣେ ମହିଳାଙ୍କୁ ବୈଦିକ ରୀତିରେ ବିବାହ କରିଥିବାବେଳେ ୪ଜଣଙ୍କ ସହ ବିବାହ ଏଗ୍ରିମେଣ୍ଟ କରି ଲୁଟିଥିବା ନେଇ ପୋଲିସ ପ୍ରମାଣ ପାଇଛି। ତେବେ ଠକେଇର ଶିକାର ୨ଜଣ ମହିଳା ତାଙ୍କ ନାଁରେ କ୍ୟାପିଟାଲ ଥାନାରେ ଏତଲା ଦେଇଛନ୍ତି। ମାଟ୍ରିମୋନିଆଲ ଆପ୍ ଜୀବନସାଥୀ ଜରିଆରେ ସତ୍ୟଜିତ୍ ମିଥ୍ୟା ପ୍ରଲୋଭନ ଦେଖାଇ ସେମାନଙ୍କୁ ବାହା ହେବାକୁ କହି ସମ୍ପର୍କ ବଢ଼ାଇଥିଲେ। ବିଶ୍ୱାସ ଜନ୍ମାଇ ବିବାହ ଏଗ୍ରିମେଣ୍ଟ କରିଥିଲେ। ଏହାପରେ ସେ ସେମାନଙ୍କ ସହିତ ଶାରୀରିକ ସମ୍ପର୍କ ରଖି ଟଙ୍କା, ଗାଡି ଆଦି ଲୁଟିନେଇଥିଲେ। ଦୁଇମହିଳାଙ୍କ ମଧ୍ୟରୁ ଜଣଙ୍କଠାରୁ ୩୬ଲକ୍ଷ ଟଙ୍କା ଓ କାର୍ ନେଇଥିବାବେଳେ ଅନ୍ୟଜଣଙ୍କଠାରୁ ୮ଲକ୍ଷ ଟଙ୍କା ଓ ଏକ ବୁଲେଟ ନେଇଛନ୍ତି। ତେବେ ଆଉ କାହାଠାରୁ କ'ଣ ଲୁଟିଛନ୍ତି ସେନେଇ ପୋଲିସ ତଥ୍ୟ ସଂଗ୍ରହରେ ଲାଗିପଡିଥିବାରୁ ଆଗକୁ ରସିକ ଠକଙ୍କ କଳା ସାମ୍ରାଜ୍ୟର ଅନେକ ଗୁମର ଖୋଲିବ ବୋଲି ଆଶା ରଖିଛି କମିଶନରେଟ ପୋଲିସ।

## ଶୁଆକାଟି ଲୁଟ୍ ଘଟଣାର ମୁଖ୍ୟ ଅଭିଯୁକ୍ତ ଗିରଫ

କେନ୍ଦୁଝର,୪।୮ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ସଦର ଥାନା ଶୁଆକାଟି ଫାଣ୍ଡି ଅନ୍ତର୍ଗତ ଓଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରୁ ଜୁଲାଇ ୨୫ ରେ ୪୦ ହଜାର ଟଙ୍କା ଲୁଟ୍ ହୋଇଥିଲା। ଘଟଣାର ମୁଖ୍ୟ ଅଭିଯୁକ୍ତ ଯାଜପୁର ରୋଡର ଚିରଞ୍ଜିବ ପ୍ରଧାନ (୩୦)ଙ୍କୁ ପୋଲିସ ଗିରଫ କରିବାରେ ସଫଳ ହୋଇଛି। ତାଙ୍କଠାରୁ ୨୦ ହଜାର ଟଙ୍କା ସହିତ ଗୋଟିଏ ମୋବାଇଲ ଜବତ ହୋଇଛି।

ସୂଚନା ଅନୁଯାୟୀ, ସଦର ଥାନା ବିନିଦା ଅଞ୍ଚଳର ବୈଷ୍ଣବ ପ୍ରଧାନ ଏବଂ ତାଙ୍କ ଭଣଜା ହଳଧର ଦେହୁରୀ ବାଇକ୍‌ରେ ଆସି ଶୁଆକାଟି ବ୍ୟାଙ୍କ ଅଫ ଇଣ୍ଡିଆ ଶାଖାରୁ ୪୦ ହଜାର ଟଙ୍କା ଉଠାଇଥିଲେ। ସେହି ଟଙ୍କାକୁ ଏକ ପଲିଥିନରେ ଧରି ମାମୁଁ, ଭଣଜା ଏକ ବାଇକ୍‌ରେ ଯାଉଥିଲେ। ଓଏମସି କାର୍ଯ୍ୟାଳୟକୁ କୌଣସି କାର୍ଯ୍ୟରେ ଯିବା ସମୟରେ ଏକ ବାଇକରେ ୨ ଦୁର୍ବୃତ୍ତ ଆସି ଟଙ୍କା ଭରା ପଲିଥିନକୁ ଝାମ୍ପି ନେଇ ଛୁ ମାରିଥିଲେ। ଏ ନେଇ ମାମୁଁ, ଭଣଜା ଶୁଆକାଟୀ ଫାଣ୍ଡିରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ. ୪୪୧/ ୨୦୨୪) ରୁଜୁ ହୋଇଥିଲା। ପୋଲିସ ତନାଘନା କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

## ଧରାପଡ଼ିଲେ ୪ ଆନ୍ତଃରାଜ୍ୟ ଡକାୟତ

### ଚୋରି ଅଳଙ୍କାର, ମୋବାଇଲ ଜବତ


ଜବତ ବିଭିନ୍ନ ସାମଗ୍ରୀ ଓ ଗିରଫ ଅଭିଯୁକ୍ତ।

ପାଟଣା,୪।୮ (ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ଅଞ୍ଚଳରେ ଦିନକୁଦିନ ଚୋରି ବୃଦ୍ଧିପାଉଛି। ଏହାକୁ ଦୃଷ୍ଟିରେ ରଖି ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ପାଟଣା ପୋଲିସ ଓ ସ୍ପେଶାଲ ଟିମ୍ ଜରିଆରେ ତଦନ୍ତ ଆରମ୍ଭ ହୋଇଥିଲା। ଟିମ୍ ଆନ୍ତଃରାଜ୍ୟ ଡକାୟତ ଗ୍ୟାଙ୍ଗ୍‌ର ୪ ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଗିରଫ ଅଭିଯୁକ୍ତମାନେ ଝାଡ଼ଖଣ୍ଡ ରାଜ୍ୟ ମଝିଗାଁ ଥାନା ମଝିଗାଁ ଗ୍ରାମର ଏମ୍‌ଡି ରାହାତ(୨୩), ଏମ୍‌ଡି ସାହିଲ (୨୧), ଏମ୍‌ଡି ନାସିରୁଦ୍ଦିନ (୨୧) ଓ ଜଗନ୍ନାଥପୁର ଥାନା ଜୟନ୍ତୀ ଗଡ଼ ଗ୍ରାମର ତପନ ବେହେରା(୩୪)। ସେମାନଙ୍କ ନିକଟରୁ ଚୋରି ସୁନା, ରୁପା ଅଳଙ୍କାର ସହ ସୁନା ଖଣ୍ଡ ଓ ମୋବାଇଲ ଜବତ ହୋଇଛି। ଏ ନେଇ ଖବରଦାତା ସମ୍ମିଳନୀରେ ଘଟଗାଁ ଏସ୍‌ଡିପିଓ ପ୍ରଭାତ କୁମାର ତ୍ରିପାଠୀ ଓ ପାଟଣା ଥାନା ଅଧିକାରୀ ବିବସ୍ୱ ପ୍ରଧାନ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଜୁନ୍ ୨୯ରେ ଉକ୍ତ ଗ୍ୟାଙ୍ଗ ପାଟଣା ଥାନା ଅଞ୍ଚଳରେ ୨ ଓ ତୁରୁମୁଙ୍ଗା ଥାନା ଅଞ୍ଚଳରେ ଗୋଟିଏ ଡକାୟତି ସଂଘଟିତ କରିଥିଲେ। ଘଟଣାର ତଦନ୍ତ କରିବାକୁ ଜିଲା ଆରକ୍ଷୀ ଅଧୀକ୍ଷକ କୁଶଲକର ନୀତିନ ଦାଗୁଡୁଙ୍କ ନିର୍ଦ୍ଦେଶରେ ସ୍ପେଶାଲ ଟିମ ଗଠନ ହୋଇଥିଲା। ପାଟଣା ଥାନା ଅଧିକାରୀ ବିବସ୍ୱ ପ୍ରଧାନଙ୍କ ନେତୃତ୍ୱରେ ଟିମ୍ ଆଧୁନିକ ଟେକ୍ନୋଲୋଜି ଓ ମୋବାଇଲ ଟ୍ରାକିଂ କରି ଝାଡ଼ଖଣ୍ଡର ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ଟିମ୍ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା। ସେମାନଙ୍କ ନିକଟରୁ ସୁନା, ରୁପା ଅଳଙ୍କାର ସହ ୧ ଖଣ୍ଡ ମୁଣ୍ଡା ସୁନା, ୨ ଖଣ୍ଡ ରୁପା ଓ ୪ଟି ମୋବାଇଲ ଫୋନ ଜବତ ହୋଇଥିଲା। ଅଭିଯୁକ୍ତଙ୍କ ମଧ୍ୟରୁ ତପନ ଝାଡ଼ଖଣ୍ଡ ପଶ୍ଚିମ ସିଂଭୂମି ଜିଲା ଜୟନ୍ତୀ ଗଡ଼ରେ ଏକ ସୁନାଗହଣା ମରାମତି ଓ ବିକ୍ରି ଦୋକାନ କରିଛନ୍ତି। ତପନ ୩ ଅଭିଯୁକ୍ତଙ୍କଠାରୁ କମ୍ ଦରରେ ଚୋରି ସୁନା, ରୁପା କିଣି ବ୍ୟବସାୟ କରୁଥିଲେ। ଅନ୍ୟ ୩ ଅଭିଯୁକ୍ତ ପାଟଣା ଥାନା ଅଞ୍ଚଳରେ ୪ ଡକାୟତି, ତୁରୁମୁଙ୍ଗାରେ ୨, ଘଟଗାଁରେ ୩, ଝୁମ୍ପୁରାରେ ୨, ହରିଚନ୍ଦନପୁର ଥାନା ଅଞ୍ଚଳରେ ୧ ଡକାୟତି କରିଛନ୍ତି। ଘରେ କେହି ନ ଥିବା ବେଳେ ତାଲା ଭାଙ୍ଗି ଘରେ ପଶି ଚୋରି, ଲୁଟ୍ କରୁଥିଲେ। ଏମାନେ ସମାନ ଢଙ୍ଗରେ ୨୦୨୩–୨୪ ମଧ୍ୟରେ ମୋଟ ୧୨ ଲୁଟ୍ କରିଥିବା ଜଣାପଡ଼ିଛି। ସମସ୍ତ ଅଭିଯୁକ୍ତଙ୍କୁ ରବିବାର କୋର୍ଟଚାଲାଣ କରାଯାଇଛି। ଏମାନଙ୍କ ନାମରେ ଓଡ଼ିଶା ଓ ଝାଡ଼ଖଣ୍ଡ ରାଜ୍ୟରେ ଅନେକ ମାମଲା ଥିବାରୁ ଏମାନଙ୍କୁ ରିମାଣ୍ଡରେ ଆଣିବାକୁ ପୋଲିସ ଚିନ୍ତା କରୁଛି ବୋଲି ଏସ୍‌ଡିପିଓ କହିଛନ୍ତି। ଥାନା ଅଧିକାରୀ କହିଛନ୍ତି, ଅଧିକ ତଦନ୍ତ ଚାଲିଛି, ଜବତ ସୁନା, ରୁପାର ଠିକ୍ ମୂଲ୍ୟାୟନ ହୋଇନାହିଁ।


ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, ବଣାଇଁ ବନଖଣ୍ଡ

**OFFICE OF THE DIVISIONAL FOREST OFFICER, BONAI FOREST DIVISION**

Ph.: 06626-244454, Email: dfo.bonai@odisha.gov.in

Notice No. 195/1F (Acct.) Dt.03.08.2024

**WALK-IN-INTERVIEW**

No. MM-111: Divisional Forest Officer, Bonai Division invites applications from interested retired personnel for re-engagement of Retired Forest (Retired ACF/Retired Forest Ranger/Retired Dy. Range Officer) Personnel for engagement in OMBADC Cell for Bonai Division. The Walk-in-Interview is scheduled to be held on 14.08.2024 (Wednesday) at 11.00 A.M. in the Conference Hall of Bonai Forest Division. The application form along with detailed role and responsibilities shall be available on the website **www.sundargargh.nic.in**.

Sd./- Divisional Forest Officer, Bonai Division

OIPR-08040/11/0006/2425

**ODISHA HYDRO POWER CORPORATION LTD.**
(A Government of Odisha Undertaking)
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB HYDRO ELECTRIC PROJECT
At : P.O. : Bariniput : Dist. Koraput - 764006, Phone : (06854) 242001, Fax : (06854) 242038
e-mail : sgmel.ukhep@gmail.com
CIN : U40101OR1995SGC003963

TENDER CALL NOTICE No. UKHEP : 13/2024-25 Dated. 31.07.2024

No.CAD-735 : Sealed Tenders are invited in sealed envelopes from Authorized dealer / reputed suppliers / service providers for "AMC of 122 nos of Fire Extinguishers of Upper Kolab Hydro Electric Project, Bariniput for the year 2024-25."

| Sl. No. | Name of Work | Cost of tender paper including GST @18%/- in Rs. (Nonrefundable) | EMD amount in Rs. (Refundable) |
|---|---|---|---|
| 1 | "Annual Maintenance Contract (AMC) of 122 nos of Fire Extinguishers of Upper Kolab Power House, Bariniput for the year 2024-25." | Rs. 472/- (Rs. 400/- + Rs. 72 GST @18%/-) | 1% of Quoted value |

Sale of tender paper : From 11:00 Hrs. of Date 08.08.2024 to 11:30 Hrs. of Dtd.28.08.2024
Last date of submission of tender : 12:00 Hrs. of Dtd.28.08.2024
Date & Time of opening of tender : 12:30 Hrs. of Dtd. 28.08.2024
For details of the tender documents, terms and conditions please visit our website www.ohpcltd.coms

Sd./- G & P Head
UKHEP, Bariniput

OIPR-04002/11/0023/2425

No. i-55

OFFICE OF THE
**PANCHAYAT SAMITI, OUPADA, DIST.: BALASORE**
e-Mail: ori-oupada@nic.in
INVITATION FOR BIDS THROUGH e-Procurement
Bid Identification No. 01/2024-25
**Invitation for Bids**

| | | | |
|---|---|---|---|
| 1 | The Block Development Officer, Oupada, Balasore on behalf of Governor of Odisha, invites percentage rate of bids in Single Cover System in ONLINE mode only, for Construction of Building work as details below. | | |
| 2 | Nature of Work | : | Civil Works |
| 3 | No. of Work | : | 03 Nos. |
| 4 | Bid Cost | : | 6000/- |
| 5 | Class of Contractor | : | "C" & "D" |
| 6 | Availability of Bid Documents in the website | : | From 10 A.M. of 01.08.2024 to 17.08.2024 |
| 7 | Date of Opening of Bid | : | Dt.20.08.2024 at 11 A.M. |
| 8 | The bidders have to participate in ONLINE bidding only. Further details can be seen from the Website: **https://tenderodisha.gov.in**. Any addendum/corrigendum/cancellation of tender can also be seen in the said website only. | | |

Sd./- Block Development Officer, Oupada
OIPR-19139/11/0001/2425

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଗଜପତି, ପାରଳାଖେମୁଣ୍ଡି
COLLECTORATE, GAJAPATI, PARALAKHEMUNDI
(ମଙ୍ଗଳ ଉପବିଭାଗ)
E-mail id: dwogpt@rediffmail.com, Ph. No.: 06815-222825
Letter No. 2184/Welfare Date: 31.07.2024

TENDER FOR SELECTION OF SERVICE PROVIDER

No. V-13: Sealed tenders are hereby invited from Registered HR Service Providers for hiring of Human Resources for Post-Matric Minority Hostel at 03 locations of Gajapati District which should be sent through by Regd. Post/Speed Post/Courier Service/by Hand and should be reached the District Welfare, Gajapati on or before Dt.21.08.2024, 4 P.M. The tender document can be obtained during office hours from the Office of the District Welfare Officer, Gajapati can be downloaded from the Website **www.gajapati.odisha.gov.in** commencing on 02.08.2024 at 10.00 A.M. The last date and time for submission of Bid documents is 21.08.2024 at 4.00 P.M. The bidders are to submit the non-refundable tender documents fee of Rs.1000/- in shape of A/c Payee Demand Draft in favour of District Welfare Officer, Gajapati and payable at Gajapati from any Nationalized Bank along with the tender paper.
The tender will be opened on Dt.22.08.2024 at 10.30 A.M. in presence of Committee members & Tenderers/their authorized agents in the Conference Hall-1, Collectorate, Gajapati.
For eligibility criteria, scope of work on, timeline and other relevant details please refer the tender documents. The undersigned reserves right to accept/reject/negotiate any or all the tenders without assigning any reasons thereof.

OIPR-19071/11/0002/2425 Sd./- Collector, Gajapati

Government of Odisha
**OFFICE OF THE SUPERINTENDING ENGINEER, KANTABANJI (R&B) DIVISION**
e-mail Id: eerbkbj@rediffmail.com, Tel/FAX No.: 06657-220216
BID IDENTIFICATION No. 01/KBJ/2024-25

No. B-143: The Superintending Engineer, Kantabanji (R&B) Division on behalf of Governor of Odisha invites Percentage Rate bid for Building works detailed in the table below in Double Cover System ONLINE MODE from the Class of Contractors mentioned in Column-7 registered with the State Government and contractors of equivalent grade/class registered with Central Government/MES/Railways for execution of Civil, EI & PH Works. The proof of registration from the appropriate authority shall be enclosed along with the bid.

1. No. of Work : 01 No. Double Cover (Composite Tender)
2. Nature of Work : Building Work (Civil, EI & PH)
3. Class of Contractor : B
4. Approximate value of work : Rs.99.94 lakh
5. Tender Cost : Rs.10,000/-
6. Date and time of availability of Bid documents in Online : From Dt.12.08.2024, 11.00 A.M. to Dt.22.08.2024 upto 5.00 P.M.
7. Date of Opening of Technical Bid (Cover-I) in Online : Dt.23.08.2024 at 11.30 A.M.
8. Other details can be seen in the bidding documents from the e-procurement portal **"www.tendersodisha.gov.in"**.
9. The bidders have to participate in ONLINE bidding only. Further details can be seen from the website: **"www.tendersodisha.gov.in"**. All future corrigendum will be available on ONLINE MODE only.

Sd./- Arjuna Behera
Additional Chief Engineer,
Kantabanji (R&B) Division

OIPR-34099/11/0002/2425

**ODISHA PUBLIC SERVICE COMMISSION, CUTTACK**
**NOTICE**
No.4236/PSC Dt.03.08.24
1E-12-2024/25 (DR-III)

No. D-105: It is for information of all concerned that, the Commission has decided to conduct the written examination for recruitment to the post of **Assistant Conservator of Forests (Group-A) (JB) and Forest Rangers (Group-B)**, pursuant to Advt. No. 08 of 2023-24 from **18.08.2024 to 28.08.2024 (except 26.08.2024)** in five zones viz. Balasore, Berhampur, Bhubaneswar, Cuttack & Sambalpur as per the programme detailed below:

PROGRAMME FOR WRITTEN EXAMINATION

| Date | Forenoon Session 09.00 A.M. to 12.00 Noon | Afternoon Session 02.00 P.M. to 05.00 P.M. |
|---|---|---|
| 18.08.2024 | General English | Geneal Knowledge |
| 19.08.2024 | Agriculture Paper - I<br>Veterinay Science & Animal Husbandry Paper - I | Physics Paper - I |
| 20.08.2024 | Chemistry Paper - I | Geology Paper - I |
| 21.08.2024 | Botany Paper - I | Agricultural Engineering Paper - I<br>Chemical Engineering Paper - I<br>Civil Engineering Paper-I<br>Mechanical Engineering Paper - I |
| 22.08.2024 | Forestry Paper - I | Mathematics Paper - I<br>Statistic Paper - I |
| 23.08.2024 | Zoology Paper - I | Agriculture Paper - II<br>Veterinary Science & Animal Husbandry Paper - II |
| 24.08.2024 | Physics Paper - II | Chemistry Paper - II |
| 25.08.2024 | Geology Paper - II | Botany Paper - II |
| 27.08.2024 | Agricultural Engineering Paper - II<br>Chemical Engineering Paper-II<br>Civil Engineering Paper-II<br>Mechanical Engineering Paper - II | Forestry Paper - II |
| 28.08.2024 | Mathematics Paper - II<br>Statistic Paper - II | Zoology Paper - II |

N.B.: (1) The PwD candidates will be given one hour extra time in each sitting i.e. 9.00 A.M. to 1.00 P.M. and 2.00 P.M. to 6.00 P.M.
(2) The candidates are required to download their **"Admission Certificate" & "Instruction to Candidates"** from the website of the Commission **at http://opsc.gov.in from 12.08.2024 onwards**.

OIPR-12002/11/0066/2425 Sd./- Secretary (I/C)

No. C-343

OFFICE OF THE
**EXECUTIVE ENGINEER, P.H. DIVISION, ANGUL**
Ph. (06764) 296431, Email: eephangul@yahoo.in
GOVERNMENT OF ODISHA
**Bid Identification No. SE PH Division Angul - 07/2024-25 Dt.02.08.2024**

| | | | |
|---|---|---|---|
| 1. | Name of the work | : | Laying of Raw Water Rising main under Railway Track at Kamakhyanagar |
| 2. | Type of Bid | : | Single Bid System |
| 3. | Estimated Cost | : | Rs.35.69 lakhs |
| 4. | Period of Completion | : | 3 (Three) Months |
| 5. | Date & time of availability of Bid document in the portal | : | From 11.00 A.M. of 09.08.2024 to 5.00 P.M. of 20.08.2024 |
| 6. | Last date/time of receipt of bids in the portal | : | 5.00 P.M. of 20.08.2024 |
| 7. | Date & time of Opening of technical Bids | : | At 11.00 A.M. of 21.08.2024 |
| 8. | Name & address of the Officer Inviting Bid | : | Superintending Engineer, P.H. Division, Angul |
| 9. | The bidders have to participate in ONLINE bidding only. Further details can be seen from the website: **https://tendersodisha.gov.in**. Any addendum/corrigendum/cancellation of tender can also be seen in the said website. | | |

Sd./- (Er. Prasanta Behera)
Superintending Engineer, P.H. Division, Angul
OIPR-13056/11/0005/2425

**OFFICE OF THE MUNICIPAL COUNCIL, SUNDARGARH**
**EXPRESS OF INTEREST (EOI)**
Notice No. 2833 Dt.01.08.2024

No. C-338: Executive Officer, Sundargarh Municipality, Sundargarh invites sealed Expression of Interest (EoI) from interested/intending eligible registered Supplier/Firm/Dealer for "Supply of battery operated vehicles E-rickshaw garbage tipper of Sundargarh Municipality". DTCN alongwith specification, terms & conditions can be downloaded from Sundargarh district portal i.e. **sundargarh.odisha.gov.in**. From Dt.05.08.2024 to Dt.17.08.2024. Quotation/EoI without payment of paper cost Rs.6000.00 (Rupees six thousand) only (not refundable) and EMD Rs.20000.00 (Rupees twenty thousand) only shall not be accepted in any case and will be rejected summarily. The Supplier/Firm/Dealer must be accompanied with photo copy of valid (i) GSTIN, (ii) Complete Organisation details, Authenticated proof of the Organisation, (iii) Cost of tender paper and (iv) EMD and other documents as per DTCN/Checklist. The sealed EoI and other documents will be submitted through Registered Post/Speed Post only of office address Executive Officer, Sundargarh Municipality, Sundargarh, PIN - 770001 on or before Dt.17.08.2024 upto 5.30 P.M. and will be opened on the Dt.20.08.2024 at 11.30 A.M. in presence of the bidder or their authorized representatives. The authority reserves the right to accept or cancel any or all EoI/quotation without assigning any reason thereof.

OIPR-13130/11/0003/2425 Sd./- Executive Officer
Sundargarh Municipality

SAMS
Student Academic Management System
Skilled in ODISHA

**DIRECTORATE OF TECHNICAL EDUCATION & TRAINING, ODISHA**
KILLAMAIDAN, BUXIBAZAR, CUTTACK - 753001
Email: ccrdiploma2024@gmail.com, Website: dtetodisha.gov.in

**DIPLOMA & POST-DIPLOMA SPOT ADMISSION 2024-25**
FOR ADMISSION INTO DIPLOMA IN ENGINEERING/NON-ENGINEERING, LATERAL ENTRY, WORKING PROFESSIONALS-LE & POST DIPLOMA COURSES

No. KK-88: This is for information of aspirant candidates for Spot Admission into vacant seats at various Engineering Schools and Polytechnics (both Government & Private) of the State for the academic session 2024-25. The SAMS portal **(https://skill.samsodisha.gov.in/)** will be opened for accepting online applications as per the following timeline:

| Course | SAMS Portal Open for Online CAF | Spot Admission |
|---|---|---|
| Diploma in Engineering - Lateral Entry | 27.07.2024 to 09.08.2024 | 5th, 7th & 9th August 2024 |
| Diploma in Engineering & Non-Engineering (FRESH) | 05.08.2024 to 21.08.2024 | 12th, 13th, 16th, 17th, 20th & 21st August 2024 |
| Post Diploma Course | 05.08.2024 to 09.08.2024 | 9th August 2024 |
| Diploma in Engineering-LE Working Professionals | 15.08.2024 to 23.08.2024 | 23rd August 2024 |

**The SOP for Spot Admission is available on SAMS portal**

For any specific query, contact Diploma Admission Call Centre, Phone No. 155335/1800-345-6770 (Toll Free) from 9 A.M. to 6 P.M.) or email to **ccrdiploma2024@gmail.com** or contact/visit nearby Govt. Polytechnic/Engineering School for assistance.

**Sd./- Director, Technical Education & Training, Odisha, Cuttack**

OIPR-44008/11/0018/2425

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ବିନ୍ଦୁଶ୍ରୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବାରବାଟୀର ରୂପାନ୍ତରୀକରଣ ନେଇ ସରକାର ସ୍ପଷ୍ଟ କରନ୍ତୁ: ସୁବାସ ସିଂ

କଟକ,୪।୮ (ଶିକ୍ଷା ପ୍ରିୟଦର୍ଶିନୀ)

ବାରବାଟୀ ଷ୍ଟାଡିୟମର ରୂପାନ୍ତରୀକରଣ ହେବ କି ନାହିଁ ରାଜ୍ୟ ସରକାର ସ୍ପଷ୍ଟ କରନ୍ତୁ ବୋଲି ସିଧାସଳଖ ପ୍ରଶ୍ନ କରିଛନ୍ତି କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ। କଟକ ଗଡ଼ଖାଇସ୍ଥିତ ରେସିଡେଣ୍ଟଠାରେ ରବିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମେୟର କହିଛନ୍ତି, ବାରବାଟୀ ଷ୍ଟାଡିୟମ ଓଡ଼ିଶାର ଗର୍ବ ଓ ଗୌରବର ପ୍ରତୀକ। ଏହାର ରୂପାନ୍ତରୀକରଣ ପାଇଁ ଗତ ଫେବୃଆରୀ ୨୭ରେ ପୂର୍ବତନ ସରକାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏଥିପାଇଁ ଡିପିଆର୍ ପ୍ରସ୍ତୁତ କରାଯାଇ ୭୦୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ଏନେଇ ତତ୍କାଳୀନ ସରକାର ଓସିଏ ଏବଂ ବିସିସିଆଇ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। କେବଳ ସେତିକି ନୁହେଁ, ବର୍ଷ ବର୍ଷ ଧରି ଜମି ଲିଜ୍ ପାଇଁ ଚୁକ୍ତି ହୋଇପାରୁ ନ ଥିବାବେଳେ ବିଜେଡି ସରକାର ଅଲିମ୍ପିକ ଆସୋସିଏଶନକୁ ଜମି ଦେଇଛନ୍ତି। ବର୍ତ୍ତମାନ ଭାଜପା ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ଏପରି କି ବିଧାନସଭାରେ ଗୋଟିଏ ଶବ୍ଦରେ ଏହି ଯୋଜନାକୁ ନା କହିବା ଆଦୌ ଶୋଭା ପାଉନାହିଁ। ଆଉ ଏକ ଷ୍ଟାଡିୟମ କରିବା ଅନ୍ୟ ପ୍ରସଙ୍ଗ, କିନ୍ତୁ ବାରବାଟୀକୁ ନେଇ ସରକାର କ'ଣ ଯୋଜନା ରଖିଛନ୍ତି ତାହା ଜଣାନ୍ତୁ। ଯଦି ଯୋଜନା ନାହିଁ, ତେବେ ପୂର୍ବ ସରକାର କରିଥିବା ଯୋଜନାକୁ କେବେ କାର୍ଯ୍ୟକାରୀ କରିବେ। ବାରବାଟୀକୁ ନେଇ ରାଜନୀତୀକରଣ ହେବା ଉଚିତ୍ ନୁହେଁ, ବରଂ ଏହାର ରୂପାନ୍ତରୀକରଣ କାର୍ଯ୍ୟ ସମ୍ପନ୍ନ ପାଇଁ ମିଳିତ ଚାପ ଓ ଉଦ୍ୟମ ହେବା ଆବଶ୍ୟକ। କଟକର ଗର୍ବ ଓ ଗୌରବ ରକ୍ଷା ପାଇଁ କଟକବାସୀ ମେୟର ଭାବେ ତାଙ୍କୁ ନିର୍ବାଚିତ କରିଛନ୍ତି। କ୍ରୀଡ଼ାକ୍ଷେତ୍ରରେ ବାରବାଟୀ ଯେପରି ଅନ୍ତର୍ଜାତୀୟ ମାନ୍ୟତା ପାଉ ସେନେଇ ସରକାର ଆଗକୁ ଆସିବାର ଆବଶ୍ୟକତା ରହିଛି ବୋଲି ମେୟର କହିଛନ୍ତି।

ଅପରପକ୍ଷରେ ମେୟରଙ୍କ ଏଭଳି ଆକ୍ଷେପକୁ ନେଇ କଡ଼ା ଜବାବ ଦେଇଛନ୍ତି ଭାଜପା ନେତା ତଥା ପୂର୍ବତନ ମନ୍ତ୍ରୀ ସମୀର ଦେ। କଟକ ସିଡିଏ ସେକ୍ଟର-୬ଠାରେ ସମୀର ଗଣମାଧ୍ୟମକୁ କହିଛନ୍ତି, ମେୟରଙ୍କ ଦାୟିତ୍ୱ କେବଳ ସିଏମ୍‌ସି କଥା ଚିନ୍ତା କରିବା। ବର୍ଷା ହେଲେ କଟକ ପାଣିରେ ବୁଡୁଛି। ରାସ୍ତାଘାଟ ଶୋଚନୀୟ ହୋଇପଡ଼ିଛି। ମଶା ସହରବାସୀଙ୍କୁ ଅତିଷ୍ଠ କରୁଛି। ସହରବାସୀ ଏଭଳି ସମସ୍ୟାର ସମ୍ମୁଖୀନ ହୋଇ ମେୟରଙ୍କ ଉପରେ କ୍ଷୋଭପ୍ରକାଶ କରୁଛନ୍ତି। ତେଣୁ ମେୟର କଟକବାସୀଙ୍କୁ ଭୁଆଁ ନ ବୁଲାନ୍ତୁ। ସହର ସମସ୍ୟା କଥା ନ ବୁଝି ବାରବାଟୀ ଷ୍ଟାଡିୟମକୁ ନେଇ ରାଜନୀତି କାହିଁକି କରୁଛନ୍ତି। ସେ କ୍ରୀଡାବିତ୍ ନୁହନ୍ତି। ଖେଳ ସହ ତାଙ୍କର ସମ୍ପର୍କ ନାହିଁ ଏବଂ ସେ କୌଣସି ଆସୋସିଏଶନରେ ମଧ୍ୟ ନାହାନ୍ତି। ଏପରି କି ତାଙ୍କୁ ଷ୍ଟାଡିୟମରେ ଆମେ କେବେ ଦେଖିନୁ। ତେଣୁ ସେ ଏ କଥାରେ ମୁଣ୍ଡ ନ ପୂରାଇ ମେୟର ଭାବେ ସହରର ସମସ୍ୟା କିପରି ସମାଧାନ କରିବେ ସେ ନେଇ ଧ୍ୟାନ ଦିଅନ୍ତୁ। ବର୍ତ୍ତମାନର ଭାଜପା ସରକାର ବାରବାଟୀ ଷ୍ଟାଡିୟମ ବାବଦରେ ଅବଗତ ଅଛନ୍ତି। ଷ୍ଟାଡିୟମର ପୁନରୁଦ୍ଧାର ନିଶ୍ଚିତ ହେବ ବୋଲି ସମୀର କହିଛନ୍ତି।

## କଟକବାସୀଙ୍କୁ ଭୁଆଁ ନ ବୁଲାନ୍ତୁ ମେୟର- ସମୀର ଦେ



ସୁବାସ ସିଂ



ସମୀର ଦେ

# ୩୩ ବିଧାନସଭା, ୫ ଲୋକ ସଭା ଆସନ ଜିତିବାକୁ କାର୍ଯ୍ୟକର୍ତ୍ତାଙ୍କୁ ଆହ୍ୱାନ ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୪।୮ (ସୁନିତ୍ ମିଶ୍ର)

- ପୂର୍ବ ସରକାର ଭଳି ଅଫିସରରାଜ୍ ଚଳିବ ନାହିଁ: ଜୁଏଲ
- ଭାଜପା ସବୁବେଳେ ଆଦିବାସୀଙ୍କୁ ସମ୍ମାନିତ କରିଛି: ନିତ୍ୟାନନ୍ଦ

ଅତୀତରେ ପଛୁଆ ଶ୍ରେଣୀ ଉପେକ୍ଷିତ, ଅବହେଳିତ ଓ ନିଷ୍ପେଷିତ ଅବସ୍ଥାରେ ଥିଲେ । କିନ୍ତୁ ବର୍ତ୍ତମାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲୋକଙ୍କ ଦକ୍ଷତାକୁ ଚିହ୍ନି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ଅବସ୍ଥାପିତ କରିବା ପାଇଁ ସୁଯୋଗ ସୃଷ୍ଟି କରିଛନ୍ତି। ମୋଦିଙ୍କ ଦକ୍ଷ ନେତୃତ୍ୱରେ ଭାରତ ଏବେ ସମଗ୍ର ବିଶ୍ୱର ଏକ ଅଗ୍ରଣୀ ଦେଶ ଭାବେ ନୂଆ ପରିଚୟ ସୃଷ୍ଟି କରିଛି। 'ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ ସବ୍‌କା ପ୍ରୟାସ' ମନ୍ତ୍ର ମୋଦି ଦେଇଛନ୍ତି। ରାଜ୍ୟର ଜନଜାତି ଓ ପଛୁଆ ବର୍ଗଙ୍କୁ ଶିକ୍ଷିତ ଏବଂ ସଚେତନ କରି ସେମାନଙ୍କୁ ମୁଖ୍ୟ ସ୍ରୋତରେ ଆଗକୁ ବଢ଼ିବାରେ ସାହାଯ୍ୟ ଓ ସହଯୋଗ କରିବାର ଆବଶ୍ୟକତା ରହିଛି। ଏହାଦ୍ୱାରା ରାଜ୍ୟ ତଥା ଦେଶର ସନ୍ତୁଳିତ ବିକାଶ ସମ୍ଭବ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଜୟଦେବ ଭବନଠାରେ ରବିବାର ଭାଜପା ଅନୁସୂଚିତ ଜନଜାତି ମୋର୍ଚ୍ଚା ତରଫରୁ ନବନିର୍ବାଚିତ ବିଧାୟକ ଓ ଏମ୍‌ପିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ୨୦୨୪ ନିର୍ବାଚନରେ ପ୍ରଥମ ଥର ପାଇଁ ଭାଜପା ରାଜ୍ୟରେ ଏକାକୀ ସରକାର ଗଠନ କରିଛି। ଜନଜାତି ସମ୍ପ୍ରଦାୟ ଭାଜପା ପ୍ରତି ଆସ୍ଥା ପ୍ରକଟ କରିବା କାରଣରୁ ଏଥର ସମୁଦାୟ ୩୩ରୁ ୧୮ ବିଧାନସଭା ଏବଂ ୫ରୁ ୪ ଏମ୍‌ପି ପ୍ରାର୍ଥୀ ବିଜୟ ଲାଭ କରିଛନ୍ତି । ଆଗାମୀ ଦିନରେ ଜନଜାତିଙ୍କ ବିଶ୍ୱାସଭାଜନ ହୋଇ ସମସ୍ତ ୩୩ ବିଧାନସଭା ଏବଂ ୫ ଲୋକ ସଭା ଆସନରେ ବିଜୟ ଲାଭ କରିବା ପାଇଁ ମୁଖ୍ୟମନ୍ତ୍ରୀ କାର୍ଯ୍ୟକର୍ତ୍ତାମାନଙ୍କୁ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ କହିଛନ୍ତି ଯେ, ରାଜ୍ୟରେ ସରକାର ଗଠନ କରିବାକୁ ହେଲେ ଜନଜାତିଙ୍କ ସମର୍ଥନ ନିହାତି ଆବଶ୍ୟକ। ତେଣୁ ଭାଜପାର ସଙ୍ଗଠନକୁ ଆହୁରି ସୁଦୃଢ଼ କରିବାର ଆବଶ୍ୟକତା ରହିଛି । ଦଳ ଗଠନରେ ଅନେକ କାର୍ଯ୍ୟକର୍ତ୍ତାଙ୍କ ଭୂମିକା ରହିଛି ଏବଂ ସଫଳତାରେ ଜନଜାତି ମୋର୍ଚ୍ଚାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଛି। ପୂର୍ବ ସରକାର ଭଳି ଓଡ଼ିଶାରେ ଅଫିସରରାଜ୍ ଚଳିବ ନାହିଁ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶାରେ ଲୋକଙ୍କ ସରକାର ଗଠନ ହୋଇଛି । ଓଡ଼ିଶାର ସର୍ବାଙ୍ଗୀନ ବିକାଶ ପାଇଁ ଆମେ ସମସ୍ତେ ଦଳମତ ନିର୍ବିଶେଷରେ ଏକାଠି ହୋଇ କାର୍ଯ୍ୟ କରିବା ଆବଶ୍ୟକ। ଏଥିପାଇଁ କେନ୍ଦ୍ର ସରକାରଙ୍କ ସମସ୍ତ ସହଯୋଗ ଓ ସହାୟତା ରହିବ ବୋଲି ଜୁଏଲ କହିଛନ୍ତି। ଭାଜପା ଏସ୍‌ଟି ମୋର୍ଚ୍ଚା ରାଜ୍ୟ ସଭାପତି ତଥା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି, ଭାଜପା ସର୍ବଦା ଆଦିବାସୀମାନଙ୍କୁ ସମ୍ମାନିତ କରିଛି। ଓଡ଼ିଶାର ଜଣେ ଆଦିବାସୀ ମହିଳା ଦେଶର ରାଷ୍ଟ୍ରପତି। ଓଡ଼ିଶାରେ ଭାଜପାର ପ୍ରଥମ ସରକାରରେ ଆଦିବାସୀ ନେତା ମୋହନ ଚରଣ ମାଝୀଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଦେଇଛି। ଏହି ସରକାରରେ ୩ ଜଣ ଆଦିବାସୀ ମନ୍ତ୍ରୀ ଦାୟିତ୍ୱରେ ଅଛନ୍ତି। ଭାଜପା ସବୁବେଳେ ଆଦିବାସୀଙ୍କ କଲ୍ୟାଣ ପାଇଁ ଚିନ୍ତା ଓ କାର୍ଯ୍ୟ କରୁଥିବା ନିତ୍ୟାନନ୍ଦ କହିଛନ୍ତି । ଏହି ଅବସରରେ ମନ୍ତ୍ରୀ ରବି ନାରାୟଣ ନାଏକ, ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।


HAPPY BIRTHDAY



Bindushree Sahoo

"May your birthday be as special as you are to me in every way !".. God bless you...

Jay Jagannath

ଧ-୮୭୯


# ହରିୟାଣାରୁ କଂଗ୍ରେସର ଭ୍ରଷ୍ଟାଚାର ମୁକ୍ତ ହୋଇଛି: ଧର୍ମେନ୍ଦ୍ର



କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ବୋଧନ ଦେଉଛନ୍ତି। ଏଥିରେ ହରିୟାଣା ମୁଖ୍ୟମନ୍ତ୍ରୀ ସୈନି, ପ୍ରଦେଶ ଅଧ୍ୟକ୍ଷ ମୋହନଲାଲ ବାଦୋଲି ଓ ଅନ୍ୟ ବରିଷ୍ଠ ନେତାଗଣ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର, ୪।୮ (ସୁନିତ୍ ମିଶ୍ର)

ଭାଜପା ଶାସନରେ ହରିୟାଣା କଂଗ୍ରେସର ଭ୍ରଷ୍ଟାଚାର, ଗୁଣ୍ଡାରାଜ ଓ ଅରାଜକତାରୁ ମୁକ୍ତ ହୋଇଛି। ହରିୟାଣାର ମୁଖ୍ୟମନ୍ତ୍ରୀ ନାୟବ ସିଂହ ସୈନିଙ୍କ ନେତୃତ୍ୱରେ ରାଜ୍ୟର ବିକାଶରେ ନୂଆ ଧାରା ସୃଷ୍ଟି ହୋଇଛି ବୋଲି ରବିବାର କରୁକ୍ଷେତ୍ରରେ ଆୟୋଜିତ 'ଆମର ହରିୟାଣା- ନନ୍‌ଷ୍ଟପ୍ ହରିୟାଣା' କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ଧର୍ମେନ୍ଦ୍ର କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ହରିୟାଣାର ଡବଲ ଇଞ୍ଜିନ ସରକାର ରାଜ୍ୟରେ ସୁଶାସନ ସ୍ଥାପନ କରି ବିକାଶର ନୂଆ କୀର୍ତ୍ତିମାନ ପ୍ରତିଷ୍ଠା କରିଛନ୍ତି। ଆଜିର ଦିନରେ ହରିୟାଣା କଂଗ୍ରେସର ଭ୍ରଷ୍ଟାଚାର, ଲୁଟ୍, ଦୁର୍ନୀତି, ଅରାଜକତା ଏବଂ ଗୁଣ୍ଡାରାଜରୁ ମୁକ୍ତ ହୋଇ ନନ୍ ଷ୍ଟପ୍ ଭାବେ ବିକାଶ କରୁଛି। ନାୟବଙ୍କ ସରକାରରେ ଗରିବ, କୃଷକ, ମହିଳା, ଯୁବବର୍ଗ, ପଛୁଆ ବର୍ଗଙ୍କ କଲ୍ୟାଣ ଓ ବିକାଶରେ ହରିୟାଣା ଏକ ନୂଆ ଯୁଗ ଦେଖିଛି। ଆସନ୍ତା ବିଧାନସଭା ନିର୍ବାଚନରେ ଭାଜପାର ହାଟ୍ରିକ୍ ବିଜୟ ହେବ। କୁରୁକ୍ଷେତ୍ରର ଜନସଭାରେ ଲୋକଙ୍କ ଉତ୍ସାହ ଦର୍ଶାଉଛି ଯେ, ହରିୟାଣାର ଜନସାଧାରଣ କଂଗ୍ରେସର କୁଶାସନକୁ ପ୍ରତ୍ୟାଖ୍ୟାନ କରି ୩ୟ ଥର ବିପୁଳ ବହୁମତ ସହ ଭାଜପାର ବିକାଶମୁଖୀ ଡବଲ ଇଞ୍ଜିନ ସରକାର କରିବା ପାଇଁ ଯାଉଛନ୍ତି। ଏହି ଗସ୍ତକାଳରେ ଧର୍ମେନ୍ଦ୍ର ଗୁରୁକୁଳ କୁରୁକ୍ଷେତ୍ର ଶିକ୍ଷାନୁଷ୍ଠାନ ପରିଦର୍ଶନ କରିଛନ୍ତି। ଗୁରୁକୁଳର ପୂରା ଟିମ୍‌କୁ ଶୁଭକାମନା ଜଣାଇବା ସହ ସେ କହିଛନ୍ତି, ଆଧୁନିକ ଶିକ୍ଷା ସହ ଭାରତୀୟତା ଏବଂ ବୈଦିକ ସଂସ୍କାରର ସଙ୍ଗମ ହେଉଛି କୁରୁକ୍ଷେତ୍ରର ଗୁରୁକୁଳ। ଏହା ରାଷ୍ଟ୍ରୀୟ ଶିକ୍ଷା ନୀତିର ପରିକଳ୍ପନା। ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା, ଯୁବବର୍ଗଙ୍କ ମଧ୍ୟରେ ଯୁକ୍ତିସଙ୍ଗତ ବିଚାରଧାରା, ବୈଜ୍ଞାନିକ ସ୍ୱଭାବ ଏବଂ ଉତ୍ତମ ସଂସ୍କାର ପ୍ରଦାନ କରିବା ଦିଗରେ ଗୁରୁକୁଳ ଉଲ୍ଲେଖନୀୟ ଉଦ୍ୟମ ଜାରି ରଖିଛି ବୋଲି ସେ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ହରିୟାଣା ମୁଖ୍ୟମନ୍ତ୍ରୀ ସୈନି, ପ୍ରଦେଶ ଅଧ୍ୟକ୍ଷ ମୋହନଲାଲ ବାଦୋଲି ଓ ଅନ୍ୟ ବରିଷ୍ଠ ନେତାଗଣ ଉପସ୍ଥିତ ଥିଲେ।

# ପଟ ପରିବର୍ତ୍ତନ ଆଡ଼କୁ ମୟୂରଭଞ୍ଜ ରାଜନୀତି

ବାରିପଦା,୪।୮ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

## ଭାଜପା ଶିବିରରେ ବଢ଼ୁଛି ଭିଡ଼

ସାଧାରଣ ନିର୍ବାଚନ ପରେ ରାଜ୍ୟରେ ସରକାର ପରିବର୍ତ୍ତନ ହୋଇଛି। ମୟୂରଭଞ୍ଜ ଜିଲାକୁ ମଧ୍ୟ ଭାଜପା ସମ୍ପୂର୍ଣ୍ଣ ଦଖଲ କରିଛି। ଜିଲାରେ ରାଜନୈତିକ ପାଣିପାଗ ବଦଳିବାରେ ଲାଗିଥିବା ବେଳେ ଏବେ ପଟ୍ଟ ପରିବର୍ତ୍ତନର ପବନ ବହିବାରେ ଲାଗିଛି। ପରାଜିତ ଦଳର ନେତା, କର୍ମୀ ଓ ଠିକାଦାର ଗୋଷ୍ଠୀ ଭାଜପା ପ୍ରତି ଆକର୍ଷିତ ହେବାରେ ଲାଗିଛନ୍ତି। ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଏବଂ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ମୟୂରଭଞ୍ଜ ଗସ୍ତ ବେଳେ ବାରିପଦାସ୍ଥିତ ସର୍କିଟ ହାଉସ୍‌ରେ ଅନ୍ୟଦଳର ନେତା ଓ କର୍ମୀ ଗହଳି ଲଗାଇବା ଘଟଣାରୁ ଏହା ଅନୁମାନ କରାଯାଉଛି। ବିଜେଡି ଅସନ୍ତୁଷ୍ଟ ଗୋଷ୍ଠୀର କେତେଜଣ ନେତା ଓ କର୍ମୀ ଭାଜପା ଦଳରେ ନିଜକୁ ସମର୍ପି ଦେବାକୁ ଯୋଜନା ଆରମ୍ଭ କରିଛନ୍ତି। ଠିକାଦାର ଗୋଷ୍ଠୀ ନିଜ ସ୍ୱାର୍ଥ ପାଇଁ ମନ୍ତ୍ରୀଙ୍କ ନିକଟତର ହେବାରେ ଲାଗିଛନ୍ତି, ଯାହାକୁ ନେଇ ଗୁଞ୍ଜରଣ ସୃଷ୍ଟି ହେବାରେ ଲାଗିଛି।

ଲୋକଙ୍କ ମୌଳିକ ସମସ୍ୟାର ସମାଧାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୧୫ ଜଣ ମନ୍ତ୍ରୀଙ୍କୁ ୩୦ ଜିଲା ଗସ୍ତ କରି ଜନହିତକର ଯୋଜନାର ସମୀକ୍ଷା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି କ୍ରମରେ ମୟୂରଭଞ୍ଜ ଜିଲାକୁ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଖାଦ୍ୟ ଓ ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏବଂ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା.କୃଷ୍ଣଚନ୍ଦ୍ର ମହାପାତ୍ର ଆସିଥିବା ବେଳେ ବାଲେଶ୍ୱର ଏମ୍‌ପି ପ୍ରତାପ ଷଡ଼ଙ୍ଗୀ, ମୟୂରଭଞ୍ଜ ଏମ୍‌ପି ନବ ଚରଣ ମାଝୀ ଓ ସମସ୍ତ ବିଧାୟକଙ୍କ ଉପସ୍ଥିତି ଦେଖିବାକୁ ମିଳିଥିଲା । ତେବେ ମନ୍ତ୍ରୀଙ୍କ ବିଶ୍ରାମ ପାଇଁ ସର୍କିଟ ହାଉସରେ ବ୍ୟବସ୍ଥା କରାଯାଇଥିବା ବେଳେ ପ୍ରବଳ ଗହଳି ପରିଲକ୍ଷିତ ହୋଇଥିଲା। ଭିଡ଼କୁ ଦେଖିବା ପରେ ଜିଲାରେ ଭାଜପାର ଶକ୍ତି ବଢ଼ିଥିବା ଅନୁମାନ କରାଯାଇଥିଲା। ମାତ୍ର ଏହି ଭିଡ଼ ମଧ୍ୟରେ ଜଣେ ପୂର୍ବତନ ମନ୍ତ୍ରୀଙ୍କ ଖାସ୍ କର୍ମୀ ଓ ଠିକାଦାରଙ୍କ ସଂଖ୍ୟା ଅଧିକ ଥିଲା। ଯାହାକି ରାଜନୀତିରେ ପଟ୍ଟ ପରିବର୍ତ୍ତନର ପବନ ବୋହିବାରେ ଲାଗିଥିବା ଆଲୋଚନା ହେଉଛି। ପୂର୍ବତନ ରାଜ୍ୟସଭା ସଦସ୍ୟା ମମତା ମହାନ୍ତ ବିଜେଡି ଛାଡ଼ିବା ପରେ ଏବେ ଜିଲା ବିଜେଡି ନେତାମାନେ ଏପଟ ସେପଟ ହେଉଥିବା ଦେଖିବାକୁ ମିଳୁଛି। ସାଙ୍ଗଠନିକ କାର୍ଯ୍ୟକ୍ରମରେ ଅନୁପସ୍ଥିତ ରହୁଥିବା ଦେଖିବାକୁ ମିଳୁଛି। ମମତା ଦଳରୁ ଇସ୍ତଫା ଦେବା ପରେ ପରାଜିତ ବିଧାୟକ ପ୍ରାର୍ଥୀଙ୍କ ସମେତ ବିଜେଡି ନେତୃବୃନ୍ଦ ନବୀନ ନିବାସରେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟି ଥିଲେ। ମାତ୍ର ସେହି ନେତୃବୃନ୍ଦଙ୍କ ଭିତରେ ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡି କନ୍ଧା ତାଙ୍କ ସ୍ତ୍ରୀ ରଞ୍ଜିତା ମାର୍ଣ୍ଡିଙ୍କ ଅନୁପସ୍ଥିତକୁ ନେଇ ଜିଲା ରାଜନୀତି ସରଗରମ ହୋଇଛି।


# Classified Everyday 0674-2580101, 2549949



REAL ESTATE
SALE

କଟକ-ଭୁବନେଶ୍ୱର ମଧ୍ୟରେ ନବନିର୍ମିତ Sum Hospital, Grand Bazar (NH-16) ରୁ ଅଳ୍ପ ଦୂରତାରେ ୩୦ ଫୁଟ ରାସ୍ତା ଥାଇ ଘରବାରି plot କିଣନ୍ତୁ। 9658562429. D-75983

Commercial Shop for sale Barabhuja Market Complex Khandagiri 1st floor 345 sqft. Contact- 7008852744, 7978610622. D-71586

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ଖୋର୍ଦ୍ଧାରେ ପିଚୁରୋଡ୍‌କୁ ଲାଗି ମାତ୍ର ୪୦୦ ଟଙ୍କାରେ ପ୍ଲଟ୍ ମିଳୁଛି। Near Bajpur Market, Near GIET Engineering College. Contact- 9090811926. D-894

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9777154964, 9861463011.** D-930

ଭୁବନେଶ୍ୱର ନଖରା Sum-2, Grandbazar ନିକଟରେ ଘରବାରି ପାଚେରି ପ୍ଲଟ୍ ବିକ୍ରିହେବ। Contact- 9178660666. D-900

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Kerala body Massage best Therapist Bhubaneswar. 9337672475. D-920

Newly open health benefits SPA special Offer @ 799 Bapujinagar. 8018429809. D-76140

Newly open health benefits spa by expert therapist. Contact: 6371861658. D-76139

**Relax, Refresh your body, mind at Saikrupa Spa with best therapies. 8984068077.** D-883

AFFIDAVIT



By virtue of an affidavit (No.-5707/31.07.24) in the Court of Executive Magistrate, Bhadrak, I, declare that in LIC Certificate (Policy No.- 587166268) my name is mentioned as Birendra Sethi where as in Passbook & Aadhaar my name is recorded as Birabhadra Sethi. Both the above name belongs to one and same person. D- 927

I Pravasini Dash, D/o- Jyosnarani Dash, resident of Adhapati, Dhanua, Jagatsinghapur, Odisha-754137, declares that my Mother's name accepted as per Aadhaar & Pan Jyosnarani Dash for all future purposes. D-928

I Pravasini Dash, D/o- Pradipta Kumar Dash, resident of Adhapati, Dhanua, Jagatsinghapur, Odisha- 754137, declares that my Father's name accepted as per Aadhaar & Pan Pradipta Kumar Dash for all future purposes. D-929

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ମନେ ପଡ଼ନ୍ତି

୧୮ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ବସନ୍ତ କୁମାରୀ ଦେଇ
ତିରୋଧାନ- ଶ୍ରାବଣ ଶୁକ୍ଳପକ୍ଷ ପ୍ରତିପଦ
ସ୍ୱାମୀ- ✓ଗୋକୁଳାନନ୍ଦ ମହାନ୍ତି
ଗ୍ରାମ- ପରିୟା ପାଟପୁର
ଡି-୭, ଗ୍ରୀନ୍ ପାର୍କ, ଭୁବନେଶ୍ୱର
ଆଜିର ଏହି ପୁଣ୍ୟ ତିଥିରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ
ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ଅଣନାତି ଓ ନାତୁଣୀ ମାନେ ।
ଭୁବନେଶ୍ୱର-୯୪୩୭୦୧୦୦୦୮
ଧ-୭୬୦୧୯


# ଠିକାଦାର, ବ୍ୟବସାୟୀ ଭାଜପା ମୁହାଁ ନେଇ ଚର୍ଚ୍ଚା

## ମନମୋହନଙ୍କୁ ଭେଟିଲେ ଅନ୍ୟ ଦଳ ନେତା

ରାୟଗଡ଼ା,୪।୮ (ଆଶିଷ ରଞ୍ଜନ ପଣ୍ଡା)

ଚଳିତ ନିର୍ବାଚନରେ ସମସ୍ତ ଦଳକୁ ପଛରେ ପକାଇ ରାଜ୍ୟରେ ଭାଜପା ସରକାର ଗଠନ କରିଛି। ବିଜେଡି ଶାସନ ଚାଲିଯାଇଥିବାରୁ ବର୍ତ୍ତମାନ ରାୟଗଡ଼ାରେ ଭାଜପା ଆଡ଼କୁ ଠିକାଦାର ଓ ବ୍ୟବସାୟୀ ଗୋଷ୍ଠୀ ମୁହାଁଇଥିବା ଆଲୋଚନା ହେଉଛି । ନିଜର ସ୍ୱାର୍ଥ ହାସଲ ପାଇଁ ସେମାନେ ଭାଜପା ମୁହାଁ ହୋଇଥିବା ନେଇ ଚର୍ଚ୍ଚା ଚାଲିଛି । ଜିଲାର ୩ ବିଧାନସଭା ଆସନ ସମେତ କୋରାପୁଟ ଲୋକ ସଭା ଆସନ କଂଗ୍ରେସ ଦଖଲ କରିଥିବାରୁ କିଛି କଂଗ୍ରେସ ଆଡ଼କୁ ଢଳୁଥିବା ଜଣାପଡ଼ିଛି।

୨୦୦୦ ପୂର୍ବରୁ କଂଗ୍ରେସ କ୍ଷମତାରେ ରହିଥିବା ବେଳେ ଏହି ଠିକାଦାର ଓ ବ୍ୟବସାୟୀମାନେ କଂଗ୍ରେସରେ ଏବଂ ପରେ ବିଜେଡିରେ ସାମିଲ ହୋଇଥିଲେ। ଶନିବାର ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ରାୟଗଡ଼ା ଗସ୍ତରେ ଆସିଥିବାବେଳେ କିଏ ପ୍ରଦକ୍ଷିଣ ଗୃହରେ ତ ଆଉ କିଏ କେଉଁଠି ତାଙ୍କୁ ଭେଟି ଆଲୋଚନା କରିଥିବା କୁହାଯାଉଛି, ଯାହା ଭାଜପା ଜିଲାସ୍ତରୀୟ ନେତାଙ୍କୁ ଚକିତ କରିଛି। ତେବେ ଏ ନେଇ ଭାଜପା ଜିଲା ସଭାପତି ଶିବ ପଟ୍ଟନାୟକଙ୍କୁ ପଚାରିବାରୁ ତାଙ୍କ ଉପସ୍ଥିତିରେ ପାର୍ଟି ଅଫିସରେ କେହି ରାଜ୍ୟ ସଭାପତିଙ୍କୁ ଦେଖା କରିନାହାନ୍ତି। ଯଦି ଅନ୍ୟ କେଉଁଠାରେ ଦେଖା କରିଥିବେ ତେବେ ଜାଣିନାହାନ୍ତି ବୋଲି ସେ କହିଛନ୍ତି । ତେବେ ରାଜ୍ୟ ସଭାପତି ଦଳରେ ମିଶ୍ରଣ ପର୍ବ ପାଇଁ ସବୁଜ ସଙ୍କେତ ଦେଇଥିବା ନେଇ ପଚାରିବାରୁ ସେ କହିଛନ୍ତି, ଭାଜପା ଏକ ଶୃଙ୍ଖଳିତ ଦଳ । ଯିଏ ଆସିବେ ତାଙ୍କୁ ସ୍ୱାଗତ କରାଯିବ।

# ଆଜି ଆମ ଦିନ ଥିଲା: ଶ୍ରୀଜେଶ




ଶୁଟ୍‌ଆଉଟରେ ଚମତ୍କାର ପ୍ରଦର୍ଶନ କରି ଭାରତକୁ ମ୍ୟାଚ ଜିତାଇବାପରେ ଉଲ୍ଲସିତ ଗୋଲକିପର ପି.ଆର. ଶ୍ରୀଜେଶ।

**ପ୍ୟାରିସ, ୪।୮ (ପି.ଟି.)**

ଭାରତ ଓ ଗ୍ରେଟ୍ ବ୍ରିଟେନ ମଧ୍ୟରେ ରବିବାର ପ୍ୟାରିସ ଅଲିମ୍ପିକ୍ସର ପୁରୁଷ ହକି କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ଅବସର ସୂଚନା ଦେଇସାରି ଥିବାରୁ ଗୋଲକିପର ପି.ଆର୍. ଶ୍ରୀଜେଶଙ୍କର ଏହା ଶେଷ ମ୍ୟାଚ ହେବ ନା ସେ ଆଗକୁ ଆହୁରି ୨ଟି ମ୍ୟାଚ ଖେଳିବେ ତା' ଉପରେ ସମସ୍ତଙ୍କ ନଜର ରହିଥିଲା। ପ୍ରଶଂସକଙ୍କୁ ନିରାଶ କରି ନ ଥିଲେ ଶ୍ରୀଜେଶ। ନିର୍ଦ୍ଧାରିତ ସମୟ ଖେଳ ୧-୧ରେ ରହିବା ପରେ ଶୁଟ୍‌ଆଉଟରେ ଚମତ୍କାରିତା ଦେଖାଇ ଭାରତକୁ ୪-୨ରେ ବିଜୟ ଦେଲେ। କ୍ୟାରିୟରର ଶେଷ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ଖେଳୁଥିବା ଶ୍ରୀଜେଶ ମ୍ୟାଚ ପରେ କହିଛନ୍ତି ଯେ, ''ଜଣେ ଗୋଲକିପର ପାଇଁ ଏହା ଦୈନନ୍ଦିନ କାମ। ସବୁ ଦିନ ଭିନ୍ନ ଭିନ୍ନ ଥାଏ। ଆଜି ଆମ ଦିନ ଥିଲା। ଏପରି କି ଶୁଟ୍‌ଆଉଟ ପର୍ଯ୍ୟାୟରେ ମଧ୍ୟ ଆମ ଖେଳାଳିମାନେ ନିରାଶ କରି ନ ଥିଲେ'' ବୋଲି ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି ମ୍ୟାଚର ରିୟଲ ହିରୋ ଶ୍ରୀଜେଶ। ଆମ ଖେଳାଳିମାନେ ସ୍କୋର କରୁଥିବାରୁ ମୋର ଆତ୍ମବିଶ୍ୱାସ ବଢ଼ି ଯାଇଥିଲା। ମୋ ପାଇଁ ଏହା 'କର ଅବା ମର' ସ୍ଥିତି ଥିଲା। ଏପରି ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ମୁଁ ପ୍ରସ୍ତୁତ ଥିଲି। ଆଜି ପଡ଼ିଆରେ ପ୍ରବେଶ ବେଳେ ମୋର ୨ଟି ବିକଳ୍ପ ଥିଲା। ଏହା ମୋର ଶେଷ ମ୍ୟାଚ ହୋଇପାରେ କିମ୍ବା ଆଗକୁ ୨ଟି ମ୍ୟାଚ ଖେଳିବାର ସୁଯୋଗ ସୃଷ୍ଟି ହୋଇପାରେ। ଏବେ ମୁଁ ଆଉ ୨ଟି ମ୍ୟାଚ ଖେଳିପାରିବି ବୋଲି ଶ୍ରୀଜେଶ କହିଛନ୍ତି।

## ଶୁଟ୍‌ଆଉଟ ରୋମାଞ୍ଚ

ପ୍ୟାରିସ ଅଲିମ୍ପିକ୍ସର ଭାରତ-ଗ୍ରେଟ ବ୍ରିଟେନ କ୍ୱାର୍ଟର ଫାଇନାଲ ମ୍ୟାଚ ନିର୍ଦ୍ଧାରିତ ସମୟରେ ୧-୧ ଗୋଲରେ ବରାବର ରହିବାରୁ ଫଳାଫଳ ପାଇଁ ଶୁଟ୍ ଆଉଟ୍ ପଦ୍ଧତିର ସହାୟତା ନିଆ ଯାଇଥିଲା। ଏଥିରେ ଭାରତ ପକ୍ଷରୁ ପି.ଆର. ଶ୍ରୀଜେଶ ଓ ବ୍ରିଟେନର ଓଲି ପେନି ଗୋଲକିପିଂ କରିଥିଲେ। ବ୍ରିଟେନର ଜେମ୍ସ ଆଲବେରି ଗୋଲ ଦେଇ ଦଳକୁ ଅଗ୍ରଣୀ କରିଥିଲେ। ଭାରତ ଅଧିନାୟକ ହରମନପ୍ରୀତ ସିଂ ଗୋଲ ପରିଶୋଧ କରିବାରୁ ସ୍ଥିତି ୧-୧ ହୋଇଯାଇଥିଲା। ବ୍ରିଟେନର ଜ୍ୟାକ୍ ୱ୍ଲେଶ୍ ଗୋଲ କରି ପୁଣି ବ୍ରିଟେନକୁ ଆଗୁଆ କରିଥିଲେ। ମାତ୍ର ଭାରତର ସୁଖଜିତ ସିଂ ଗୋଲ କରିବାରୁ ସ୍କୋର ୨-୨ରେ ବରାବର ହୋଇଥିଲା। ବ୍ରିଟେନ ପକ୍ଷରୁ ତୃତୀୟ ଶୁଟ୍ କରିବାକୁ ଆସିଥିବା କନର ୱିଲିୟମସନ କିନ୍ତୁ ଶ୍ରୀଜେଶ୍‌ଙ୍କୁ ଅତିକ୍ରମ କରିବାରେ ସକ୍ଷମ ହୋଇ ନ ଥିଲେ। ଭାରତର ଲଳିତ କୁମାର ଉପାଧ୍ୟାୟ ଗୋଲ କରିବାରୁ ଭାରତ ୩-୨ରେ ଅଗ୍ରଣୀ ନେଇଥିଲା। ସମସ୍ତଙ୍କ ନଜର ବ୍ରିଟେନ ପକ୍ଷରୁ ୪ର୍ଥ ଶୁଟ୍ କରିବାକୁ ଆସିଥିବା ଫିଲିପ୍ ରୋପରଙ୍କ ଉପରେ ରହିଥିଲା। ମାତ୍ର ଶ୍ରୀଜେଶ୍ ତାଙ୍କୁ ଚକ୍‌ମା ଦେଇଥିଲେ। ଗୋଲ କରି ନ ପାରି ଫେରିଯାଇଥିଲେ ରୋପର। ଅନ୍ୟପକ୍ଷରେ ଚାପର ବଶବର୍ତ୍ତୀ ନ ହୋଇ ରାଜ କୁମାର ପାଲ୍ ଗୋଲ କରିବା ସହ ଭାରତୀୟ ଖେଳାଳିଙ୍କ ବିଜୟ ଉତ୍ସବ ଆରମ୍ଭ ହୋଇଯାଇଥିଲା।

## 'ଅମିତଙ୍କୁ ରେଡ୍‌କାର୍ଡ ଉଚିତ ନ ଥିଲା'

**ଭୁବନେଶ୍ୱର, ୪।୮ (ତପନ ସ୍ୱାଇଁ)**

ପ୍ୟାରିସ୍ ଅଲିମ୍ପିକ୍ସରେ ରବିବାର ଗ୍ରେଟ୍ ବ୍ରିଟେନ ବିପକ୍ଷ ପୁରୁଷ ହକି କ୍ୱାର୍ଟର ଫାଇନାଲ ମ୍ୟାଚରେ ଭାରତୀୟ ଦଳର ତାରକା ଓଡ଼ିଆ ଡିଫେଣ୍ଡର ଅମିତ ରୋହିଦାସଙ୍କୁ ରେଫରି ୧୭ଶ ମିନିଟରେ ରେଡ୍‌କାର୍ଡ ଦେଖାଇଥିଲେ। ପ୍ରତିପକ୍ଷ ଖେଳାଳିଙ୍କୁ ଆଘାତ ପହଞ୍ଚାଇବା ଅଭିଯୋଗରେ ରେଫରି ଏପରି ନିଷ୍ପତ୍ତି ନେଇଥିଲେ। ଭାରତୀୟ ଦଳର ଖେଳାଳିମାନେ କିନ୍ତୁ ଏହାକୁ ସହଜରେ ଗ୍ରହଣ କରିପାରି ନ ଥିଲେ। ସେମାନେ ନୂଆ ଜୋଶ୍‌ରେ ଖେଳ ଦେଖାଇଥିଲେ ଏବଂ ମ୍ୟାଚ ଜିତିଥିଲେ। ଏହାକୁ ସମ୍ପୂର୍ଣ୍ଣ ସମର୍ଥନ କରିଛନ୍ତି ଅଲିମ୍ପିଆନ ଲାଜରୁସ ବାର୍ଲା। '' ମୁଁ ଭାବୁଛି ଅମିତଙ୍କୁ ରେଡ୍‌କାର୍ଡ ମିଳିବା ଉଚିତ ନ ଥିଲା। ଯଦି ସେମିତି କିଛି ଅନୁଭବ କରିଥିଲେ ତେବେ ରେଫରି ହଳଦିଆ କାର୍ଡ ଦେଖାଇ ତାଙ୍କୁ କିଛି ସମୟ ବାହାରେ ବସାଇ ପାରିଥାନ୍ତେ। ମାତ୍ର ରେଡ୍‌କାର୍ଡ ଦ୍ୱାରା ତାଙ୍କୁ ଅବଶିଷ୍ଟ ମ୍ୟାଚରୁ ବାହାରେ ବସିବାକୁ ପଡ଼ିଲା। ତେବେ ଅମିତଙ୍କୁ ରେଡ୍‌କାର୍ଡ ଭାରତୀୟ ଖେଳାଳିଙ୍କ ମନରେ ନୂଆ ଜୋଶ୍ ଭରିଥିଲା। ଏହା ବଢ଼ିଆ କାମ ଦେଇଥିଲା। ସମ୍ପୂର୍ଣ୍ଣ ମ୍ୟାଚରେ ଭାରତୀୟ ଖେଳାଳିମାନେ ଉତ୍ସାହର ସହ ଖେଳି ବିଜୟ ହାସଲ କରିଥିଲେ'' ବୋଲି ପ୍ରକାଶ କରିଛନ୍ତି ଲାଜରୁସ। ଭାରତୀୟ ଦଳ ୧୦ ଜଣରେ ନୁହେଁ ୪୫ତମ ମିନିଟରେ ସୁମିତ ଗ୍ରୀନ୍ କାର୍ଡ ପାଇବା ଦ୍ୱାରା ଗୋଟିଏ ସମୟରେ ୯ ଜଣିଆ ହୋଇ ଯାଇଥିଲା। ଏହା ସତ୍ତ୍ୱେ ଯେପରି ଖେଳ ହେଲା ସେଥିପାଇଁ ଭାରତୀୟ ଦଳ ପ୍ରଶଂସାର ହକ୍‌ଦାର। ଏଥିରୁ ଦଳକୁ ବହୁତ ଶିକ୍ଷାମଧ୍ୟ ମିଳିଛି। ୧୦ ଜଣିଆ ହେବା ସତ୍ତ୍ୱେ ମ୍ୟାଚ ଜିତିଥିବାରୁ ସେମିଫାଇନାଲରେ ସେମାନେ ହାଲୁକା ହେବାକଥା ନୁହେଁ। ଆଗାମୀ ମ୍ୟାଚକୁ ଗୁରୁତ୍ୱର ସହ ନେଇ ଶ୍ରେଷ୍ଠ ପ୍ରଦର୍ଶନ କରିପାରିଲେ ଭାରତ ନିଶ୍ଚିତ ଫାଇନାଲରେ ପ୍ରବେଶ କରିପାରିବ ବୋଲି ଲାଜରୁସ କହିଛନ୍ତି।



ଲାଜରୁସ ବାର୍ଲା

# ବକ୍ସିଂ ଜଜ୍‌ଙ୍କ ନିରପେକ୍ଷତା ଉପରେ ପ୍ରଶ୍ନବାଚୀ



୨୦୧୬ ଅଲିମ୍ପିକ୍ସରେ ଲଢ଼େଇ ହାରିବାପରେ ଆୟର୍ଲାଣ୍ଡର ମାଇକେଲ କନଲାନ୍।

**ନୂଆଦିଲ୍ଲୀ, ୪।୮ (ପି.ଟି.)**

ଅଲିମ୍ପିକ୍ସରେ ବକ୍ସିଂ ଏକ ଗୁରୁତ୍ୱପୂର୍ଣ୍ଣ ଇଭେଣ୍ଟ। ତେବେ ଏହାର ଫଳାଫଳକୁ ନେଇ ସର୍ବଦା ଏକ ପ୍ରଶ୍ନ ଚିହ୍ନ ସୃଷ୍ଟି ହୋଇଥାଏ। ପ୍ରତି ମ୍ୟାଚ୍‌ରେ ୫ ଜଣ ଭିନ୍ନ ଜଜ୍ ନିଷ୍ପତ୍ତି ନେଇଥାନ୍ତି। ଜଜ୍ ମାନଙ୍କ ନିଷ୍ପତ୍ତି ଅନୁସାରେ ମ୍ୟାଚ୍‌ର ଫଳାଫଳ ପ୍ରଭାବିତ ହୋଇଥାଏ। ଏହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛି ପୁରୁଷ ୭୧ କିଗ୍ରା ବର୍ଗର ମୁକାବିଲା। ଭାରତର ନିଶାନ୍ତ ଦେବ ଚମତ୍କାର ପ୍ରଦର୍ଶନ କରିଥିଲେ ମଧ୍ୟ ସ୍ପ୍ଲିଟ୍ ଡିସିଶନରେ ମେକ୍ସିକୋର ମାର୍କୋ ଭେର୍ଡେ ଆଲଭାରେଜଙ୍କୁ ବିଜୟୀ ଘୋଷଣା କରାଯାଇଥିଲା। ଭାତ ହାଣ୍ଡିରୁ ଗୋଟିଏ ଚାଉଳ ଚିପିବା ଭଳି ଏହା କେବଳ ଏକ ଉଦାହରଣ। ଅତୀତରେ ମଧ୍ୟ ଜଜ୍‌ଙ୍କ ନିରପେକ୍ଷତା ଉପରେ ଅନେକ ଥର ପ୍ରଶ୍ନ ଚିହ୍ନ ଦେଖା ଦେଇଛି। ଏଭଳି ଘଟଣା ପରେ ୨୦୨୮ ଲସଏଞ୍ଜେଲସ୍ ଅଲିମ୍ପିକ୍ସରେ ଏହାକୁ ସାମିଲ କରାଯିବ କି ନାହିଁ ତାକୁ ନେଇ ପ୍ରଶ୍ନଚିହ୍ନ ଦେଖାଦେଇଛି। ନିଶାନ୍ତ ପରାଜିତ ହେବା ପରେ ୨ ଜଣ ପୂର୍ବତନ ବକ୍ସର ଆୟର୍ଲାଣ୍ଡର ମାଇକେଲ କନଲାନ୍ ଓ ଭାରତର ବିଜେନ୍ଦର ସିଂ ଏହାକୁ ସମାଲୋଚନା କରିଛନ୍ତି। ଅତୀତରେ ମଧ୍ୟ ଏମିତି ଘଟଣା ଅନେକ ଥର ଘଟିଛି ଯେଉଁଥିରେ ବକ୍ସର ମାନଙ୍କ ସହ ଅନ୍ୟାୟ ହୋଇଛି।

**୨୦୨୦ ଟୋକିଓ:** ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଜଜ୍ ମାନଙ୍କ ଭୁଲ ନିଷ୍ପତ୍ତି କାରଣରୁ ଏମ୍. ସି. ମ୍ୟାରୀ କମ୍ ପଦକ ହରାଇଥିଲେ। କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ମ୍ୟାରୀ ପ୍ରଥମ ରାଉଣ୍ଡ ଲଢେଇ ୪-୧ରେ ପରାଜିତ ହୋଇଥିଲେ। ମାତ୍ର ପରବର୍ତ୍ତୀ ୨ ରାଉଣ୍ଡକୁ ସେ ୩-୨ ବ୍ୟବଧାନରେ ଜିତି ନେଇଥିଲେ। ତେବେ ଜଜ୍‌ଙ୍କ ନିଷ୍ପତ୍ତି ଅନୁସାରେ କଲମ୍ବିଆର ଇଙ୍ଗରିଟ୍ ଭାଲେନ୍ସିଆଙ୍କୁ ବିଜୟୀ ଘୋଷଣା କରାଯାଇଥିଲା।

**୧୯୮୮ ସିଓଲ:** ଆମେରିକାର ରୟ ଜୋନ୍ସ ସିନିୟର ଓ କୋରିଆର ପାର୍କ ସି ହୁନ୍‌ଙ୍କ ମଧ୍ୟରେ ୭୧ କିଗ୍ରା ଓଜନ ବର୍ଗର ଫାଇନାଲ ଖେଳା ଯାଇଥିଲା। ଏହି ମ୍ୟାଚରେ ରୟ ୮୬ ଥର ପଞ୍ଚ ମାରିଥିବା ବେଳେ ପାର୍କ ମାତ୍ର ୩୨ ଥର ମାରିଥିଲେ। ତେବେ ବିଚାରପତି ମାନେ ପାର୍କଙ୍କୁ ବିଜେତା ଘୋଷିତ କରିଥିଲେ। ଏହା ପରେ ରୟ ବକ୍ସିଂ ଛାଡି ପ୍ରୋ ପାଲଟି ଯାଇଥିଲେ।

**୧୯୯୨ ବାର୍ସେଲୋନା:** ୧୯୯୨ ବାର୍ସେଲୋନା ଗେମ୍ସରେ ପ୍ରଥମ ଥର ପାଇଁ କମ୍ପ୍ୟୁଟର ସ୍କୋରିଂ ବ୍ୟବସ୍ଥା ଲାଗୁ କରାଯାଇଥିଲା। ତେବେ ପ୍ରତି ବାଉଟ ଶେଷରେ ସ୍କୋର ଶେଷରେ ସ୍କୋର ଦେଖା ଯାଉଥିବା ବେଳେ ୨୦୧୧ରେ ଏହାକୁ ପରିବର୍ତ୍ତନ କରାଯାଇଥିଲା। ୨୦୧୩ରେ ୧୦ ପଏଣ୍ଟରେ ବିଜେତା ନିର୍ଦ୍ଧାରଣ ବ୍ୟବସ୍ଥା ଆରମ୍ଭ କରାଯାଇଥିଲା।

**୨୦୧୬ ରିଓ:** ୨୦୧୬ ରିଓ ଅଲିମ୍ପିକ୍ସରେ ବକ୍ସିଂକୁ ନେଇ ସବୁଠାରୁ ବଡ ବିବାଦ ଦେଖିବାକୁ ମିଳିଥିଲା। ଆୟର୍ଲାଣ୍ଡର ମାଇକେଲ କନଲାନ୍‌ଙ୍କୁ ମ୍ୟାଚ୍‌ରେ ପରାଜିତ ଘୋଷଣା କରାଯାଇଥିଲା। ତେବେ କନ୍‌ଲାନ ଏଭଳି ପ୍ରଭାବୀ ପ୍ରଦର୍ଶନ କରିଥିଲେ କି ବିପକ୍ଷରେ ଥିବା ଖେଳାଳି ପରବର୍ତ୍ତୀ ମ୍ୟାଚ୍ ମଧ୍ୟ ଖେଳି ପାରି ନ ଥିଲେ। ଫଳାଫଳ ପରେ କନ୍‌ଲାନ ସିଧାସଳଖ ଜଜ୍‌ଙ୍କ ନିଷ୍ପତ୍ତିକୁ ବିରୋଧ କରିଥିଲେ। ଏହି କାରଣରୁ ତାଙ୍କୁ ନିଲମ୍ବିତ ମଧ୍ୟ କରାଯାଇଥିଲା। ତେବେ ସେ ତୁରନ୍ତ ପ୍ରୋ ହୋଇଥିଲେ। ୨୦୨୧ରେ ଏକ ତଦନ୍ତ ହେବା ସହିତ ଏହି ମାମଲାରେ ୩୬ ଜଣ ଜଜ୍‌ଙ୍କୁ ନିଲମ୍ବନ କରାଯାଇଥିଲା।

# ବ୍ରୋଞ୍ଜ୍ ପଦକ ପ୍ଲେ ଅଫ୍ ଖେଳିବେ ଲକ୍ଷ୍ୟ

**ପ୍ୟାରିସ୍, ୪।୮ (ପି.ଟି.)**

ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ରେ ରବିବାର ଭାରତ ପାଇଁ ମିଶ୍ରିତ ଫଳ ପ୍ରଦାନ କରିଛି। ଭାରତୀୟ ପୁରୁଷ ହକି ଦଳ ଗ୍ରେଟ୍ ବ୍ରିଟେନ୍‌କୁ ପରାସ୍ତ କରିଥିବା ବେଳେ ଭାରତୀୟ ଶଟଲର ଲକ୍ଷ୍ୟ ସେନ୍ ବ୍ରୋଞ୍ଜ ପଦକ ପ୍ଲେ ଅଫ୍ ଖେଳିବାକୁ ଯାଉଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବକ୍ସିଂରେ ଭାରତୀୟ ଅଭିଯାନ ଶେଷ ହୋଇଥିବା ବେଳେ ଲଙ୍ଗଜମ୍ପ୍ ଓ ମହିଳା ୩୦୦୦ ମିଟର ଷ୍ଟିପଲଚେଜ୍‌ରେ ଭାରତୀୟ ଖେଳାଳି ଫାଇନାଲରେ ପ୍ରବେଶ କରିବାରେ ବିଫଳ ହୋଇଥିଲେ। ରବିବାର ଖେଳାଯାଇଥିବା ସେମି ଫାଇନାଲରେ ଡେନମାର୍କର ଭିକ୍ଟର ଆକ୍ସେଲ ସେନ୍‌ଙ୍କ ନିକଟରୁ ୨୨-୨୦ ଓ ୨୧-୧୪ରେ ପରାଜିତ ହୋଇଥିଲେ ଲକ୍ଷ୍ୟ ସେନ୍। ଉଭୟ ସେଟ୍‌ରେ ଲକ୍ଷ୍ୟ ଅଗ୍ରଣୀ ହାସଲ କରିଥିଲେ ମଧ୍ୟ ଆକ୍ସେଲ ସେନ୍ ବାଜିମାରି ନେଇଥିଲେ। ପ୍ରଥମ ଗେମ୍‌ରେ ଲକ୍ଷ୍ୟ ୩ ପଏଣ୍ଟରେ ଆଗୁଆ ରହିଥିଲେ। ଏପରିକି ଦ୍ୱିତୀୟ ଗେମ୍‌ରେ ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ପଦକ ବିଜେତା ଲକ୍ଷ୍ୟ ସେନ୍ ୭-୦ରେ ଆଗୁଆ ରହିଥିଲେ। ତେବେ ଅଧିକ ଉଚ୍ଚତାର ଫାଇଦା ଉଠାଇବା ସହ ଡିଫେଣ୍ଡିଂ ଚାମ୍ପିୟନ ଆକ୍ସେଲ ସେନ୍ ୫୪ ମିନିଟରେ ମ୍ୟାଚକୁ ଜିତି ନେଇଥିଲେ। ଦୁଇ ଥରର ବିଶ୍ୱ ଚାମ୍ପିୟନ ତଥା ଅଲିମ୍ପିକ୍ସରେ ଡିଫେଣ୍ଡିଂ ଚାମ୍ପିୟନ ଭିକ୍ଟର ଆକ୍ସେଲ ସେନ୍ ଫାଇନାଲ ମ୍ୟାଚ୍‌ରେ ଥାଇଲାଣ୍ଡର କୁନାଲଭୁଟ ଭିଟିଡସ୍ରାମଙ୍କୁ ଭେଟିବେ। ଅନ୍ୟପକ୍ଷରେ ବିଶ୍ୱ ମାନ୍ୟତାର ପଞ୍ଚମ ସ୍ଥାନରେ ଥିବା ମାଲେସିଆର ଜି ଜିଆ ଲିଙ୍କୁ ବ୍ରୋଞ୍ଜ ପଦକ ପ୍ଲେ ଅଫରେ ଭେଟିବେ ଲକ୍ଷ୍ୟ ସେନ୍। ଭାରତ ବ୍ୟାଡ୍‌ମିଣ୍ଟନରେ ମୋଟ ୩ ପଦକ ଜିତିବାରେ ସମର୍ଥ ହୋଇଛି। ପି.ଭି. ସିନ୍ଧୁ ୨୦୨୦ ଟୋକିଓରେ ରୌପ୍ୟ ଓ ୨୦୧୬ ରିଓରେ ବ୍ରୋଞ୍ଜ ପଦକ ବିଜୟୀ ହୋଇଥିଲେ। ଅନ୍ୟପକ୍ଷରେ ସାଇନ ନେହ୍ୱାଲ ଲଣ୍ଡନ ଗେମ୍ସରେ ବ୍ରୋଞ୍ଜ ପଦକ ଜିତିଥିଲେ।




ଲକ୍ଷ୍ୟ ସେନ୍

### ବକ୍ସିଂରେ ଅଭିଯାନ ଶେଷ

ଭାରତର ସର୍ବଶ୍ରେଷ୍ଠ ପଦକ ଆଶା ଲଭଲିନା ବୋର୍ଗୋହେନ ରବିବାର କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ପରାଜିତ ହେବା ସହିତ ବକ୍ସିଂରେ ଭାରତର ଅଭିଯାନ ଶେଷ ହୋଇଛି। ମହିଳା ୭୫ କିଗ୍ରା ଓଜନ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଲଭ୍‌ଲିନା ଟପ୍ ସିଡ୍ ଚାଇନାର ଲି କିଆନଙ୍କ ନିକଟରୁ ୪-୧ର ସ୍ପ୍ଲିଟ୍ ଡିସିଶନରେ ପରାଜିତ ହୋଇଥିଲେ। ଉଭୟ ବକ୍ସରଙ୍କୁ ଏକାଧିକ ଥର ରେଫରି ଚେତାବନୀ ମଧ୍ୟ ଦେଇଥିଲେ। ଚଳିତ ଅଲିମ୍ପିକ୍ସରେ ଭାରତ ୬ ଜଣିଆ ଦଳ ପଠାଇଥିବା ବେଳେ ଏହା ପଦକଶୂନ୍ୟ ଭାବରେ ଫେରିଛି। ପୂର୍ବରୁ ଶନିବାର ରାତିରେ ଅନୁଷ୍ଠିତ ମ୍ୟାଚ୍‌ରେ ଭାରତର ନିଶାନ୍ତ ଦେବ ପୁରୁଷ ୭୧ କିଗ୍ରା ମୁକାବିଲାରେ ପରାଜିତ ହୋଇଥିଲେ।

### ନିରାଶ କଲେ ପାରୁଲ, ଜେସୱିନ

ଆଥ୍‌ଲେଟିକ୍ସରେ ଭାରତର ନୈରାଶ୍ୟଜନକ ପ୍ରଦର୍ଶନ ଜାରି ରହିଛି। ୩୦୦୦ ମିଟର ଷ୍ଟିପଲଚେଜ୍ ମହିଳା ଇଭେଣ୍ଟରେ ପାରୁଲ ଚୌଧାରୀ ଫାଇନାଲକୁ ଯୋଗ୍ୟତା ହାସଲ କରିବାରେ ବିଫଳ ହୋଇଥିଲେ। ହିଟ୍ସରେ ୨୯ ବର୍ଷୀୟା ପାରୁଲ ୯:୨୩.୩୯ ସେକେଣ୍ଡର ଟାଇମିଂ ସହ ଅଷ୍ଟମ ସ୍ଥାନରେ ରହିଥିଲା। ଚଳିତ ସିଜନରେ ଏହା ପାରୁଲଙ୍କ ଶ୍ରେଷ୍ଠ ପ୍ରଦର୍ଶନ ରହିଥିଲେ ମଧ୍ୟ ତାଙ୍କ ଜାତୀୟ ରେକର୍ଡ ୯:୧୫.୩୧ ସେକେଣ୍ଡରୁ ପଛରେ ରହିଥିଲା। ପ୍ରତ୍ୟେକ ହିଟ୍‌ରେ ଟପ୍- ୫ ମଧ୍ୟରେ ରହୁଥିବା ଖେଳାଳି ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଥାନ୍ତି। ଅନ୍ୟତମ ଭାରତୀୟ ତଥା ଲଙ୍ଗଜମ୍ପର ଜେସୱିନ ଆଲଡ୍ରିନ୍ ମଧ୍ୟ ଫାଇନାଲକୁ ଯୋଗ୍ୟତା ହାସଲରେ ବିଫଳ ହୋଇଛନ୍ତି। ଆଲଡ୍ରିନଙ୍କ ପ୍ରଥମ ପ୍ରୟାସ ଫାଉଲ ହୋଇଥିବା ବେଳେ ତୃତୀୟ ପ୍ରୟାସରେ ସେ ୭.୬୧ ମିଟରର ଦୂରତା ହାସଲ କରିବା ସହ ୧୩ତମ ସ୍ଥାନରେ ରହିଥିଲେ।

### ସ୍କିଟ୍‌ରେ ଅଭିଯାନ ଶେଷ

ଶୁଟିଂର ମହିଳା ସ୍କିଟ ଇଭେଣ୍ଟରେ ଭାରତର ଅଭିଯାନ ଶେଷ ହୋଇଛି। ମହେଶ୍ୱରୀ ଚୌହାନ ୧୪ତମ ସ୍ଥାନରେ ରହିଥିବା ବେଳେ ରାଇଜା ଧିଲୋନ୍ ୨୩ତମ ସ୍ଥାନରେ ରହିଥିଲେ। ମହେଶ୍ୱରୀ ୧୧୮ ପଏଣ୍ଟ ସ୍କୋର କରିଥିବା ବେଳେ ରାଇଜା ୧୧୩ ପଏଣ୍ଟ ସ୍କୋର କରିଥିଲେ। ୨୫ ମିଟର ଫାୟାର ପିସ୍ତଲ ପୁରୁଷ ଇଭେଣ୍ଟରେ ଭାରତର ବିଜୟବୀର ସିଦ୍ଧୁ ଓ ଅନିଶ ଭିନାୱାଲା ଫାଇନାଲକୁ ଯୋଗ୍ୟତା ହାସଲ କରିବାରେ ବିଫଳ ହୋଇଛନ୍ତି। ବିଜୟବୀର ଅଷ୍ଟମ ଓ ଅନିଶ ୧୩ତମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ।

**ଲିଙ୍ଗଗତ ଯୋଗ୍ୟତା ବିବାଦ**

## ଖେଲିଫ୍‌ଙ୍କ ପରେ ଲିନ୍‌ଙ୍କୁ ପଦକ

**ଭିଲେପିଣ୍ଟ, ୪।୮:** ଲିଙ୍ଗଗତ ଯୋଗ୍ୟତା ବିବାଦରେ ରହି ପ୍ୟାରିସ ଅଲିମ୍ପିକ୍ସରେ ପଦକ ପକ୍କା କରିବାରେ ତାଇୱାନର ଲିନ୍ ୟୁ-ଟିଙ୍ଗ ହେଉଛନ୍ତି ଦ୍ୱିତୀୟ ବକ୍ସର। ମହିଳା ଫିଦରୱେଟ୍ ଡିଭିଜନରେ ସେ ସେମିଫାଇନାଲରେ ପ୍ରବେଶ କରି ପଦକ ନିଶ୍ଚିତ କରିଛନ୍ତି। ଏହି ୨୮ବର୍ଷୀୟ ବକ୍ସର ସର୍ବସମ୍ମତି ନିଷ୍ପତ୍ତିରେ ୩୪ ବର୍ଷୀୟା ଶ୍ୱେତଲିନା ଷ୍ଟାନେଭାଙ୍କୁ ହରାଇ ଦେଇଛନ୍ତି। ତେବେ ଲିନ୍‌ଙ୍କୁ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଅନୁମତି ଦିଆଯିବା ଉଚିତ ନୁହେଁ ବୋଲି ବାଉଟ ଶେଷରେ ବୁଲ୍‌ଗାରିଆନ କୋଚ୍ ପ୍ରସ୍ତାବ ଦେଇଥିଲେ। ବାଉଟରେ ହାରିବା ପରେ ଷ୍ଟାନେଭା ହତାଶ ଜଣାପଡୁଥିଲେ। ସେ ତାଙ୍କ ଆଙ୍ଗୁଠି କ୍ରସ୍ କରିବା ସହ 'ନୋ, ନୋ' ବୋଲି ଚିତ୍କାର କରି ଆରେନା ଛାଡ଼ିଥିଲେ। ଲିଙ୍ଗଗତ ଯୋଗ୍ୟତା ବିବାଦରେ ଫସିଥିବା ଅନ୍ୟ ଜଣେ ମହିଳା ବକ୍ସର ଆଲେଜେରିଆର ଇମାନେ ଖେଲିଫ୍ ମଧ୍ୟ ଶନିବାର ଜିତିଛନ୍ତି।

## କେଟି ଲେଡେକିଙ୍କୁ ୮୦୦ ମିଟର ସ୍ୱର୍ଣ୍ଣ

**ନାନଟେରେ, ୪।୮ (ପି.ଟି.):** ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ରେ ରବିବାର ଆମେରିକାର କେଟି ଲେଡେକି ଆଉ ଏକ ରେକର୍ଡ ନିଜ ନାମରେ କରିଛନ୍ତି। କ୍ରମାଗତ ଚତୁର୍ଥ ଅଲିମ୍ପିକ୍ସରେ ୮୦୦ ମିଟର ଫ୍ରି ଷ୍ଟାଇଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଅଷ୍ଟ୍ରେଲିଆର ଆରିଆର୍ନେ ଟିଟମସ୍‌ଙ୍କୁ ପଛରେ ପକାଇ ଲେଡେକି ବିଜୟୀ ହୋଇଥିଲେ। କେଟି ଲେଡେକି ୮:୧୧.୦୪ ସେକେଣ୍ଡର ସମୟ ନେଇ ପ୍ରଥମ ସ୍ଥାନରେ ରହିଥିଲେ। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆର ଆରିଆର୍ନେ ଟିଟମସ୍ ୮:୧୨.୨୯ ସେକେଣ୍ଡର ସମୟ ନେଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଅନ୍ୟତମ ଆମେରିକୀୟ ପେଜ୍ ମାଡେନ୍ ୮:୧୩.୦୦ ସେକେଣ୍ଡର ସମୟ ନେଇ ବ୍ରୋଞ୍ଜ ପଦକ ହାସଲ କରିଥିଲେ।

ଲେଡେକିଙ୍କ କ୍ୟାରିୟରରେ ଏହା ନବମ ତଥା ପ୍ୟାରିସ୍ ଅଲିମ୍ପିକ୍ସର ଦ୍ୱିତୀୟ ସ୍ୱର୍ଣ୍ଣ ପଦକ। ଅଲିମ୍ପିକ୍ସ ଇତିହାସର ଷଷ୍ଠ ଖେଳାଳି ଭାବରେ ଲେଡେକି ଏହି ମାଇଲଖୁଣ୍ଟ ହାସଲ କରିଛନ୍ତି। ସନ୍ତରଣକାରୀ ମାର୍କ ସ୍ପିଜ୍, କାର୍ଲ ଲୁଇସ୍, ଲାରିସା ଲାଟେନିନା ଓ ପାଭୋ ନୁର୍ମିଙ୍କ ସହ ଯୁଗ୍ମ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଅନ୍ୟପକ୍ଷରେ ମାଇକେଲ ଫେଲପ୍ସ ୨୩ ସ୍ୱର୍ଣ୍ଣ ସହ ଏହି ତାଲିକାରେ ପ୍ରଥମ ସ୍ଥାନରେ ରହିଛନ୍ତି।

## ଭାରତର କାର୍ଯ୍ୟସୂଚୀ(ସୋମବାର)

**ଶୁଟିଂ:** ସ୍କିଟ୍ ମିକ୍ସଡ ଟିମ୍ ଯୋଗ୍ୟତା ପର୍ଯ୍ୟାୟ
ମହେଶ୍ୱରୀ ଚୌହାନ, ଅନନ୍ତଜିତ ସିଂ ନରୁକା
(ଅପରାହ୍ନ ୧୨.୩୦)।

**ଆଥ୍‌ଲେଟିକ୍ସ:**
୩୦୦୦ ମିଟର ପୁରୁଷ ଷ୍ଟିପଲଚେଜ୍
ଅବିନାଶ ସାବଲେ(ରାତି ୧୦.୩୪)।
ମହିଳା ୪୦୦ ମିଟର ରାଉଣ୍ଡ୧
କିରଣ ପହଲ (ଅପରାହ୍ନ ୩.୨୫)।

**ବ୍ୟାଡ୍‌ମିଣ୍ଟନ:** ପୁରୁଷ ସିଙ୍ଗଲ୍ସ ବ୍ରୋଞ୍ଜ ପଦକ ପ୍ଲେ ଅଫ
ଲକ୍ଷ୍ୟ ସେନ୍ ବନାମ ଜି ଜିଆ ଲି(ସନ୍ଧ୍ୟା ୬.୦୦)।

**ସେଲିଂ:** ମହିଳା ଡିଙ୍ଘି ରେସ୍-୯
ନେତ୍ର କୁମାନନ(ଅପରାହ୍ନ ୩.୪୫)।

**ଟେବୁଲ ଟେନିସ:** ମହିଳା ଦଳଗତ ଇଭେଣ୍ଟ
ଭାରତ ବନାମ ରୋମାନିଆ
(ସମୟ ଅପରାହ୍ନ ୧.୩୦)।



ପ୍ୟାରିସ ଅଲିମ୍ପିକ୍ସର ମହିଳା ୮୦୦ ମିଟର ଫ୍ରିଷ୍ଟାଇଲ ସନ୍ତରଣ ଅବସରରେ ଆମେରିକାର କେଟି ଲେଡେକି।

# ଦୁଷ୍ପ୍ରାପ୍ୟ ପୁଷ୍ପ ବ୍ରହ୍ମକମଳ



ପ୍ର. ଅରୁଣ ଚନ୍ଦ୍ର ସାହୁ

"ବ୍ରହ୍ମକମଳ ଏକ ଉଭୟଲିଙ୍ଗୀ ଉଦ୍ଭିଦ। ତେଣୁ ପ୍ରତି ଫୁଲରେ ଉଭୟ ପୁଂକେଶର ଚକ୍ର ଓ ସ୍ତ୍ରୀକେଶର ଚକ୍ର ରହିଥାଏ। କୀଟପତଙ୍ଗମାନଙ୍କ ଦ୍ୱାରା ଏହାର ପରାଗସଙ୍ଗମ ହୋଇଥାଏ। ମୌସୁମୀ ପ୍ରବାହ ସମୟରେ ଜୁଲାଇ-ଅଗଷ୍ଟ ମାସରେ ହିମାଳୟ ପର୍ବତମାଳାର ଘାସ ପଥୁରିଆ ଅଞ୍ଚଳରେ ଏହା ଫୁଟିଥାଏ। ପ୍ରଥମେ ଫୁଟି ନଥିବା ଗୋଟା ଫୁଲର ବାହ୍ୟ ରଙ୍ଗ ବାଦାମୀ ହୋଇଥାଏ। ଏହା ଭିତରେ ସବୁଜ-ହଳଦିଆ କାଗଜ ଭଳିଆ ପତଳା ଉପପତ୍ର ରହିଥାଏ ଯାହା ଫୁଲକୁ ପର୍ବତର ଥଣ୍ଡା ପରିବେଶରୁ ରକ୍ଷା କରିଥାଏ। ଫୁଲ ଫୁଟିଗଲା ପରେ ଏହାର ପାଖୁଡା ସବୁ ଶୁଭ୍ର ହୋଇଥାଏ।"



ପୁଷ୍ପମାନଙ୍କ ମଧ୍ୟରେ ଏକ ଦୁଷ୍ପ୍ରାପ୍ୟ, ଦୁର୍ଲଭ ତଥା ପବିତ୍ର ଓ ସ୍ୱର୍ଗୀୟ ପୁଷ୍ପ ଅଟେ ବ୍ରହ୍ମକମଳ। ଏହା ଉନ୍ନତି, ସୌଭାଗ୍ୟ ତଥା ସନ୍ତୋଷର ପ୍ରତୀକ। ପୁରାଣ ଅନୁସାରେ ଏହା ବ୍ରହ୍ମାଙ୍କ ହସ୍ତରେ ସୁଶୋଭିତ ଓ କେଦାରନାଥ, ବଦ୍ରିନାଥ ତଥା ଅନ୍ୟ ଧାମରେ ଥିବା ବିଷ୍ଣୁ ଓ ଶିବଙ୍କର ପ୍ରିୟ ପୁଷ୍ପ। ଜଗନ୍ନାଥଙ୍କୁ ମଧ୍ୟ ଏହା ଅର୍ପଣ କରାଯାଇଥାଏ। ଯାହାର ବାଡ଼ିବଗିଚାରେ ଯଦି ଅକସ୍ମାତ ଏହି ପୁଷ୍ପ ପ୍ରସ୍ଫୁଟିତ ହେଲା, ତେବେ ସେମାନେ ଏହାକୁ ନେଇ ଜଗନ୍ନାଥଙ୍କୁ ଭକ୍ତିପୂତ ମନରେ ଅର୍ପଣ କରିଥାଆନ୍ତି।

ହିନ୍ଦୁ ପୁରାଣ ଅନୁସାରେ ବ୍ରହ୍ମକମଳ ବ୍ରହ୍ମାଙ୍କ ଦ୍ୱାରା ସୃଷ୍ଟି ହୋଇଥିଲା ଶିବଙ୍କ ପୁତ୍ର ଗଣେଶଙ୍କ ଦେହରେ ହାତୀର ମୁଣ୍ଡ ଯୋଡ଼ିବାକୁ। ବିଶ୍ୱାସ କରାଯାଏ ଯେ ଏହି ପୁଷ୍ପର ପାଖୁଡ଼ାରୁ ଟୋପା ଟୋପା ଅମୃତ ନିର୍ଗତ ହୋଇ ଗଣେଶଙ୍କ କଟା ସ୍ଥାନରେ ପଡ଼ିବାରୁ ସେଥିରେ ହାତୀମୁଣ୍ଡ ଯୋଡ଼ିହୋଇ ଗଣେଶ ପୁନର୍ଜୀବନ ଲାଭ କରିଥିଲେ। ପୁଣି ମଧ୍ୟ ହିନ୍ଦୁ ପୁରାଣରେ ବର୍ଣ୍ଣନା କରାଯାଇଛି ଯେ, ବିଷ୍ଣୁଙ୍କ ନାଭିରୁ ଏକ କମଳ ସୃଷ୍ଟି ହେଲା ଓ ସେଥିରୁ ବ୍ରହ୍ମା ସୃଷ୍ଟି ହେଲେ। ସେଥିପାଇଁ ଏହାର ନାମ 'ବ୍ରହ୍ମକମଳ'। ବ୍ରହ୍ମା ତା'ପରେ ଏହି ବିଶ୍ୱବ୍ରହ୍ମାଣ୍ଡକୁ ସର୍ଜନା କଲେ।

ବ୍ରହ୍ମକମଳ ବର୍ଷକରେ କେବଳ ଥରେମାତ୍ର ବର୍ଷାଋତୁ ଆରମ୍ଭରେ ଜୁଲାଇ-ସେପ୍ଟେମ୍ବର ମାସରେ ମଧ୍ୟରାତ୍ରି ବେଳକୁ ଫୁଟିଥାଏ। ମାତ୍ର ତାହା କେଇ ଘଣ୍ଟା ପାଇଁ। ସନ୍ଧ୍ୟା ଆଠଟାଠାରୁ ରାତି ବାରଟା ମଧ୍ୟରେ ଏହା ଫୁଟିଥାଏ। ସୂର୍ଯ୍ୟୋଦୟ ପୂର୍ବରୁ ଏହା ଝାଉଁଳିଯାଏ। ଏହାର ପତ୍ରରୂପକ ଚେପ୍‌ଟା କାଣ୍ଡର ଧାରରେ ଗୋଟିଏ ପୁଷ୍ପ ଫୁଟିବାକୁ ପ୍ରାୟ ଦୁଇରୁ ତିନି ସପ୍ତାହ ଲାଗିଥାଏ। ପ୍ରଥମେ ଏହା ତଳକୁ ନଇଁକରି ଥାଏ ଓ ଦୁଇ ସପ୍ତାହ ପରେ ଆସ୍ତେ ଆସ୍ତେ ଊର୍ଦ୍ଧ୍ୱମୁଖୀ ହୁଏ। ଯେତେବେଳେ ଫୁଟେ ଏହାର ସୁଗନ୍ଧରେ ଖଣ୍ଡମଣ୍ଡଳ ଆଚ୍ଛନ୍ନ ହୋଇଯାଏ। ସାଧାରଣତଃ ଏହା ଧଳା ରଙ୍ଗର।

ବ୍ରହ୍ମକମଳର ଇଂଲିଶ ନାମ ସାକ୍ରେଡ ସୌସୁରିଆ, ସାଧାରଣ ନାମ 'ହିମାଳୟ ଫୁଲଙ୍କ ରାଜା' ଓ ବୈଜ୍ଞାନିକ ନାମ ସୌସୁରିଆ ଓବ୍‌ଭାଲାଟା ଓ ଏହା ଆଷ୍ଟେରାସି ବଂଶର। ଏହାକୁ ହିନ୍ଦୀ ଓ ସଂସ୍କୃତରେ ମଧ୍ୟ 'ବ୍ରହ୍ମକମଳ' କୁହାଯାଏ। ଏହାକୁ ମଧ୍ୟ ରାତିର ରାଣୀ, ରାତିର ରାଜକୁମାରୀ, ଡଚ୍‌ମ୍ୟାନ୍‌ସ କାକ୍‌ଟସ୍ କୁହାଯାଏ। ଅନ୍ୟାନ୍ୟ ଭାରତୀୟ ଭାଷାରେ ଏହାର ନାମ ଗୁଲ-ଇ-ବାକାଭାଲି, ପିରାମ୍ମାକ୍ କମଲମ୍, ବ୍ରହ୍ମ କମଲମ୍ ଇତ୍ୟାଦି। ଏହାର ଉତ୍ପତ୍ତିସ୍ଥଳ ହିମାଳୟ ପର୍ବତମାଳାର ଭାରତ, ନେପାଳ, ଭୁଟାନ ଓ ପାକିସ୍ତାନରେ ତଥା ଦକ୍ଷିଣପୂର୍ବ ଚାଇନାରେ ଓ ଏହା ତିନି ହଜାର ସାତଶହରୁ ଚାରିହଜାର ଛଅଶହ ମିଟର ଉଚ୍ଚତାରେ (ସମୁଦ୍ର ପତ୍ତନଠାରୁ) ଜନ୍ମିଥାଏ। ହିମାଳୟ ପୁଷ୍ପମାନଙ୍କ ମଧ୍ୟରେ ବ୍ରହ୍ମକମଳ ସମ୍ରାଟ ଅଟେ। ବର୍ତ୍ତମାନ ଏହି ଉଦ୍ଭିଦକୁ ପୃଥିବୀର ବିଭିନ୍ନ ଦେଶରେ ବିଶେଷତଃ ବିଷୁବମଣ୍ଡଳୀୟ ଦେଶଗୁଡ଼ିକରେ ମଧ୍ୟ ଲଗା ଯାଉଅଛି। ଲୋକମାନେ କ୍ୱଚିତ୍ ବାଡ଼ିବଗିଚାରେ ବା କୁଣ୍ଡରେ ଏହାକୁ ଲଗାଇ ଥାଆନ୍ତି।

**ଉଦ୍ଭିଦର ବର୍ଣ୍ଣନା:** ବ୍ରହ୍ମକମଳ ଏକ ଚିରସ୍ଥାୟୀ ଉଦ୍ଭିଦ। ଏହା ପ୍ରାୟ ଏକ ଫୁଟ ପର୍ଯ୍ୟନ୍ତ ବଢ଼ିଥାଏ। ଏହାର କାଣ୍ଡ ଚେପ୍‌ଟା, ସବୁଜ ମୋଟା ପତ୍ର ଭଳି। ଏହି ପତ୍ର ଭଳି କାଣ୍ଡର ଧାରରୁ ନୂତନ ପତ୍ରରୂପକ କାଣ୍ଡ ସୃଷ୍ଟି ହୋଇଥାଏ। ଫୁଲ ମଧ୍ୟ ଏହି କାଣ୍ଡର ଧାରରୁ ସୃଷ୍ଟି ହୋଇଥାଏ। ହିମାଳୟ ପର୍ବତ ଶ୍ରେଣୀରେ ଏହା ପ୍ରାକୃତିକ ଭାବରେ ବଢ଼ିଥାଏ। କିନ୍ତୁ ଆମେ ଏହାକୁ କୁଣ୍ଡରେ ବଢ଼ାଇଲେ ଏହାର କେତେକ ଯତ୍ନ ନେବାକୁ ପଡ଼ିଥାଏ। କୁଣ୍ଡରେ ତିନି ଚାରିଟି ଛିଦ୍ର କରି ପାଣି ନିଷ୍କାସନ କରିବାକୁ ପଡ଼ିଥାଏ। ସପ୍ତାହକୁ ଦୁଇ ବା ତିନିଥର ପାଣି ଦିଆଯାଏ। କୁଣ୍ଡର ଉପରିଭାଗର ମାଟି ଶୁଖିଗଲା ପରେ ସେଥିରେ ପାଣି ଦିଆଯାଏ। ପତ୍ରରେ ପାଣି ଦିଆଯାଏ ନାହିଁ। ଏହା ଏକ ମରୁଡ଼ି ଶ୍ରେଣୀର ଉଦ୍ଭିଦ ହୋଇଥିବାରୁ ପାଣି କମ୍ ଦରକାର କରେ। ଅଧିକ ପାଣି ହେଲେ ଏହାର ପତ୍ରରୂପୀ କାଣ୍ଡ ହଳଦିଆ ପଡ଼ିଯାଏ। ସକାଳର ଖରା ଏହା ପାଇଁ ଉତ୍ତମ କିନ୍ତୁ ଦ୍ୱିପ୍ରହରର ତୀକ୍ଷ୍ଣ ଖରା ଏହା ପାଇଁ କ୍ଷତିକାରକ। ଅଳ୍ପ ଛାଇଛାଇଆ ସ୍ଥାନରେ ଏହାର କୁଣ୍ଡକୁ ରଖିବା ଉଚିତ।

ବ୍ରହ୍ମକମଳ ଏକ ଉଭୟଲିଙ୍ଗୀ ଉଦ୍ଭିଦ। ତେଣୁ ପ୍ରତି ଫୁଲରେ ଉଭୟ ପୁଂକେଶର ଚକ୍ର ଓ ସ୍ତ୍ରୀକେଶର ଚକ୍ର ରହିଥାଏ। କୀଟପତଙ୍ଗମାନଙ୍କ ଦ୍ୱାରା ଏହାର ପରାଗସଙ୍ଗମ ହୋଇଥାଏ। ମୌସୁମୀ ପ୍ରବାହ ସମୟରେ ଜୁଲାଇ-ଅଗଷ୍ଟ ମାସରେ ହିମାଳୟ ପର୍ବତମାଳାର ଘାସ ପଥୁରିଆ ଅଞ୍ଚଳରେ ଏହା ଫୁଟିଥାଏ। ପ୍ରଥମେ ଫୁଟି ନଥିବା ଗୋଟା ଫୁଲର ବାହ୍ୟ ରଙ୍ଗ ବାଦାମୀ ହୋଇଥାଏ। ଏହା ଭିତରେ ସବୁଜ-ହଳଦିଆ କାଗଜ ଭଳିଆ ପତଳା ଉପପତ୍ର ରହିଥାଏ ଯାହା ଫୁଲକୁ ପର୍ବତର ଥଣ୍ଡା ପରିବେଶରୁ ରକ୍ଷା କରିଥାଏ। ଫୁଲ ଫୁଟିଗଲା ପରେ ଏହାର ପାଖୁଡ଼ା ସବୁ ଶୁଭ୍ର ହୋଇଥାଏ। ଫୁଲ ସବୁ ଜୁଲାଇରୁ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ଫୁଟିଥାଏ। ତା'ପରେ ଉଦ୍ଭିଦର ଉପରିଭାଗରେ ଥିବା ଅଂଶ ମରିଯାଏ ଓ ପୁନଶ୍ଚ ଏହା ଏପ୍ରିଲ ମାସରେ ଆବିର୍ଭୂତ ହୁଏ।

**ସାଂସ୍କୃତିକ ଦିଗ :** ୨୦୦୭ ମସିହାରେ ଉତ୍ତରାଖଣ୍ଡ ରାଜ୍ୟ ସୃଷ୍ଟି ହେଲା ପରେ ବ୍ରହ୍ମକମଳ ଉକ୍ତ 'ରାଜ୍ୟର ଫୁଲ' (ଷ୍ଟେଟ ଫ୍ଲାୱାର) ରୂପେ ବିବେଚିତ ହୋଇଛି। ଏହି ପୁଷ୍ପକୁ ମଧ୍ୟ ପର୍ବତରେ ଥିବା ମନ୍ଦିରର ଦେବତାମାନଙ୍କୁ ଅର୍ପଣ କରାଯାଏ। ବଦ୍ରିନାଥ ଧାମରେ ମଧ୍ୟ ବ୍ରହ୍ମକମଳ ବିଷ୍ଣୁଙ୍କୁ ଅର୍ପଣ କରାଯାଏ। ଏହି ପୁଷ୍ପ ହିନ୍ଦୁମାନଙ୍କର ଧର୍ମୀୟ ଭାବନା ସହିତ ଜଡ଼ିତ। ଏହି ପୁଷ୍ପ ପ୍ରସ୍ଫୁଟିତ ହେଲାବେଳେ ଯାହା ମନସ୍କାମନା କରାଯାଏ ତାହା ପୂର୍ଣ୍ଣ ହୋଇଥାଏ ବୋଲି ଲୋକଙ୍କର ଧାରଣା ଅଛି। ୧୯୮୨ ମସିହା ମେ' ୨୯ ତାରିଖରେ ଭାରତ ସରକାର ବ୍ରହ୍ମକମଳ ଉପରେ ଏକ ଡାକ ଟିକେଟ ଛାପିଥିଲେ, ଯାହାର ଉପରେ ଏହି ଫୁଲର ଛବି, ବୈଜ୍ଞାନିକ ନାମ ଓ ଦେବନାଗରୀ ଅକ୍ଷରରେ ବ୍ରହ୍ମକମଳ ଲେଖା ରହିଛି।

**ଔଷଧୀୟ ଗୁଣ:** ବ୍ରହ୍ମକମଳର ଅନେକ ଔଷଧୀୟ ଗୁଣ ରହିଛି। ଜ୍ୱର ଭଲ କରିବାରେ ଏହାକୁ ବ୍ୟବହାର କରାଯାଏ। ଏହାର ଫୁଲ, କନ୍ଦ ଓ ପତ୍ର ହାଡ଼ ବିନ୍ଧା, ପେଟ ଗୋଳମାଳ, ଥଣ୍ଡା ଓ ସର୍ଦ୍ଦି ଚିକିତ୍ସା ପାଇଁ ବ୍ୟବହୃତ ହୁଏ। ବିଶେଷତଃ ଏହାର କନ୍ଦ ଖଣ୍ଡିଆଖାବରାରେ ବ୍ୟବହାର ହୁଏ। ବ୍ରହ୍ମ କମଳର ମଧ୍ୟ ଜୀବାଣୁରୋଧକ ଶକ୍ତି ରହିଛି। ଏହା ମାନସିକ ସନ୍ତୁଳନ ବଜାୟ ରଖିବା ସଙ୍ଗେ ସଙ୍ଗେ ଶରୀର ପାଇଁ ଉପକାରୀ ଅଟେ।

ବାସ୍ତୁଶାସ୍ତ୍ର ଅନୁସାରେ ବ୍ରହ୍ମକମଳ ଘରର ସୁଖ, ଶାନ୍ତି ଓ ଉନ୍ନତି ଆଣେ ଓ ନକାରାତ୍ମକ ପ୍ରଭାବକୁ ପ୍ରତିହତ କରିଥାଏ। ବାସ୍ତୁ ନିୟମ ଅନୁସାରେ ବ୍ରହ୍ମକମଳକୁ ବିକ୍ରୟ, କ୍ରୟ ବା ଉପହାର ସ୍ୱରୂପ ପ୍ରଦାନ କରିବା ଅନୁଚିତ। ବ୍ରହ୍ମକମଳ ଏକ ପବିତ୍ର, ଦୁଷ୍ପ୍ରାପ୍ୟ ପୁଷ୍ପ ହୋଇଥିବାରୁ ଜନସାଧାରଣ ସେମାନଙ୍କ ବାଡ଼ିବଗିଚାରେ ଏହାକୁ ରୋପଣ କରି ଯତ୍ନର ସହ ବଢ଼ାଇଲେ କିଛି ବର୍ଷ ପରେ ଏଥିରେ ଫୁଲ ଫୁଟିଲେ ଏହାର ସୌନ୍ଦର୍ଯ୍ୟ ଓ ମହକକୁ ଉପଭୋଗ କରିବା ସଙ୍ଗେ ସଙ୍ଗେ ମାନସିକ ଶାନ୍ତି ଲାଭ କରିପାରିବେ। ପୁନଶ୍ଚ ରାତିରେ ଏହା ଫୁଟି ସାରିବା ସଙ୍ଗେ ସଙ୍ଗେ ସାତ୍ତ୍ୱିକ ଭାବରେ ଏହାକୁ ନିକଟସ୍ଥ ଜଗନ୍ନାଥଙ୍କ ମନ୍ଦିରରେ ଜଗନ୍ନାଥଙ୍କୁ ଅର୍ପଣ କରି ସୌଭାଗ୍ୟ ଲାଭ କରିପାରିବେ।

-ଅବସରପ୍ରାପ୍ତ ଉଦ୍ଭିଦ ବିଜ୍ଞାନ ପ୍ରଫେସର, ୫୨/୨, ଭାଗବତ ସନ୍ଧାନ କଲୋନୀ, ଜି.ଜି.ପି., ଭୁବନେଶ୍ୱର-୨୫
ମୋ: ୮୨୪୯୦୭୯୦୮୪

## ନିୟମିତ ବ୍ରେକ୍‌ଫାଷ୍ଟ ଖାଉଥିଲେ..



ବ୍ରେକ୍‌ଫାଷ୍ଟ ବା ସକାଳ ଜଳଖିଆ ଆମ ଶରୀର ପାଇଁ କେତେ ଉପକାରୀ ତାହା ବର୍ଣ୍ଣନା କରିବା ଅନାବଶ୍ୟକ। ତେବେ ଏହାକୁ ନିୟମିତ ଖାଇଲେ ତାହା ଶରୀର ପାଇଁ ବେଶ୍ ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ। ଏଥିରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ପ୍ରତିଦିନ କେତେବେଳେ ବ୍ରେକ୍‌ଫାଷ୍ଟ କରିବେ ତାହା ସମୟ ନିର୍ଦ୍ଧାରଣ କରିବା ନିହାତି ଦରକାର। ଏହାକୁ ଠିକ୍ ସମୟରେ ଖାଇବା ଏକ ଅଭ୍ୟାସରେ ପରିଣତ କରନ୍ତୁ। ଏହାର ତାଲିକାରେ ସବୁବେଳେ ହାଲୁକା ଖାଦ୍ୟ ସାମିଲ କରନ୍ତୁ। କାରଣ ଏପରି ଖାଦ୍ୟ ସହଜରେ ହଜମ ହୋଇଥାଏ। ପ୍ରତିଦିନ ବ୍ରେକ୍‌ଫାଷ୍ଟରେ ଜୁସ୍ ପିଅନ୍ତୁ, କାରଣ ଏଥିରେ କ୍ୟାଲୋରୀ ଭରି ରହିଛି। ସକାଳେ ଏପରି ଖାଦ୍ୟ ଆଦୌ ଖାଆନ୍ତୁ ନାହିଁ, ଯେପରି ଆପଣଙ୍କୁ ଦିନତମାମ ଭାରାକ୍ରାନ୍ତ ଲାଗିବ। ଯଦି ପ୍ରତିଦିନ ଆପଣ ବ୍ୟାୟାମ କରୁଛନ୍ତି ତେବେ କିଛି ସମୟ ପରେ ହିଁ ବ୍ରେକ୍‌ଫାଷ୍ଟ କରନ୍ତୁ। ପ୍ରତିଦିନ ବ୍ରେକ୍‌ଫାଷ୍ଟରେ ତଟକା ଫଳମୂଳ ଖାଆନ୍ତୁ। ଏହି ତାଲିକାରେ ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ଆଦୌ ସାମିଲ କରନ୍ତୁ ନାହିଁ। ବ୍ରେକ୍‌ଫାଷ୍ଟରେ ତଟକା ଫଳମୂଳ ବ୍ୟତୀତ ବ୍ରେଡ୍, ବିସ୍କୁଟ ବି ଖାଇପାରିବେ।

## ମନେରଖନ୍ତୁ



- ►ରକ୍ତହୀନତା ଭୋଗୁଥିବା ରୋଗୀମାନଙ୍କ ପାଇଁ ମହୁ ବେଶ୍ ହିତକର। ଏହାକୁ ସେମାନେ ପ୍ରତିଦିନ ନିଜ ଦୈନନ୍ଦିନ ଖାଦ୍ୟରେ ଖାଇପାରିବେ।
- ►ପ୍ରତିଦିନ ଶିଡ଼ି ଚଢ଼ିବା ଏକ ଭଲ ବ୍ୟାୟାମ। ଯଦି ଆପଣଙ୍କର ଆଣ୍ଠୁଗଣ୍ଠିଜନିତ ସମସ୍ୟା ରହିଛି, ତେବେ ଶିଡ଼ି ଯେତେ କମ୍ ଚଢ଼ିବେ ସେତେ ଭଲ।
- ►ପ୍ରୋଟିନ୍‌ଜାତୀୟ ଖାଦ୍ୟ ଏବଂ ସବୁଜ ପନିପରିବାରୁ ପ୍ରସ୍ତୁତ ଖାଦ୍ୟ ଖାଇଲେ ତାହା ଶରୀର ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ।
- ►ବିଳମ୍ବିତ ରାତିରେ ଖାଉଛନ୍ତି କି? ଏହି ଅଭ୍ୟାସ ବଦଳାଇବାକୁ ଚେଷ୍ଟା କରନ୍ତୁ ଏବଂ ଠିକ୍ ସମୟରେ ଖାଦ୍ୟ ଖାଆନ୍ତୁ।
- ►ଆଖୁରସ ପିଇବା ଦ୍ୱାରା ଖାଦ୍ୟ ହଜମ ଠିକ୍ ଭାବେ ହୋଇଥାଏ। ଏଥିରେ ପଟାସିୟମ୍ ଥିବାରୁ ପାକସ୍ଥଳୀକୁ ଏହା ଇନ୍‌ଫେକ୍‌ସନ୍ ହେବାରୁ ମଧ୍ୟ ରକ୍ଷା କରିଥାଏ।

## କ୍ଷତିକାରକ ଧୂମପାନ



ନିୟମିତ ଧୂମପାନ କଲେ ହୃଦ୍‌ରୋଗ, ଫୁସ୍‌ଫୁସ୍‌ଜନିତ ରୋଗ ସହିତ ଅନ୍ଧତ୍ୱ, ଦ୍ୱିତୀୟ ପ୍ରକାର ମଧୁମେହ (ଟାଇପ-୨ ଡାଇବେଟିସ୍), ଉଚ୍ଚ ରକ୍ତଚାପ, ଯୌନ ଅକ୍ଷମତା, ହାଡର ଦୁର୍ବଳତା ଏପରିକି ଜନ୍ମିତ ଶିଶୁର ବିକଳାଙ୍ଗତା ଇତ୍ୟାଦି ହୋଇଥାଏ। ଧୂମପାନ ଫୁସ୍‌ଫୁସ୍‌କୁ କ୍ଷତି ପହଞ୍ଚାଇବା ସହିତ ସ୍ୱାସ୍ଥ୍ୟାବସ୍ଥାକୁ ଅଧିକ ମାତ୍ରାରେ କ୍ଷତି କରିଥାଏ। ତମାଖୁର ସୂକ୍ଷ୍ମକଣିକା ଶରୀର ମଧ୍ୟକୁ ଯାଇ ନିମୋନିଆ,ଏମଫିସିମା, ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ ଓ କ୍ୟାନ୍‌ସର ପରି ଜୀବନନାଶକ ରୋଗ ସୃଷ୍ଟି କରିଥାଏ। ପ୍ରକାର ଭେଦରେ ତମାଖୁ ଦୁଇ ପ୍ରକାର-ଧୂମବିହୀନ ଏବଂ ଧୂମଯୁକ୍ତ ଅଟେ। ଧୂମବିହୀନ ତମାଖୁ ମଧ୍ୟ ଅତ୍ୟନ୍ତ କ୍ଷତିକାରକ। ଧୂମପାନ ତ୍ୟାଗ ଅତ୍ୟନ୍ତ ଉପକାରୀ ହୋଇଥାଏ। ଧୂମପାନ ତ୍ୟାଗର ମାତ୍ର କେଇ ମାସ ମଧ୍ୟରେ ଅନେକ ଉନ୍ନତି ମିଳିଥାଏ। ଏହାଦ୍ୱାରା ଉଚ୍ଚ ରକ୍ତଚାପ ହ୍ରାସ, କଫ ଓ କାଶରେ କମ୍ ଏବଂ ନିଃଶ୍ୱାସ ନେବାରେ କ୍ଷମତା ବଢ଼ିଥାଏ। ଆମ ଦେଶରେ ପ୍ରତିବର୍ଷ ହାରାହାରି ୧୦ ଲକ୍ଷରୁ ଅଧିକ ଲୋକ ଧୂମପାନଜନିତ ରୋଗରେ ମୃତ୍ୟୁବରଣ କରିଥାଆନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେଶନ)ର ଏକ ସଦ୍ୟତମ ଆକଳନ ଅନୁଯାୟୀ ଭାରତର ୭୦ ପ୍ରତିଶତ ପୁରୁଷ ଏବଂ ୧୩-୧୫ ପ୍ରତିଶତ ମହିଳାମାନେ ଧୂମପାନ କରିଥାଆନ୍ତି।

# ଜଳବାୟୁ ପରିବର୍ତ୍ତନ ପାଇଁ ଦାୟୀ ପ୍ଲାଷ୍ଟିକ ପ୍ରଦୂଷଣ

ଅଶୋଧିତ ପେଟ୍ରୋଲିୟମ୍‌ରୁ ପ୍ଲାଷ୍ଟିକ ଉତ୍ପାଦନ କରିବାକୁ ହେଲେ ଯେଉଁ ରାସାୟନିକ ପଦ୍ଧତି ଅବଲମ୍ବନ କରାଯାଏ ସେଥିରୁ ଅନେକ ବିଷାକ୍ତ ଓ ସବୁଜଘର ଗ୍ୟାସ୍ ଉତ୍ପନ୍ନ ହୋଇ ପରିବେଶରେ ମିଶିଥାଏ। ପୁଣି ପ୍ଲାଷ୍ଟିକ ପଦାର୍ଥକୁ ଭସ୍ମୀକରଣ ପ୍ରକ୍ରିୟାରେ ପୋଡ଼ି ନଷ୍ଟ କରାଯିବା ଦ୍ୱାରା ମଧ୍ୟ ଅନେକ ସବୁଜଘର ଗ୍ୟାସ ବାୟୁମଣ୍ଡଳକୁ ନିର୍ଗତ ହୁଏ। କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ପରିବେଶ ବିଶେଷଜ୍ଞଙ୍କ ଦ୍ୱାରା ପ୍ରସ୍ତୁତ ଏକ ସଦ୍ୟତମ ରିପୋର୍ଟରୁ ଜଣାଯାଏ ଯେ, ପ୍ଲାଷ୍ଟିକ ଉତ୍ପାଦନ ଓ ଭସ୍ମୀକରଣ ପ୍ରକ୍ରିୟା ଯୋଗୁ ବାୟୁମଣ୍ଡଳକୁ ସମୁଦାୟ ୮୫୦ ମିଲିୟନ ଟନ୍ ସବୁଜଘର ଗ୍ୟାସ ଉତ୍ସର୍ଗିତ ହୋଇଛି। ଆଗାମୀ ୨୦ ବର୍ଷ ମଧ୍ୟରେ ଏହା ଆଶାତୀତ ବୃଦ୍ଧି ପାଇବ ବୋଲି ସେମାନେ ଆଶା ପ୍ରକଟ କରିଛନ୍ତି। ଏଥିଯୋଗୁ ପରିବେଶରେ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି। ପରିବେଶ ଯଦି ଏଭଳି ପ୍ରଦୂଷିତ ଏବଂ ପରିବର୍ତ୍ତନ ହୁଏ ତେବେ ତାହା ଜୀବଜଗତ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ ବୋଲି ଉକ୍ତ ବିଶ୍ୱବିଦ୍ୟାଳୟର ପରିବେଶ ବିଶେଷଜ୍ଞମାନେ ମତ ଦେଇଛନ୍ତି।



## ସ୍ୱାସ୍ଥ୍ୟ ସୂଚନା

- ➤ଦାନ୍ତ ଘଷିଲା ବେଳେ ଆଦୌ ତରବର ହୁଅନ୍ତୁ ନାହିଁ। ଅତି କମ୍‌ରେ ଦୁଇ ମିନିଟ୍ ଭଲ ଭାବେ ଦାନ୍ତ ଘଷନ୍ତୁ। କେବଳ ସକାଳେ ନୁହେଁ, ରାତ୍ର ଭୋଜନ ପରେ ଦାନ୍ତ ଘଷିବାକୁ ଭୁଲନ୍ତୁ ନାହିଁ।
- ➤କୌଣସି ବ୍ୟକ୍ତି ଯଦି କିଛି ବି ରୋଗରେ ଆକ୍ରାନ୍ତ ହୋଇଥାନ୍ତି, ତେବେ ତାଙ୍କ ପାଖରେ ସେ ରୋଗ ବିଷୟରେ ଆଲୋଚନା କରନ୍ତୁ ନାହିଁ। ଏହାର ନକାରାତ୍ମକ ପ୍ରଭାବ ତାଙ୍କ ମାନସିକତାକୁ ପ୍ରଭାବିତ କରିବାର ଆଶଙ୍କା ଥାଏ।
- ➤ନିଜକୁ ଅବସାଦଠାରୁ ଯେତେ ସମ୍ଭବ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ। ଯାହା ଆପଣଙ୍କ ମନକୁ ଶାନ୍ତି ପ୍ରଦାନ କରିବ।
- ➤ଯଦି ଆପଣ ଦୀର୍ଘ ସମୟ ଧରି ବ୍ଲଡ୍‌ପ୍ରେସର ସମସ୍ୟା ସହ ଜଡ଼ିତ ତେବେ ନିୟମିତ ଏହାକୁ ମାପି ନିଅନ୍ତୁ। ସବୁଠାରୁ ବଡ଼ କଥା ହେଲା ଏହାକୁ ସନ୍ତୁଳିତ ରଖିବା ପାଇଁ ଡାକ୍ତର ଲେଖିଥିବା ମେଡିସିନ୍ ନିୟମିତ ଖାଆନ୍ତୁ।
- ➤ଟମାଟୋରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଏହାକୁ ନିୟମିତ ଖାଇଲେ ତାହା ଶରୀରରେ ଚର୍ବି ଅଂଶ କମାଇବାରେ ସହାୟକ ହୋଇଥାଏ।
- ➤ମନରେ ଶାନ୍ତି ଓ ସକାରାତ୍ମକ ଭାବନା ପାଇଁ ପ୍ରତିଦିନ କିଛି କିଛି ସମୟ ପ୍ରାର୍ଥନା କରନ୍ତୁ।



# ୭୫ ବର୍ଷର ଫର୍ଦ୍ଦ ପାଠ



ଡା. ନିତ୍ୟାନନ୍ଦ ସ୍ୱାଇଁ

ବିଜ୍ଞାନର ପ୍ରଚାର ପ୍ରସାର କରୁଥିବା ଅଗ୍ରଣୀ ଅନୁଷ୍ଠାନ ବିଜ୍ଞାନ ପ୍ରଚାର ସମିତି ତାହାର ପ୍ଲାଟିନମ୍ ଜୟନ୍ତୀ ପାଳନ କରୁଛି। ସେ ସମ୍ପର୍କରେ ଆଲୋକପାତ...

ମଣିଷ ସୃଷ୍ଟି ହେବା କାଳରୁ ବିଜ୍ଞାନ ସହ ତା'ର ପରିଚୟ। ଅଥଚ ଅଧିକାଂଶ ବ୍ୟକ୍ତି ବିଜ୍ଞାନ ପ୍ରତି ବୀତସ୍ପୃହ। ମାତ୍ର ଜନସାଧାରଣଙ୍କ ମନୋଭାବର ପ୍ରସାର କରିବା ଏବଂ ସେମାନଙ୍କ ଜୀବନର ମାନଦଣ୍ଡରେ ଉନ୍ନତି ଆଣିବା ପାଇଁ ବିଜ୍ଞାନ ହିଁ ପ୍ରଧାନ ଅବଲମ୍ବନ। ତେଣୁ ସମାଜର ତଥା ରାଷ୍ଟ୍ରର ସମୃଦ୍ଧି ନିମିତ୍ତ ବିଜ୍ଞାନର ସାମାଜିକୀକରଣ ଲୋଡ଼ା। ସାଧାରଣ ଜନତାଙ୍କ ଶିକ୍ଷାର ସ୍ତର ସୀମିତ। ତାହା ସାଙ୍ଗକୁ ଆଗେ ବିଜ୍ଞାନ ବିଷୟଟି ମାଟ୍ରିକ ଶ୍ରେଣୀରେ ପଢ଼ାଯାଉ ନ ଥିଲା। ବିଜ୍ଞାନ ବିଷୟଟି ଅତ୍ୟନ୍ତ କ୍ଲିଷ୍ଟ ଓ ତାହା ଆଦୌ ସହଜବୋଧ ନୁହେଁ-ଏହି ପ୍ରକାର ଏକ ଧାରଣା ବଳବତ୍ତର ରହିଛି ସେମାନଙ୍କର ମାନସିକତାରେ। ଅବଶ୍ୟ ସେମାନଙ୍କର ଏଭଳି ଧାରଣା ଅମୂଳକ ନୁହେଁ। ସୁତରାଂ ସେମାନଙ୍କଠାରେ ବିଜ୍ଞାନ ପ୍ରତି ଅନୁରାଗ ଜନ୍ମେଇବା ନିମିତ୍ତ ଲୋଡ଼ା ନିରବଚ୍ଛିନ୍ନ ଆନ୍ତରିକ ଉଦ୍ୟମ ଏବଂ ଏହା ନିଶ୍ଚିତ ଭାବରେ ଏକ ବିରାଟ ଆହ୍ୱାନ। ହେଲେ ଆପଣମାନେ ଜାଣି ଆଶ୍ୱସ୍ତ ହେବେ ଯେ ଏହି ଆହ୍ୱାନକୁ ସାକାର କରିବା ପାଇଁ ବିଗତ ୭୫ ବର୍ଷ ଧରି ସକ୍ରିୟ ରହି ଆସିଛି 'ବିଜ୍ଞାନ ପ୍ରଚାର ସମିତି'। ମାତ୍ର କ'ଣ ରହିଛି ଏହି ସମିତିର ପୂର୍ବ ଏବଂ ସାମ୍ପ୍ରତିକ ବୃତ୍ତାନ୍ତ?

**ଜନ୍ମ:** ବିଜ୍ଞାନ ପ୍ରଚାର ସମିତିର ଶୁଭ ଜନ୍ମବାସର ୧୯୪୯ ମସିହା ଅଗଷ୍ଟ ୭ ତାରିଖ। ସେହିଦିନ ଅପରାହ୍ଣରେ ଡା. ଗୋପାଳଚନ୍ଦ୍ର ପଟ୍ଟନାୟକଙ୍କ କଟକ ମେଡିକାଲ କଲେଜସ୍ଥିତ ବାସଭବନରେ ସ୍ଥାପିତ ହୋଇଥିଲା ବିଜ୍ଞାନ ପ୍ରଚାର ସମିତି। ଡାକ୍ତର ଏବଂ ଅଧ୍ୟାପକ ମିଶି ନଅ ଜଣ ଥିଲେ ଏହି ସମିତିର ସ୍ଥାପୟିତା ସଦସ୍ୟ। ସେଦିନ ସମାବେଶରେ ସଭାପତିତ୍ୱ କରିଥିଲେ ଅର୍ଥନୀତି ବିଶାରଦ ଡ. ସଦାଶିବ ମିଶ୍ର। ଯୁଗ୍ମ ସମ୍ପାଦକ ଭାବରେ ମନୋନୀତ ହୋଇଥିଲେ ରସାୟନ ବିଜ୍ଞାନୀ ଡ. ଗୋକୁଳାନନ୍ଦ ମହାପାତ୍ର ଏବଂ ମନୋବିଜ୍ଞାନୀ ଡ. ରାଧାନାଥ ରଥ। ସମିତିର ସେହି ନବରତ୍ନ ସମ୍ପ୍ରତି ଦିବଂଗତ।



**ଲକ୍ଷ୍ୟ-ଉଦ୍ଦେଶ୍ୟ:** ଯେଉଁ ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ନେଇ ଏହି ସମିତି ଗଠିତ ହୋଇଥିଲା ତାହା ହେଲା-ବିଜ୍ଞାନ ଆଧାରିତ ପ୍ରବନ୍ଧ ପାଠ ଓ ଆଲୋଚନା, ବିଜ୍ଞାନ ବିଷୟକ ପତ୍ରିକା ଓ ପୁସ୍ତକ ପ୍ରକାଶନ, ବିଜ୍ଞାନ ସମ୍ବନ୍ଧୀୟ ବକ୍ତୃତା ସିମ୍ପୋଜିୟମ୍‌ର ଆୟୋଜନ ଏବଂ ଅନ୍ୟ କୌଣସି ମାଧ୍ୟମରେ ଉପଯୋଗ କରି ବିଜ୍ଞାନର ବାର୍ତ୍ତା ପ୍ରଚାର ଓ ପ୍ରସାର। ହେଲେ ସମିତି ଦ୍ୱାରା ବିଜ୍ଞାନ ସଂକ୍ରାନ୍ତ ଯାବତୀୟ କାର୍ଯ୍ୟ କେବଳ ଓଡ଼ିଆ ଭାଷାରେ ହିଁ ସମ୍ପାଦିତ ହେବ ବୋଲି ସର୍ତ୍ତ ରହିଲା। ବିଜ୍ଞାନକୁ ଜନାଭିମୁଖୀ କରାଇବା ସମିତିର ଏକମାତ୍ର ଉଦ୍ଦେଶ୍ୟ ହୋଇଥିବାରୁ ବିଜ୍ଞାନ ତଥ୍ୟଗୁଡ଼ିକର ପରିବେଷଣ ଭାଷାକୁ ବୋଧଗମ୍ୟ ଏବଂ ଶୈଳୀକୁ ଆକର୍ଷଣୀୟ କରିବା ଉପରେ ସର୍ବାଧିକ ଗୁରୁତ୍ୱାରୋପ କରିବା ପାଇଁ ସ୍ଥିର ହେଲା।



ଡ. ଗୋକୁଳାନନ୍ଦ ମହାପାତ୍ର

**ସଫଳତା :** ପ୍ରତି ମାସର ଦ୍ୱିତୀୟ ଓ ଚତୁର୍ଥ ରବିବାର ଅପରାହ୍ଣରେ ଏହି ସମିତିର ଅଧିବେଶନ ଅନୁଷ୍ଠିତ ହୋଇ ଆସୁଅଛି। ସଦସ୍ୟମାନେ ଓଡ଼ିଆ ଭାଷାରେ ଲିଖିତ ବିଜ୍ଞାନ ପ୍ରବନ୍ଧମାନ ପାଠ କରନ୍ତି ଓ ପ୍ରବନ୍ଧ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୁଏ। ବର୍ତ୍ତମାନ ଏହି ସମିତିର ସଭ୍ୟ ସଂଖ୍ୟା ୩୦୦ରୁ ଉର୍ଦ୍ଧ୍ୱ। ଏ ଯାବତ୍ ୧୮୦୦ରୁ ଉର୍ଦ୍ଧ୍ୱ ଅଧିବେଶନ ଅନୁଷ୍ଠିତ ହୋଇ ୪୦୦୦ରୁ ଅଧିକ ପ୍ରବନ୍ଧ ପଠିତ ହୋଇ ଗୃହୀତ ହୋଇଛି। ଏହାବ୍ୟତୀତ ସଭ୍ୟମାନେ ସ୍ୱରଚିତ ପ୍ରବନ୍ଧଗୁଡ଼ିକୁ ପୁସ୍ତକ ଆକାରରେ ମଧ୍ୟ ପ୍ରକାଶ କରିଥାଆନ୍ତି। ଏହି ସମିତି ଆନୁକୂଲ୍ୟରେ ପ୍ରକାଶିତ ହୋଇଛି ୬୦ରୁ ଅଧିକ ବିଭିନ୍ନ ବିଷୟକ ଜନପ୍ରିୟ ବିଜ୍ଞାନ ପୁସ୍ତକ। 'ବିଜ୍ଞାନାଲୋକ' ହେଉଛି ସମିତିର ମୁଖପତ୍ର। ବିଜ୍ଞାନଭିତ୍ତିକ ଆଲୋଚନା ସମୟରେ ଛାତ୍ରୀଛାତ୍ରମାନେ ସମିତି ସଭ୍ୟଙ୍କ ସହ ଭାବ ଆଦାନପ୍ରଦାନ କରିଥାଆନ୍ତି। ତା' ସହ ଏହି ସମିତିର ପ୍ରତିଷ୍ଠା ଦିବସରେ ଜନପ୍ରିୟ ବିଜ୍ଞାନ ଲେଖକ, ଗବେଷକ ପରିବେଶ ବିଜ୍ଞାନୀ, ବାଗ୍ମୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ ଏବଂ ପୁରସ୍କୃତ କରାଯାଇଆସୁଅଛି। ସମିତିର ପୂର୍ବସୂରୀମାନଙ୍କର ସମିତି ପ୍ରତି ଅବଦାନକୁ ସ୍ମରଣ କରିବା ପାଇଁ ପ୍ରତିବର୍ଷ ସମିତି ଆନୁକୂଲ୍ୟରେ ପ୍ରଦତ୍ତ ହୋଇଆସୁଥିବା ପ୍ରମୁଖ ସମ୍ମାନଗୁଡ଼ିକ ମଧ୍ୟରେ ରହିଛି 'ଡ. ଗୋକୁଳାନନ୍ଦ ମହାପାତ୍ର ସ୍ମାରକୀ ସମ୍ମାନ ଏବଂ ଡ. କୁଳମଣି ସାମଲ ସ୍ମାରକୀ ସମ୍ମାନ।

ସୂଚନାଯୋଗ୍ୟ, ବିଜ୍ଞାନ ପ୍ରଚାର ସମିତି ସଭ୍ୟମାନଙ୍କ ଉଦ୍ୟମରେ ଓଡ଼ିଶା ବିଜ୍ଞାନ ଏକାଡେମୀ ଏକ ବେସରକାରୀ ଅନୁଷ୍ଠାନ ରୂପେ ଜନ୍ମ ନେଇଥିଲା ଏବଂ ପରେ ଓଡ଼ିଶା ସରକାର ଏହାକୁ ନିଜ ହାତକୁ ନେଇଯାଇଥିଲେ। ଏହା ସ୍ୱୀକାର୍ଯ୍ୟ ଯେ, ବିଜ୍ଞାନ ପ୍ରଚାର ସମିତିର ପ୍ରତିଷ୍ଠାତା ପ୍ରଫେସର ଗୋକୁଳାନନ୍ଦ ମହାପାତ୍ରଙ୍କ ମହନୀୟ ଦୂରଦୃଷ୍ଟିର ଏକ ସମୁଜ୍ଜ୍ୱଳ ସ୍ୱାକ୍ଷର ଏବଂ ବିଜ୍ଞାନକୁ ସାର୍ବଜନୀନ କରେଇବାରେ ସମିତିର ଅବଦାନ ଅତୁଳନୀୟ।

-'ଅଭୀପ୍ସା', ସେକ୍ଟର-୬, ପ୍ଲଟ ନଂ-୧୧୩୧, ସିଡିଏ କଟକ-୧୪
ମୋ: ୮୩୨୮୯୭୫୧୧୮

# ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ଅଗଷ୍ଟ ୫/୨୦୨୪ Bhubaneswar, Monday, August 5/ 2024


# ବେଲ୍‌ଜିୟମକୁ ହରାଇଲା ସ୍ପେନ୍

**ଅଲିମ୍ପିକ୍ସ ପୁରୁଷ ହକି**

ପ୍ୟାରିସ, ୪।୮

୨୦୧୬ ରିଓ ଡି ଜେନିରୋରେ ରୌପ୍ୟ ଓ ୨୦୨୦ ଟୋକିଓରେ ସ୍ୱର୍ଣ୍ଣ ପଦକ ବିଜେତା ନମ୍ବର ୱାନ ର୍ୟାଙ୍କପ୍ରାପ୍ତ ବେଲଜିୟମକୁ ହରାଇ ଚଳିତ ଅଲିମ୍ପିକ୍ସରେ ବିପର୍ଯ୍ୟୟ ସୃଷ୍ଟି କରିଛି ସ୍ପେନ୍। ରବିବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ବିଶ୍ୱ ର୍ୟାଙ୍କିଙ୍ଗର ୮ ନମ୍ବର ସ୍ଥାନରେ ଥିବା ଏହି ଦଳ ବେଲ୍‌ଜିୟମକୁ ୩-୨ ଗୋଲରେ ହରାଇ ସେମିଫାଇନାଲରେ ପ୍ରବେଶ କରିଛି।

ମ୍ୟାଚ ଆରମ୍ଭରୁ ବେଲଜିୟମକୁ କଡ଼ା ଚ୍ୟାଲେଞ୍ଜ ଦେଇଥିଲା ସ୍ପେନ୍। ପ୍ରଥମ ଦୁଇ କ୍ୱାର୍ଟରରେ କଡ଼ା ସଂଘର୍ଷ ଦେଖିବାକୁ ମିଳିଥିଲେ ହେଁ ଗୋଲ ହୋଇ ନ ଥିଲା। ପ୍ରଥମାର୍ଦ୍ଧ ୦-୦ ରହିବାପରେ ତୃତୀୟ କ୍ୱାର୍ଟରରେ ଅର୍ଥାତ୍ ୪୦ତମ ମିନିଟରେ ଜୋସ ମାରିଆ ବଷ୍ଟେରା ଏକ ଗୋଲ ଦେଇ ସ୍ପେନ୍‌କୁ ଅଗ୍ରଣୀ କରିଥିଲେ। ମାତ୍ର ଏହାର ୧ ମିନିଟ ପରେ ୪୧ତମ ମିନିଟରେ ବେଲଜିୟମର ଆର୍ଥର ଡି ସ୍ଲୋଭେର ଗୋଲଟି ପରିଶୋଧ କରି ଦେଇଥିଲେ। ତୃତୀୟ କ୍ୱାର୍ଟରରେ ଅସଲ ଖେଳ ଦେଖାଇଥିଲା ସ୍ପେନ୍। ୫୫ତମ ମିନିଟରେ ମାର୍କ ରେନେ ଗୋଲ ଦେଇ ଦଳକୁ ଅଗ୍ରଣୀ କରିଥିଲେ। ୫୭ତମ ମିନିଟରେ ମାର୍କ ମିରାଲେସ ଆଉ ଏକ ଗୋଲ ସ୍କୋର କରି ସ୍ପେନ୍‌ର ଅଗ୍ରଣୀ ବ୍ୟବଧାନକୁ ୩-୧ରେ ପହଞ୍ଚାଇଥିଲେ। ୫୮ତମ ମିନିଟରେ ବେଲଜିୟମର ଆଲେକଜାଣ୍ଡର ହେଣ୍ଡ୍ରିକ୍ସ ଗୋଲ ପରିଶୋଧ କରିବାରୁ ମ୍ୟାଚରେ ଉଷ୍ମତା ଭରିଥିଲା। ତେବେ ଅବଶିଷ୍ଟ ସମୟର ଖେଳରେ ସ୍ପେନ୍ ଏହାର ରକ୍ଷଣଭାଗକୁ ଦୃଢ଼ କରି ବେଲଜିୟମର ଆକ୍ରମଣକୁ ପ୍ରତିହତ କରିଥିଲା। ଫଳରେ ଡିଫେଣ୍ଡିଂ ଚାମ୍ପିୟନ ବେଲଜିୟମର ଅଭିଯାନ ଏଥର କ୍ୱାର୍ଟର ଫାଇନାଲରୁ ଶେଷ ହୋଇ ଯାଇଥିଲା।



ବେଲ୍‌ଜିୟମ୍‌କୁ ହରାଇବା ପରେ ଉଲ୍ଲସିତ ସ୍ପେନ୍ ଦଳ।

## ଅଲିମ୍ପିକ୍ସ ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଚାଇନା | ୧୮ | ୧୫ | ୯ | ୪୨ |
| ଆମେରିକା | ୧୬ | ୨୫ | ୨୫ | ୬୬ |
| ଫ୍ରାନ୍ସ | ୧୨ | ୧୪ | ୧୬ | ୪୨ |
| ଅଷ୍ଟ୍ରେଲିଆ | ୧୨ | ୮ | ୭ | ୨୭ |
| ବ୍ରିଟେନ | ୧୦ | ୧୨ | ୧୫ | ୩୭ |
| ଦ.କୋରିଆ | ୧୦ | ୭ | ୭ | ୨୪ |
| ଜାପାନ | ୮ | ୫ | ୧୦ | ୨୩ |
| ଇଟାଲୀ | ୬ | ୮ | ୫ | ୧୯ |
| ନେଦରଲାଣ୍ଡସ୍ | ୬ | ୫ | ୪ | ୧୫ |
| ଜର୍ମାନୀ | ୫ | ୫ | ୨ | ୧୨ |
| କାନାଡା | ୪ | ୪ | ୮ | ୧୬ |
| ରୋମାନିଆ | ୩ | ୩ | ୧ | ୭ |
| ହଙ୍ଗେରି | ୩ | ୨ | ୨ | ୭ |
| ଆୟର୍ଲାଣ୍ଡ | ୩ | ୦ | ୨ | ୫ |
| ନ୍ୟୁଜିଲାଣ୍ଡ | ୨ | ୪ | ୧ | ୭ |
| କ୍ରୋଏସିଆ | ୨ | ୧ | ୧ | ୪ |
| ବେଲଜିୟମ | ୨ | ୦ | ୩ | ୫ |
| ହଂକଂ | ୨ | ୦ | ୨ | ୪ |
| ଭାରତ | ୦ | ୦ | ୩ | ୩ |

(ରାତି ୧୦ଟା ସୁଦ୍ଧା)

# ଖେଲିଫଙ୍କୁ ନେଇ ହାମୋରୀଙ୍କ ବିବାଦୀୟ ପୋଷ୍ଟ



ପ୍ୟାରିସ୍, ୪।୮ (ପି.ଟି.)

ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ରେ ହଙ୍ଗେରୀ ବକ୍ସର ଆନ୍ନା ଲୁକା ହାମୋରୀ ୫-୦ରେ ଆଲଜେରିଆର ଇମାନେ ଖେଲିଫଙ୍କଠାରୁ ପରାଜିତ ହୋଇଥିଲେ। ୬୬ କିଗ୍ରା ଓଜନ ବର୍ଗର କ୍ୱାର୍ଟର ଫାଇନାଲ ମ୍ୟାଚର ଫଳାଫଳ ପରେ ଆନ୍ନାଙ୍କ ଏକ ପୋଷ୍ଟକୁ ନେଇ ବିବାଦ ଦେଖିବାକୁ ମିଳିଛି। ଆନ୍ନା ନିଜ ଇନ୍‌ଷ୍ଟାଗ୍ରାମ ଷ୍ଟୋରିରେ ଏକ ଫଟୋ ଲଗାଇଥିଲେ ; ଯେଉଁଥିରେ ଏକ ରାକ୍ଷସ ସମ୍ମୁଖରେ ଜଣେ ଝିଅ ଛିଡ଼ା ହୋଇଥିବାର ଦୃଶ୍ୟ ରହିଥିଲା। ଇମାନେ ଖେଲିଫଙ୍କ ଲିଙ୍ଗଗତ ଟେଷ୍ଟକୁ ନେଇ ଆରମ୍ଭରୁ ଚର୍ଚ୍ଚା ଲାଗି ରହିଥିବା ବେଳେ ଇଟାଲୀର ଆଞ୍ଜେଲା କାରିନିଙ୍କୁ ସେ ମାତ୍ର ୪୬ ସେକେଣ୍ଡରେ ନକ୍‌ଆଉଟ କରିଥିଲେ। ଏପରି ସ୍ଥିତିରେ ଆନ୍ନା ୩ ରାଉଣ୍ଡ ଲଢେଇ କରିଥିଲେ ମଧ୍ୟ ସେ ଖୁସି ନ ଥିବା ପୋଷ୍ଟରୁ ସ୍ପଷ୍ଟ ହୋଇଛି। ଅବଶ୍ୟ ପରେ ଆନ୍ନା ଏହି ପୋଷ୍ଟକୁ ନିଜ ଷ୍ଟୋରିରୁ ହଟାଇ ଦେଇଥିଲେ।

# ଡୋମିନିକା ପାଇଁ ପ୍ରଥମ ଅଲିମ୍ପିକ ପଦକ ଜିତିଲେ ଲାଫଣ୍ଡ

ସେଣ୍ଟ-ଡେନିସ, ୪।୮ (ଏପି)

ଡୋମିନିକା ପାଇଁ ପ୍ରଥମ ଅଲିମ୍ପିକ ପଦକ ଆଣି ଦେଇଛନ୍ତି ଟ୍ରିପଲ ଜମ୍ପର ଥିଆ ଲାଫଣ୍ଡ। କାରିବିନ୍ ଦ୍ୱୀପପୁଞ୍ଜର ଏହି ଅନ୍ୟତମ କ୍ଷୁଦ୍ର ରାଷ୍ଟ୍ରରୁ ସେ ଜଣେ ମାତ୍ର ଆଥଲେଟ ପ୍ୟାରିସ ଗେମ୍ସରେ ଭାଗ ନେଇଛନ୍ତି। ମାର୍ଚ୍ଚରେ ୱାର୍ଲ୍ଡ ଇନ୍‌ଡୋର ଇଭେଣ୍ଟରେ ମଧ୍ୟ ସେ ଡୋମିନିକା ତରଫରୁ ଏକମାତ୍ର ଆଥ୍‌ଲେଟ ଭାବେ ଯୋଗଦାନ କରି ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ବର୍ତ୍ତମାନ ପ୍ୟାରିସ ଅଲିମ୍ପିକ୍ସରେ ଲାଫଣ୍ଡ ତାଙ୍କ ଦେଶର ଏକ ମାତ୍ର ମହିଳା ଭାବେ ଦୌଡ଼କୁଦ ପ୍ରତିଯୋଗିତାରେ ଭାଗ ନେଉଛନ୍ତି। ଏଠାରେ ମଧ୍ୟ ସେ ସ୍ୱର୍ଣ୍ଣ ଜିତିପାରିଛନ୍ତି। ଏହା କେବଳ ସ୍ୱର୍ଣ୍ଣ ନୁହେଁ ଡୋମିନିକା ପାଇଁ ପ୍ରଥମ ଅଲିମ୍ପିକ ପଦକ ହୋଇଥିବାରୁ ଏହାର ଅଧିକ ମହତ୍ତ୍ୱ ରହିଛି। ସ୍ୱଳ୍ପ ଭିତ୍ତିଭୂମି ଥାଇ ଏକ କ୍ଷୁଦ୍ର ଦେଶରୁ ପ୍ରତିନିଧିତ୍ୱ କରି ସ୍ୱର୍ଣ୍ଣ ଜିତିବା ଅନେକଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଥାଏ। ଡୋମିନିସିଆର ଜନସଂଖ୍ୟା ହେଉଛି ପ୍ରାୟ ୭୦,୦୦୦। ଏହି କ୍ଷୁଦ୍ର ରାଷ୍ଟ୍ରର ପଡ଼ୋଶୀ ରହିଛନ୍ତି ସେଣ୍ଟ ଲୁସିଆ ଓ ବାର୍ବାଡସ ଏବଂ ଦକ୍ଷିଣ ଭାଗରେ ତ୍ରିନିଦାଦ ଓ ଟବାଗୋ। ଆମର ଭାଷା ହେଉଛି ଇଂଲିଶ। ଶନିବାର କାରିବିନ୍‌ର ଏକ ମାତ୍ର ଦ୍ୱୀପାଞ୍ଚଳ ରାଷ୍ଟ୍ର ଭାବେ ପ୍ରଥମ ଅଲିମ୍ପିକ ପଦକ ଜିତି ନାହିଁ, ସେଣ୍ଟ ଲୁସିଆ ପାଇଁ ଜୁଲିନ ଆଲ୍‌ଫ୍ରେଡ୍ ୧୦୦ ମିଟରରେ ସ୍ୱର୍ଣ୍ଣ ଆଣି ଦେଇଛନ୍ତି।

# ଜୋକୋଭିଚ୍‌ଙ୍କୁ ପ୍ରଥମ ଅଲିମ୍ପିକ୍ସ ସ୍ୱର୍ଣ୍ଣ

ପ୍ୟାରିସ, ୪।୮ (ଏପି)

ସର୍ବୀୟ ଟେନିସ ଷ୍ଟାର ନୋଭାକ ଜୋକୋଭିଚ୍ ପ୍ୟାରିସରେ ତାଙ୍କର ପ୍ରଥମ ଅଲିମ୍ପିକ୍ସ ସ୍ୱର୍ଣ୍ଣ ଜିତିଛନ୍ତି। ପୁରୁଷ ସିଙ୍ଗଲ୍ସର ରୋମାଞ୍ଚ ଫାଇନାଲରେ ସେ ୭-୬ (୩), ୭-୬ (୨) କାର୍ଲୋସ ଅଲ୍‌କାରାଜଙ୍କୁ ହରାଇ ଦେଇଛନ୍ତି। ୩୭ ବର୍ଷୀୟ ଜୋକୋଭିଚ୍ ତାଙ୍କ କ୍ୟାରିୟରରେ ଅନେକ ରେକର୍ଡ ଓ ସଫଳତା ହାସଲ କରିଛନ୍ତି। ସେ କେବଳ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ଜିତିପାରି ନ ଥିଲେ। ସେ ପୁରୁଷ ଖେଳାଳି ହିସାବରେ ସର୍ବାଧିକ ୨୪ ଗ୍ରାଣ୍ଡସ୍ଲାମ ହାସଲ କରିଛନ୍ତି। ପୁରୁଷ ଅବା ମହିଳା ଉଭୟ ବର୍ଗରେ ସେ ସର୍ବାଧିକ ସପ୍ତାହ ର୍ୟାଙ୍କିଙ୍ଗରେ ନମ୍ବର ୧ ରହିପାରିଛନ୍ତି। ଏହା ପୂର୍ବରୁ ଅଲିମ୍ପିକ୍ସରେ ସେ ଥରେ ଏକ ପଦକ ୨୦୦୮ରେ ବ୍ରୋଞ୍ଜ ପାଇଥିଲେ। କିନ୍ତୁ ଏହା ତାଙ୍କ ପାଇଁ ଯଥେଷ୍ଟ ନ ଥିଲା। ସେ ପୂର୍ବରୁ ଯେତେଥର ଅଲିମ୍ପିକ୍ସରେ ଭାଗ ନେଇଛନ୍ତି ସ୍ୱର୍ଣ୍ଣ ବିଜେତାଙ୍କଠାରୁ ହାରିଛନ୍ତି। ୨୦୦୮ରେ ବେଜିଂରେ ସେ ରାଫେଲ ନାଡାଲ, ୨୦୧୨ରେ ଲଣ୍ଡନରେ ଆଣ୍ଡି ମୁରେ ଏବଂ ୩ ବର୍ଷ ତଳେ ଟୋକିଓରେ ଆଲେକ୍‌ଜାଣ୍ଡର ଜେଭେରେଭଙ୍କ ନିକଟରୁ ହାରିଯାଇଥିଲେ।

# ଦ୍ୱିତୀୟ ଦିନିକିଆ ଜିତିଲା ଶ୍ରୀଲଙ୍କା

**ଭାଣ୍ଡର୍ସେଙ୍କୁ ୬ ଉଇକେଟ**

କଲମ୍ବୋ, ୪।୮ (ପି.ଟି.)

ଭାରତ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍‌କୁ ୩୨ରନ୍‌ରେ ଜିତିନେଇଛି ଶ୍ରୀଲଙ୍କା। ପ୍ରଥମେ ବ୍ୟାଟିଂ କରି ଦଳ ୫୦ ଓଭରରେ ୯ ଉଇକେଟ ହରାଇ ୨୪୦ ରନ୍ କରିଥିଲା। ଜବାବରେ ଭାରତ ୪୨.୨ ଓଭରରେ ୨୦୮ ରନ୍ କରି ଅଲଆଉଟ ହୋଇଥିଲା। ଉଭୟ ଦଳ ମଧ୍ୟରେ ଖେଳା ଯାଇଥିବା ପ୍ରଥମ ମ୍ୟାଚ୍ ଟାଇରେ ଶେଷ ହୋଇଥିଲା।

କ୍ରମାଗତ ଦ୍ୱିତୀୟ ମ୍ୟାଚ୍‌ରେ ଶ୍ରୀଲଙ୍କା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ଦଳ ପକ୍ଷରୁ ଜଣେ ବି ଖେଳାଳି ଅର୍ଦ୍ଧଶତକ ହାସଲ କରି ନ ଥିଲେ ମଧ୍ୟ ଏହା ୨୪୦ ରନ୍ କରିଥିଲା। ଅଭିଷ୍କା ଫର୍ନାଣ୍ଡୋ ଓ କାମିନ୍ଦୁ ମେଣ୍ଡିସ୍ ସର୍ବାଧିକ ୪୦ ରନ୍ ଲେଖାଏ ସ୍କୋର କରିଥିଲେ। ୧୩୬ ରନରେ ୬ ଉଇକେଟ ହରାଇ ଶ୍ରୀଲଙ୍କା ସଙ୍କଟରେ ପଡିଥିବା ବେଳେ କାମିନ୍ଦୁ ମେଣ୍ଡିସ(୪୦) ଓ ଦୁନିଥ ୱେଲାଲାଗେ(୩୯) ଯୋଡିଥିଲେ ୭୨ ରନ୍। ଭାରତ ପକ୍ଷରୁ ୱାଶିଂଟନ୍ ସୁନ୍ଦର ୩, କୁଲଦୀପ ଯାଦବ ୨, ଅକ୍ଷର ପଟେଲ ଓ ମହମ୍ମଦ ସିରାଜ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଜବାବରେ ମଧ୍ୟକ୍ରମ ବ୍ୟାଟିଂ ବିଫଳତା କାରଣରୁ ଭାରତ ୪୨.୨ ଓଭରରେ ସମସ୍ତ ଉଇକେଟ ହରାଇ ୨୦୮ ରନ୍ କରିଥିଲା। ରୋହିତ ଶର୍ମା(୬୪) ଓ ଶୁବମାନ୍ ଗିଲ୍(୩୫) ପ୍ରଥମ ଉଇକେଟରେ ୯୭ ରନ୍ ଯୋଡିଥିଲେ। ତେବେ ବିରାଟ କୋହଲି(୧୪), ଶିବମ ଦୁବେ(୦), ଶ୍ରେୟସ ଆୟର(୭) ଓ ଲୋକେଶ ରାହୁଲ(୦)ଙ୍କ କାରଣରୁ ଭାରତ ୧୪୭ ରନ୍‌ରେ ୬ ଉଇକେଟ ହରାଇଥିଲା। ଅକ୍ଷର ପଟେଲ ୪୪ ରନ୍ କରିଥିବା ବେଳେ ୱାଶିଂଟନ୍ ସୁନ୍ଦର ୧୫ ରନ୍ କରିଥିଲେ। ଶ୍ରୀଲଙ୍କା ପକ୍ଷରୁ ଜେଫେରୀ ଭାଣ୍ଡର୍ସେ ୨୮ ରନ୍‌ରେ ୬ ଉଇକେଟ ନେଇଥିଲେ। ଚରିଥ୍ ଆସାଲଙ୍କା ୩ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ୫୦ ଓଭରରେ ୨୪୦/୯(ଅଭିଷ୍କା ଫର୍ନାଣ୍ଡୋ-୪୦, କାମିନ୍ଦୁ ମେଣ୍ଡିସ୍-୪୦,ଦୁନିଥ ୱେଲାଲାଗେ-୩୯, ୱାଶିଂଟନ୍ ସୁନ୍ଦର-୩/୩୦, କୁଲଦୀପ ଯାଦବ-୨/୩୩, ଅକ୍ଷର ପଟେଲ-୧/୩୮)। ଭାରତ ୪୨.୨ ଓଭରରେ ୨୦୮/୧୦(ରୋହିତ ଶର୍ମା-୬୪, ଅକ୍ଷର ପଟେଲ-୪୪, ଶୁବମାନ ଗିଲ୍-୩୫, ଜେଫରୀ ଭାଣ୍ଡର୍ସେ-୬/୩୩, ଚରିଥ ଆସାଲଙ୍କା-୩/୨୦)।

# ହର୍ଷିତ ରଞ୍ଜନ ଚାମ୍ପିୟନ

**ସମର ବିଜୟ ମହାନ୍ତି ରାଜ୍ୟ ଓପନ୍ ଚେସ୍**


କୃତୀ ପ୍ରତିଯୋଗୀମାନେ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ।

ଭୁବନେଶ୍ୱର, ୪।୮ (ସରୋଜ ଜେନା)

କେଶୁରା ସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ଅନୁଷ୍ଠିତ ସମର ବିଜୟ ମହାନ୍ତି ରାଜ୍ୟ ଓପନ୍ ଚେସ୍ ଚାମ୍ପିୟନଶିପରେ ହର୍ଷିତ ରଞ୍ଜନ ସାହୁ ବିଜୟୀ ହୋଇଛନ୍ତି। ଓଡ଼ିଶା ଚେସ୍ ଆସୋସିଏଶନ ଓ ରୟାଲ ପବ୍ଲିକ୍ ସ୍କୁଲ ପକ୍ଷରୁ ମିଳିତ ଭାବରେ ଏହି ଟୁର୍ନାମେଣ୍ଟ ଆୟୋଜନ କରାଯାଇଥିଲା। ରୟାଲ ପବ୍ଲିକ୍ ସ୍କୁଲ ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ। କଟକର ହର୍ଷିତ ରଞ୍ଜନ ସାହୁ ୫ ପଏଣ୍ଟ ଅର୍ଜନ କରି ଓପନ ବର୍ଗରେ ଚାମ୍ପିୟନ ହୋଇଥିଲେ। ବିଭିନ୍ନ ବୟସ ବର୍ଗରେ ମଧ୍ୟ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏବିଆଇଟି ଏମ୍‌ସିଏ ବିଭାଗ ମୁଖ୍ୟ ଅମରେଶ ସାହୁ, ଓଡିଶା ଚେସ୍ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ଦିବଙ୍ଗତ ସମର ବିଜୟଙ୍କ ଝିଅ ସୁଚେତା ଭଞ୍ଜ ଓ ସୁଜାତା ମହାନ୍ତି ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।






# ସୁମିତ୍ରା, ପ୍ରସନ୍ନ ପଦ ବଜାୟ ରଖିଲେ

**ଓଡ଼ିଶା ବଡିବିଲ୍ଡିଂ ଆସୋସିଏଶନ ନିର୍ବାଚନ**

ଭୁବନେଶ୍ୱର, ୪।୮ (ତପନ ସ୍ୱାଇଁ)

ଓଡ଼ିଶା ବଡିବିଲ୍ଡିଂ ଆସୋସିଏଶନର ନିର୍ବାଚନ ରବିବାର ଏଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁମିତ୍ରା ତ୍ରିପାଠୀ ଓ ପ୍ରସନ୍ନ ମହାସୁଆର ଯଥାକ୍ରମେ ସଭାପତି ଓ ସମ୍ପାଦକ ପଦ ବଜାୟ ରଖିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଭାରତୀ କୃଷ୍ଣ ବ୍ରହ୍ମା ବୈଷୟିକ ପରାମର୍ଶଦାତା, ସଞ୍ଜୟ କୁମାର ଶତପଥୀ କାର୍ଯ୍ୟକାରୀ ସଭାପତି, ବାବୁଲି ସ୍ୱାଇଁ କାର୍ଯ୍ୟନିର୍ବାହୀ ଉପସଭାପତି, ବିରଞ୍ଚି ନାରାୟଣ ମିଶ୍ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ସତ୍ୟନାରାୟଣ ମହାନ୍ତି, ବିରଜା ପ୍ରସାଦ ଦାସ, ବିପିନ ଦାଶ, ତରୁଣ କୁମାର ଚାଟାର୍ଜୀ, ଜି. ସଞ୍ଜୀବ କୁମାର, କିଶୋର ମିଶ୍ର ଓ ମନ୍ମଥ ମିଶ୍ର ଉପସଭାପତି ନିର୍ବାଚିତ ହୋଇଛନ୍ତି। ସେହିପରି ପ୍ରଫୁଲ୍ଲ ଚନ୍ଦ୍ର ଗୁରୁ ସହକାରୀ ସମ୍ପାଦକ, ରାଜ କିଶୋର ସାହୁ, ପଙ୍କଜ ଲୋଚନ ପ୍ରତିହାରୀ ଓ ରାଜେଶ ବାବୁ ଆଚାରୀ ଯୁଗ୍ମ ସମ୍ପାଦକ, ସତ୍ୟେନ୍ଦୁ ରୟ ମହାପାତ୍ର, ଲଲାଟେନ୍ଦୁ ପାତ୍ର, ଉମା ଚରଣ ଶତପଥୀ, ଅଶୋକ କୁମାର ନାଏକ ଓ ପାର୍ଥ ସାରଥି ବିଶ୍ୱାଳ କାର୍ଯ୍ୟକାରୀ କମିଟି ସମ୍ପାଦକ, ପ୍ରଶାନ୍ତ କୁମାର ରାଉତ କୋଷାଧ୍ୟକ୍ଷ ଏବଂ ମନୋରଞ୍ଜନ ଶତପଥୀ, ଶିଶିର ବହିଦାର, ପ୍ରଦୀପ କୁମାର ଆଚାର୍ଯ୍ୟ, ପାର୍ଥ ସାରଥି ନାୟକ ଓ ରବୀନ୍ଦ୍ର ଶତପଥୀ କାର୍ଯ୍ୟକାରିଣୀ କମିଟି ସଦସ୍ୟ ହୋଇଛନ୍ତି। ଆଇବିବିଏଫ୍ ପକ୍ଷରୁ ଅତିନ ତିୱାରୀ ପର୍ଯ୍ୟବେକ୍ଷକ ଦାୟିତ୍ୱ ତୁଲାଇଥିବାବେଳେ ସୌର୍ଯ୍ୟରଞ୍ଜନ ପରିଜା ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନର ପ୍ରତିନିଧିଭାବେ ଉପସ୍ଥିତ ଥିଲେ। ମାନସ ରଞ୍ଜନ ମହାପାତ୍ର ଆଡ୍‌ଭାଇଜରି କମିଟି ଚେୟାରମ୍ୟାନ ଓ ଉମେଶ ଚନ୍ଦ୍ର ମିଶ୍ର ରିଟର୍ନିଂ ଅଫିସର ଦାୟିତ୍ୱ ତୁଲାଇଥିଲେ।



ବଡିବିଲ୍ଡିଂ ଆସୋସିଏଶନର ନବନିର୍ବାଚିତ କର୍ମକର୍ତ୍ତା।

# ତାସ୍‌କେଣ୍ଟ ଟ୍ରେନିଂ କ୍ୟାମ୍ପରେ ଭାଗନେବେ ଓଡ଼ିଶାର ରଞ୍ଜୀନ

ଭୁବନେଶ୍ୱର, ୪।୮ (ବିଜୟ ରଣା)

ଆକ୍ରୋବାଟିକ୍ କୋଚ୍‌ମାନଙ୍କ ଲାଗି ଆୟୋଜିତ ଏସିଆନ ଜିମ୍ନାଷ୍ଟିକ୍ସ ୟୁନିୟନ କମନ ଟ୍ରେନିଂ କ୍ୟାମ୍ପରେ ଭାଗ ନେବା ଲାଗି ଜିମ୍ନାଷ୍ଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ ତରଫରୁ ଓଡ଼ିଶାର ରଞ୍ଜୀନ ରେଡ୍ଡୀ ମନୋନୀତ ହୋଇଛନ୍ତି। ଏହି କ୍ୟାମ୍ପ ଉଜ୍‌ବେକିସ୍ତାନର ତାସକେଣ୍ଟଠାରେ ଅଗଷ୍ଟ ୬ରୁ ୧୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଅବସରରେ ଓଡ଼ିଶା ଜିମ୍ନାଷ୍ଟିକ୍ସ ଆସୋସିଏଶନର ସଭାପତି ସମୀର ଦେ ଓ ସାଧାରଣ ସମ୍ପାଦକ ଅଶୋକ କୁମାର ସାହୁ ରେଡ୍ଡୀଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କର ଶୁଭ କାମନା କରିଛନ୍ତି।

# ଇତିହାସ ରଚିଲେ ସିଣ୍ଡି ଏନ୍‌ଗାମ୍ବା

ପ୍ୟାରିସ୍, ୪।୮ (ପି.ଟି.)

ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ରେ ଇତିହାସ ରଚିଛନ୍ତି ସିଣ୍ଡି ଏନ୍‌ଗାମ୍ବା। ରିଫ୍ୟୁଜି ଦଳରେ ସାମିଲ ଥିବା ଏହି ବକ୍ସର ଜଣଙ୍କ ସେମି ଫାଇନାଲରେ ପ୍ରବେଶ କରିବା ସହ ପ୍ରଥମ ପଦକ ନିଶ୍ଚିତ କରିଛନ୍ତି। କାମେରୁନ୍‌ରେ ଜନ୍ମିତ ସିଣ୍ଡି ୭୫ କିଗ୍ରା ଓଜନ ବର୍ଗରେ ଲଢେଇ କରନ୍ତି। ରବିବାର ଫ୍ରାନ୍ସର ଡାଭିନା ମିଚେଲଙ୍କୁ ପରାସ୍ତ କରି ସେ ଅନ୍ତିମ ୪ ଜଣଙ୍କ ମଧ୍ୟରେ ସାମିଲ ହୋଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ଅଲିମ୍ପିକ୍ସରେ ରିଫ୍ୟୁଜି ଟିମ୍‌ର ଏହା ପ୍ରଥମ ପଦକ ଅଟେ।


ପ୍ରଥମ ରିଫ୍ୟୁଜି ଆଥଲେଟ୍ ଭାବେ ପଦକ ନିଶ୍ଚିତ କରିଥିବା ସିଣ୍ଡି ଏନ୍‌ଗାମ୍ବା।


Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ଶତପଥୀ